

# ଦେବାଳୟ ରହସ୍ୟ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଚାଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45

ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000

ମୂଲ୍ୟ : 160/-

# ଯୋଗୀଶ୍ୱରଙ୍କ ଗ୍ରନ୍ଥାବଳୀ ସୃଷ୍ଟିକାରୀ ତ୍ରୈତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଷ୍ଟ ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଗୁର୍ତ୍ତିଞ୍ଚବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାତ୍କାଳିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୂତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗ୍ରମ୍ପବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନ୍ନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଛତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ତୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିୟୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୁପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୂବୁ-ପ୍ରଭୂତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବତ୍ସର
୧୦୦. ଭୂତଂ-ମହାଭୂତଂ
୧୦୧. ସେକ୍ୟୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତ୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୂଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଟ୍ଟତଲା)
୧୨୧. ଜ୍ଞାନମୁ କଦ୍ମା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା !!
୧୨୩. ମତ ସାମରସ୍ୟଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଲଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଲ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8248683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଲାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାସ୍ତର ଏବଂ ପରମାତ୍ମା ସମାସ୍ତର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା  ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦ୍ରପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ

ପ୍ରଥମ ଦୈବଗ୍ରନ୍ଥ

ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୬୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଝଞ୍ଜାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ସୂଚୀପତ୍ର


| କ୍ର.ସଂ. | | | ପୃଷ୍ଠାଙ୍କ |
|---|---|---|---|
| | ରଚୟିତାଙ୍କ ମନ୍ତବ୍ୟ | --- | 11 |
| 1. | ଦେବାଳୟ ରହସ୍ୟ | --- | 16 |
| 2. | ଲିଙ୍ଗ ପ୍ରତିଷ୍ଠା | --- | 23 |
| 3. | ଆକାର (ରୂପ) ପ୍ରତିଷ୍ଠା | --- | 33 |
| 4. | ମାଆ ବଡମାଆ | --- | 39 |
| 5. | ସପ୍ତଦ୍ୱାର | --- | 48 |
| 6. | ମୁଖଶାଳା | --- | 54 |
| 7. | ରାକ୍ଷାସାକାର | --- | 59 |
| 8. | ଧ୍ୱଜ ସ୍ତମ୍ଭ | --- | 61 |
| 9. | ଘଣ୍ଟି | --- | 67 |
| 10. | ସିଂହସୀମା ବା ସିଂହତୋରଣ | --- | 70 |
| 11. | ଗର୍ଭଗୃହ | --- | 73 |
| 12. | ଶଙ୍ଖ ଚକ୍ର | --- | 75 |
| 13. | ଆୟୁଧ | --- | 77 |
| 14. | ତିଳକ | --- | 79 |
| 15. | ହସ୍ତ | --- | 82 |
| 16. | ମୟୁର ଚନ୍ଦ୍ରିକା | --- | 90 |
| 17. | ମୂରଲୀ (ବଂଶୀ) | --- | 95 |
| 18. | ଛନ୍ଦାପାଦ | --- | 97 |
| 19. | ନୀଳରଙ୍ଗର ଶରୀର | --- | 99 |
| 20. | ଆରାଧନା (ଉପାସନା) | --- | 100 |
| 21. | ଦୀପ (ପ୍ରଦୀପ) | --- | 104 |
| 22. | ତାମ୍ବୂଳ (ପାନ) | --- | 108 |
| 23. | ଫୂଲମାଳ | --- | 111 |
| 24. | ଅଭିଷେକ (ସ୍ନାନ) | --- | 114 |
| 25. | ଶ୍ରୀଫଳ (ନଡିଆ) | --- | 118 |
| 26. | ମୁଣ୍ଡର କେଶ ସମର୍ପଣ | --- | 126 |
| 27. | ନମସ୍କାର | --- | 129 |
| 28. | ଶଠଗୋପମ୍ | --- | 131 |
| 29. | ପ୍ରଦକ୍ଷିଣ | --- | 135 |
| 30. | କର୍ପୂର | --- | 137 |
| 31. | ଗୋବିନ୍ଦ | --- | 139 |
| 32. | କୋନେରୁ (ପୁଷ୍କରିଣୀ) | --- | 143 |
| 33. | ନଗର ଭ୍ରମଣ (ଗାଆଁବୁଲା) | --- | 145 |
| 34. | ଯାତରା | --- | 147 |
| 35. | ଚିଦମ୍ବର ରହସ୍ୟ | --- | 150 |
| 36. | ଦେବଦାସୀ | --- | 155 |
| 37. | ଦେବଦାସ | --- | 157 |
| 38. | ନକ୍ଷତ୍ର | --- | 159 |
| 39. | ଚନ୍ଦ୍ର | --- | 160 |
| 40. | ପକ୍ଷୀରାଜ ଘୋଡା | --- | 161 |
| 41. | ପୀର | --- | 163 |
| | ଦେବାଳୟ ଉପରେ ସ୍ୱାମିଜୀମାନଙ୍କ ମତାମତ | --- | 167 |
| | ଶେଷକଥା | --- | 173 |

# ରଚୟିତାଙ୍କ ମନ୍ତବ୍ୟ

ଦେବାଳୟ କହିଲେ ଦୈବଙ୍କ ଆଳୟ ବା ଦେବମନ୍ଦିର । ଦୈବ ଜଣେ ବୋଲି ଜ୍ଞାନ ଜାଣିଥିବା ଲୋକମାନେ କହିଥା'ନ୍ତି । ଦୈବ କହିଲେ ଈଶ୍ୱର, ଈଶ୍ୱର ଜଣେ ହୋଇଥିବାବେଳେ ତାଙ୍କର ଆଳୟ ଗୋଟିଏ ନ ହୋଇ ଅନେକ ପ୍ରକାରର ଦେବତାଆଳୟ (ଦେବାଦେବୀଙ୍କ ମନ୍ଦିର) ନିର୍ମିତ ହୋଇଥିବା ଆମେ ଦେଖୁଛେ । ତେଣୁ ଦେବାଳୟ ଗୁଡିକରେ ପୂଜିତ ହେଉଥିବା ଆରାଧମାନଙ୍କ ଭିତରୁ ସେହି ଦେବ (ଦୈବ ବା ଈଶ୍ୱର) ଜଣକ କିଏ ? ବୋଲି ପ୍ରଶ୍ନ ନଆସି ରହିପାରିବ ନାହିଁ । ସବୁଠାରୁ ଉନ୍ନତ ପ୍ରଶ୍ନ ହେଉଛି ଏହି ଦୈବ ବା ଈଶ୍ୱର ଜଣକ କିଏ ? ଦୈବ କିଏ, ଆଉ ଦେବାଳୟ କ'ଣ ? ଉଠୁଥିବା ଏହି ପ୍ରଶ୍ନର ସମାଧାନ ଜାଣିବାକୁ ହେବ । ଏତେ ବଡପ୍ରଶ୍ନ ପାଇଁ କେହି ମଧ୍ୟ ଗୋଟିଏ ବାକ୍ୟରେ ସମାଧାନ କରି ପାରିବେ ନାହିଁ । ମଣିଷ ଈଶ୍ୱର ବା ଦୈବଙ୍କୁ ଜାଣିବାକୁ ହେଲେ ଅନେକ ବିଷୟ ବାବଦରେ ଜାଣିବାକୁ ହେବ । ଈଶ୍ୱରଙ୍କୁ ଜାଣିବା ନିମନ୍ତେ ପୂର୍ବର ଜ୍ଞାନୀମାନେ ଦେବାଳୟ ବା ମନ୍ଦିର ନିର୍ମାଣ କରିଥିଲେ । ଦୈବ ଜଣେ, ଦେବାଳୟ ମଧ୍ୟ ଗୋଟିଏ, କିନ୍ତୁ ଦୈବଙ୍କୁ ଜାଣିବା ପଦ୍ଧତି ଦୁଇ ପ୍ରକାରର ରହିଥାଏ । ଦୈବ ବା ଈଶ୍ୱରଙ୍କୁ ନିରାକାରତଃ ଜାଣିବା ଏକ ବିଧି ରହିଥିବା ସ୍ଥଳେ, ତାଙ୍କୁ ସାକାରଭାବରେ ଜାଣିବା ମଧ୍ୟ ଆଉ ଏକ ବିଧି ହୋଇ ରହିଥାଏ । ଦୈବଙ୍କୁ ନିରାକାରତଃ ଚିହ୍ନିବା ନିମନ୍ତେ ନିର୍ମାଣ କରାଯାଇଥିବା ଦେବାଳୟ ହେଉଛି କୌଣସି ଶରୀରାକାର ନଥିବା ଈଶ୍ୱର ଲିଙ୍ଗ ବିଶିଷ୍ଟ ଦେବାଳୟ । ଭୂପୃଷ୍ଠରେ ଦେବାଳୟ ପରମ୍ପରା ଲିଙ୍ଗ ପ୍ରତିଷ୍ଠାରୁ ହିଁ ପ୍ରାରମ୍ଭ ହୋଇଥିଲା । ନିରାକାର ଏବଂ ସାକାର ରୂପରୁ ନିରାକାର ପାଇଁ ଲିଙ୍ଗ ରହି, ସକାର ପାଇଁ ରୂପ ଥିବା ପ୍ରତିମା ଆଳୟରୁ ଏହି ଦେବାଳୟ ପରମ୍ପରା ଆରମ୍ଭ ହୋଇଥିଲା । ଭୂପୃଷ୍ଠରେ ଦ୍ୱିତୀୟ ଦେବାଳୟ ହେଉଛି ହାତରେ ଶଂଖଚକ୍ର ଧରି, କପାଳରେ ତିଳକ ଧାରଣ କରିଥିବା ପ୍ରତିମା ବିଶିଷ୍ଟ ଦେବାଳୟ । ପୂର୍ବେ ଦେବାଳୟଗୁଡିକ ଦୁଇ ପ୍ରକାରର ରହିଥିଲା । ହଜାର ହଜାର ଲକ୍ଷ ଲକ୍ଷ ବର୍ଷର କାଳଗମନରେ ପରେ ପରେ ଅଗଣନ୍ତି ଦେବାଳୟ ସୃଷ୍ଟି ହୋଇଥିଲା ।

ଈଶ୍ୱରଙ୍କ ବିଷୟରେ ଜଣାଇବା ନିମନ୍ତେ ନିରାକର ଏବଂ ସାକାର ପଦ୍ଧତିରେ କେବଳ ଦୁଇଗୋଟି ଦେବାଳୟକୁ ପୂର୍ବର ଜ୍ଞାନୀମାନେ ନିର୍ମାଣ କରିଥିବା ସ୍ଥଳେ, ଆଜି ଦେବାଳୟଗୁଡିକ ଶହ ଶହ ସଂଖ୍ୟାରେ ନିର୍ମିତ ହୋଇଛି ବୋଲି କହିପାରିବା । ପୂର୍ବେ ତିଆରି କରାଯାଇଥିବା ଲିଙ୍ଗପ୍ରତିମା ବିଶିଷ୍ଟ ଆଳୟ ଈଶ୍ୱରଙ୍କୁ ଚିହ୍ନାଇବା ଅର୍ଥରେ ଥିବାବେଳେ, ତାପରେ ଯାହାସବୁ ତିଆରିହେଲା ତାହା ଅର୍ଥରହିତ ହୋଇଗଲା । ପୂର୍ବେ ଦେବାଳୟଗୁଡିକ ଏହିଭଳି ଜ୍ଞାନପୂର୍ବକ ନିର୍ଦ୍ଧିଷ୍ଟ ଭାବର ସହିତ ତିଆରି ହେବା ଉଚିତ୍ ବୋଲି ଜାଣି ତିଆରି କରୁଥିଲେ । ଆଜି ସେଭଳି ନିର୍ଦ୍ଧିଷ୍ଟ ନିୟମକୁ କେହି ନ ମାନି ମନ୍ଦିରଗୁଡିଏ ଇଚ୍ଛା ଅନୁସାରେ ତିଆରି କରୁଛନ୍ତି । ଯାହା ଇଚ୍ଛା ଯେଭଳି ସିଏ ସେଭଳି ଦେବାଳୟ (ମନ୍ଦିର) ତିଆରି କରୁଛନ୍ତି, ଶେଷରେ ଛୋଟମନ୍ଦିରଟିଏ ତିଆରିକରି ସେଥିରେ ପଥରଖଣ୍ଡେ ରଖିଦେଲେ ମଧ୍ୟ ତାହା ଆଜି ଦେବାଳୟରେ ଗଣତି ହେଉଛି । ଏହିଭଳି ଆଜି ଅନେକ ଦେବାଳୟ ନିର୍ମାଣ ହେଉଥିବା ସ୍ଥଳେ, ପୂର୍ବକାଳରେ ଥିବା ଲୋକମାନଙ୍କର ଭକ୍ତି କିଭଳି ଥିଲା ଆଉ ଆଜିର ଲୋକମାନେ କିଭଳି ଭକ୍ତି କରୁଛନ୍ତି ସେ ବାବଦରେ ମଧ୍ୟ ଟିକିଏ ଆଲୋଚନା କରି ଦେଖିବା ।

ଭୂପୃଷ୍ଠରେ ଦେବାଳୟଗୁଡିକ ରହିଥିବା ସ୍ଥଳେ, ସେଠାକୁ ଯାଉଥିବା ଭକ୍ତମାନେ ମଧ୍ୟ ରହିଥା'ନ୍ତି । ଭକ୍ତମାନେ ଚାରି ପ୍ରକାରର ଥାଆନ୍ତି ବୋଲି ଗୀତାରେ ଭଗବାନ କହିବା ଭଳି ସେମାନଙ୍କର ଭକ୍ତି ଅନୁସାରେ ସେମାନଙ୍କୁ ବିଭାଜନ କରିପାରିବା । ଗୋଟିଏ ପ୍ରକାରର ଭକ୍ତମାନେ ହେଉଛନ୍ତି ଆର୍ତ୍ତ, ଦ୍ୱିତୀୟରେ ଅର୍ଥାର୍ଥୀ, ତୃତୀୟରେ ଜୀଜ୍ଞାସୀ ଏବଂ ଚତୁର୍ଥରେ ରହିଥା'ନ୍ତି ଜ୍ଞାନୀମାନେ । ଏହିଭଳି ଭକ୍ତମାନେ ଚାରି ପ୍ରକାରର ରହିଥା'ନ୍ତି । ଆଜିର କାଳରେ ଆର୍ତ୍ତ ଏବଂ ଅର୍ଥାର୍ଥୀମାନେ ଅଧିକ ରହିଥା'ନ୍ତି, ଜୀଜ୍ଞାସୀ ଏବଂ ଜ୍ଞାନୀମାନେ ଖୁବ୍ କମ୍ ବା କ୍ୱଚିତ୍ ଦେଖିବାକୁ ମିଳିଥା'ନ୍ତି । ଆର୍ତ୍ତମାନେ କେବଳ ବିପଦ ସମୟରେ ଡାକିଥା'ନ୍ତି, ଅର୍ଥାର୍ଥୀମାନେ କେବଳ ଧନ ପାଇଁ ମାଗିଥା'ନ୍ତି । ଆଜି ଯେଉଁମାନେ ମନ୍ଦିର ଯାଉଛନ୍ତି ସେମାନେ କୌଣସି

ବିପଦରୁ ରକ୍ଷା ପାଇବା ପାଇଁ କିମ୍ବା ଧନାର୍ଜନ ପାଇଁ ଯାଉଛନ୍ତି, ଏହା ନିରାଟ ସତକଥା । ମନ୍ଦିରରେ ତାହା ହିଁ ସେମାନଙ୍କର କାମନା ହୋଇଥାଏ । ଆମକୁ ବିପଦରୁ ରକ୍ଷା କରିବାକୁ, ଆମ ବେପାର ପ୍ରଚୁର ଲାଭ ଦେବାକୁ, ଆମର ମଙ୍ଗଳ ଦେଖିବାକୁ ହିଁ ମନ୍ଦିରର ଦେବତାମାନେ ଥାଆନ୍ତି ବୋଲି ସମସ୍ତେ ଭାବିଥା'ନ୍ତି । ମନ୍ଦିର ବା ଦେବାଳୟ କହିଲେ ଏହିଭଳି କାମନାର କେନ୍ଦ୍ରସ୍ଥଳ ବୋଲି କହିପାରିବା । ଏକଥା ସମସ୍ତେ ଭାବୁନଥିଲେ ମଧ୍ୟ ସେମାନଙ୍କ ଅଜ୍ଞାତରେ ସେମାନଙ୍କ ଭିତରେ ଯେଉଁ ଭାବ ରହିଛି ତାହା ପୂର୍ବବାକ୍ୟର ଭାବ ଭଳି । ଯଦି କିଛି କାମନା ନାହିଁ ତେବେ ମନ୍ଦିର କାହିଁକି ଯିବା! ଯଦି କିଛି କାମନା ନାହିଁ ମନ୍ଦିର ଯାଇ କି ଲାଭ ବୋଲି ସମସ୍ତେ ଭାବିଥା'ନ୍ତି । ଏହିଭଳି ଭାବରେ ଚାକିରିଆ ତା ପ୍ରମୋସନ୍ ପାଇଁ, ବେକାରୀ ଚାକିରି ପାଇଁ, ବିଦ୍ୟାର୍ଥୀ ପାସ୍ କରିବା ପାଇଁ, ଯୁବକ ଯୁବତିଟିଏ ପାଇଁ, ଚୋର ସହଜରେ ଚୋରିକରିବା ପାଇଁ, ଏଭଳି ନାନା କାର୍ଯ୍ୟ ପାଇଁ ନାନା କାମନା ନେଇ ପ୍ରାୟ ସମସ୍ତେ ମନ୍ଦିରରେ ଥିବା ଦେବତାମାନଙ୍କର ପୂଜା କରିଥା'ନ୍ତି । ଦେବତାମାନଙ୍କଠାରେ ସେମାନଙ୍କ କାମନା ପୁରଣ କରିବାର ସାମର୍ଥ୍ୟ ରହିଛି ବୋଲି ସମସ୍ତେ ଭାବିଥା'ନ୍ତି । ଯେ କୌଣସି ଦେବତା ହେଉ ତା'କୁ ନିହାତି ନୈବେଦ୍ୟ ଲଗାଇବା ଭଳି, କୌଣସି କାର୍ଯ୍ୟ ପାଇଁ କିଛି ଟଙ୍କା ଲାଞ୍ଚଦେବା ଭଳି, ଦେବତାମାନଙ୍କୁ ମଧ୍ୟ କିଛି କାମନା କରି (ମାଗି) ମାନସିକ ନାମରେ କିଛି ଲାଞ୍ଚଦେଇ ନିଜର କାମନା କିଭଳି ପୁରଣ ହୋଇଯାଉ ଭାବୁଥିବା ଲୋକମାନେ ଅନେକ ଅଛନ୍ତି । ଏଭଳି ଭକ୍ତମାନେ ମନ୍ଦିରର ଦେବତାକୁ ମଧ୍ୟ ଅବନୀତିରେ ଭାଗିଦାର କରିଦେଉଛନ୍ତି । ନିଜ ଘରର ଛୋଟ ପିଲାମାନଙ୍କୁ ମଧ୍ୟ ତୋର ଯାହା ଦରକାର ତୁ ଯାଇ ମାଗ୍ ବୋଲି ଶିଖାଉଛନ୍ତି । କୌଣସି କାମନା ନଥିବା ଛୋଟ ପିଲାମାନଙ୍କୁ ତୋର ଯାହା ଦରକାର ତାହା ମାଗିଲେ ନିଶ୍ଚୟ ମିଳିବ ବୋଲି ଆଶା ଦେଖାଉଛନ୍ତି । ଏହିଭଳି ଦେବାଳୟଗୁଡିକରେ ନାନା କାମନା ପାଇଁ କରାଯାଉଥିବା ଭକ୍ତି ଆଜି ଚରମ ସୀମାରେ ପହଞ୍ଚିଲାଣି । ଆଜି ଦୈବ କିଏ, ଦେବତା କିଏ,

ଦେବାଳୟ କଅଣ ତାହା ଶାସ୍ତ୍ରବଦ୍ଧତଃ, ହେତୁବଦ୍ଧତଃ ସମସ୍ତେ ଜାଣନ୍ତୁ ବୋଲି ଏହି ଦେବାଳୟ ରହସ୍ୟ ନାମକ ପୁସ୍ତକ ଆମ ଦ୍ୱାରା ଲେଖାଯାଇଛି । ପୂର୍ବେ ପ୍ରଥମେ ତିଆରି ହୋଇଥିବା ଇଶ୍ୱରଲିଙ୍ଗ , ଦ୍ୱିତୀୟରେ ଶଂଖଚକ୍ର ତିଳକଧାରୀ ପ୍ରତିମା ଯେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା, ସେହି ଉଦ୍ଦେଶ୍ୟ କୁ ଯଥାତଥ ଭାବରେ ଜଣାଇବା ଚେଷ୍ଟା ହିଁ ଏହି ପୁସ୍ତକର ଅନ୍ତରାର୍ଥ । ଦେବାଳୟ ନିର୍ମାଣର ମୁଖଶାଳା, ଧ୍ୱଜସ୍ତମ୍ଭ, ଘଣ୍ଟି, ପ୍ରତିମା, ପ୍ରତିମା ଦର୍ଶାଉଥିବା ହସ୍ତ, ଶଂଖଚକ୍ର, ପ୍ରତିମାର କପାଳରେ ଥିବା ଚିହ୍ନ ଇତ୍ୟାଦି ବାବଦରେ ଜଣାଇ, ମଣିଷ କରୁଥିବା ଆରାଧନାର ପ୍ରକୃତ ଅର୍ଥ କ'ଣ ଜଣାଇବା ଆମର ମୁଖ୍ୟ ଉଦ୍ଦେଶ୍ୟ । ସତ୍ୟ ନିଷ୍ଠୁର ଭାବରେ ରହିଥାଏ କିମ୍ବା "ସଚ୍ କଡବା ହୋତିହେ' ବୋଲି ବଡମାନେ କହିବା ଭଳି କେତେକଙ୍କୁ ଆମକଥା ପସନ୍ଦ ହୋଇନପାରେ । ମଝିରେ ଆସିଥିବା ଆଚରଣଗୁଡିକ ସେମାନଙ୍କୁ ପସନ୍ଦ ହୋଇ ତାହା ହିଁ ଯଥାର୍ଥ ବୋଧ ହୋଇପାରିଥାଏ । ସେହି ନିୟମରେ ଏକ ପୁସ୍ତକ ଲେଖି ଯଦି କିଏ ଛପାଇଛି ସେହି ପୁସ୍ତକର ନିୟମକୁ ଦର୍ଶାଇ ଅମୂକ ପୁସ୍ତକର ଅମୂକ ନିୟମ ଅନୁସାରେ କରୁଛୁ ବୋଲି ଅର୍ଥହୀନ ଆଚରଣ ସପକ୍ଷରେ କିଛିଲୋକ କହନ୍ତି । ଉଦାହରଣ ସ୍ୱରୂପ ଗୁଆଘିଅ (ଗାଈ କ୍ଷୀରରେ ତିଆରି ଘିଅ) ରେ ଆରତିଦେବା ଉଚିତ୍, ଗାଈର ଘିଅ ହିଁ ପବିତ୍ର ବୋଲି ଲେଖାଯାଇଥାଏ, ହେଲେ ଏଠାରେ ଆମେ କର୍ପୁର ଆରତି ବାବଦରେ ଯାହା ଲେଖିଛୁ ତାହା ତା'ର ବିପରୀତ ଲେଖା । ଆରତି କହିଲେ ସମାପ୍ତ ହେଲା । କର୍ପୁର ଆରତିରେ କର୍ପୁର ଜଳି ସମାପ୍ତ ହୋଇଯାଇଥାଏ । ତେଣୁ ଆରତି ପାଇଁ କର୍ପୁରଆରତି ହିଁ ଯଥାର୍ଥ ହୋଇଥାଏ ସିନା ଘିଅ ସଳିତା, ଗୁଆଘିଅ କିପରି ଯଥାର୍ଥ ହେବ ? ତାହା ଧର୍ମ କି ଅଧର୍ମ ନଜାଣି କାହାର ଅସତ୍ୟ ଭାବାଗତ ପୁସ୍ତକଗୁଡିକୁ ଶାସ୍ତ୍ର ଭାବି ଅମୂକ ଶାସ୍ତ୍ରରେ ଲେଖାଯାଇଛି କହିଲେ କେମିତି ବିଶ୍ୱାସ କରିବା ? ଏଭଳି ଯିଏ ଯାହା ଲେଖିଲେ ମଧ୍ୟ ଅବାସ୍ତବ କଥାଗୁଡିକୁ ଛାଡିଦେବା ଆମର କର୍ତ୍ତବ୍ୟ ହେବା ଉଚିତ୍ । ସେଥିଲାଗି ଅନେକ ଲୋକ ଆଚରଣ

କରୁଥିବା ଭ୍ରାନ୍ତ ଆଚରଣଗୁଡିକୁ ଆମେ ଖଣ୍ଡନକରି ବାସ୍ତବ ବିଷୟର ବିବରଣୀ ଦେଇଛୁ । ଷଣ୍ଢ ଜନ୍ମ କରିଛି ବୋଲି କେତେବଡ ଲୋକ ଆସି କହିଲେ ମଧ୍ୟ, ଷଣ୍ଢ ଜନ୍ମକରେ ନାହିଁ ବୋଲି ପ୍ରମାଣିତ କରି, ଷଣ୍ଢ ନୁହେଁ ଗାଈ ଜନ୍ମକରେ କହିବା ଉଚିତ୍ । ସେହିଭଳି ଆମମାନଙ୍କୁ ଯାହା ଜଣା ଅଛି ତାହା ହିଁ ଜ୍ଞାନ ବୋଲି କହୁଥିବା ଲୋକମାନଙ୍କର ଜ୍ଞାନକୁ ଖଣ୍ଡନ କରି, ଆପଣମାନଙ୍କୁ ଜଣା ନଥିବା ଅନେକ କଥା ରହିଛି, ତାହା ଜାଣିବା ଉଚିତ୍ ବୋଲି ପ୍ରତ୍ୟେକ ବିଷୟରେ ଦୈବଜ୍ଞାନ ରହିବା ଭଳି ଏଥିରେ ଅନେକ ବିବରଣୀକୁ ସ୍ଥାନ ଦିଆଯାଇଛି । ମାୟାଗୁରୁମାନଙ୍କ ଦ୍ୱାରା ଆମ ପାଇଁ କିଛି ପ୍ରତିବନ୍ଧକ ଆସି ପହଞ୍ଚିଥିଲେ ମଧ୍ୟ, ସତ୍ୟ ପ୍ରକଟିତ କରିବାରେ ଭୂଲ୍ ନାହିଁ, ତେଣୁ ଆପଣମାନେ କରୁଥିବା ପୂଜା ନିରର୍ଥକ, ଆପଣମାନେ ପ୍ରତିମାକୁ ପ୍ରକୃତ ଭାବର ସହିତ ଦେଖୁ ନାହାନ୍ତି ବୋଲି ଏଥିରେ ଜଣାଇଛୁ । କୌଣସି ବିଷୟ ଜଣାନଥିବା ବେଳେ ତାହା ରହସ୍ୟ ହୋଇଥାଏ । ଏବେ ଦେବାଳୟର ବିଷୟଗୁଡିକ ଜଣା ନଥାଇ ତାହା ରହସ୍ୟ ହୋଇ ରହିଯାଇଥିବାରୁ, ସେହି ସମସ୍ତ ବିଷୟଗୁଡିକୁ ମିଶାଇ ଏହି ପୁସ୍ତକଟିକୁ "ଦେବାଳୟ ରହସ୍ୟ" ନାମରେ ନାମିତ କରିଛୁ । ପ୍ରତ୍ୟେକ ବିଷୟର ବର୍ଣ୍ଣନା ପ୍ରଦାନ କରି, ଯେତେଦୂର ସାଧ୍ୟ ରହସ୍ୟଗୁଡିକର ସତ୍ୟ ଉନ୍ମୋଚନ କରି ସତ୍ୟର ବିବୃତ୍ତି ପ୍ରଦାନ କରିଛୁ । ଯାହା ଆପଣ କହୁଛନ୍ତି ତାହା ତ ଅଗମ ଶାସ୍ତ୍ରରେ (ଦେବାବାଳୟ ବାବଦରେ ଥିବା ଶାସ୍ତ୍ର) କାହିଁ ନାହିଁ ! ଆମେ ତାହା ବିଶ୍ୱାସ କରିବୁ ନାହିଁ ବୋଲି କହୁଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ସମସ୍ତେ ଆମ କଥାକୁ ବିଶ୍ୱାସ କରନ୍ତୁ ବୋଲି ଆମେ କହୁନାହୁଁ । ଆପଣଙ୍କୁ ଯାହା ସତ୍ୟବୋଧ ହେଉଛି ତାହାକୁ ବିଶ୍ୱାସ କରନ୍ତୁ । କହିବା ଆମର କର୍ତ୍ତବ୍ୟ ହୋଇଥିବାରୁ କହିଛୁ ।

**(ଇତି)**

**ଶ୍ରୀ ଶ୍ରୀ ଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ୧. ଦେବାଳୟ ରହସ୍ୟ

ଦେବାଳୟ କହିଲେ ଦୈବଙ୍କର ଆଳୟ ବା ମନ୍ଦିର ବୋଲି ସମସ୍ତେ ଜାଣନ୍ତି । ଦେବାଳୟରେ ଦୈବପ୍ରତିମା ରହିଥାଏ । ନାନା ପ୍ରକାରର, ନାନା ଆକାରର, ନାନା ରଙ୍ଗର ଅନେକ ପ୍ରତିମାକୁ ଆମେ ଯେଉଁ ଭାବ ନେଇ ପୂଜାର୍ଚ୍ଚନା କରୁଛେ ତାହା ସବୁ ଈଶ୍ୱରଙ୍କ ପୂଜା ବୋଲି ଏକ ବିଶ୍ୱାସ ରହିଛି । ସବୁ ସେହି ଜଣେ ବୋଲି ଧାରଣା ସମସ୍ତଙ୍କର ରହିଛି । ବ୍ରହ୍ମବିଦ୍ୟା ଶାସ୍ତ୍ର ଅନୁସାରେ ଯିଏ ସମସ୍ତଙ୍କଠାରେ ବ୍ୟପିରହିଛନ୍ତି, ସର୍ବତ୍ର ବ୍ୟାପିରହିଛନ୍ତି ସେ ଈଶ୍ୱର । ଶରୀରାନ୍ତର୍ଗତ ହୋଇ ଶରୀରକୁ ଶକ୍ତି ଦେଉଥିବା ଆତ୍ମା ହିଁ ଈଶ୍ୱର ବୋଲି ପ୍ରମାଣ ଥିବାବେଳେ, ଗରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିଥିବା ପ୍ରତିମା କ'ଣ ଈଶ୍ୱର ? ବୋଲି ପ୍ରଶ୍ନ ନିଶ୍ଚୟ ଆସିଥାଏ । ଯିଏ ଆଖିକୁ ଦେଖାଯାଇ ନଥା'ନ୍ତି ସେ ଈଶ୍ୱର ବୋଲି ଶାସ୍ତ୍ରବଚନ ଥିବାବେଳେ, ଆଖିକୁ ସ୍ପଷ୍ଟ ଭାବରେ ଦେଖାଯାଉଥିବା ପ୍ରତିମା କ'ଣ ଈଶ୍ୱର ? ବୋଲି ସଂଦେହ ନଆସି ରହିପାରିବ ନାହିଁ ।

ମନ୍ଦିରଗୁଡିକ ପୂର୍ବକାଳରୁ ବ୍ରହ୍ମବେତ୍ତାମାନେ (ବ୍ରହ୍ମ ବା ଈଶ୍ୱରଙ୍କୁ ଜାଣିଥିବା ଲୋକମାନେ) କାହିଁକି ନିର୍ମାଣ କରିଥିଲେ ? ଈଶ୍ୱରଙ୍କର ଆକାର ନାହିଁ ବୋଲି ଯେଉଁମାନେ ସତ୍ୟତଥ୍ୟକୁ ଦେଇଥିଲେ ସେମାନେ ଏଭଳି ଆକାରଯୁକ୍ତ ମନ୍ଦିରଗୁଡିଏ କାହିଁକି ନିର୍ମାଣ କରିଥିଲେ ? ସର୍ବ ପ୍ରପଞ୍ଚର (ପଞ୍ଚଭୂତ) ଅଧିପତି, ସର୍ବ ଜୀବରାଶିର ଅଧିପତି ହୋଇଥିବା ଈଶ୍ୱର ଜଣେ ବୋଲି ଯେଉଁମାନେ ଜାଣିଥିଲେ, ସେହିମାନେ ହିଁ ନାନା ଦେବାଳୟ ନିର୍ମାଣ କରିଥିଲେ । ଲିଙ୍ଗ ବିଶିଷ୍ଟ ମନ୍ଦିରଗୁଡିକରେ ଥିବା ଲିଂଗାକାରକୁ ବିଭୂତିରେଖା ଦ୍ୱାରା ଚିହ୍ନାଇ ଏଇ ହିଁ ଈଶ୍ୱର ବୋଲି, କପାଳରେ ତିଲକ ଧାରଣ କରିଥିବା ପ୍ରତିମା ବିଶିଷ୍ଟ ମନ୍ଦିରର ପ୍ରତିମାକୁ ଚିହ୍ନାଇ, ଏଇହିଁ ନିରାକାରରୁ ଆକାର ଆଣି ଆସିଥିବା ଈଶ୍ୱର ବୋଲି ଦର୍ଶାଇଥିଲେ । ଏଇଠି ଆକାର ବିଶିଷ୍ଟ ପ୍ରତିମା ବାବଦରେ ପ୍ରଶ୍ନକଲେ, ଈଶ୍ୱର ନିର୍ଗୁଣ ନିରାକାର

ହୋଇଥିବା ବେଳେ, ଏହି ସାକାର ପ୍ରତିମାର ଆବଶ୍ୟକ କଅଣ ଥିଲା ? ସଗୁଣୋପାସନା କାହିଁକି କରାଯାଉଛି ? ଏହିଭଳି ମାନବର ବୁଦ୍ଧିରେ ପ୍ରଶ୍ନ ଉଦ୍ଭବ ହୋଇଥାଏ, ହେଲେ ତାର ପ୍ରକୃତ ଉତ୍ତର ମିଳିନଥାଏ । ତେଣୁ ଉତ୍ତର ନମିଳିବା ସନ୍ଦର୍ଭରେ କେହି ନାସ୍ତିକବାଦୀ ହୋଇଯିବା ସମ୍ଭାବନା ରହିଛି । ଅନେକ ଲୋକ ଜ୍ଞାନ କଅଣ ନଜାଣି ଜଣେ ଯେଉଁଭଳି ଆଚରଣ କରୁଛି ତା'ର ସେହି ଆଚରଣକୁ ଅନୁକରଣ କରି ଆଚରଣ କରୁଛି । ତେଣୁ ଯେଉଁମାନଙ୍କୁ ନିରାକାର ଆଉ ସାକାର ଭିତରେ ଥିବା ଭିନ୍ନତା ଜଣାନଥାଏ ସେମାନେ ଏହାର ଭିନ୍ନତାକୁ ବ୍ୟାଖ୍ୟା କରିନପାରି, ଦେବତାମାନଙ୍କୁ ପୂଜାକଲେ ମଧ୍ୟ ପରମାତ୍ମା ବା ଈଶ୍ୱରଙ୍କୁ ପୂଜା କରିବା ଭଳି ହୁଏ, ସେମାନେ ଯାହା କରୁଛନ୍ତି ତାହା ହିଁ ଉପଯୁକ୍ତ ପୁଜା, ସେମାନେ ଯାହାକୁ ଡାକୁଛନ୍ତି ସେ ହିଁ ପ୍ରକୃତ ଈଶ୍ୱର, କାମନା କରିବା ହିଁ ଆମ କାମ, ଈଶ୍ୱର ତାହା ପୁରଣ କରିଥା'ନ୍ତି, ସେଥିଲାଗି ମନ୍ଦିର ସବୁ ତିଆରି ହୋଇଛି, ଯେଉଁ ମନ୍ଦିରରେ ଅଧିକ କାମନାଫଳ ମିଳିଥାଏ ସେହି ମନ୍ଦିରକୁ ଲୋକେ ଅଧିକ ଯାଆନ୍ତି, ଅଧିକ ପୂଜା କରନ୍ତି ବୋଲି ଭାବୁଛନ୍ତି । ଯିଏ ଯାହା ଭାବିଲେ ମଧ୍ୟ ଯାହା ନିତ୍ୟ, ଯାହା ସତ୍ୟ ତାହା ହିଁ ଶାସ୍ତ୍ର ହୋଇ ରହିଥାଏ । ଶାସ୍ତ୍ର ଶାସନରେ ପରିପୂର୍ଣ୍ଣ, ଶାସ୍ତ୍ର ସିଦ୍ଧାନ୍ତ ସମେତ ରହିଥାଏ, ଶାସ୍ତ୍ର ଅନୁଭବରେ ମଧ୍ୟ ଆସିଥାଏ, ସେହି ଶାସ୍ତ୍ରାନୁସାରେ ଈଶ୍ୱର ସମସ୍ତଙ୍କଠାରେ ଅଛନ୍ତି, ଶାସ୍ତ୍ର ଅନୁସାରେ ଈଶ୍ୱର ଦେଖାଯାଆନ୍ତି ନାହିଁ ! ତେବେ କ'ଣ ଦେବାଳୟ ନିର୍ମାଣ ବୃଥା ? କେତେ ପରିଶ୍ରମ କରି, କେତେ ଧନବ୍ୟୟ କରି ବ୍ରହ୍ମବେତ୍ତାମାନେ ମନ୍ଦିର ନିର୍ମାଣ କରିଛନ୍ତି, କ'ଣ ସେମାନଙ୍କର ବୁଦ୍ଧି ନଥିଲା ? ଏପରି ଅନାଦି କାଳରୁ ଥିବା ଦେବାଳୟ ବା ମନ୍ଦିରଗୁଡିକର କ'ଣ କିଛି ଅର୍ଥ ନାହିଁ ? ବୋଲି ପ୍ରଶ୍ନକଲେ, ଉତ୍ତରରେ କହିପାରିବା ଯେ ଅଛି । ଜଣାନଥିବା କାଳରୁ ଥିବା ଦେବାଳୟଗୁଡିକର ଅର୍ଥ ସଂପୂର୍ଣ୍ଣ ଭାବରେ ଅଛି, କିନ୍ତୁ ଆଜିର କାଳରେ ସେଗୁଡିକ ନିରର୍ଥକ ହୋଇଯାଇଛି କହିଲେ ଅତ୍ୟୁକ୍ତି ହୁଏ ନାହିଁ ।

ଦେବାଳୟଗୁଡିକର ରହସ୍ୟକୁ କେହି ଆଜି ଜାଣିପାରୁ ନାହାନ୍ତି । ପୂର୍ବର ଜ୍ଞାନୀମାନେ ହିଁ ବୁଦ୍ଧି ବିନିଯୋଗ କରି ଆମପାଇଁ ଦେବାଳୟଗୁଡିଏ ନିର୍ମାଣ କରିଥିଲେ, କିନ୍ତୁ ସେମାନେ ଚାଲିଯିବାର କିଛିକାଳ ପରେ ସେମାନଙ୍କ ଉଦ୍ଦେଶ୍ୟ କାଳଗର୍ଭରେ ଲୁଚିଯାଇଛି । ଏସବୁ ମାୟାର କାର୍ଯ୍ୟ, ମାୟା କାର୍ଯ୍ୟକରିବା ଦ୍ୱାରା ମଣିଷ କାଳକ୍ରମେ କିପରି ପ୍ରକୃତ ଜ୍ଞାନକୁ ଭୂଲିଯାଇଛି ତାହା କହିବାକୁ ଯାଇ ଭଗବଦ୍ଗୀତାର ଜ୍ଞାନ ଯୋଗରେ-

**୧ଶ୍ଳୋ. ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନ ହମବ୍ୟୟମ୍ ।**
**ବିବସ୍ୱାନ ମନବେ ପ୍ରାହ ମନୁରିକ୍ଷ୍ୱାକବେ ବ୍ରବିତ୍ ॥**
**୨ଶ୍ଳୋ. ଏବଂ ପରମ୍ପରା ପ୍ରାପ୍ତଂ ଇମଂ ରାଜର୍ଷୟୋ ବିଦୁଃ ।**
**ସକାଳେ ନେହ ମହତା ଯୋଗ ନଷ୍ଟଃ ପରନ୍ତପ ! ॥**

ବୋଲି କୁହାଯାଇଛି । ଅର୍ଥାତ୍ "ଏହି ଅବିନାଶୀ ବିଦ୍ୟାକୁ ମୁଁ ପ୍ରଥମେ ସୂର୍ଯ୍ୟଙ୍କୁ କହିଥିଲି । ସୂର୍ଯ୍ୟ ପ୍ରଥମେ ମନୁଙ୍କୁ କହିଥିଲେ, ମନୁ ଇକ୍ଷ୍ୱାକୁ ନାମକ ରାଜାଙ୍କୁ କହିଥିଲେ । କାଳକ୍ରମେ ତାଙ୍କଠାରୁ ଅନ୍ୟ ରାଜାମାନେ ଜାଣି, ଏଭଳି ରାଜାମାନେ ଜଣକୁ ଜଣେ ଜଣାଇବା ଦ୍ୱାରା ତାହା ସେମାନଙ୍କ ଦ୍ୱାରା ସମସ୍ତ ପ୍ରଜାଙ୍କୁ ଜଣାପଡିଥିଲା । ଏଭଳି ବହୁକାଳ ବିତିଯାଆନ୍ତେ ତାହା ସମସ୍ତେ ଭୂଲିଯାଇଛନ୍ତି, ଅର୍ଥ ଅନର୍ଥ ହୋଇଯାଇଛି ।" ଧର୍ମ ଅଧର୍ମରେ ପରିଣତ ହେବାବେଳେ, ତାହାକୁ ପୁନର୍ବାର ଧର୍ମରେ ପରିଣତ କରିବା ଈଶ୍ୱରଙ୍କ କର୍ତ୍ତବ୍ୟ ହୋଇଥାଏ । ଅର୍ଥ ଅନର୍ଥ ହୋଇ ରହିଥିବା ବେଳେ ତାହାକୁ ଯଥାର୍ଥଭାବରେ ବ୍ୟାଖ୍ୟାନ ପ୍ରଦାନ କରିବା ଈଶ୍ୱରଙ୍କ କାର୍ଯ୍ୟ । ଅଧର୍ମକୁ ଧର୍ମରେ ପରିଣତ କରିବା ପାଇଁ ସେହି ଈଶ୍ୱର ହିଁ ଭଗବାନ ହୋଇ ତାଙ୍କର କର୍ତ୍ତବ୍ୟ ନିର୍ବାହ କରିଥା'ନ୍ତି । ଅଧର୍ମକୁ ଧର୍ମରେ ପରିଣତ କରିବା ଭଗବାନଙ୍କ କର୍ତ୍ତବ୍ୟ ହୋଇଥିବା ସ୍ଥଳେ, ଧର୍ମକୁ ଅଧର୍ମରେ ପରିଣତ କରିବା ଆମ ଅଜାଣତରେ ଆମର କର୍ତ୍ତବ୍ୟ ହୋଇଯାଇଛି । ଭଗବଦ୍ଗୀତାର ଭକ୍ତିଯୋଗ ନାମକ ଅଧ୍ୟାୟରେ ଥିବା ନବମ ଶ୍ଳୋକରେ "ମତ୍କର୍ମ ପରମୋ

ଭବ, ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧି ମବାପ୍ସ୍ୟସି” ବୋଲି କୁହାଯାଇଛି ଅର୍ଥାତ୍ ମୋ ପାଇଁ କାର୍ଯ୍ୟ କର୍ । ମୋ ପାଇଁ କାର୍ଯ୍ୟକଲେ ତୋତେ ମୋକ୍ଷ ମିଳିବ ବୋଲି ଭଗବାନ ସଳଖ ଭାବରେ କହିଦେଇଛନ୍ତି । ବିଶ୍ୱବ୍ୟାପୀ ହୋଇ ରହିଥିବା ପରମାତ୍ମା ଯେ କି ସର୍ବ ଜୀବରାଶିର ଅଧିପତି ସେ ଏହି କାର୍ଯ୍ୟ କରିବା ପାଇଁ ମାନବରୂପ ଧାରଣକରି, ଆସି, ଏହା ହିଁ ପ୍ରକୃତ ଧର୍ମ ବୋଲି କହିଥିବା ବେଳେ, ମାନବ ଭିତରେ ଜଣେ ମାନବ ହୋଇ ପ୍ରବୋଧାନନ୍ଦ ଭାବରେ ଗୁରୁପ୍ରସାଦ ପ୍ରାପ୍ତ ହୋଇଥିବା ମୁଁ, ବଦଳିଯାଇଥିବା ଧର୍ମଗୁଡିକୁ ପୁଣି ବ୍ୟାଖ୍ୟା କରିବା ଉଦ୍ଦେଶ୍ୟ ରଖି, ଏହା ହିଁ ମୋର କର୍ତ୍ତବ୍ୟ ବୋଲି ଭାବୁଛି । ଜ୍ଞାନ ପ୍ରବୋଧନ ମୋ ଜୀବନର ଲକ୍ଷ୍ୟ ହୋଇଥିବାରୁ ଦେବାଳୟଗୁଡିକର ରହସ୍ୟକୁ ମୋ ବିବରଣୀ ମାଧ୍ୟମରେ ଜଣାଇବା ମୋ କର୍ତ୍ତବ୍ୟର ଏକ ଭାଗ ବୋଲି ଭାବୁଛି ।

ଈଶ୍ୱର କିଏ ? ଏହା ଏକ ବୃହତ୍ତ ପ୍ରଶ୍ନ, ଯାହାର ଉତ୍ତର ନାହିଁ କହିଲେ ଅତ୍ୟୁକ୍ତି ହୁଏ ନାହିଁ । କାରଣ ! ଈଶ୍ୱର ହେଉଛନ୍ତି ଅବ୍ୟକ୍ତ । ଯିଏ ଅବ୍ୟକ୍ତ ତାଙ୍କୁ ବ୍ୟକ୍ତ କରିବା ଅସମ୍ଭବ । ତେଣୁ ତାଙ୍କୁ ସର୍ବଦା ଅନ୍ୱେଷଣ କରିବାକୁ ପଡିଥାଏ ସିନା ସେ କାହାକୁ ଧରାପଡନ୍ତି ନାହିଁ । ଈଶ୍ୱରଙ୍କ ବିବରଣ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ମଣିଷକୁ ଜଣାନଥାଏ । ସେଥିଲାଗି ସେହି ଅବ୍ୟକ୍ତ ଈଶ୍ୱର ହିଁ ଜଣେ ମଣିଷ ଭାବରେ ଭୂପୃଷ୍ଠରେ ଉଭବ ହୋଇ, ତାଙ୍କୁ ମଣିଷ ପାଇପାରିବା ବାଟ ଦେଖାଇଥା’ନ୍ତି, ସେ ଆସି ଜଣାଇଥିବା ଜ୍ଞାନ ବିବରଣକୁ ଦୈବଜ୍ଞାନ ବା ଐଶ୍ୱରୀୟଜ୍ଞାନ କୁହାଯାଏ । ହାଇଦ୍ରାବଦ ସହରକୁ ଯିବାପାଇଁ ଏକ ରାସ୍ତା ରହିଥାଏ, ସେଠାକୁ ଯିବାକୁହେଲେ ତାହା କେତେ ଦୂରରେ ଅଛି, କେଉଁ ରାସ୍ତାରେ ଯିବାକୁ ହେବ, ରାସ୍ତାରେ ଥିବା ଉଠାଣି, ଗଡାଣି, ନଦୀ, ପୋଲ, ବିପଦସ୍ଥଳ ଇତ୍ୟାଦିର ସୂଚନା ଜାଣିବାକୁ ହୋଇଥାଏ । ଏହି ସୂଚନାଗୁଡିକ ଜାଣି ଯାତ୍ରାକଲେ ଶେଷରେ କେହି ହାଇଦ୍ରାବାଦ ସହରରେ ସହଜରେ ପହଞ୍ଚିପାରିବ । ସେହିଭଳି

ଈଶ୍ୱରଙ୍କ ନିକଟରେ ପହଞ୍ଚିବାକୁ ହେଲେ ବା ମୁକ୍ତି ପାଇବାକୁ ହେଲେ ଅନେକ ସୂଚନା ବାବଦରେ ଜାଣିବାକୁ ହୋଇଥାଏ, ତାହାକୁ ହିଁ କୁହାଯାଏ ଜ୍ଞାନସୂଚନା । ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ରାସ୍ତାରେ ଅନେକ ସୂଚନା ବାବଦରେ ଜାଣିବାକୁ ପଡିବା ଭଳି ଈଶ୍ୱରଙ୍କ ପାଖକୁ ଯିବାପାଇଁ ଦେବାଳୟଗୁଡିକରେ ଅନେକ ସୂଚନାକୁ ସ୍ଥାନ ଦିଆଯାଇଛି । ଈଶ୍ୱର ସ୍ୱୟଂ ଭଗବାନ ହୋଇ, ଭୂପୃଷ୍ଠକୁ ଆସି ସେଗୁଡିକର ନିର୍ମାଣ କରିଥିଲେ ବୋଲି କହିପାରିବା । କୃତ୍ (ସତ୍ୟ) ଯୁଗରେ ଈଶ୍ୱର କେଉଁ ନାମରେ ଆସିଥିଲେ, କେଉଁ ଆକାରରେ ଆସିଥିଲେ ତାହା ଆମକୁ ଜଣା ନାହିଁ । ସେଥିଲାଗି ଜ୍ଞାନ ଜାଣିଥିବା ଲୋକମାନେ ହିଁ ଦେବାଳୟ ନିର୍ମାଣ କରିଥିଲେ ବୋଲି କହିବାକୁ ପଡିଛି ।

ଦେବାଳୟଗୁଡିକ ଈଶ୍ୱରଙ୍କୁ ଚିହ୍ନାଇବାର ସୂଚନାକେନ୍ଦ୍ର ହୋଇ ରହିଥାଏ । ଈଶ୍ୱର ବା ପରମାତ୍ମା ଏଇଭଳି ରହିଥାନ୍ତି ବୋଲି ଦେବାଳୟ ବା ମନ୍ଦିରଗୁଡିକ ତାର ନିର୍ମାଣଶୈଳୀରେ ଆମକୁ ଜଣାଇଥାଏ । ଦେବାଳୟ-ଗୁଡିକ ମଣିଷକୁ ଈଶ୍ୱରଙ୍କ ରହସ୍ୟ ଜଣାଇ ରହିଥିବା ସ୍ଥଳେ, ସେଗୁଡିକରେ ହେଉଥିବା ଆରାଧନା ମଣିଷ ନିଜର ଉଦ୍ଦେଶ୍ୟକୁ କିଭଳି ବ୍ୟକ୍ତ କରିବ ତାହା ଜଣାଇଥାଏ । ମଣିଷର ଥିବା ବିଶ୍ୱାସକୁ ତଥା ଉଦ୍ଦେଶ୍ୟକୁ କାର୍ଯ୍ୟ ରୂପରେ ବହିର୍ଗତ କରିବାପାଇଁ ଆରାଧନା (ଉପାସନା) ସୃଷ୍ଟି ହୋଇଛି । ଦେଖାଯାଉ ନଥିବା ଈଶ୍ୱରଙ୍କ ବିଷୟ ଦେଖାଯାଉଥିବା ସଂକେତ ଭାବରେ, ମଣିଷ ଆଉ ଈଶ୍ୱରଙ୍କ ଭିତରେ ଥିବା ସଂଦେଶସୌଧ ଭାବରେ ଦେବାଳୟଗୁଡିକ ରହିଥିବା ବେଳେ, କାର୍ଯ୍ୟ ରୂପରେ ନିଜର ଭାବକୁ ବ୍ୟକ୍ତ କରିବାପାଇଁ ଆରାଧନାଗୁଡିକୁ ସତ୍ୟଯୁଗ ବା କୃତ୍ଯୁଗର ଜ୍ଞାନୀମାନେ ସୃଷ୍ଟି କରିଥିଲେ । ଏହିଭଳି ଦୈବ, ପରମାତ୍ମା ବା ଈଶ୍ୱର ହିଁ ମାନବାକାରରେ ଆସି ଦେବାଳୟ ଏବଂ ଦେବାଳୟରେ ହେଉଥିବା ଆରାଧନା ବିଧାନ ସୃଷ୍ଟି କରିଥିଲେ ବୋଲି କହିପାରିବା । ସେଦିନର ଯେଉଁ ଉଦ୍ଦେଶ୍ୟକୁ

ଦେବାଳୟଗୁଡିକ ଜଣାଉଥିଲା, ସେଦିନ ଯେଉଁ ଉଦ୍ଦେଶ୍ୟ ପୂଜା ବିଧାନରେ ରହିଥିଲା ତାହା ଆଜି ଆମକୁ ଅଜଣା ରହିଯାଇଛି । ସତ୍ୟଯୁଗରୁ ରହି ଆସିଥିବା ଦେବାଳୟଜ୍ଞାନ ରହସ୍ୟହୋଇ ରହିଯାଇଥିବା ସ୍ଥଳେ, କେତେକ ନିଜ ନିଜର ସ୍ୱାର୍ଥରେ ପୂର୍ବ ବିଧାନକୁ ନମାନି ନିଜ ଇଚ୍ଛା ଅନୁସାରେ ନାନା ନୀତିନିୟମ ଲେଖି, ହେତୁବଦ୍ଧତା ହୀନ ବିଷୟ, ଅଶାସ୍ତ୍ରୀୟ ବିଷୟ ଜଣାଇ, ସେଗୁଡିକୁ ଶାସ୍ତ୍ର ନାଆଁ ଦେଇ, ତାହା ହିଁ ସେତେବେଳର ଋଷିମାନେ କହିଥିବା କଥା ଏବଂ ବେଦରେ ଦିଆଯାଇଥିବା ନୀତିନୀୟମ ବୋଲି କହୁଛନ୍ତି । ଏହିଭଳି ମଣିଷ ସୃଷ୍ଟି କରିଥିବା ଆଜିର ଅଗମଶାସ୍ତ୍ର ସତ୍ୟ ଯୁଗରେ ଭଗବାନ ଜଣାଇଥିବା ବାସ୍ତବତାକୁ ଲୁଚାଇ ରଖି, ଦୈବଜ୍ଞାନକୁ ସଂକୁଚିତ କରିଦେଇ ମାୟାଶାସ୍ତ୍ର ହୋଇ ରହିଛି ।

ଏବେ କେହି କିଛି ଭାବିଲେ ମଧ୍ୟ, କେହି କିଛି କହିଲେ ମଧ୍ୟ ମଣିଷ ନିଜର ଅଜ୍ଞାନରେ ସବୁକିଛି ଭୁଲି ଶେଷରେ ଦେବାଳୟଗୁଡ଼ିକୁ ଶୈବମାନଙ୍କର ଦେବାଳୟ, ବୈଷ୍ଣବମାନଙ୍କର ଦେବାଳୟ ଭାବରେ ବାଣ୍ଟିଦେଇଛି ବୋଲି କହୁଛୁ । ପୂର୍ବେ ଭଗବାନ କହିଥିବା ବିଷୟ ଆଜି ରହସ୍ୟ ହୋଇ ରହିଛି ତେଣୁ ମୁଁ ନିଜର ଧର୍ମକୁ ପୁନରୁଦ୍ଧାର କରିବି ବୋଲି ଭଗବାନ କହିବା ଭଳି ତାହା ବହିର୍ଗତ ନହୋଇ ରହିବ ନାହିଁ । ସେହି ରହସ୍ୟଗୁଡିକ ଆଜି ଦେବାଳୟ ରହସ୍ୟ ନାମକ ଗ୍ରନ୍ଥରୂପରେ ବହିର୍ଗତ ହୋଇ ଅଗମଶାସ୍ତ୍ର ପାଇଁ ବୃହତ୍ତ ପ୍ରଶ୍ନଭାବରେ ଠିଆ ହୋଇଛି । ଏଥିରେ ଥିବା ମନ୍ଦିର (ଦେବାଳୟ) ବିବରଣୀ ଦୈବଜ୍ଞାନକୁ ବୋଧକରି, ଆରାଧନା ବାବଦରେ ବର୍ଣ୍ଣନାକରି ମଣିଷର ପ୍ରକୃତ ବିଶ୍ୱାସକୁ ଜଣାଉଛି । ଦୈବଜ୍ଞାନକୁ ଚିହ୍ନାଉ ନଥିବା ଆଳୟ ହେଉ, ଭକ୍ତିକୁ ଚିହ୍ନାଉ ନଥିବା ଆରାଧନା ବା ପୂଜା ହେଉ ସବୁ ବୃଥା, ସେ ସବୁ ଅଶାସ୍ତ୍ରୀୟ, ଅହେତୁକ ବୋଲି ଜ୍ଞାନରୂପରେ ଜଣାଇବା ଉଦ୍ଦେଶ୍ୟ ନେଇ ଦଣ୍ଡାୟମାନ ହୋଇଛି ଏହି **"ଦେବାଳୟ ରହସ୍ୟ"** ।

ଆଜି ମାନବର ଭକ୍ତି ନାମରେ ରହିଥିବା ଅଜ୍ଞାନ ମାର୍ଗର ଅବରୋଧ ହେବା ଏହି ଛୋଟ ଗ୍ରନ୍ଥର ଉଦ୍ଦେଶ୍ୟ । ଦେବାଳୟଗୁଡିକରେ ଯାଇ କାମନା କରିବା ଆମ କର୍ତ୍ତବ୍ୟ ନୁହେଁ ବୋଲି ପାଠକ ଠାରେ ସ୍ପନ୍ଦନ ଜାଗ୍ରତ କରିବା ଏହି ଗ୍ରନ୍ଥର ମୂଳ ଉଦ୍ଦେଶ୍ୟ । କେତେକ ଭ୍ରାନ୍ତ ଧାରଣା ଦ୍ୱାରା ଅଜ୍ଞାନ ମାର୍ଗରେ ଚାଲିଥା'ନ୍ତି, ସେମାନଙ୍କୁ ଅଜ୍ଞାନମାର୍ଗରୁ ଉଚିତମାର୍ଗକୁ ଫେରାଇ ଆଣିବା ଏହି ଗ୍ରନ୍ଥର ଲକ୍ଷ୍ୟ ।

ପୂର୍ବେ ଆତ୍ମଜ୍ଞାନ ଜାଣିଥିବା ଜ୍ଞାନୀମାନେ ମଣିଷକୁ ଆତ୍ମଜ୍ଞାନ ଜଣାଇବା ପାଇଁ, ଅଜ୍ଞାନ ଅନ୍ଧକାରରେ ଥିବା ଲୋକମାନଙ୍କୁ ଦୈବମାର୍ଗରେ ଚଲାଇବା ପାଇଁ, ପରମାତ୍ମାଙ୍କ ବିଷୟ ଜଣାଇବା ପାଇଁ ବା କୌଣସି ରୂପ, ନାମ ନଥିବା ଅବ୍ୟକ୍ତ ଈଶ୍ୱରଙ୍କ ବିବରଣୀ ଜଣାଇବା ପାଇଁ, ଆତ୍ମଜ୍ଞାନକୁ ସେମାନଙ୍କ କୌଶଳରେ ଖଞ୍ଜି ଦେବାଳୟ ତିଆରି କରିଥିଲେ । ବାହାରକୁ ଦେବାଳୟଗୁଡିକ ଯେପରି ଦେଖାଗଲେ ମଧ୍ୟ ସେଗୁଡିକରେ ଆତ୍ମାଜ୍ଞାନ ଖଞ୍ଜାଯାଇଥିଲା । ରୂପ ଦେଖାଇ ରୂପ ନଥିବା ପରମାତ୍ମାଙ୍କୁ ବୁଝିବା ଉପାୟ ଜଣାଇଥାଏ ଦେବାଳୟ । ଚାରିକାନ୍ଥ ଭିତରେ ଆବଦ୍ଧ ରହିଥିବା ପ୍ରତିମାକୁ ଦେଖାଇ ଅସୀମ ପରମାତ୍ମାଙ୍କ ବିଷୟକୁ ଜଣାଇଥାଏ ଦେବାଳୟ । ମହାନ ଜ୍ଞାନୀ ହୋଇଥିବା ଯୋଗୀମାନେ ସେମାନଙ୍କ ବିଚାରଧାରାକୁ ପରମାର୍ଥରେ ଲଗ୍ନ କରି ସର୍ବଦା ପରମାତ୍ମାଙ୍କ ବିବରଣୀକୁ ସମସ୍ତେ ଜାଣନ୍ତୁ, ସେହି ଉଦ୍ଦେଶ୍ୟରେ ତିଆରି କରିଥିଲେ ଦେବାଳୟ ।

ପୂର୍ବକାଳରେ ଏହିଭଳି ଜ୍ଞାନୀମାନଙ୍କ ଚେଷ୍ଟାରେ ସମସ୍ତଙ୍କୁ ଆତ୍ମଜ୍ଞାନ ଜଣାଥିଲା । କାଳକ୍ରମେ ମାନବଠାରେ ଅଜ୍ଞାନତା ସ୍ଥାନ ପାଇ ଜ୍ଞାନ ହ୍ରାସ ହୋଇଯାଇଥାଏ । ଏହିଭଳି ସନ୍ଦର୍ଭରେ ଅଜସ୍ର ଜ୍ଞାନଶକ୍ତି ଥିବା ବ୍ରହ୍ମର୍ଷିମାନେ ସେମାନଙ୍କ ବିଚାର ଦ୍ୱାରା ଆତ୍ମଜ୍ଞାନ ଭବିଷ୍ୟତରେ ନିଶ୍ଚୟ ହ୍ରାସ ହୋଇଯିବ, ଏଭଳି ପରିସ୍ଥିତି କିପରି ନଆସିବ ସେଥିପାଇଁ ଗଭୀର

ବିଚାର କରି, କ'ଣ କଲେ ଏହି ସଂକଟରୁ ମଣିଷ ମୁକୁଳି ପାରିବ ତାହା ଜାଣିପାରି,ଶେଷରେ ନିର୍ମାଣ କରିଥିଲେ ଦେବାଳୟ ବା ମନ୍ଦିର । ଦେବାଳୟ ନିର୍ମାଣରେ ସେମାନଙ୍କ ବିଚାରଧାରାକୁ ଚତୁରତାର ସହିତ ଉପଯୋଗ କରି ଦେବାଳୟର ସବୁକିଛିରେ ଆତ୍ମଜ୍ଞାନ ରହିବା ଉଚିତ୍ ବୋଲି ନିର୍ଣ୍ଣୟ ନେଇ ନିର୍ମାଣ କରିଥିଲେ ଦେବାଳୟ । ଏହିଭଳି ରହିଥିବା ସେମାନଙ୍କ ଉଦ୍ଦେଶ୍ୟର ସର୍ବପ୍ରଥମ ନିର୍ମାଣଭାବରେ ଥିଲା ଲିଙ୍ଗ ପ୍ରତିଷ୍ଠା । ସର୍ବ ପ୍ରଥମ ଦେବାଳୟ ଭାବରେ ଆରମ୍ଭ ହୋଇଥିଲା ଲିଙ୍ଗ ପ୍ରତିଷ୍ଠିତ ଦେବାଳୟ ।

*****

# ୭. ଲିଙ୍ଗ ପ୍ରତିଷ୍ଠା

ଏହି ପ୍ରପଞ୍ଚ ବା ସାରା ଭୌତିକ ଦୁନିଆ ନଥିବା ସମୟରେ ଏକମାତ୍ର ପରମାତ୍ମା ଥିଲେ, ସେହି ସ୍ଥିତିରୁ କିଛିକାଳ ପରେ ଉତ୍ପତି ହେଲା ପ୍ରପଞ୍ଚ । ପ୍ରପଞ୍ଚ ସୃଷ୍ଟିର କାରଣ ହେଉଛନ୍ତି ଏକମାତ୍ର ପରମାତ୍ମା, ସେ ହିଁ ସ୍ୱୟଂସମ୍ପୂର୍ଣ୍ଣ ଶକ୍ତି, ତାଙ୍କରିଠାରୁ ସୃଷ୍ଟି ହୋଇଛି ପ୍ରପଞ୍ଚ । ପ୍ରପଞ୍ଚ = ପ୍ର + ପଞ୍ଚ, ପ୍ର - ଅର୍ଥାତ୍ ଜନ୍ମନେବା, ପଞ୍ଚ - ଅର୍ଥାତ୍ ପାଞ୍ଚ (୫) । ତେଣୁ ପ୍ରପଞ୍ଚ କହିଲେ ଜନ୍ମ ହୋଇଥିବା ୧. ଆକାଶ, ୨. ବାୟୁ, ୩. ଅଗ୍ନି, ୪. ଜଳ, ୫. ଭୂମି । ଏହି ପାଞ୍ଚଭାଗକୁ ମିଶାଇ ପ୍ରକୃତି କୁହାଯାଉଛି, ତେଣୁ ପ୍ରକୃତି ଆଉ ପ୍ରପଞ୍ଚ ଗୋଟିଏ କଥା । ପ୍ରକୃତିର ପାଞ୍ଚଭାଗରୁ ସମସ୍ତ ଜୀବରାଶି ସୃଷ୍ଟିହୋଇଛନ୍ତି । ସର୍ବ ଜୀବରାଶି ଜନ୍ମହୋଇ ଜୀବନ ନିର୍ବାହ କରି ମୃତ୍ୟୁବରଣ କରିବାପାଇଁ ଉପଯୁକ୍ତ ଯନ୍ତ୍ରାଙ୍ଗ ଏହି ପ୍ରକୃତି ଦ୍ୱାରା ଜଗତରେ ସୃଷ୍ଟି ହୋଇଛି । ପ୍ରକୃତିରୁ ତିଆରି ଏହି ଶରୀର । ପ୍ରକୃତିରୁ ତିଆରି ହୋଇଛି ଆମଠାରେ ଥିବା ଗୁଣରାଜି । ସର୍ବଶରୀର ପ୍ରକୃତିରେ ଜନ୍ମହୋଇ ପ୍ରକୃତିରେ ବଡହୋଇ ଶେଷରେ ସେହି ପ୍ରକୃତିରେ ଲୟ ହୋଇଥା'ନ୍ତି, ପୁନର୍ବାର ସେହି ପ୍ରକୃତିରେ ଜନ୍ମ ହୋଇଥା'ନ୍ତି ।

ଜୀବରାଶିଙ୍କୁ ଜନ୍ମ କରିବା ପାଇଁ ପ୍ରକୃତିର ସ୍ୱୟଂ ଶକ୍ତି ଅଛି ? ବୋଲି ପ୍ରଶ୍ନ କରି ବିଚାର କରିବା ବେଳେ, ପ୍ରକୃତିର ସେ ଶକ୍ତି ନାହିଁ ବୋଲି ଜଣାପଡୁଛି । ପ୍ରକୃତି ଦ୍ୱାରା ହେଉଥିବା ସମସ୍ତ କାର୍ଯ୍ୟପାଇଁ ଏକ ଶକ୍ତି ଆବଶ୍ୟକ, ତାହା ହିଁ ପରମାତ୍ମା ଶକ୍ତି । ଭଗବଦ୍ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗର ଦଶମ ଶ୍ଳୋକରେ ପରମାତ୍ମା–

**ମୟାଧ୍ୟେକ୍ଷଣ ପ୍ରକୃତି ସୁୟତେ ସଚରାଚରମ୍ ।**
**ହେତୁନା ନେନ କୌନ୍ତେୟ ! ଜଗଦ୍ୱିପରିବର୍ତ୍ତତେ ॥**

ଅର୍ଥାତ୍ "ପ୍ରକୃତି ମୋ ଆଧାର ଦ୍ୱାରା ଜୀବରାଶିଙ୍କୁ ଜନ୍ମ ଦେବା ଭଳି, ମୃତ୍ୟୁବରଣ କରିବା ଭଳି କରୁଛି" ତେଣୁ ମୁଁ ସେଥିରେ ଅଖ ଭଳି ରହିଛି, ମୋତେ ଆଧାର କରି ସାରାଦୁନିଆ ଚକ୍ର ଭଳି ଘୁରୁଛି ବୋଲି କହିଛନ୍ତି । ବ୍ରହ୍ମବିଦ୍ୟାର ପ୍ରାରମ୍ଭରେ ଆମେମାନେ କିଏ ? ଆମର ଜନ୍ମ କିପରି ହୋଇଛି ? ଜନ୍ମ ମରଣର କାରଣ କ'ଣ ? କେଉଁ ଶକ୍ତି ଦ୍ୱାରା ଏସବୁ ହେଉଛି ତାହା ନିହାତି ଜାଣିବା ଉଚିତ୍ । ଏହା ଜାଣିବାକୁ ଲାଗିଲେ ସ୍ପଷ୍ଟ ଜାଣିହୁଏ ଯେ, ପ୍ରକୃତି ଦ୍ୱାରା ଶରୀର ତିଆରି ହେଉଛି, ସେହି ଶରୀରରେ ଆତ୍ମା ଚୈତନ୍ୟସ୍ୱରୂପ ହୋଇ ରହିଛି, ଆଉ ଚଳପ୍ରଚଳ ହେବାର ଶକ୍ତି ମଧ୍ୟ ଦେଉଛି ବୋଲି ଜାଣିହୁଏ । ସେଥିଲାଗି ପ୍ରକୃତି କେବଳ ଆମ ଶରୀରର ଆକୃତିକୁ ତିଆରି କରିଥାଏ । ତେଣୁ ସେ ହିଁ ଆମର ମାଆ, ଜଡଶରୀରକୁ ଚଳନଶକ୍ତି ଦେଉଥିବା ପରମାତ୍ମା ହିଁ ଆମର ପିତା ବୋଲି କହିପାରିବା । ସର୍ବପ୍ରପଞ୍ଚରେ ବାସ କରୁଥିବା ଜୀବରାଶିର ମାତାପିତା ଏହି ପ୍ରକୃତି ପରମାତ୍ମା ବୋଲି ଆମକୁ ସର୍ବପ୍ରଥମେ ଜାଣିବାକୁ ହୋଇଥାଏ । ମୂଳ ପରମାତ୍ମା ଶକ୍ତିରୁ ସୃଷ୍ଟି ହୋଇଥିବା ପ୍ରକୃତିରୁ ଆମେ ଜନ୍ମ ହୋଇ, ସେଥିରେ ବଢି, ଶେଷରେ ସେଇଥିରେ ହିଁ ଆମ ଶରୀର ମିଶିଯାଉଛି । ବ୍ରହ୍ମବିଦ୍ୟାଶାସ୍ତ୍ରରୁ ସର୍ବପ୍ରଥମେ ଏହା ଜାଣିବା ଉଚିତ୍ ।

ଏହି ବିଷୟ ଜାଣିବା ପାଇଁ "ବାପା ମାଆାଙ୍କ ଉପରେ ଦୟା ନଥିବା ପୁତ୍ର ଜନ୍ମହେଲେ କେତେ! ନ ହେଲେ କେତେ!!, ହୁଙ୍କା ଭିତରେ ଫୁଟିଥିବା ଛତୁ ଫୁଟିଲେ କେତେ! ନ ଫୁଟିଲେ କେତେ!!" ବୋଲି ବେମନ ନାମକ ଜଣେ ଯୋଗୀ ତାଙ୍କର ପଦ୍ୟରେ ଏହି ଭାବାର୍ଥକୁ ଜଣାଇଥିଲେ । କେହି ଜାଣି ନପାରିବା ସ୍ଥିତିରେ ହୁଙ୍କା ଭିତରେ ଛତୁ ଫୁଟି ନଷ୍ଟ ହେଉ ବା ନହେଉ ସେଥିରେ କ'ଣ ଯାଏ ଆସେ କହିବା ଭଳି, ବାସ୍ତବ ମାତା ପିତାଙ୍କୁ ନଜାଣିଲେ ଆମ ଜନ୍ମ ହିଁ ବୃଥା ବୋଲି ସେ ତାଙ୍କର ଭାବକୁ ଜଣାଇଥିଲେ । ସେଥିଲାଗି ଜୀବ ଜାଣିବା ଉଚିତ୍ ଯେ, ତା'ର ପ୍ରକୃତ ମାତାପିତା କିଏ । ସମସ୍ତ ଜୀବରାଶିର ପ୍ରକୃତ ମାତାପିତାଙ୍କୁ ଚିହ୍ନି ପାରିବା ଭଳି ଭଗବଦ୍ଗୀତାର ଗୁଣତ୍ରୟ ବିଭାଗ ଯୋଗରେ ଥିବା ୩ୟ ଏବଂ ୪ର୍ଥ ଶ୍ଳୋକରେ ଭଗବାନ ଯାହା କହିଛନ୍ତି ଦେଖନ୍ତୁ ।

**ମମଯୋନିର୍ମହଦ୍ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଦାମ୍ୟହମ୍ ।**
**ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ! ॥**

**ସର୍ବଯୋନିଷୁ କୌନ୍ତେୟ ! ମୂର୍ତ୍ତୟଃ ସମ୍ଭବନ୍ତି ଯାଃ ।**
**ତାସାଂ ବ୍ରହ୍ମ ମହଦ୍ ଯୋନିରହଂ ବିଜପ୍ରଦଃ ପିତା ॥**

ଭାବାର୍ଥ : ମୋ' ଯୋନି (ଗର୍ଭାଧାନର ସ୍ଥାନ) ହେଉଛି ବିଶାଳ ପ୍ରକୃତି, ତା'କୁ ମୁଁ ଗର୍ଭଧାରଣ ହେବା ଭଳି କରାଇଛି । ସେଥିରୁ ହିଁ ସର୍ବଭୂତ ଜନ୍ମ ହୋଇଥା'ନ୍ତି । ସମସ୍ତ ଯୋନିରେ ଜନ୍ମ ହେଉଥିବା ନାନା ଆକାର ବିଶିଷ୍ଟ ଜୀବରାଶିଙ୍କର ମାଆ ପ୍ରକୃତି ହୋଇଥିବା ସ୍ଥଳେ, ବୀଜଦାତା ମୁଁ ପିତାଭାବରେ ରହିଥାଏ । ପୂର୍ବକାଳର ଶାସ୍ତ୍ରବଚନ ଅନୁସାରେ ମାତାପିତା ହୋଇଥିବା ପ୍ରକୃତି ପରମାତ୍ମାଙ୍କୁ ଜାଣିଥିବା ଜ୍ଞାନୀମାନେ ଏହି ବିଷୟ କିପରି କାଳଗର୍ଭରେ ଲୁଚିନଯାଉ, ସମସ୍ତେ ତାହା ଜାଣନ୍ତୁ ବୋଲି କରିଥିବା ଉଦ୍ୟମ ହିଁ ଏହି ସୃଷ୍ଟିର ସର୍ବପ୍ରଥମ ଲିଙ୍ଗପ୍ରତିଷ୍ଠା । ପରମାତ୍ମାଙ୍କର ରୂପ ନାହିଁ

ସେଥିଲାଗି ଏକ ରୂପହୀନ ଭାବ ଦର୍ଶାଉଥିବା ଗୋଲାକାର ପଥରକୁ ରଖି ଏଇ ହିଁ ପରମାତ୍ମା ବୋଲି ସେଥିରେ ରହସ୍ୟଜ୍ଞାନ ରଖି ସେମାନେ ଆମକୁ ଜଣାଇ ଦେଇଥିଲେ । ପରମାତ୍ମ ଯେ, ପୁରୁଷ ଏହା ଜଣାଇବାପାଇଁ ସେହି ପଥରଟି ପୁରୁଷର ପ୍ରତୀକ ଲିଙ୍ଗକୁ ସୂଚୀତ କରୁଥିଲା । ପ୍ରକୃତିକୁ ସ୍ୱଭାବରେ ଚିହ୍ନିବା ପାଇଁ ସ୍ତ୍ରୀ ଯୋନି ଆକାରର ପଥରକୁ ତା'ର ତଳେ ସଂଯୋଜିତ କରି ରଖିଥିଲେ । **ସ୍ତ୍ରୀ ଯୋନି ଆକାରର ପଥର ଉପରେ ପୁରୁଷାଙ୍ଗକାର ଲିଙ୍ଗ ପ୍ରତିଷ୍ଠାକରି ପ୍ରକୃତିପୁରୁଷ ମିଶିରହିଛନ୍ତି ବୋଲି ଦର୍ଶାଇଥିଲେ । ସ୍ତ୍ରୀ ଯୋନି ଆକାରର ପଥର ମଝିରେ ପୁରୁଷ ଲିଙ୍ଗାକାର ପଥରକୁ ରଖିବାରେ ପ୍ରକୃତିର ଅଖ ଭାବରେ ପରମାତ୍ମା ରହିଛନ୍ତି ବୋଲି ବୁଝାଯାଏ, ପ୍ରକୃତି ଉପରେ ପରମାତ୍ମା ଅଧିଷ୍ଠିତ ହୋଇଛନ୍ତି ବୋଲି ମଧ୍ୟ ବୁଝାଯାଏ । ପୁରୁଷ ଲିଙ୍ଗର କିଛି ଭାଗ ସ୍ତ୍ରୀ ଲିଙ୍ଗାକାର ଯୋନି ଭିତରେ ରହିବା ଦ୍ୱାରା ପରମାତ୍ମା ପ୍ରକୃତି ଭିତରେ ଆଉ ପ୍ରକୃତି ବାହାରେ ମଧ୍ୟ ରହିଛନ୍ତି ବୋଲି ବୁଝାଯାଏ ।** ଏହିଭଳି ଜ୍ଞାନୀମାନେ ସେଥିରେ ରଖିଥିବା ଅର୍ଥ ଆଜି କେତେକ ବୁଝୁଥିବା ଶୃଙ୍ଗାରଜ୍ଞାନ ନୁହେଁ । ଏହା ପ୍ରକୃତି ପୁରୁଷଙ୍କୁ ଜାଣିପାରିବା ଜ୍ଞାନ ହୋଇ ରହିଛି ସିନା ଅନ୍ୟକିଛି ନୁହେଁ ।

ପ୍ରକୃତି ପୁରୁଷର ମିଳନ ହିଁ ଜଗତର ମୂଳ କାରଣ, ଏହା ଥିଲା ସେମାନଙ୍କର ଭାବନା । ସମସ୍ତେ ଏକଥା ଜାଣନ୍ତୁ ଏହାଥିଲା ସେମାନଙ୍କର ଉଦ୍ଦେଶ୍ୟ । ସକଳ ଜୀବରାଶି ପରମାତ୍ମାଙ୍କ ଚୈତନ୍ୟ ଦ୍ୱାରା ପ୍ରକୃତିରୁ ଏକ ଏକ ଆକାର ନେଇ ଜନ୍ମ ହୁଅନ୍ତି ବୋଲି ଜାଣିବା ପାଇଁ ଲିଙ୍ଗ ଉପରେ ଏକ ପାତ୍ରରେ କିଛି ପାଣିରଖି ସେଥିରୁ ଟୋପା ଟୋପା ପାଣି ଝରି ଲିଙ୍ଗ ଉପରେ ପଡିବା ଭଳି କରିଥିଲେ । ଲିଙ୍ଗ ଉପରେ ପଡୁଥିବା ପାଣିଟୋପା ଲିଙ୍ଗ ଉପରେ ପଡି ପ୍ରକୃତିଭାବରେ ତୁଳିତ ପଥର (ଯୋନି) ଉପରକୁ ଆସି ସେଠାରୁ ଏକ ମାର୍ଗ ଦ୍ୱାରା ବାହାରକୁ ଯାଇଥାଏ । ଏହିଭଳି ପ୍ରତି

ପାଣିଟୋପା ଉପରୁ ଖସି ଶେଷରେ ଯୋନି ଉପରେ ମଧ୍ୟ ନରହି ତଳକୁ ଖସିଯାଇଥାଏ । ପ୍ରତି ଜୀବରାଶି ପ୍ରକୃତି ପୁରୁଷ କାରଣରୁ ଜନ୍ମ ହୋଇଥା'ନ୍ତି ନାମକ ସତ୍ୟର ତୁଳନା ପାଇଁ ଲିଙ୍ଗ ଉପରେ ଧାରାପାତ୍ରକୁ ରଖାଇଥିଲେ । ପାଣିଟୋପାକୁ ଜୀବ ସହିତ ତୁଳନାକରି ପରମାତ୍ମା ଆଉ ପ୍ରକୃତିଙ୍କ ଦ୍ୱାରା ଜୀବରାଶି ଉଦ୍ଭବ ହୋଇଥା'ନ୍ତି ନାମକ ଭାବ ନେଇ ପାଣିଟୋପାଗୁଡିକ ଉପରୁ ଖସି ଲିଙ୍ଗ ଉପରେ ପଡି, ସେଥିରୁ ଖସି ଯୋନି ଉପରକୁ ଆସି, ସେଠାରୁ ତଳକୁ ଯିବାଭଳି ଦର୍ଶାଇଥିଲେ । ଲିଙ୍ଗ ଉପରେ ଥିବା ଧାରାପାତ୍ରରୁ ସବୁବେଳେ ପାଣି ଝରିବା ଅର୍ଥରେ ସବୁବେଳେ ଜୀବରାଶି ଜନ୍ମ ହୁଅନ୍ତି, ମୃତ୍ୟୁବରଣ କରନ୍ତି ବୋଲି ଭାବାର୍ଥକୁ ଦର୍ଶାଇ ଏହା ହିଁ ସୃଷ୍ଟିର ଅନ୍ତରାର୍ଥ ବୋଲି ସେମାନେ ଜଣାଇଥିଲେ ।

ଏବେ ମୁଖ୍ୟାଂଶକୁ ଗଲେ, ସମସ୍ତ ଜୀବରାଶିଙ୍କ ଅନ୍ତରାର୍ଥ ଏଥିରେ ରହିଛି ବୋଲି ଜାଣିପାରିବା । ପରମାତ୍ମାସ୍ୱରୂପ ବିଭାଜିତ ହୋଇ ସାରା ପ୍ରକୃତିରେ ବ୍ୟାପିରହିଛି । ବ୍ୟାପକ ବିଧାନ ଏଇଭଳି ରହିଛି ବୋଲି ଦେଖାଇବା ଲିଙ୍ଗ ପ୍ରତିଷ୍ଠାର ସାରାଂଶ । ପରମାତ୍ମା ପ୍ରକୃତିଠାରୁ ଅତୀତ ଭାବରେ ରହି ତିନିଗୋଟି ପୁରୁଷ ଭାବରେ ବ୍ୟାପୀ ରହିଛନ୍ତି, ଏହା ଜାଣିବା ପାଇଁ ଏହି ଈଶ୍ୱର ଲିଙ୍ଗରେ ତିନି ବିଭୂତିରେଖାକୁ ଅଙ୍କନ କରି ଦର୍ଶାଇ ଦିଆଯାଇଛି । ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗରେ କୁହାଯାଇଥିବା ପୁରୁଷର ବିଭାଜନ ଯଥା- କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କୁ ପୁରୁଷର ପ୍ରତୀକ ହୋଇଥିବା ଲିଙ୍ଗ ଦେହରେ ଲଗାଇ ଦିଆଯାଇଛି । ଲିଙ୍ଗ ଉପରେ ଥିବା ଏହି ରେଖାଗୁଡିକ ଭିତରୁ ସଭା ତଳେ ଥିବା ରେଖାଟି ଜୀବାତ୍ମାର ସୂଚକ, ମଝିରେ ଥିବା ରେଖାଟି ସର୍ବ ଜୀବରାଶିର ଶରୀରରେ ମିଶି ରହିଥିବା ଆତ୍ମାର ସୂଚକ ହୋଇ, ସବୁଠାରୁ ଉପରେ ଥିବା ରେଖାଟି ପରମାତ୍ମାଙ୍କୁ ସୁଚୀତ କରୁଛି । ଲିଙ୍ଗ ଉପରେ ତିନି ବିଭୂତି ରେଖାକୁ ଲଗାଇବା ବ୍ୟତୀତ ମଝିରେ ଥିବା ଆତ୍ମା ସୂଚକ ରେଖାରେ

ଚନ୍ଦନ କିମ୍ବା କୁଂକୁମ (ସିନ୍ଦୁର)ଟୋପା ଲଗାଇ ବିଶେଷ ଭାବରେ ସୂଚୀତ କରାଯାଇଛି । ମଝିରେ ଥିବା ସିନ୍ଦୁର ଟୋପାର କି ବିଶେଷତା ରହିଛି ଜାଣିବାକୁ ଚାହିଁଲେ–

ପ୍ରତ୍ୟେକ ଶରୀରରେ ଏକ ଏକ ହୋଇ ଜୀବାତ୍ମା ରହିଛନ୍ତି । ସମସ୍ତ ଶରୀରରେ ଏକ ଏକ ଭାବରେ ରହିଲେ ମଧ୍ୟ ଆତ୍ମା ଏକ ହୋଇ ସାରା ଜଗତରେ ରହିଛି, ପ୍ରତ୍ୟେକ ଶରୀରରେ, ଶରୀରର ବାହାରେ, ପ୍ରତ୍ୟେକ ଜଡଚେତନରେ ଅଣୁ ଅଣୁ ହୋଇ ପରମାତ୍ମା ବ୍ୟାପକ ଭାବରେ ରହିଛନ୍ତି । ଜୀବାତ୍ମା, ଆତ୍ମା କେବଳ ସଜୀବ ଶରୀରରେ ରହିଥା'ନ୍ତି, ପରମାତ୍ମା ସମସ୍ତ ସଜୀବ, ନିର୍ଜୀବରେ ରହିଥା'ନ୍ତି । ଜୀବାତ୍ମା ରହିବା ସ୍ଥାନରେ ଆତ୍ମା ମଧ୍ୟ ଅବିଚ୍ଛେଦ୍ୟ ଭାବରେ ରହିଥାଏ, ତେଣୁ ଆତ୍ମାକୁ କୁଟସ୍ଥ ଭାବରେ ନାମିତ କରି ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗରେ ଥିବା ୧୬ତମ ଶ୍ଲୋକରେ ପରମାତ୍ମା କହିଛନ୍ତି ।

**ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।**
**କ୍ଷର ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ॥**

ବୋଲି କହିଛନ୍ତି । ଏହାର ଭାବାର୍ଥ ହେଉଛି ! ଲୋକଗୁଡିକରେ ଦୁଇ ପ୍ରକାରର ପୁରୁଷ ଥାଆନ୍ତି, ସେ ଦୁହେଁ କ୍ଷର, ଅକ୍ଷର ଭାବରେ କଥିତ ହୋଇଥା'ନ୍ତି । କ୍ଷର ସମସ୍ତ ଭୂତରେ ରହିଥାଏ ଏବଂ କ୍ଷର ସହିତ କୁଟସ୍ଥ (ଐକ୍ୟ ବା ଅବିଚ୍ଛେଦ୍ୟ) ଭାବରେ ଅକ୍ଷର ରହିଥାଏ ।

ଏହି ଦୁଇ ପୁରୁଷଙ୍କଠାରୁ ସ୍ୱତନ୍ତ୍ର ଭାବରେ ଆଉଏକ ଉତ୍ତମ ପୁରୁଷ ପୁରୁଷୋତ୍ତମ ଭାବରେ ରହିଛି ବୋଲି ପର ଶ୍ଲୋକରେ ମଧ୍ୟ ଜଣାଇଛନ୍ତି । ସେହି ପୁରୁଷୋତ୍ତମଙ୍କୁ ପରମାତ୍ମା ମଧ୍ୟ କୁହାଯାଏ । ଏହିଭଳି ତିନି ପୁରୁଷଙ୍କୁ ସୂଚୀତ କରିବା ଲିଙ୍ଗ ଦେହରେ ଟଣାଯାଇଥିବା ବିଭୂତିରେଖାର ଅର୍ଥ ହୋଇ ରହିଛି ସିନା, ଆଉ କିଛି ଅଲଗା ଅର୍ଥ ଏଥିରେ ନାହିଁ । ଜୀବାତ୍ମା

ପରମାତ୍ମାରେ ଲୀନହେବା ପରେ ତା'ର ଆଉ ଜୀବତ୍ୱ ଭାବ ରହି ନଥାଏ, ଦୈବତ୍ୱ ପ୍ରାପ୍ତ ହୋଇ ସେ ପରମାତ୍ମାଙ୍କ ଭଳି ଶୂନ୍ୟ ହୋଇଯାଇଥାଏ । ଜୀବାତ୍ମା ପରମାତ୍ମାରେ ମିଳିତ ହେବାପାଇଁ ଦ୍ୱିତୀୟ ଆତ୍ମା ହୋଇଥିବା ଆତ୍ମାକୁ ନିହାତି ଜାଣିବା ଦରକାର । ଆତ୍ମାକୁ ଜାଣି ଆତ୍ମଜ୍ଞାନର ଶକ୍ତି ଦ୍ୱାରା ଜନ୍ମର କାରଣ ହୋଇଥିବା କର୍ମଗୁଡିକୁ ନିର୍ମୁଳ କରିବା ପରେ ଜୀବାତ୍ମା ପରମାତ୍ମାରେ ମିଳିତ ହୋଇପାରେ । ଜୀବାତ୍ମା ଶରୀରରେ ରହିଥିବା ବେଳେ, ଆତ୍ମାକୁ ଜାଣିପାରିଲେ ମଧ୍ୟ, ଶରୀର ନଛାଡିଲେ ପରମାତ୍ମାରେ ପହଞ୍ଚିବା ସମ୍ଭବ ହୋଇନଥାଏ । ସେଥିଲାଗି ଶରୀରରେ ରହି କେହି ମଧ୍ୟ ପରମାତ୍ମାଙ୍କୁ ଜାଣିପାରି ନଥା'ନ୍ତି, ତେଣୁ କୌଣସି ଜୀବର ଆରାଧ୍ୟ ବା ଉପାସ୍ୟ ହୋଇଥା'ନ୍ତି କେବଳ ଆତ୍ମା । ପରମାତ୍ମାଙ୍କୁ ଧ୍ୟାନ କରିପାରିବା ନାହିଁ କି ତାଙ୍କୁ ପୁଜା ମଧ୍ୟ କରିପାରିବା ନାହିଁ । ସେଥିଲାଗି ଲିଙ୍ଗ ଉପରେ ଥିବା ତିନି ରେଖାର ମଝିରେ ଥିବା ମଧ୍ୟରେଖାକୁ ଚନ୍ଦନ କିମ୍ବା ସିନ୍ଦୁରଟୋପା ଲଗାଇ ଚିହ୍ନାଇଥିଲେ ।

କଲ୍ମଷହୀନ ସ୍ୱଚ୍ଛ ଆତ୍ମାକୁ ଚିହ୍ନାଇବା ପାଇଁ ସ୍ୱଚ୍ଛ ହୋଇଥିବା ଧଳାରଙ୍ଗର ବିଭୂତିରେଖା ଲିଙ୍ଗ ଉପରେ ଲଗାଇଥିଲେ । ମୁଖ୍ୟତଃ ଯୋନିକୁ ଛାଡି ଲିଙ୍ଗକୁ ହିଁ ଆରାଧନା କରିବା ଉଚିତ୍ । ତେଣୁ ପ୍ରକୃତିଠାରୁ ପୁରୁଷ ମୁଖ୍ୟ ବୋଲି ଜଣାଯାଏ । ଏହି ତିନି ବିଭୂତିରେଖା ବାବଦରେ ଅନେକ ଭେଦାଭିପ୍ରାୟ ରହିଛି, କିନ୍ତୁ ବିମର୍ଷକୁ ସମ୍ମୁଖୀନ କରିପାରୁନଥିବା କଟୁକଥା କେବେ ଜ୍ଞାନ ହୋଇନଥାଏ । କୌଣସି ବିମର୍ଷକୁ ସମ୍ମୁଖୀନ କରିପାରୁଥିବା କଥା ହିଁ ଜ୍ଞାନ ହୋଇଥାଏ ।

ଧନେଷଣ, ଦାରେଷଣ, ପୁତ୍ରେଷଣ ନାମକ ଈଷଣତ୍ରୟ ଭାବରେ ଅଭିବର୍ଣ୍ଣନା କରି ଲିଙ୍ଗ ଉପରେ ଥିବା ତିନି ବିଭୂତିରେଖା ବାବଦରେ କିଛିଲୋକ କହୁଛନ୍ତି । ଏହା ମିଛକଥା ବୋଲି ଅନେକଙ୍କୁ ମଧ୍ୟ ଜଣା ନାହିଁ । ସତ୍ୟାସତ୍ୟ ବିମର୍ଶ ଦ୍ୱାରା ଜଣାପଡିଥାଏ । ତେଣୁ ଏଠାରେ ବିମର୍ଶ କରିବାକୁ



**ଲିଙ୍ଗ ପ୍ରତିଷ୍ଠା**

ପଡିବ । ଜୀବର ଥିବା ଗୁଣଗୁଡିକ ଭିତରେ ୧) କାମ (ଆଶା), ୨) କ୍ରୋଧ, ୩) ଲୋଭ, ୪) ମୋହ, ୫) ମଦ, ୬) ମାତ୍ସର୍ଯ୍ୟଗୁଡିକ ମୁଖ୍ୟ ଅଟନ୍ତି । ଏଗୁଡିକ ଭିତରୁ ପ୍ରଥମ କ୍ରମରେ ଥିବା କାମ (ଆଶା) ନାନା ପ୍ରକାରର ରହିଥାଏ । ଖାଇବାରେ ଆଶା, ପିନ୍ଧିବାରେ ଆଶା, ଭୂମି ଉପରେ ଆଶା ଏଭଳି ଅନେକ ଆଶା ଥାଇପାରେ । "ଧନଉପରେ ଥିବା ଆଶା, ସ୍ତ୍ରୀଉପରେ ଥିବା ଆଶା, ପୁଅଉପରେ ଥିବା ଆଶାକୁ ଶଙ୍କର ଜାଳିଦେଇ ସେହି ପାଉଁଶକୁ ତାଙ୍କ କପାଳରେ ଧାରଣ କରିଥିଲେ, ସେହି ତିନିଆଶାକୁ ମୁଁ ଜଳାଇଦେଇଛି ବୋଲି ସୂଚିତ କରିବାପାଇଁ ସେ ତାହାକୁ କପାଳରେ ଧାରଣ

କରି ଦେଖାଇ, ତୁମେମାନେ ଏଇଭଳି ଆଶାଗୁଡ଼ିକୁ ଦମନ କର ବୋଲି ବିଭୂତିରେଖା ଧାରଣ କରି ସୂଚନା ଦେଇଥିଲେ' ବୋଲି ଅନେକଲୋକ କହନ୍ତି । ଯଦି ଏକଥା ସତ୍ୟ ତେବେ ଶଙ୍କର ତାଙ୍କର ଏହି ତିନିଆଶାକୁ ଜଳାଇ ଦେଇଥିଲେ ସିନା, ଅନ୍ୟ ଆଶାଗୁଡ଼ିକ ତାଙ୍କର ରହିଥିଲା ବୋଲି ଜଣାଯାଉଛି । ଜ୍ଞାନମାର୍ଗରେ ଆଶାକୁ ଜୟ କରି ହୁଏ, ଏହା ବାସ୍ତବ କଥା ହେଲେ ମାତ୍ର ତିନିଗୋଟି ଆଶାକୁ ଜୟକର କହିବା ବାସ୍ତବକଥା ନୁହେଁ । ସେହି ଶଙ୍କରଙ୍କର ଭୂମି ଉପରେ ଆଶା ନଥିଲା କହିଲେ, ସୁନା ଉପରେ ଥାଇପାରେ, ସେହିଭଳି ଅନ୍ୟ ଜିନିଷ ଉପରେ ଆଶା ଥାଇପାରେ, ସେ କାମଦହକ କିପରି ହେବେ ? ଏହି ପ୍ରଶ୍ନର ଯଥୋଚିତ ସମାଧାନ ସେମାନଙ୍କ ପାଖରେ ନାହିଁ । ତେଣୁ ଧନେଷଣ, ଦାରେଷଣ, ପୁତ୍ରେଷଣ ନାମଗୁଡ଼ିକ ବିଭୂତିରେଖାର ନୁହେଁ । ଲିଙ୍ଗ ସହିତ ଶଙ୍କରଙ୍କର କୌଣସି ସମ୍ପର୍କ ନାହିଁ ।

ପୂର୍ବେ ପରମାତ୍ମାଙ୍କୁ ଜଣାଇବା ନିମନ୍ତେ ଲିଙ୍ଗ ପ୍ରତିଷ୍ଠା ହୋଇଥିବା ବେଳେ, ତାହା ବଦଳାଇ ଲିଙ୍ଗକୁ ଶଙ୍କରଙ୍କ ସହିତ ତୁଳନା କରିଛନ୍ତି । ଈଶ୍ୱର ଆଉ ଶଙ୍କରଙ୍କ ଭିତରେ ଅନେକ ଭିନ୍ନତା ଥିବାବେଳେ, ଆଜି ଶଙ୍କର ହିଁ ଈଶ୍ୱର ହୋଇଯାଇଛନ୍ତି । କୋଟିଶ୍ୱର କହିଲେ କୋଟିଏ ଟଙ୍କାର ଅଧିପତି । ଲକ୍ଷାଧିଶ୍ୱର କହିଲେ ଲକ୍ଷ ଲକ୍ଷ ଟଙ୍କାର ଅଧିପତି, ଭୋଗେଶ୍ୱର କହିଲେ ଭୋଗର ଅଧିପତି, ଯୋଗେଶ୍ୱର କହିଲେ ଯୋଗର ଅଧିପତି ବୋଲି ଜଣାଯାଉଛି । ସେହିଭଳି ଈଶ୍ୱର ଶବ୍ଦ ପାଇଁ ଅଧିପତି ଶବ୍ଦ ରହିଛି ବୋଲି ବିଶଦ ଭାବରେ ଜଣାଯାଉଛି । ସର୍ବପ୍ରପଞ୍ଚର ଅଧିପତି ହୋଇଥିବା ପରମାତ୍ମାଙ୍କୁ ବ୍ରହ୍ମବିଦ୍ୟାରେ ଈଶ୍ୱର କୁହାଯାଇଛି । ପ୍ରକୃତିର ଅଧିପତି ହୋଇଥିବା ପରମାତ୍ମାଙ୍କୁ ଜାଣିବା ପାଇଁ ଭାବର ସହିତ ଲିଙ୍ଗ ରଖାଯାଇଥିବା ବେଳେ ତାହାକୁ ଗଳାରେ ସାପ ଧାରଣ କରିଥିବା ଶଙ୍କର ବୋଲି ତୁଳନା କରିବା ଅର୍ଥହୀନ ।

ଆଦିକାଳରେ ଥିବା ଜ୍ଞାନ ଆଜି ଓଲଟି ଯାଇଛି । ତା'ର କାରଣ ହେଉଛି ମତ(ଧର୍ମ) ଭିତରେ ଫାଟ, ଧର୍ମାନ୍ଧତା ଆଉ ସ୍ୱାର୍ଥ । ପ୍ରାଚୀନ କାଳରେ ଗୋଟିଏ ମତ ଥିଲା । କାଳକ୍ରମେ ଗୋଟିଏ ମତରୁ ନାନା ମତ ହୋଇଛି । ପ୍ରଥମ ମତ ଭାବରେ ଥିଲା 'ଇନ୍ଦୁମତ' । ସେହି ମତ ଆଜି 'ହିନ୍ଦୁମତ' ବା ହିନ୍ଦୁଧର୍ମ ହୋଇଯାଇଛି । ପ୍ରଥମେ ଇନ୍ଦୁମତର କିଛିଲୋକ ଆଉ ଗୋଟିଏ ଦଳ ହୋଇ ଆମେ ବଡ ବୋଲି ଉଦ୍ଦେଶ୍ୟ ରଖି ଆମେ ଅଲଗା, ଆମର ମତ 'ଶୈବମତ' । ଶୈବମତର ଆରାଧ ଶିବ, ସେହି ଶିବ ହିଁ ଲିଙ୍ଗ, ସେହି ଲିଙ୍ଗକୁ ଯେଉଁମାନେ ଆରାଧନା କରନ୍ତି ସେମାନେ ଶୈବ ବୋଲି କହି, ଥିବା ସତ୍ୟରେ ଅନେକ ପରିବର୍ତ୍ତନ ଅଣିଥିଲେ । ଏଭଳି ସେମାନେ କରିଥିବା ଚେଷ୍ଟାରେ ଈଶ୍ୱରଲିଙ୍ଗ ନିକଟରେ ନନ୍ଦିଶ୍ୱର, ପାଖରେ ପାର୍ବତୀଙ୍କୁ ମଧ୍ୟ ଆଣି ରଖିଛନ୍ତି ।

ଶିବଙ୍କର ସ୍ତ୍ରୀ ପାର୍ବତୀ, ଶିବଙ୍କର ବାହାନ ନନ୍ଦି । ଏ ଦୁଇଜଣଙ୍କର ସମ୍ପର୍କ ଈଶ୍ୱରଲିଙ୍ଗ ସହିତ କରିଦେଲେ ଈଶ୍ୱରଲିଙ୍ଗକୁ ଶିବଙ୍କର କହିହେବ, ତେଣୁ ପାର୍ବତୀଙ୍କୁ ପାଖରେ ଏବଂ ନନ୍ଦିକୁ ସମ୍ମୁଖରେ ଶୈବମାନେ ହିଁ ରଖିଥିଲେ । ବାସ୍ତବରେ ଲିଙ୍ଗ ପ୍ରତିଷ୍ଠା ଆଗରୁ ହୋଇଥିଲା । ସ୍ୱତନ୍ତ୍ର ଭାବରେ ପାର୍ବତୀଙ୍କୁ ଆଣି ପରେ ରଖିଛନ୍ତି ସିନା, ସେହି ଲିଙ୍ଗପୀଠରେ ଏହା ସମ୍ବନ୍ଧୀତ ହୋଇପାରିଲା ନାହିଁ । ସେଥିଲାଗି ସବୁଠାରେ ପାର୍ବତୀ ମନ୍ଦିର ପାଖରେ ରହିଛି । ଅନ୍ୟପୀଠଗୁଡିକରେ ଦେବତାମାନଙ୍କର ସ୍ତ୍ରୀ ସେମାନଙ୍କ ସହିତ ରଖାଯାଇଛି, ସେମାନଙ୍କ ବାହାନ ମଧ୍ୟ ସେମାନଙ୍କ ପାଖରେ ରହିଛନ୍ତି, କିନ୍ତୁ ପୂର୍ବରୁ ଥିବା ଈଶ୍ୱରଲିଙ୍ଗକୁ କିଛି କରିନପାରି ପାର୍ବତୀ ଏବଂ ନନ୍ଦିକୁ ଅଲଗା ରଖିଛନ୍ତି । ଲିଙ୍ଗଠାରୁ ଦୂରରେ ନନ୍ଦିକୁ ରଖି ତା' ବାବଦରେ ମଧ୍ୟ ଏକ କଟୁକଥା ବର୍ଣ୍ଣନା କରିଦେଇଛନ୍ତି । ଆକାର ନଥିବା ଦୈବ ଭାବରେ ଚିହ୍ନିବା ପାଇଁ ଏକ ମୁଖାକୃତି କିମ୍ୱା ଶରୀରକୃତି ନଥିବା ପଥରକୁ ଶଙ୍କର ବର୍ଣ୍ଣନା କରିବା ପାଇଁ ମଧ୍ୟ କାହାଣୀ ଗଢି, ଅଭିଶାପ ଦ୍ୱାରା ଶଙ୍କର ପଥର ପାଲଟିଯାଇଛନ୍ତି ବୋଲି କଳ୍ପନା କରିଛନ୍ତି ।

ସେ ଯାହା ବି ହେଉ ଚାଲାକ୍ ଲୋକମାନେ ଈଶ୍ୱରଲିଙ୍ଗ ସହିତ ପାର୍ବତୀ ଆଉ ନନ୍ଦିଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସହଜରେ ଜାଣି ପାରିବେ । ଆଜିର କାଳରେ ମଧ୍ୟ କେଉଁଠି କେଉଁଠି ଈଶ୍ୱରଲିଙ୍ଗ ପ୍ରତିଷ୍ଠିତ ଦେବାଳୟଗୁଡିକରେ ପାର୍ବତୀ ନାହିଁ, କେବଳ ନନ୍ଦି କିଛି ଦୂରରେ ସମ୍ମୁଖରେ ରହିଛି । ସ୍ୱତନ୍ତ୍ର ଭାବରେ ପାର୍ବତୀମନ୍ଦିର ତିଆରି କରିବାପାଇଁ ଅଧିକ ଖର୍ଚ୍ଚ ହେବ ବୋଲି ପାର୍ବତୀଙ୍କୁ ଛାଡି କେବଳ କମ୍ ଖର୍ଚ୍ଚର ନନ୍ଦିକୁ ବସାଇଥିବା ମନ୍ଦିର ମଧ୍ୟ ଦେଖିବାକୁ ମିଳୁଛି ।

ଜ୍ଞାନର ଦୀପ ଲିଭେ ନାହିଁ, ତେଣୁ ଆଜି ବହିର୍ଗତ ହେଉଛି ବୋଲି ଆମେ ଭାବୁଛୁ । ପୂର୍ବର ଜ୍ଞାନୀମାନେ କେତେ ବିଚାରପୂର୍ବକ ଜ୍ଞାନଯୁକ୍ତ ଈଶ୍ୱରମନ୍ଦିର କରିଥିବା ବେଳେ, ଆଜି ତାହା ଶଙ୍କରମନ୍ଦିର ବା ଶିବମନ୍ଦିର ହେବା ଆମର ଦୁର୍ଭାଗ୍ୟ; ତଥାପି ବଡମାନଙ୍କର କୃଷି ନିଷ୍ଫଳ ନୁହେଁ । ଆଜି ମଧ୍ୟ କେତେକ ସ୍ଥାନରେ ଈଶ୍ୱର ଲିଂଗ ଥିବା ଦେବାଳୟକୁ ଈଶ୍ୱରାଳୟ ବୋଲି କହୁଛନ୍ତି । ଈଶ୍ୱର ଅଲଗା ଆଉ ଶିବ ଅଲଗା । ଈଶ୍ୱର କହିଲେ ଅଧିପତି ବୋଲି ଆଗରୁ ଜଣାଇଛୁ । ଶିବ କହିଲେ ତ୍ରିମୂର୍ତ୍ତିଙ୍କ ଭିତରୁ ଜଣେ । ସେହି ତ୍ରିମୂର୍ତ୍ତିଙ୍କର ଅଧିପତି ମଧ୍ୟ ଜଣେ ! ସେହି ଜଣକ ହେଉଛନ୍ତି ଈଶ୍ୱର ବା ପରମାତ୍ମା ।

*****

# ୩. ଆକାର (ରୂପ) ପ୍ରତିଷ୍ଠା

ଆଦିକାଳରେ ହିଁ ଈଶ୍ୱର ଲିଙ୍ଗ ପ୍ରତିଷ୍ଠା ହୋଇଥିଲା ବୋଲି ଜାଣିଲେ । ଏହା ଆକାର ନଥିବା ଈଶ୍ୱରଙ୍କ ବାବଦରେ ଜଣାଇଥାଏ । ଆକାର ନଥାଇ ଅଣୁଅଣୁ ହୋଇ ବ୍ୟାପିରହିଥିବା ପରମାତ୍ମା ବା ଈଶ୍ୱରଙ୍କ ବାବଦରେ ମାନବକୁ ଜଣାନଥାଏ । ଈଶ୍ୱରଙ୍କ ବିଷୟ ଏକୈକ ଈଶ୍ୱରଙ୍କୁ

ଜଣାଥାଏ । ତେଣୁ ତାଙ୍କ ବିଷୟ ସ୍ୱୟଂ ସେ ହିଁ ଆସି ମାନବକୁ ଜଣାଇଥା'ନ୍ତି । ସ୍ୱୟଂ ମାନବ ଈଶ୍ୱରଙ୍କ ବାବଦରେ ଜାଣିପାରିବ ନାହିଁ । ତେଣୁ ଧର୍ମକୁ ଈଶ୍ୱର ହିଁ ଆସି ଜଣାଇଥା'ନ୍ତି । ମାନବ ଧର୍ମର ପ୍ରତିଷ୍ଠା କରିପାରିବ ନାହିଁ । ରୂପ ନଥିବା ଈଶ୍ୱର ତାଙ୍କ ଧର୍ମ ଜଣାଇବା ପାଇଁ ଏକ ରୂପକୁ କଳ୍ପନାକରି ସେହି ରୂପ ଦ୍ୱାରା ଜଣାଇବାକୁ ଥିବା ଜ୍ଞାନକୁ ଧର୍ମଯୁକ୍ତ ଭାବରେ ଜଣାଇ ଚାଲିଯାଇଥାନ୍ତି । ଏହିଭଳି ନିରାକାର ପରମାତ୍ମା ଯେଉଁ ରୂପ ନେଇ ଜନ୍ମ ହୋଇଥା'ନ୍ତି ସେହି ରୂପକୁ ଭଗବାନ କୁହାଯାଏ । ଭଗରୁ ଯିଏ ଜନ୍ମ ହୋଇଥା'ନ୍ତି ତାଙ୍କୁ ଭଗବାନ କୁହାଯାଏ । ସମସ୍ତ ଶରୀରରେ, ସମସ୍ତ ଜଡପଦାର୍ଥରେ, ସାରାବିଶ୍ୱରେ ଅଣୁ ଅଣୁ ହୋଇ ବ୍ୟାପିରହିଥା'ନ୍ତି ପରମାତ୍ମା । ଆଦିରୁ ଅନ୍ତ ପର୍ଯ୍ୟନ୍ତ ବ୍ୟାପିରହିଛନ୍ତି ସେ, ସେ ଏକ ଶରୀର ଧାରଣ କରି ସେଥିରେ ନିବାସ କରୁଥିବା ବେଳେ ସେହି ଶରୀରକୁ ବା ତାଙ୍କୁ ଭଗବାନ କୁହାଯାଏ ।

ସାରା ବିଶ୍ୱରେ ବ୍ୟାପିରହିଥିବା ରୂପହୀନ ପରମାତ୍ମାଙ୍କ ବିଷୟରେ ଜଣାଇବା ପାଇଁ ପ୍ରତିରୂପ ଭାବରେ ଲିଙ୍ଗ ପ୍ରତିଷ୍ଠା ହୋଇଥିଲା । ସେହି ପରମାତ୍ମା ବେଳେବେଳେ ତାଙ୍କର ଆବଶ୍ୟକ ସମୟରେ ନିଜ ବିଷୟ ଜଣାଇବା ନିମନ୍ତେ ସ୍ୱୟଂ ଏକ ଶରୀର ଧାରଣ କରି ଜନ୍ମ ହୋଇଥା'ନ୍ତି ବୋଲି ଜଣାଇବା ବିଷୟକୁ ଏକ ସଂକେତ ଭାବରେ, ଆକାର ଥିବା ଈଶ୍ୱରଙ୍କୁ ମଧ୍ୟ ଦେଖାଇବା ନିମନ୍ତେ ଶରୀର ପ୍ରତିମା ଭାବରେ ରହିଥିବା ଆଳୟ ମଧ୍ୟ ପୂର୍ବର ଜ୍ଞାନୀମାନେ ନିର୍ମାଣ କରିଥିଲେ । ସାରା ଦୁନିଆରେ ସର୍ବପ୍ରଥମେ ଈଶ୍ୱର ଲିଙ୍ଗ ଥିବା ଦେବାଳୟ ନିର୍ମାଣ ହୋଇଥିବା ସ୍ଥଳେ, କିଛିକାଳ ପରେ ସେହି ପରମାତ୍ମା ହିଁ ସ୍ୱୟଂ ମଣିଷ ରୂପରେ ଆସିଥା'ନ୍ତି ବୋଲି ଜାଣିଥିବା ଜ୍ଞାନୀମାନେ ଆକାର ଥିବା ଈଶ୍ୱରଙ୍କୁ ଚିହ୍ନାଇବା ପାଇଁ ଅନ୍ୟ ଏକ ପ୍ରକାରର ଦେବାଳୟ ନିର୍ମାଣ କରିଥିଲେ । ସେ କାଳରେ ଈଶ୍ୱରଲିଙ୍ଗ ଦେବାଳୟ ତିଆରିହେବା ପରେ ପ୍ରତିମା ଥିବା ଦେବାଳୟ

ତିଆରି ହୋଇଥିଲା, ତାହା ଥିଲା ଶ୍ରୀରଙ୍ଗ ଦେବାଳୟ । ପରମାତ୍ମା ଗର୍ଭରୁ ଜନ୍ମ ହୋଇଥା'ନ୍ତି ବୋଲି ଦେବାଳୟ ସୂଚିତ କରିଥାଏ, ସେଥିଲାଗି ଏହି ଦେବାଳୟରେ ଥିବା ରଙ୍ଗନାଥଙ୍କର କୌଣସି ଇତିହାସ ନାହିଁ । ଯେଉଁମାନଙ୍କର ଇତିହାସ ଅଛି ସେମାନଙ୍କ ପାଇଁ ପରେ ପରେ ଅନେକ ଦେବାଳୟ ନିର୍ମାଣ ହୋଇଥିଲା ସିନା ଶ୍ରୀରଙ୍ଗ ଦେବାଳୟର କୌଣସି ଗତଗାଥା ନାହିଁ । ଆକାର ନଥିବା ନିରାକାର ପରମାତ୍ମା ସାକାର ଭାବରେ ଆସିଥିବା ଚିହ୍ନକୁ ଦେଖାଇବା ପାଇଁ ଯେଉଁ ପ୍ରତିମା ନିର୍ମିତ ହୋଇଥିଲା ତାହା ହେଉଛି ଶ୍ରୀରଙ୍ଗନାଥ ମନ୍ଦିରରେ ଥିବା ପ୍ରତିମା । ଆକାର ଥିବା ଈଶ୍ୱର ବୋଲି ଜାଣିବାପାଇଁ ଆପଣ ଏହି ରଙ୍ଗନାଥ ପ୍ରତିମାକୁ ନେଇପାରନ୍ତି । ନିର୍ବିକାର ପରମାତ୍ମାଙ୍କୁ ଲିଙ୍ଗାକୃତି ଭାବରେ ଦର୍ଶାଇ ତଳେ ଯୋନିଭାଗରୁ ଉପରକୁ ଦେଖାଯାଉଥିବା ସେହି ଲିଙ୍ଗାକୃତିରେ ତିନି ବିଭୂତିରେଖା ଆଙ୍କି, ତା ଉପରେ ଜଳ ଝରୁଥିବା ଧାରାପାତ୍ର ରଖି, ଯେଉଁମାନେ ଅନେକ ଅର୍ଥକୁ ସ୍ଥାନ ଦେଇଥିଲେ ସେହିମାନେ ହିଁ ରଙ୍ଗନାଥ ପ୍ରତିମାରେ ମଧ୍ୟ ଅନେକ ପରମାର୍ଥ ଖଞ୍ଜିଥିଲେ । ସେହି ଆକାର ଥିଲା ମହାନ ଆଧ୍ୟାତ୍ମିକ ସଂଦେଶ ।

ଏହିଭଳି ପୂର୍ବେ ତିଆରି ହୋଇଥିବା ଈଶ୍ୱର ଲିଙ୍ଗ ଏବଂ ଶ୍ରୀରଙ୍ଗ ଦେବାଳୟ ଭିତରୁ ଈଶ୍ୱରାଳୟ ବାବଦରେ ପୁରାଣ ସୃଷ୍ଟିକରି ଏହା ତ୍ରିମୂର୍ତ୍ତିଙ୍କ ଭିତରେ ଥିବା ଶଙ୍କରଙ୍କ ଆଳୟ ବୋଲି ଶୈବମାନେ କହିଥିବା ସ୍ଥଳେ, ସେମାନଙ୍କ କଥାର ବ୍ୟତିରେକ ଭାବରେ ବୈଷ୍ଣବମାନେ ସୃଷ୍ଟିହୋଇ ଶ୍ରୀରଙ୍ଗ ଦେବାଳୟ ଆମର, ତ୍ରିମୂର୍ତ୍ତିଙ୍କ ଭିତରେ ଥିବା ବିଷ୍ଣୁଙ୍କ ମନ୍ଦିର ହେଉଛି ଏଇ ଶ୍ରୀରଙ୍ଗ ମନ୍ଦିର, ଏହିପରି ପୁରାଣ କଳ୍ପନା କରି ତଦନୁଗୁଣ କହିବାକୁ ଲାଗିଲେ । ତ୍ରିମୂର୍ତ୍ତିଙ୍କ ଭିତରେ ଥିବା ଶିବ ହିଁ ଶଙ୍କର, ସେହି ଶିବ ହିଁ ମହାନ ବୋଲି ଶୈବମାନେ କହିବା ସହିତ ସେମାନଙ୍କ ପାଇଁ ଶିବପୁରାଣ ତିଆରି କରିଥିବା ସ୍ଥଳେ, ତ୍ରିମର୍ତ୍ତିଙ୍କ ଭିତରୁ ବିଷ୍ଣୁ ମହାନ କହି ବୈଷ୍ଣବମାନେ ମଧ୍ୟ ବିଷ୍ଣୁପୁରାଣ ତିଆରି କରିଥିଲେ ।



**ଭଗବାନଙ୍କର ରୂପ ପ୍ରତିଷ୍ଠା**

ଏହିଭଳି ଶୈବମାନେ ଶିବଙ୍କୁ ମହାନ କହିବା ସ୍ଥଳେ, ବୈଷ୍ଣବମାନେ ବିଷ୍ଣୁଙ୍କୁ ମହାନ କହିବାକୁ ଲାଗିଲେ । ଲିଙ୍ଗ ଆମ ମତ ବୋଲି କହିବାକୁ ଯାଇ ଶୈବମାନେ ସେମାନଙ୍କ କପାଳରେ ଈଶ୍ୱର ଲିଙ୍ଗରେ ଥିବା ତିନି ବିଭୂତି ରେଖାକୁ ଧାରଣ କରିଥିବା ସ୍ଥଳେ, ବୈଷ୍ଣବମାନେ ମଧ୍ୟ ଆମ ଦଳ ଅଲଗା ବୋଲି କହିବାକୁ ଯାଇ ଶ୍ରୀରଙ୍ଗନାଥ ପ୍ରତିମାର କପାଳରେ ଥିବା ତିଳକକୁ ସଂକେତ ଭାବରେ କପାଳରେ ଧାରଣ କରିବାକୁ ଲାଗିଲେ । ଏହିଭଳି ଇନ୍ଦୁ ମତ (ଧର୍ମ)ର ପ୍ରଥମ ଭାଗରେ ଶୈବମାନେ ଗୋଟିଏ ଦଳରେ ପରିଣତ ହୋଇ ପରେ ବୈଷ୍ଣବଭାବରେ ଆଉ ଗୋଟିଏ ଦଳରେ ପରିଣତ ହୋଇଗଲେ । ତାଛଡା ସେମାନେ ଅନ୍ୟ ସାଧାରଣ ପ୍ରଜାମାନଙ୍କୁ

ମଧ୍ୟ ଶୈବ, ବୈଷ୍ଣବ ଭାବରେ ବିଭକ୍ତ କରିଦେଲେ । ପୂର୍ବେ ଜ୍ଞାନୀମାନେ ପ୍ରଜାମାନଙ୍କୁ ଦୈବମାର୍ଗରେ ପରିଚାଳିତ କରାଇବାପାଇଁ ଚିନ୍ତାକରି ରୂପହୀନ ଈଶ୍ୱର ଆଉ ରୂପଥିବା ଈଶ୍ୱରଙ୍କୁ ସୂଚିତ କରିଥିବା ବେଳେ, ଦୈବମାର୍ଗର ବିରୁଦ୍ଧଭାବରେ ଥିବା ମାୟା ପ୍ରଜାମାନଙ୍କୁ ମାୟାମାର୍ଗରେ ପରିଚାଳିତ କରି ଶୈବ, ବୈଷ୍ଣବ କରିଦେଲା । ସେଦିନରୁ ଆଜିଯାଏ ଥିବା ଲିଙ୍ଗାକାର ବିଶିଷ୍ଟ ଦେବାଳୟ ଗୋଟିଏ ହୋଇଥିଲେ ହେଁ, ଆଜି ରୂପ ଥିବା ଅନେକ ପ୍ରତିମା ଅନେକ ଦେବାଳୟରେ ଦେଖାଯାଉଛି । ବୈଷ୍ଣବମାନେ ନାନାରୂପ ଥିବା ପ୍ରତିମାସବୁ ସ୍ଥାପନକରି ଅନେକ ଦେବାଳୟ ନିର୍ମାଣ କରିଛନ୍ତି । ପୂର୍ବେ ଉଦ୍ଦେଶ୍ୟପୂର୍ବକ ଗୋଟିଏ ପଦ୍ଧତିରେ ଶ୍ରୀରଙ୍ଗ ଦେବାଳୟ ତିଆରି ହୋଇଥିବା ବେଳେ, ତାପରେ ମାନବ ଅନ୍ୟ ଦେବତାମାନଙ୍କ ନାଆଁ ଦେଇ ଅନେକ ଦେବାଳୟ ନିର୍ମାଣ କରିବା ମାୟାଭ୍ରମ ବୋଲି କହିପାରିବା । ପ୍ରଜାମାନେ ଜ୍ଞାନ ଜାଣିବା ନିମନ୍ତେ ସାକାର ହିଁ ନିରାକାର, ନିରାକାର ହିଁ ସାକାର ବୋଲି ଦୁଇ ପ୍ରକାରର ଦେବାଳୟ ସତ୍ୟଯୁଗରେ (କୃତଯୁଗରେ) ପୂର୍ବ ଜ୍ଞାନୀମାନେ ନିର୍ମାଣ କରିଥିଲେ, ତାହା ଆଜି ଦୁଇଦଳର ହୋଇଯାଇଛି । ସତ୍ୟଯୁଗର ପ୍ରଥମାଙ୍କରେ (ପ୍ରାରମ୍ଭରେ) ହିଁ ଈଶ୍ୱରାଳୟ ଏବଂ ଶ୍ରୀରଙ୍ଗାଳୟ ନିର୍ମାଣ ହୋଇଥିଲା । ସେହି ଦେବାଳୟଗୁଡ଼ିକ ହିଁ ଆଜି ନାନାରୂପ ନେଇଛି ବୋଲି ନଜାଣି ମାନବ ଭ୍ରମିତ ହେବା ସତରେ ବଡ ଦୁଃଖଦ ବିଷୟ । ଲିଙ୍ଗ କହିଲେ ପୁରୁଷର ସଂକେତ । ସାରା ଜଗତରସ୍ୱାମୀ ଜଣେ ପୁରୁଷ ଅଛନ୍ତି ବୋଲି ଜଣାଇ, ସେହି ଜଗଦ୍‌ଭର୍ତ୍ତାଙ୍କ ତିନି ସ୍ଥିତିକୁ ଅର୍ଥାତ୍ ଜୀବାତ୍ମା, ଆତ୍ମା, ପରମାତ୍ମା ସ୍ଥିତିକୁ ସ୍ଥାନ ଦେବା ପୂର୍ବକ ଈଶ୍ୱର ଲିଙ୍ଗରେ ତିନି ବିଭୂତିରେଖା ଆଙ୍କି ଦର୍ଶାଇଥିଲେ ବଡମାନେ । ସେହିଭଳି ଯଦି ପରମାତ୍ମା ଜନ୍ମ ନିଅନ୍ତି ତେବେ ପୁରୁଷ ରୂପରେ ହିଁ ଆସି ଜନ୍ମ ହୋଇଥା'ନ୍ତି ବୋଲି ପୁରୁଷାକାର ହୋଇଥିବା ରଙ୍ଗନାଥ ପ୍ରତିମାକୁ ସ୍ଥାପନ କରି ଦର୍ଶାଇଥିଲେ ବଡମାନେ । 'ଶ୍ରୀ' କହିଲେ ଶୁଭଙ୍କରୀ ହୋଇଥିବା ମୋକ୍ଷ । ସେହିଭଳି

'ରଂ' ହେଉଛି ମନ୍ତ୍ରର ବୀଜାକ୍ଷର । ବୀଜାକ୍ଷର ହୋଇଥିବା 'ରଂ' ବିନାଶର ସୂଚକ ହୋଇଥିବା ସ୍ଥଳେ 'ଗ' ର ଅର୍ଥ ହେଉଛି ଗତି । ତେଣୁ 'ରଙ୍ଗ' କହିଲେ ଜନ୍ମ ମରଣ ନାମକ ଗତିକୁ ଯାହା ବିନାଶ କରିଥାଏ । ଜନ୍ମ ମରଣ ଅର୍ଥାତ୍ କର୍ମଗତିକୁ ଯିଏ ବିନାଶ କରିଥାଏ ସେ ଶ୍ରୀରଙ୍ଗ ବୋଲି ଅର୍ଥ ମିଳିଥାଏ । ତେଣୁ ନିରାକାରଙ୍କ ସାକାର ରୂପକୁ ଅର୍ଥ ସହିତ ଶ୍ରୀରଙ୍ଗ ବୋଲି ନାଆଁଟିଏ ରଖିଥିଲେ । ଶୂନ୍ୟ ହୋଇଥିବା ପରମାତ୍ମା ସ୍ଥିତିରୁ ଜନ୍ମ ହୋଇ ଆସିଥିବା ପାତ୍ରର ପ୍ରତିମା ବା ଭୂପୃଷ୍ଠରେ ଜନ୍ମହୋଇ ମୃତ୍ୟୁବରଣ କରିବା ପାଇଁ, କର୍ମ ସୃଷ୍ଟିକରି ସାଥିରେ ନେଇ ଆସୁଥିବା ଭଗବାନଙ୍କ ପ୍ରତିମା ସାଧାରଣ ପ୍ରତିମା ନୁହେଁ ବୋଲି ଶ୍ରୀରଙ୍ଗ ନାମରେ ଏକ ସ୍ୱତନ୍ତ୍ର ପ୍ରତିମା ସ୍ଥାପନ କରିଥିଲେ । ଏହିଭଳି ଇତିହାସ ନଥିବା ପାତ୍ରକୁ ପ୍ରତିମା ଭାବରେ ସ୍ଥାପନ କରିବାରେ ପରମାତ୍ମା ନିରାକାର, ତାଙ୍କର ଗତଜନ୍ମ ନଥାଏ ଏବଂ ସେ ସର୍ବତ୍ର ବ୍ୟାପୀ ରହିଥିବା ଶୁନ୍ୟ ବୋଲି ଅର୍ଥ ମିଳିଥାଏ । ଜନ୍ମ ହେଉଥିବା ସାଧାରଣ ପାତ୍ର ଗ୍ରହ, ବିଗ୍ରହ ହୋଇପାରେ ସିନା, ଯାହାର ଜନ୍ମ ନଥାଏ ସେ ଗ୍ରହ, ବିଗ୍ରହ ହୋଇପାରିବ ନାହିଁ । ତେଣୁ ଶ୍ରୀରଙ୍ଗର ପ୍ରତିମା ଏକ ବିଗ୍ରହ ନୁହେଁ, ଅନ୍ୟ ପ୍ରତିମାଗୁଡିକ ବିଗ୍ରହ । ପୂର୍ବେ ଏହିଭଳି ରୂପହୀନର ରୂପକଳ୍ପନା କରି ଭଗବାନ ହୋଇ ପରମାତ୍ମା ଆସିଥା'ନ୍ତି ବୋଲି ସୂଚିତ କରିଥିଲେ, କିନ୍ତୁ କାଳକ୍ରମେ ପୂର୍ବର ଜ୍ଞାନୀମାନେ ରଖିଥିବା ଭାବ ଜ୍ଞାନଶୂନ୍ୟ ହୋଇଯାଇଛି । ଆଜିର କାଳରେ ଦେବାଳୟଗୁଡ଼ିକ ଇତିଗାଥା ଥିବା ପାତ୍ରମାନଙ୍କର ହୋଇଯାଇଛି । ଜନ୍ମ ମରଣ ନଥିବା ରଙ୍ଗନାଥ ଦେବାଳୟ ଆଜି କେଉଁଠି କେଉଁଠି ରହିଥିବା ସ୍ଥଳେ ମୃତ୍ୟୁବରଣ କରି ପୁନଃ ଜନ୍ମ ହେଉଥିବା ଦେବତାମାନଙ୍କର ଆଳୟ ଆଜି ଅନେକ ତିଆରି ହୋଇଗଲାଣି । ଶେଷରେ ଶହେବର୍ଷ ତଳେ ମୃତ୍ୟୁବରଣ କରିଥିବା ପାତ୍ରମାନଙ୍କୁ ମଧ୍ୟ ଦେବାଳୟରେ ସ୍ଥାନ ଦେଇ ଲୋକେ ମୁଣ୍ଡିଆ ମାରିବାକୁ ଲାଗିଲେଣି । ଏସବୁ ମାୟା ଭ୍ରମ ବୋଲି ସ୍ପଷ୍ଟ ଭାବରେ ବୁଝିହେଉଛି । ପରମାତ୍ମାଙ୍କୁ କେହି ନଜାଣନ୍ତୁ ତଦନୁଗୁଣ ପରମାତ୍ମା ଜ୍ଞାନଠାରୁ ମଣିଷକୁ

ଦୂରରେ ରଖିବା ମାୟାର କାର୍ଯ୍ୟ ହୋଇଥାଏ । ତେଣୁ ମାୟା ପ୍ରଭାବରେ ପ୍ରଭାବିତ ହୋଇଥିବା ଲୋକମାନେ ଭକ୍ତିମାର୍ଗରେ ଥିଲେ ମଧ୍ୟ ତାହା ସେମାନଙ୍କର ପରମାତ୍ମାଭକ୍ତି ନହୋଇ ମାୟାଭକ୍ତି ହୋଇ ରହିଛି ବୋଲି ଜଣାଯାଉଛି ।

ଆଜି ମଧ୍ୟ ବେଳ ଗଡିଯାଇ ନାହିଁ ବୋଲି କହିପାରିବା । ଆମ ପ୍ରଥାଗୁଡିକୁ, ବଡମାନେ ଦେଖାଇ ଯାଇଥିବା ପଥକୁ ଉଚିତ୍ ଢଙ୍ଗରେ ଜାଣି ସମ୍ମାନ ଦେବା ଉଚିତ୍, ସେମାନଙ୍କ ଉଦ୍ଦେଶ୍ୟ ଅନୁସାରେ ଜନ୍ମରହିତ କରାଉଥିବା ଭକ୍ତିମାର୍ଗକୁ ଅନୁସରଣ କରିବା ଉଚିତ୍ । ଗ୍ରହମାନଙ୍କ ଆରାଧନା ଛାଡି ଭଗବାନଙ୍କ ଆରାଧନା କରିବା ଉଚିତ୍ । ଆଳୟଗୁଡିକରେ ରହିଥିବା ସବୁ ପ୍ରତିମାଗୁଡିକ ପରମାତ୍ମାଙ୍କ ପ୍ରତିରୂପ ନୁହେଁ ବୋଲି ଜ୍ଞାନ କରିବା ଉଚିତ୍ । ଜ୍ଞାନ ମିଶି ରହିଥିବା ଦେବାଳୟଗୁଡିକୁ ଦର୍ଶନକରି ସେଥିରେ କ'ଣସବୁ ଜ୍ଞାନ ରହିଛି ଜାଣିବା ଉଚିତ୍ । ଇନ୍ଦୁମତରେ ସନାତନ ଧର୍ମ ରହିଛି, ହେଲେ ତାହା କୌଣସି ମତର ବିରୁଦ୍ଧ ଭାବରେ ରହିନାହିଁ ବୋଲି ଜାଣିବା ଉଚିତ୍ । ଆମ ମତରେ ଆମ ପାଇଁ କ'ଣ ଜ୍ଞାନ ରହିଛି ତାହା ଜାଣି ନପାରିଲେ ଆମ ମତ (ଧର୍ମ)ରେ କିଛି ନାହିଁ ବୋଲି ଭାବ ଜାଗ୍ରତ ହୋଇ, ଆମ ପାଇଁ ମତ ପରିବର୍ତ୍ତନ କରିବା ଦୁର୍ଯୋଗ ମଧ୍ୟ ସୃଷ୍ଟି କରିପାରେ ।

*****

# ୪. ମାଆ ବଡମାଆ

ସାରା ବିଶ୍ୱରେ ଅଣୁ ଅଣୁ ଭାବରେ ବ୍ୟାପିରହି ସମସ୍ତଙ୍କଠାରେ ମଧ୍ୟ ରହିଥିବା ପରମାତ୍ମାଙ୍କୁ ରୂପନାମ ନଥିବା ଈଶ୍ୱର ଭାବରେ ଜଣାଇ ଲିଙ୍ଗରୂପକୁ ନିର୍ମାଣ କରିଥିଲେ ଜ୍ଞାନୀମାନେ । ସେହି ଈଶ୍ୱର ତାଙ୍କରି ବିଷୟ ମାନବକୁ ଜଣାଇବା ପାଇଁ ନିଜର କୋଟି କୋଟି ଅଂଶରୁ ଏକମାତ୍ର ଅଂଶ

ଦ୍ୱାରା ଆକାର ଥିବା ଭଗବାନ ହୋଇ ଜନ୍ମ ହୋଇଥା'ନ୍ତି ବୋଲି ଜଣାଇବା ପାଇଁ ସେମାନେ ଆକାର ଥିବା ପ୍ରତିମାର ରୂପକଳ୍ପନା କରିଥିଲେ । ଏହିଭଳି ସର୍ବପ୍ରଥମେ ଈଶ୍ୱରଲିଙ୍ଗ, ତାପରେ ଭଗବାନଙ୍କୁ ସୂଚିତ କରୁଥିବା ପ୍ରତିମା ରୂପକୁ ନିର୍ମାଣ କରିଥିଲେ । ଏବେ ଏଇଠାରେ ସଂଦେହ ଆସି ଭୂପୃଷ୍ଠରେ ସ୍ତ୍ରୀ ଦେବତାମାନେ ମଧ୍ୟ ଅନେକ ଅଛନ୍ତି, ସେମାନଙ୍କ ପାଇଁ ମଧ୍ୟ ନାନା ଦେବାଳୟ ନିର୍ମାଣ କରାଯାଉଛି, ସେମାନଙ୍କ ବିଷୟରେ କ'ଣ କହିବେ ବୋଲି ପ୍ରଶ୍ନ କରିପାରନ୍ତି, ତା'ର ସମାଧାନ କିପରି ଥାଏ ନିମ୍ନ ବିବରଣୀକୁ ଲକ୍ଷ୍ୟ କରନ୍ତୁ ।

ଆଦି ମଧ୍ୟାନ୍ତ ରହିତ କହିଲେ ଆରମ୍ଭ, ମଝି ଆଉ ଶେଷ ନଥିବା ପାତ୍ର ବୋଲି ବୁଝାଯାଏ । ଆଉ ଏକ ଦିଗରୁ ଅର୍ଥକଲେ ଆରମ୍ଭ କହିଲେ ଜନ୍ମ, ବଢିବା ବା ବଞ୍ଚିବା ସମୟକୁ ମଧ୍ୟ, ମରଣକୁ ଅନ୍ତ କହିପାରିବା । ଏହାକୁ ଛୋଟ ବାକ୍ୟଟିଏ କରି କହିଲେ ଯାହାର ଜନ୍ମମରଣ ନାହିଁ ସେ ବୋଲି କହିପାରିବା । ଆଦିମଧ୍ୟାନ୍ତ ରହିତ କହିଲେ ଏହା ଈଶ୍ୱରଙ୍କର ଏକ ନାମ ନୁହେଁ! ତାଙ୍କର ମହାନତାକୁ ବା ତାଙ୍କର ସ୍ଥିତିକୁ ବୁଝାଉଥିବା ଏକ ଭାବ । ତେଣୁ ଏହା ତାଙ୍କର ଏକ ଉପାଧି କହିଲେ ମଧ୍ୟ ଅତ୍ୟୁକ୍ତି ହୁଏ ନାହିଁ । ସେହିଭଳି 'ପ୍ରଭୂ' କହିଲେ, 'ଭୂ' ଅର୍ଥାତ୍ ଜନ୍ମ ହୋଇଛି 'ପ୍ର' କହିଲେ ମୁଖ୍ୟତଃ ବା ସାରାଂଶ, ଅର୍ଥାତ୍ ଯିଏ ମୁଖ୍ୟ ଭାବରେ ବା ସାରତଃ ଜନ୍ମ ହୋଇଛି ସେ ବୋଲି ଅର୍ଥ ମିଳିଥାଏ । ତେଣୁ ପ୍ରଭୂ କହିଲେ ମଧ୍ୟ ଏହାକୁ ଏକ ନାମ ଭାବରେ ନେଇ ପାରିବା ନାହିଁ ।

ସର୍ବ ସୃଷ୍ଟିରେ କ୍ଷର, ଅକ୍ଷର ନାମକ ଦୁଇ ପୁରୁଷ ଥିବାବେଳେ ସେମାନଙ୍କଠାରୁ ଅତୀତ ହୋଇ, ଅଲଗା ହୋଇ, ଉନ୍ନତ ଭାବରେ ଥିବା ପରମାତ୍ମାଙ୍କୁ ପୁରୁଷୋତ୍ତମ କୁହାଯାଇଛି । ପୁରୁଷୋତ୍ତମ କହିଲେ ମଧ୍ୟ ଏହା ତାଙ୍କର ଏକ ନାମ ନୁହେଁ ତାଙ୍କର ସ୍ଥିତିକୁ ବୁଝାଉଥିବା ଏକ ଉପାଧି । ପରମାତ୍ମାଙ୍କର ଏକ ନିବାସ ସ୍ଥଳ କି କୌଣସି ଗ୍ରାମ ନାହିଁ । କୌଣସି

ଚିହ୍ନିତ ସ୍ଥାନ ନଥାଇ ସେ ସାରା ବିଶ୍ୱରେ ବ୍ୟାପୀରହିଛନ୍ତି । ନିବାସ ସ୍ଥଳକୁ ଧାମ କୁହାଯାଏ । ତେଣୁ କୌଣସି ନିବାସ ବା ଧାମ ନଥିବା ସ୍ଥିତିକୁ ପରମଧାମ କୁହାଯାଇଛି । ପରମାଧାମ କହିଲେ ଈଶ୍ୱର ବା ପରମାତ୍ମାଙ୍କ ବ୍ୟାପକତାକୁ ସୂଚଉଥିବା ଏକ ଶବ୍ଦ ସିନା ନାମ ନୁହେଁ । ଆତ୍ମା ଜୀବାତ୍ମା ଦୁହେଁ ପରମାତ୍ମାଙ୍କ ଅଂଶରେ ଅଛନ୍ତି । ଜୀବାତ୍ମା ଅପେକ୍ଷା ଆତ୍ମା ଅତି ମହାନ ହୋଇଥିବା ସ୍ଥଳେ, ଆତ୍ମା ଅପେକ୍ଷା ଭିନ୍ନ, ଉନ୍ନତ, ଉତ୍ତମ ଭାବରେ ରହିଥା'ନ୍ତି ପରମାତ୍ମା । ପର କହିଲେ ଅଲଗା । ତେଣୁ ପରମାତ୍ମା କହିଲେ ଅଲଗା ଥିବା ବା ଆତ୍ମାଠାରୁ ଉତ୍ତମ ଭାବରେ ଥିବା ସ୍ଥିତି । ପରମାତ୍ମା ନାମକ ଏହି ସ୍ଥିତି ମଧ୍ୟ ଏକ ନାମ ନୁହେଁ ବୋଲି ଜାଣିବା ଉଚିତ୍ ।

ବିଶ୍ୱର ସମସ୍ତେ ଯାହାର ଇସାରାରେ ନାଚିଥା'ନ୍ତି ତାହା ହେଉଛି କର୍ମ, ଭାଗ୍ୟ, କପାଳଲିଖନ ବା ଦଇବଦଉଡି ବୋଲି ସମସ୍ତେ ଜାଣିଛେ । କେହି ସ୍ୱତଃ କୌଣସି ନିର୍ଣ୍ଣୟ ନେଇପାରି ନଥାଏ, କେହି କୌଣସି କାର୍ଯ୍ୟ କରିପାରି ନଥାଏ । ସମସ୍ତେ ଏହି କର୍ମର ଅଧିନରେ ରହି କର୍ମ ଅନୁସାରେ ବଞ୍ଚିଥା'ନ୍ତି, ହେଲେ ଏକୈକ ପରମାତ୍ମା ଯେ କି କର୍ମ ଅଧିନରେ ନଥା'ନ୍ତି । ସମସ୍ତଙ୍କୁ ନଚଇ ପାରୁଥିବା କର୍ମ ପରମାତ୍ମାଙ୍କୁ ଅଧିନରେ ରଖିପାରେ ନାହିଁ, ପରମାତ୍ମାଙ୍କ ଅଧିନରେ ରହିଥାଏ କର୍ମ । କିଛି କରିବାକୁ ଇଚ୍ଛାକଲେ ପରମାତ୍ମା ସ୍ୱୟଂ ନିର୍ଣ୍ଣୟ ନେଇ କରିପାରନ୍ତି । ନିଜେ ବା ଖୁଦ୍ ଇଚ୍ଛାକରି କିଛି କରିପାରୁଥିବାରୁ ତାଙ୍କୁ ସେହି ଅର୍ଥରେ ଚିହ୍ନିବା ପାଇଁ ଖୁଦା ନାମରେ କୁହାଯାଇଛି । ଖୁଦା କହିଲେ ଯାହାର ନିର୍ଣ୍ଣୟାଧିକାର ରହିଛି । ତେଣୁ ଏହା ମଧ୍ୟ ଏକ ଉପାଧି ହେବ, ଖୁଦା ମଧ୍ୟ ଏକ ନାମ ନୁହେଁ ।

ପରମାତ୍ମା ଦେଖାଯାଆନ୍ତି ନାହିଁ, ଶୁଣାଯାଆନ୍ତି ନାହିଁ, ସେ କୌଣସି ଇନ୍ଦ୍ରିୟକୁ ମଧ୍ୟ ଜଣାପଡନ୍ତି ନାହିଁ, ସେ ଇନ୍ଦ୍ରିୟାତୀତ । ଶରୀରରେ ଥିବା କୌଣସି ପାତ୍ର କୌଣସି ସାଧନା ଦ୍ୱାରା ତାଙ୍କୁ ଜାଣିପାରେ ନାହିଁ । ଯୋଗୀମାନେ ମଧ୍ୟ ତାଙ୍କୁ ବ୍ୟକ୍ତ କରିପାରନ୍ତି ନାହିଁ । ସାରା ଦୁନିଆରେ

ବ୍ୟାପୀ, ଆମ ଭିତରେ, ଆମଠାରୁ ବାହାରେ ମଧ୍ୟ ବ୍ୟାପକ ଭାବରେ ଥିବା ପରମାତ୍ମା କାହାକୁ କୌଣସି ଉପାୟରେ ଗୋଚର ହୁଅନ୍ତି ନାହିଁ । ତେଣୁ ତାଙ୍କୁ ଅବ୍ୟକ୍ତ କୁହାଯାଏ, ଅଗୋଚର କୁହାଯାଏ । ଏହି ଶବ୍ଦ ଦୁଇଟି ମଧ୍ୟ ତାଙ୍କର ଏକ ଏକ ଉପାଧି ହେବ, ନାମ ହେବନାହିଁ ।

ଯାହାର ସମସ୍ତଙ୍କ ଉପରେ ଆଧିପତ୍ୟ ଥାଏ ତାଙ୍କୁ ରାଜା କହୁଛେ । ସମସ୍ତଙ୍କଠାରୁ ବଡ ରାଜା । କିଛି ରାଜ୍ୟର ଅଧିକାରୀ ହୋଇ ନିଜର ଅଧିକାର ଦ୍ୱାରା ପ୍ରଜାମାନଙ୍କଠାରୁ କିଛି ଅମଳ କରିପାରୁଥିବା ଶକ୍ତି ରାଜାଙ୍କର ଥାଏ । ତାଙ୍କ ରାଜ୍ୟରେ ଥିବା ସମସ୍ତଙ୍କଠାରୁ ମହାନ ହୋଇ, ସମସ୍ତଙ୍କ ଉପରେ ଅଧିକାର ନେଇ, ସମସ୍ତଙ୍କୁ ଶାସନ କରିପାରନ୍ତି ରାଜା । ସେହିଭଳି ଏହି ସାରା ବିଶ୍ୱ ପରମାତ୍ମାଙ୍କର ରାଜ୍ୟ ଭଳି । ସେ ସର୍ବତ୍ର ବ୍ୟାପିରହି ସମସ୍ତଙ୍କ ଉପରେ ଅଧିକାର ଜମାଇ ରହିଥା'ନ୍ତି । ପରମାତ୍ମା ପ୍ରତି ଜୀବରାଶି ଉପରେ ତାଙ୍କ ନିର୍ମିତ ପ୍ରକୃତି ଦ୍ୱାରା ଅଧିକାର ଅମଳ କରାଇଥା'ନ୍ତି, ସେ ସମସ୍ତେ ଥିବା ପ୍ରକୃତିକୁ ଅଧିନରେ ରଖି ସମସ୍ତଙ୍କୁ କଣ୍ଢେଇ ଭଳି ନଚାଇଥାନ୍ତି । ସର୍ବ ବିଶ୍ୱରେ ତାଙ୍କଠାରୁ ବଳି ଆଉ କେହି ମହାନ ନଥା'ନ୍ତି, ତାଙ୍କ ଆଜ୍ଞାକୁ ଅତିକ୍ରମ କରୁଥିବା ପାତ୍ର କେହି ନଥିବାରୁ ସେ ସମସ୍ତଙ୍କର ରାଜା । ରାଜା ନାମକ ଶବ୍ଦ ମଧ୍ୟ ତାଙ୍କର ନାମ ନୁହେଁ, ସେ ସର୍ବସ୍ୱର ଅଧିପତି ହୋଇଥିବାରୁ ତାଙ୍କୁ ପରମେଶ୍ୱର କୁହାଯାଏ, ଏହା ମଧ୍ୟ ତାଙ୍କର ଏକ ନାମ ନୁହେଁ ।

ସମସ୍ତଙ୍କଠାରୁ, ସବୁଠାରୁ ମହାନ ହେଉଛନ୍ତି ପରମାତ୍ମା । ପରମାତ୍ମାଙ୍କଠାରୁ ବଳି ସାରା ଜଗତରେ, ସାରା ବିଶ୍ୱରେ କେହି ନାହାନ୍ତି, ତେଣୁ ସମସ୍ତଙ୍କଠାରୁ ମହାନ ହୋଇଥିବା ପରମାତ୍ମାଙ୍କୁ ବୃହତ୍ତ ବା ବଡ ବୋଲି କହିଥିଲେ । ସେହି ଭାବକୁ ସୂଚିତ କରୁଥିବା ବାକ୍ୟଟିଏ କହିବାକୁ ଯାଇ "ତିନି ହୋଇ ରହିଥିବା ମାଆ ହିଁ ମୂଳ ହୋଇଥିବା ବଡମା" ବୋଲି କହିଥିଲେ । ପ୍ରକୃତିର ତିନି ଗୁଣକୁ ପରମାତ୍ମା ସୃଷ୍ଟି କରିଥିବାରୁ ତାହା ମଧ୍ୟ

ତିନିପାତ୍ର ବୋଲି କହିପାରିବା । ସବୁଠାରୁ ମୂଳ ହୋଇଥିବାରୁ, ସବୁକିଛିର ଆଧାର ହୋଇଥିବାରୁ ତାହାକୁ ହିଁ ମୂଳ ବୋଲି କହିଥିଲେ । ସମସ୍ତଙ୍କଠାରୁ ମହାନ ହୋଇଥିବା ପରମାତ୍ମା ସ୍ତ୍ରୀ କି ପୁରୁଷ କାହାକୁ ଜଣା ନାହିଁ । ତେଣୁ ପରମାତ୍ମାଙ୍କୁ କେତେବେଳେ ସମ୍ମାନ ସୂଚକ ଶବ୍ଦରେ କୁହାଯାଇ କେତେବେଳେ ମାଆକୁ, ଭଉଣୀକୁ ଅସମ୍ମାନ ସୂଚକ ସ୍ନେହିଁଳ ଶବ୍ଦରେ କହିବା ଭଳି କୁହାଯାଇଥାଏ । ପରମାତ୍ମାଙ୍କୁ ହିଁ ଉଦ୍ଦେଶ୍ୟ କରି ତୁମେ ହିଁ ମୋର ମାଆ, ତୁମେ ହିଁ ମୋର ବାପା (ତ୍ୱମେବ ମାତାଶ୍ଚ ପିତା ତ୍ୱମେବ) ବୋଲି କହନ୍ତି । ସମସ୍ତଙ୍କୁ ଜନ୍ମ କରିଥିବାରୁ କେତେକ ତାଙ୍କୁ ମାଆ କହିବା ବେଳେ, ଆଉକେତେକ ସମସ୍ତଙ୍କଠାରୁ ସେ ବଡ ହୋଇଥିବାରୁ ତାଙ୍କୁ ବଡମାଆ କହୁଥିଲେ । ଏହିଭଳି କହିବାରେ ପରମାତ୍ମାଙ୍କୁ କେହି ସଂପୂର୍ଣ୍ଣ ସ୍ତ୍ରୀରୂପ ଭାବିବା ଦୁର୍ଯୋଗ ଅଛି, ତେଣୁ ପରମାତ୍ମା ସ୍ତ୍ରୀ ନୁହନ୍ତି ବାସ୍ତବରେ ପୁରୁଷ ବୋଲି ଜଣାଇବା ପାଇଁ ବଡମାଆର ମୁଖରେ ନିଶର କଳ୍ପନା କରିଥିଲେ । କହୁଥିଲେ ବଡମାଆ କିନ୍ତୁ ତା ମୁଖରେ କଳ୍ପନା କରିଥିଲେ ପୁରୁଷ ମୁଖରେ ଥିବା ନିଶ । ଏଭଳି ରୂପକଳ୍ପନା ଦ୍ୱାରା ପରମାତ୍ମା ସ୍ତ୍ରୀ କି ପୁରୁଷ ବୁଝିହୁଏ ନାହିଁ । ଏହିଭଳି ପରମାତ୍ମା କିଛି ନୁହନ୍ତି ବୋଲି ଜଣାଇବା ପାଇଁ ପୂର୍ବର ଜ୍ଞାନୀମାନେ ସ୍ତ୍ରୀ ପ୍ରତିମାରେ ଦାନ୍ତ ଏବଂ ନିଶକୁ କଳ୍ପନା କରିଥିଲେ । ପୁରୁଷ ଜାତିର ଜନ୍ତୁମାନଙ୍କ ମୁଖରେ ବଡ ବଡ ଦାନ୍ତ ରହିଥାଏ । ତେଣୁ ପୁରୁଷ ଜାତିର ସଂକେତ ଭାବରେ ଦାନ୍ତ ଏବଂ ନିଶକୁ ସ୍ତ୍ରୀ ପ୍ରତିମାର ମୁଖରେ ସ୍ଥାନ ଦେଇଥିଲେ । ଏହା ଦ୍ୱାରା ସ୍ତ୍ରୀ କିମ୍ବା ପୁରୁଷ ହୋଇନଥିବା ବା କିଛି ହୋଇନଥିବା ପାତ୍ର ହିଁ ପରମାତ୍ମା ବୋଲି ବୁଝାପଡୁଥିଲା । ପୂର୍ବେ ଜ୍ଞାନ ଜାଣିଥିବା ବଡମାନେ ସେମାନଙ୍କ ଜ୍ଞାନକୁ ଅନ୍ୟମାନଙ୍କୁ ଜଣାଇବା ନିମନ୍ତେ ବଡ ବୋଲି ନାମଟିଏ ଆରମ୍ଭରୁ ରଖି ସେ ପିତା କି ମାତା ବୁଝା ନପଡିବା ଭଳି ଚିତ୍ରଣକରି ସେ ହିଁ ମାତା ସେ ହିଁ ପିତା ବୋଲି ଭାବ ରଖି, ସେହି କଳ୍ପିତ ଚିତ୍ର ବା ମୂର୍ତ୍ତିକୁ ବଡମାଆ ବୋଲି

ନାଆଁଦେଇ ଡାକୁଥିଲେ । ଆଜି ସେହି ଭାବ ନାହିଁ କି ସେଭଳି ମୂର୍ତ୍ତିମାନ କେଉଁଠି ଦେଖାଯାଉ ନାହିଁ । ଯଦି ଦକ୍ଷିଣଭାରତରେ କେତେକାଞ୍ଚଳରେ ଦେଖାଯାଉଛି ସେଠାରେ ସେହି ବଡମାଆ ନାମରେ ଥିବା ମୁର୍ତ୍ତିକୁ ଦେବତା ହିସାବ କରି, ତାର ମଧ୍ୟ ଛଅଜଣ ଭଉଣୀ ଅଛନ୍ତି, ଗୋଟିଏ ଭାଇ ମଧ୍ୟ ଅଛି କହି କ୍ଷୁଦ୍ର ଦେବତା ଭାବରେ ହିସାବ କରିଦେଇଛନ୍ତି । ବଡ ଭଉଣୀର ଯେହେତୁ ନିଶ ଅଛି, ସେହେତୁ ସାନ ଭଉଣୀମାନଙ୍କ ମୁଖରେ ମଧ୍ୟ ନିଶ କଳ୍ପନା କରି ସେମାନଙ୍କୁ ୧) ସୁଙ୍କୁଲମ୍ମା, ୨) ମାରେମ୍ମା, ୩) ଏଲମ୍ମା, ୪) ପୋଲେରମ୍ମା, ୫) ପୋଚମ୍ମା, ୬) ମୈସମ୍ମା ନାମ ଦେଇ ପୂଜା କରୁଛନ୍ତି । ଏମାନେ ଦକ୍ଷିଣଭାରତର ପାଖାପାଖି ରାଜ୍ୟଗୁଡିକରେ ମଧ୍ୟ କେଉଁଠି କେମିତି ଭିନ୍ନ ଭିନ୍ନ ଦେବୀ ନାମରେ ପୂଜା ପାଉଛନ୍ତି । ଏହି ନାମଗୁଡିକ ଦେବତାମାନଙ୍କର ପ୍ରକୃତ ନାମ ହୋଇଥିବା ସ୍ଥଳେ ଏମାନଙ୍କ ବଡଭଉଣୀ କୁହାଯାଉଥିବା ବଡମାଆ ଏକ ନାମ ନୁହେଁ ବୋଲି ଜାଣିବାକୁ ଇଚ୍ଛା କରୁଥିବା ଲୋକମାନେ ଜାଣିବା ଉଚିତ୍ । ଏହି ବଡମାଆ ନାମକ ନାଆଁ ସମସ୍ତଙ୍କଠାରୁ ମହାନ ହୋଇଥିବା ପରମାତ୍ମାଙ୍କୁ ସୂଚିତ କରିଥାଏ । ପରମାତ୍ମା ସ୍ତ୍ରୀ ପୁରୁଷର ଅତୀତ ହୋଇଥିବାରୁ ବଡମାଆ ନାମକ ମୂର୍ତ୍ତିରେ ବଡବଡ ଦାନ୍ତ ଏବଂ ନିଶକୁ କଳ୍ପନା କରିଥିଲେ ବୋଲି ଆଜି ଏହି ବଡମାଆ ମୂର୍ତ୍ତି କେଉଁଠି କେଉଁଠି ଦେଖିବାକୁ ମିଳେ । କୌଣସି ଦିଗରୁ ବିଚାର କଲେ ମଧ୍ୟ ବଡ ଶବ୍ଦଟି କେବଳ ପରମାତ୍ମାଙ୍କ ପାଇଁ ଯଥାର୍ଥ ହୋଇଥାଏ । ଯେମିତି ପୁରୁଷୋତ୍ତମ ନାମକ ଶବ୍ଦରୁ ଉତ୍ତମ ନାମକ ଶବ୍ଦ ବିଶେଷତା ପ୍ରତିପାଦନ କରିଥାଏ ସେହିଭଳି ବଡମାଆ ଶବ୍ଦରୁ ବଡ ନାମକ ଶବ୍ଦଟି ବିଶେଷତା ପ୍ରତିପାଦନ କରିଥାଏ । ତେଣୁ ସର୍ବଲୋକର ମାତାପିତା ହୋଇଥିବା ପରମାତ୍ମାଙ୍କ ପାଇଁ ଏହି ବଡ (ବ୍ରହ୍ମ) ନାମକ ଶବ୍ଦଟି ଯଥାର୍ଥ ହୋଇଥାଏ ବୋଲି କହିପାରିବା । ମାତା ପିତା ଉଭୟ ଶବ୍ଦର ଯୋଗ୍ୟ ହୋଇଥିବା ପରମାତ୍ମାଙ୍କୁ ଏକଧାରାରେ ମାତାପିତା ବୋଲି ସୂଚିତ କରି,

ଏକ ରୂପ କଳ୍ପନା କରି ସେହି ରୂପରେ ନିଶ ଦାନ୍ତ ଲଗାଇ ବଡମାଆ ନାମକ ମୂର୍ତ୍ତିଟିଏ ସେତେବେଳେ ଜ୍ଞାନୀମାନେ କଳ୍ପନା କରିଥିଲେ । ଯଦି ଆଜି କେଉଁଠି ସେହି ବଡମାଆ ନାମରେ କେହି ପୂଜାପାଉଥାଏ ତେବେ ତା ମୁଖରେ ନିଶ ଦାନ୍ତ ଶୋଭାପାଏ ସିନା, ନାମଥିବା ଗ୍ରାମଦେବତୀମାନଙ୍କ ମୁଖରେ ନିଶ ଦାନ୍ତ କରିବା ଅଜ୍ଞାନ ହୋଇଥାଏ । ଅଞ୍ଚଳ ଅନୁଯାୟୀ ଏହି ଦେବତା (ଦେବତୀ)ମାନଙ୍କର ନାମ ବଦଳିଥାଏ । କୌଣସି ଅଞ୍ଚଳରେ ମଧ୍ୟ ବଡମାଆକୁ ସେହି ବଡମାଆ ନାମରେ ଡାକିଥା'ନ୍ତି । ଆଜିର କାଳରେ ନିଶ ଦାନ୍ତ ନଥିବା ବଡମାଆ ମନ୍ଦିରମାନ କେଉଁଠି କେଉଁଠି ପଲ୍ଲିପ୍ରାନ୍ତରେ ତିଆରିହୋଇ ରହିଥିବା ସୂଚନା ମିଳେ । ଏହା ପରମ୍ପରା ବିହୀନ ଏବଂ ଅର୍ଥରହିତ ବୋଲି ଜାଣିବା ଉଚିତ୍ ।

ଏହିଭଳି ଦେବତୀଆଳୟ ନାମରେ ସେତେବେଳେ ଆରମ୍ଭ ହୋଇଥିବା ଦେବାଳୟ କାଳକ୍ରମେ ନାନା ପ୍ରକାରର ଗ୍ରାମଦେବତୀ ଦେବାଳୟ ହେବାରେ ପହଞ୍ଚି ସାରିଲାଣି । ପୂର୍ବେ ଅର୍ଥ ସହିତ ତିଆରି ହୋଇଥିବା ଆଳୟଗୁଡିକ ଭିତରୁ ସର୍ବପ୍ରଥମେ ଈଶ୍ୱରାଳୟ, ତାପରେ ରଙ୍ଗନାଥ ଆଳୟ ଏବଂ ଆଉ କିଛିକାଳ ପରେ ବଡମାଆ ଆଳୟ ତିଆରି ହୋଇଥିଲା, କିନ୍ତୁ ଆଜି ସେହି ଆଧାରରେ ଶହ ଶହ ଦେବାଳୟ ତିଆରି ହେଲାଣି । ଏଭଳି ତିଆରି ହୋଇଥିବା ଆଳୟର ଦେବତୀମାନଙ୍କ ପାଇଁ ମଣିଷ ନାନା ପୁରାଣ ମଧ୍ୟ ଲେଖି ସାରିଲାଣି । କୌଣସି ଏକ କଟୁକଥା ଲେଖି ତାହାକୁ ପୁରାଣ ନାମଦେବା ଦ୍ୱାରା, ଆଉ କେତେକ ଆଉ କିଛି ଲେଖି ତାହାକୁ ଶାସ୍ତ୍ର ନାମଦେବା ଦ୍ୱାରା, ଦେବାଳୟର ଥିବା ପୂର୍ବ ଉଦ୍ଦେଶ୍ୟ ଆଉ ନାହିଁ । ଭକ୍ତମାନଙ୍କଠାରେ ମଧ୍ୟ ପୂର୍ବର ଭାବ ହଜିଯାଇ ଈଶ୍ୱର ମୁକ୍ତି ପାଇଁ ନାହାନ୍ତି, ଆମର ନାନା କାମନା ପୁରଣ କରିବାପାଇଁ ଅଛନ୍ତି ବୋଲି ଭାବିଲେଣି । ଦେବାଳୟ ଦୈବଜ୍ଞାନ ଜଣାଇବାର ବାରିଧି ଭଳି ବୋଲି କେହି ଜାଣିପାରୁ ନାହାନ୍ତି । ସେଦିନ ତ୍ରେତାଯୁଗରୁ ରାମ ମନ୍ଦିରଠାରୁ

ଆରମ୍ଭକରି ତା'ପରେ ହନୁମାନ, ନରସିଂହ, ବିଘ୍ନେଶ୍ୱର ଇତ୍ୟାଦି ଦେବତାମାନଙ୍କର ଆଳୟ ତିଆରି ହୋଇ ଆଜି ତାଜା ଭାବରେ ସାଇବାବା, ଅୟପ୍ପା, ଅମୂକବାବା, ସମୂକ ବାବା ଏବାବା, ସେ ବାବା ଇତ୍ୟାଦିଙ୍କ ପାଇଁ ନାନା ଆଳୟଗୁଡିଏ ତିଆରିକରି ଦେବାଳୟରେ ନାମିତ କରିଦେଲେଣି । ଭବିଷ୍ୟତରେ ଆଉ କେତେକେଉଁ ଦେବତା, ବାବାମାନଙ୍କର ଆଳୟ ଯେ ତିଆରି ନହେବ କହିପାରିବା ନାହିଁ ।

ଦେବାଳୟଗୁଡ଼ିକ କେତେକ ମୁଖ୍ୟ ମୁଖ୍ୟ ଅଞ୍ଚଳରେ ତିଆରି ହେଉଥିଲା । ପୂର୍ବେ ମୁଖ୍ୟକ୍ଷେତ୍ର କୁହାଯାଉଥିବା କେତେକ ଅଞ୍ଚଳରେ କେବଳ ଦେବାଳୟଗୁଡିଏ ତିଆରି ହେଉଥିଲା । ତ୍ରେତାଯୁଗରେ ରାମଙ୍କ ପରେ ଆର୍ଯ୍ୟମାନଙ୍କ ପ୍ରଭାବ ଦ୍ୱାରା ପ୍ରତ୍ୟେକ ଗ୍ରାମରେ ରାମମନ୍ଦିରମାନ ତିଆରି ହୋଇଥିଲା । ତ୍ରେତାଯୁଗ ଆଗରୁ ସତ୍ୟଯୁଗରେ ବା କୃତଯୁଗରେ ଈଶ୍ୱରାଳୟ, ରଙ୍ଗନାଥ ଆଳୟ ଏବଂ ବଡମାଆ ଆଳୟଗୁଡିଏ ବହୁ ଦୂର ପ୍ରାନ୍ତର ବ୍ୟବଧାନରେ ନିର୍ମାଣ କରାଯାଇଥିଲା । ହିମାଳୟଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ହିସାବକଲେ ମାତ୍ର ପାଞ୍ଚଗୋଟିରୁ ଅଧିକ ଈଶ୍ୱରାଳୟ ନଥିଲା, ଏହି ସଂଖ୍ୟାରେ ରଙ୍ଗନାଥ ମନ୍ଦିର ମଧ୍ୟ ଥିଲା । ୫ଟିରୁ ଅଧିକ ବଡମାଆ ମନ୍ଦିର ମଧ୍ୟ ନଥିଲା । ଯେଉଁଠି ଯେଉଁ ମନ୍ଦିର ଥିଲେ ମଧ୍ୟ ତାହା ଗାଆଁଠାରୁ ଦୂରରେ ଥିବା ପାହାଡ ଉପରେ କିମ୍ବା ଅରଣ୍ୟ ଅଞ୍ଚଳରେ, ସମୁଦ୍ରକୂଳରେ ଅଥବା ନଦୀକୂଳରେ ଥିଲା ।

ଗାଆଁରେ କୌଣସି ଆଳୟ ନଥିଲା । ପ୍ରତ୍ୟେକ ଛୋଟ ଗାଆଁର ମଝିରେ "ନାହିପଥର" ବା ନାଭିଶିଳା ନାମରେ ଗୋଟିଏ ଗୋଲାକାର ପଥର ପୋତାଯାଉଥିଲା । ସେଦିନର ଲୋକମାନେ ତା'ର ଅର୍ଥ କ'ଣ ଜାଣିଥିଲେ, କିନ୍ତୁ ଆଜି ଆମକୁ ସେକଥା ଜଣା ନାହିଁ । ତେଣୁ ସେ ବାବଦରେ କିଛି ଜାଣିବା । ପୂର୍ବକାଳରେ ଗାଆଁଟିଏ ନିର୍ମାଣ କଲାବେଳେ ଗୋଟିଏ ଗୋଲାକାର ପଥର ପୋତି ସେହି ପଥର ଚାରିକଡରେ ଘରଗୁଡିଏ

ତୋଳି ଗାଆଁ ନିର୍ମାଣ କରୁଥିଲେ । ଯେଉଁ ଦିଗରୁ ଦେଖିଲେ ମଧ୍ୟ ତାହା ଗାଆଁର ମଝିରେ ରହିବ ଭଳି ରହୁଥିଲା, ତାହା ଗାଆଁ ମଝିରେ ରଖିବା ଉଦ୍ଦେଶ୍ୟ ହେଉଛି ! ସର୍ବ ପ୍ରପଞ୍ଚର ଯିଏ ମୂଳ ଏବଂ ଅଖ ଭଳି ସେ ହେଉଛନ୍ତି ପରମାତ୍ମା । ସେହି ପରମାତ୍ମାଙ୍କୁ ଆଧାରକରି ପ୍ରକୃତି ରହିଥାଏ ବୋଲି ସେମାନଙ୍କର ଉଦ୍ଦେଶ୍ୟ ଥିଲା, ସେହି ଉଦ୍ଦେଶ୍ୟ ଅନୁସାରେ ନାଭିଶୀଳା ମଝିରେ ପୋତି, ତାହାକୁ ପରମାତ୍ମା ଭାବି, ଗାଆଁକୁ ସାରା ପ୍ରପଞ୍ଚ ଭାବନା କରୁଥିଲେ । ମଣିଷର ମଝିଭାଗରେ ଥାଏ ନାଭି, ନାଭିର ଆଧାରରେ ମାଆର ପେଟ ଭିତରେ ଶିଶୁ ଘୂରୁଥାଏ । ଶରୀରଟିଏ ତିଆରି ହେବାପାଇଁ ଏହି ନାଭି ହିଁ ଆଧାରଭାବରେ ଥାଏ । ସାରାପ୍ରପଞ୍ଚର ଆଧାରଭାବରେ ରହିଥାନ୍ତି ପରମାତ୍ମା,ତେଣୁ ଗାଆଁ ମଝିରେ ଆଧାର ହୋଇ ପୋତାଯାଇଥିବା ପଥରକୁ ନାହିପଥର କହୁଥିଲେ । ସେହି ନାହି ପଥରକୁ ଗାଆଁମଝିରେ ଅଧା ପୋତିଥିଲେ । ଏଭଳି ରଖିବା ଦ୍ୱାରା ତାହା ଈଶ୍ୱରଲିଙ୍ଗର ଆକୃତି ଭଳି ବାହାରକୁ ଦେଖାଯାଉଥିଲା । ମନ୍ଦିରରେ ଈଶ୍ୱରଲିଙ୍ଗ ଯୋନି ଭିତରେ ଅଧା ରହିଥିବା ଭଳି ଜଣାପଡେ । ଗାଆଁ ମଝିରେ ଏଭଳି ଈଶ୍ୱରଲିଙ୍ଗାକୃତି ହୋଇ ନାହିପଥରଟି ଯୋନୀବିହୀନ ଦେଖାଯାଉଥିଲା । ସେହି ପଥରକୁ 'ପୁନ୍ନାଗ' ନାମରେ ପୁରୁଷୋତ୍ତମ ଭାବନା କରୁଥିଲେ । ଦକ୍ଷିଣଭାରତର ଭାଷାରେ ଏହାକୁ 'ପୋତୁଲୟା' କହୁଥିଲେ । ସାରାବିଶ୍ୱର, ସର୍ବସ୍ୱର ସୃଷ୍ଟିକର୍ତ୍ତା ହୋଇଥିବାରୁ ଗାଆଁ ତିଆରିହେବା ଆଗରୁ ନାଭିଶୀଳାକୁ ପୋତି ତାହାକୁ ଏଭଳି ନାମରେ କହିଥିଲେ ସେଦିନର ଜ୍ଞାନ ଜାଣିଥିବା ଲୋକମାନେ । ଗାଆଁର ଆଧାର, ଗାଆଁର ମୂଳ ହୋଇଥିବା ସେହି ପଥର ପୁରୁଷ ହୋଇଥିବା ପରମାତ୍ମା ବୋଲି ଜାଣିବା ଭଳି, ସେ ହିଁ ପୁରୁଷୋତ୍ତମ ବୋଲି ସମସ୍ତେ ଜାଣିପାରିବା ଭଳି ପୁନ୍ନାଗ ନାମରେ କହିଥିଲେ । ଏହା ଦ୍ୱାରା ସେମାନଙ୍କଠାରେ ସର୍ବଦା ପରମାତ୍ମା ଭାବ ରହିଥିବା ଜଣାଯାଏ ।

*****

# ୫. ସପ୍ତଦ୍ୱାର


(ଏହା କେବଳ ଦକ୍ଷିଣ ଭାରତର ଦେବାଳୟ (ମନ୍ଦିର)ଗୁଡିକରେ ଦେଖାଯାଏ ।) ଦେବାଳୟରେ ଥିବା ସାତଗୋଟି ଦ୍ୱାରର ଅନେକ ବୈଶିଷ୍ଟ୍ୟତା ରହିଥାଏ । ଆଳୟର ମୁଖଦ୍ୱାରଟି ଖୁବ୍ ଉଚ୍ଚ ହୋଇଥାଏ । ଏହି ମୁଖଦ୍ୱାର ତଳୁ ଉପର ପର୍ଯ୍ୟନ୍ତ ସାତଗୋଟି ଦ୍ୱାର ଭାବରେ ନିର୍ମିତ ହୋଇଥାଏ । ସେହିଭଳି ମୁଖଦ୍ୱାର ଡେଇଁ ଭିତରକୁ ଯିବା ପରେ ମନ୍ଦିର ଭିତରେ ଥିବା ପ୍ରତିମା ପର୍ଯ୍ୟନ୍ତ ସାତଗୋଟି ଦ୍ୱାରକୁ ଅତିକ୍ରମ କରିବାକୁ ହୋଇଥାଏ । ପ୍ରଥମତଃ ମୁଖଦ୍ୱାର (ମୁଖଶାଳା)ରେ ଥିବା ସାତଗୋଟି ଦ୍ୱାର ଏବଂ ଭିତରକୁ ପ୍ରତିମା ପର୍ଯ୍ୟନ୍ତ ଯିବାରେ ସାତଗୋଟି ଦ୍ୱାର ରଖିବାରେ ପୂର୍ବର ଜ୍ଞାନୀମାନଙ୍କ ଉଦ୍ଦେଶ୍ୟ କ'ଣ ଥିଲା ତାହା ଜାଣିବା । ଆମ ଶରୀରରେ ଥିବା ୩ଲକ୍ଷ ପଚିଶ ହଜାର ନାଡୀ ଭିତରୁ ୭୨ ହଜାର ନାଡୀ ମୁଖ୍ୟ ହୋଇଥିବା ସ୍ଥଳେ ତନ୍ମଧ୍ୟରୁ ୧୦ଗୋଟି ଶୀରୋନାଡୀ ପ୍ରମୁଖ ନାଡୀ ଭାବରେ ପରିଗଣିତ ହୋଇଥାନ୍ତି । ସେହି ପ୍ରମୁଖ ହୋଇଥିବା ୧୦ଗୋଟି ନାଡୀ ଭିତରୁ ମାତ୍ର ତିନିଗୋଟି ନାଡୀ ସବୁଠାରୁ ମୁଖ୍ୟ ହୋଇ ରହିଥାନ୍ତି । ତିନି ନାଡୀର ନାମ ଇଡା, ପିଙ୍ଗଳା ଏବଂ ସୁଷୁମ୍ନା । ଏଗୁଡିକୁ ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମନାଡୀ ମଧ୍ୟ କୁହାଯାଏ । ଶରୀରରେ ୧୦ଗୋଟି ଶୀରୋନାଡୀ ଏହି ଅତି ମୁଖ୍ୟ ତିନିନାଡୀରୁ ବାହାରି ଆସିଥା'ନ୍ତି । ତା'ଛଡା ଶରୀରରେ ଥିବା ପ୍ରତ୍ୟେକ ନାଡୀ ଏହି ତିନିନାଡୀ ସହିତ ଅନୁସନ୍ଧିତ ହୋଇ ରହିଥା'ନ୍ତି । ଶରୀରର ନାଡୀବ୍ୟବସ୍ଥା ପାଇଁ ଏହି ତିନିନାଡୀ ବା ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମନାଡୀ ହିଁ ଆଧାର ହୋଇ ରହିଥା'ନ୍ତି । ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମନାଡୀ ନାମରେ ଥିବା ଏହି ତିନିନାଡୀ ଭିତରୁ ଅତି ମୁଖ୍ୟପାତ୍ର ବହନ କରିଥାଏ ବ୍ରହ୍ମନାଡୀ । ବ୍ରହ୍ମନାଡୀରେ ଶରୀରର ଆତ୍ମା ନିବାସ କରିଥାଏ, ଅର୍ଥାତ୍ ବ୍ରହ୍ମନାଡୀକୁ ଆଧାର କରି ସେହିଠାରୁ ଅନୁସନ୍ଧିତ ହୋଇ ରହିଥିବା ଅନ୍ୟ ନାଡୀଗୁଡିକ ଦ୍ୱାରା ସାରା ଶରୀରରେ ବ୍ୟାପିରହିଥାଏ ଆତ୍ମା । ବ୍ରହ୍ମନାଡୀରେ ଥିବା ଆତ୍ମା ନାଡୀଗୁଡିକ ଦ୍ୱାରା ନିଜର ଶକ୍ତିକୁ ସାରା ଶରୀରରେ ପ୍ରସାର କରି ଶରୀରକୁ

ଚଳପ୍ରଚଳ କରିଥାଏ । ଶରୀରରେ ଥିବା ଜୁଗଳ ଆତ୍ମା ବା ଜୀବାତ୍ମା ଆତ୍ମା ଭିତରୁ ଆତ୍ମା ଏହି ବ୍ରହ୍ମନାଡୀରେ ନିବାସ କରିଥାଏ ବୋଲି ଜଣାଯାଉଛି ।

ଶରୀର ଏକ ମନ୍ଦିର ବା ଦେହ ହିଁ ଦେବାଳୟ, ଆତ୍ମା ହିଁ ଈଶ୍ୱର ବୋଲି ବଡମାନେ କହିଥିବା ବାକ୍ୟ ଅନୁସାରେ ବ୍ରହ୍ମନାଡୀରେ ଥିବା ଆତ୍ମା ହିଁ ମଣିଷର ଈଶ୍ୱର ବୋଲି ଜଣାଯାଉଛି । ତୋର ଶରୀରରେ ତୁ ଏକ ଜୀବାତ୍ମା ହୋଇଥିବା ସ୍ଥଳେ, ତୋ ଶରୀରର ଆତ୍ମା ତୋର ଈଶ୍ୱର ହୋଇ ରହିଛନ୍ତି । "ଜୀବୋଦେବୋ ସନାତନଃ" କହିବା ଭଳି ଶରୀରରେ ଜୀବାତ୍ମା ଏବଂ ଈଶ୍ୱର ହୋଇଥିବା ଆତ୍ମା ସର୍ବଦା ରହିଥା'ନ୍ତି । ଦେବତା-ମାନଙ୍କର ଦୈବ ହୋଇଥିବା ପରମାତ୍ମା ମଧ୍ୟ ଶରୀର ଭିତରେ ଆତ୍ମାଠାରୁ ଭିନ୍ନ ଭାବରେ ରହିଥା'ନ୍ତି । ପରମାତ୍ମା ମିଳିଥା'ନ୍ତି ଶରୀର ଛାଡି ମୁକ୍ତିଲାଭ କଲା ପରେ । ଆତ୍ମାକୁ ଜାଣିବାକୁ ପଡିଥାଏ ମୁକ୍ତିପାଇବା ଆଗରୁ । ଆତ୍ମାଙ୍କୁ ଦର୍ଶନ ନ କରିବା ପର୍ଯ୍ୟନ୍ତ ଦୈବଦର୍ଶନ ହୋଇନଥାଏ । ଦୈବଦର୍ଶନ ପରିଜ୍ଞାନ (କୌଶଳ)କୁ ଜଣାଇଥାଏ ଦେବାଳୟ । ତେଣୁ ଦେବାଳୟର ସାତଗୋଟି ଦ୍ୱାର ଶରୀରରେ ଦୈବଦର୍ଶନ ନିମନ୍ତେ ସଂଦେଶାର୍ଥି ହୋଇ ନିର୍ମିତ ହୋଇଛି । ସୂର୍ଯ୍ୟେ ଆକାଶରେ ରହି ତାର କିରଣ ଦ୍ୱାରା ସାରା ପୃଥିବୀକୁ ଆଲୋକିତ କରୁଥିବା ଭଳି ଆତ୍ମା ବ୍ରହ୍ମନାଡୀରେ ରହି ସାରା ଶରୀରକୁ ଶକ୍ତି ଦେଇଥାଏ ବୋଲି ଗୀତାରେ ଭଗବାନ ମଧ୍ୟ କହିଛନ୍ତି । ଶରୀରରେ ଦୈବ ହୋଇ ରହିଥିବା ଆତ୍ମା ବ୍ରହ୍ମନାଡୀରେ ଥାଏ ବୋଲି ଆଗରୁ ଜାଣିଛେ । ଆକାଶରେ ସୂର୍ଯ୍ୟ କେଉଁଠାରେ ଥାଏ ବୋଲି ପ୍ରଶ୍ନକଲେ ସେ ଅମୂକ ରାଶିରେ ଅଛି କହିପାରିବା ଭଳି ଶରୀରରେ ଆତ୍ମା କେଉଁଠାରେ ଅଛି ପ୍ରଶ୍ନକଲେ ବ୍ରହ୍ମନାଡୀର ଅମୂକ ସ୍ଥାନରେ ଅଛି ବୋଲି କହିପାରିବା । ଆକାଶରେ ସୂର୍ଯ୍ୟ ୧୨ଗୋଟି ରାଶି ଭିତରୁ କୌଣସି ଏକ ରାଶିରେ ଅଛି ବୋଲି କହିପାରିବା ଭଳି, ଆତ୍ମା ବ୍ରହ୍ମନାଡୀର ଅମୂକ ସ୍ଥାନରେ ଅଛି ବୋଲି କହିପାରିବା । ତେଣୁ ଏଭଳି ଆତ୍ମା ବ୍ରହ୍ମନାଡୀର

କେଉଁଠାରେ ଅଛି ଜାଣିବାକୁ ହେଲେ ପ୍ରଥମେ ବ୍ରହ୍ମନାଡୀ ବାବଦରେ ଜାଣିବାକୁ ହେବ । ଶରୀରରେ ବ୍ରହ୍ମନାଡୀ ମୁଣ୍ଡଠାରୁ ଆରମ୍ଭକରି ଗୁଦସ୍ଥାନ ପର୍ଯ୍ୟନ୍ତ ଥିବା ମେରୁଦଣ୍ଡର ମଧ୍ୟଭାଗରେ ଲମ୍ବି ରହିଥାଏ । ମେରୁଦଣ୍ଡର ମଧ୍ୟ ଭାଗରେ ଏହା ସାତଗୋଟି ଭାଗରେ ବିଭାଜିତ ହୋଇ ରହିଥାଏ । ଗୋଟିଏ ଗୋଟିଏ ଭାଗରେ ଗୋଟିଏ ଗୋଟିଏ ନାଡୀକେନ୍ଦ୍ର ରହିଥାଏ, ଅର୍ଥାତ୍ ବ୍ରହ୍ମନାଡୀ ଗୋଟିଏ ହେଲେ ମଧ୍ୟ, ତାହା ସାତଗୋଟି ନାଡୀକେନ୍ଦ୍ର ଭାବରେ ଥାଏ, ତାହାକୁ କେତେକ ପଦ୍ମ କହି, ପ୍ରତ୍ୟେକ ପଦ୍ମରେ ଜଣେ ଲେଖାଏ ଦେବତା ରହିଥା'ନ୍ତି ବୋଲି କହିଥା'ନ୍ତି । ବାସ୍ତବରେ ସେଠାରେ ସାତଗୋଟି ନାଡୀକେନ୍ଦ୍ର ଥାଏ ସିନା, ସେଠାରେ ପଦ୍ମଫୁଲ ନଥାଏ କି କୌଣସି ଦେବତା ନଥା'ନ୍ତି । ବ୍ରହ୍ମନାଡୀର ଆମ୍ଭ ମୁଣ୍ଡରେ ଥିବା ସପ୍ତମ ନାଡୀକେନ୍ଦ୍ରରେ ରହି ଅନ୍ୟ ନାଡୀକେନ୍ଦ୍ରଗୁଡିକୁ ନିଜର ଶକ୍ତି ପ୍ରେରଣ କରି ସେହି କେନ୍ଦ୍ରଗୁଡିକ ସାହାଯ୍ୟରେ ଶରୀରକୁ ପରିଚାଳିତ କରାଇଥାଏ । ମୁଖ୍ୟତଃ ଆମ ଶରୀରରେ ଆମେ ନିବାସ କରିବା ପାଇଁ ଶରୀରର ମୁଖ୍ୟ ହୋଇଥିବା ଶ୍ୱାସକ୍ରିୟା ଏହି ସାତଗୋଟି ନାଡୀକେନ୍ଦ୍ର ଦ୍ୱାରା ହୋଇଥାଏ । ଜନ୍ମଠାରୁ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ଜୀବର ଆୟୁଷ ଏହି ଶ୍ୱାସ ଉପରେ ନିର୍ଭର କରିଥାଏ । ଜନ୍ମଠାରୁ ଆରମ୍ଭକରି ମରଣ ପର୍ଯ୍ୟନ୍ତ ଏହି ସାତଗୋଟି ନାଡୀକେନ୍ଦ୍ର ଗୋଟିକ ପରେ ଗୋଟିଏ ସକ୍ରିୟ ହୋଇ ଶ୍ୱାସକୁ ପରିଚାଳିତ କରିଥା'ନ୍ତି । ଜୀବଟିଏ ଶରୀରରେ ରହିବାକୁ ହେଲେ ଶ୍ୱାସକ୍ରିୟା ନିହାତି ହେଉଥିବା ଦରକାର । ଶ୍ୱାସ ପ୍ରବାହିତ ହେବାକୁ ହେଲେ ବ୍ରହ୍ମନାଡୀର କେନ୍ଦ୍ରଗୁଡିକ ୨୪ଘଂଟା କାର୍ଯ୍ୟକ୍ଷମ ହେଉଥିବା ଦରକାର । ତେଣୁ ପ୍ରତ୍ୟେକ ଶରୀରରେ ଯିଏ ଶ୍ୱାସକୁ ପରିଚାଳିତ କରାଇଥା'ନ୍ତି ସେ ହିଁ ଶରୀରର ଈଶ୍ୱର ବୋଲି ଜାଣିବା ଉଚିତ୍ ।

ଦିନକୁ ୨୧,୬୦୦ ଶ୍ୱାସ ଜୀବ ଗ୍ରହଣ କରିଥାଏ, ଏପରି ବ୍ରହ୍ମନାଡୀର ସାତଗୋଟି କେନ୍ଦ୍ର ଦ୍ୱାରା ହୋଇଥାଏ । ତଳେ ଥିବା ନାଡୀକେନ୍ଦ୍ର




**ସପ୍ତଦ୍ୱାର**

ଶରୀରରେ ଗୁଦସ୍ଥାନର ସମାନ୍ତରାଳ ମେରୁଦଣ୍ଡର ବ୍ରହ୍ମନାଡୀରେ ରହିଥାଏ, ଏହି ନାଡୀକେନ୍ଦ୍ରକୁ (୧) ଆଧାର ନାମ ଦେଇଛନ୍ତି । ଆଧାର ନାଡୀକେନ୍ଦ୍ର ଦ୍ୱାରା ୬୦୦ ଶ୍ୱାସ ଚଳେ । ଆଧାର ନାଡୀକେନ୍ଦ୍ରଠାରୁ କେତେକ ଶିରା (ଛୋଟ ଛୋଟ ନାଡୀ) ଆରମ୍ଭ ହୋଇ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ବ୍ୟାପିରହିବା ଦ୍ୱାରା ଆତ୍ମା ନିଜର ଶକ୍ତି ଦ୍ୱାରା ଫୁସ୍‌ଫୁସ୍ କୁ ସ୍ପନ୍ଦିତ କରି ପ୍ରଶ୍ୱାସ ନିଶ୍ୱାସ ଚଳାଇଥାଏ । ସେହିଭଳି ଲିଙ୍ଗସ୍ଥାନର ସମାନ୍ତରାଳ ଆଉଏକ ନାଡୀକେନ୍ଦ୍ର ରହିଥାଏ, ସେହି ନାଡୀକେନ୍ଦ୍ରକୁ (୨) ସ୍ୱାଧିଷ୍ଠାନ ନାମ ଦେଇଛନ୍ତି । ସ୍ୱାଧିଷ୍ଠାନ ନାଡୀକେନ୍ଦ୍ର ଦ୍ୱାରା ୬୦୦୦ ଶ୍ୱାସ ଚଳିଥାଏ । ତାପର ନାଡୀକେନ୍ଦ୍ରଟି ନାଭି ସମାନ୍ତର ସ୍ଥଳରେ ଥାଏ, ତାକୁ (୩) ମଣିପୁରକ ନାମ ଦେଇଛନ୍ତି । ଏହି କେନ୍ଦ୍ରରେ ୬୦୦୦ ଶ୍ୱାସ ଚଳିଥାଏ । ସେହିଭଳି ତାପରେ ଥିବା ନାଡୀକେନ୍ଦ୍ରଟି ହୃତ୍ପିଣ୍ଡର ସମାନ୍ତରାଳ ହୋଇ ରହିଥାଏ, ଏହାର ନାମ (୪) ଅନାହତ ଦେଇଛନ୍ତି । ଅନାହତ ନାଡୀକେନ୍ଦ୍ର ଦ୍ୱାରା ମଧ୍ୟ ୬୦୦୦ଶ୍ୱାସ ଚଳିଥାଏ । ଏହା ପରେ ୫ମ କେନ୍ଦ୍ରଟି କଣ୍ଠ ସମାନ୍ତର ଜାଗାରେ ଥାଏ,

(୫) ବିଶୁଦ୍ଧ କେନ୍ଦ୍ର ଭାବରେ ନାମିତ ହୋଇଥିବା ଏହି କେନ୍ଦ୍ର ୧୦୦୦ ଶ୍ୱାସ ଚଳାଇଥାଏ । ତାପରେ ଅଛି ଷଷ୍ଠତମ କେନ୍ଦ୍ର (୬) ଆଗ୍ନେୟ, ଏହି କେନ୍ଦ୍ର ଦ୍ୱାରା ମଧ୍ୟ ୧୦୦୦ ଶ୍ୱାସ ଚ଼ଳିଥାଏ । ଆଉ ବାକି ରହିଲା ସବୁଠାରୁ ମୁଖ୍ୟ ହୋଇଥିବା ସପ୍ତମ କେନ୍ଦ୍ର । ଏହି ସପ୍ତମ କେନ୍ଦ୍ରରେ ଆତ୍ମା ନିବାସ କରିଥାଏ, ଏହାର ନାମ ସହସ୍ରାର । ସହସ୍ରାର କେନ୍ଦ୍ର ଦ୍ୱାରା ମଧ୍ୟ ୧୦୦୦ ଶ୍ୱାସ ଚ଼ଳିଥାଏ । ମୁଣ୍ଡର ମସ୍ତିସ୍କଭାଗ ହିଁ ଏହି ସପ୍ତମ କେନ୍ଦ୍ର ବୋଲି ଜାଣିବା ଉଚିତ୍ । ପ୍ରତିଦିନ ୨୧ ହଜାର ଶ୍ୱାସ ଚଲାଉଥାଇ, ଶରୀରକୁ ଶକ୍ତି ଦେଇ ନିଦ୍ରା, ଜାଗ୍ରତାଦି ଅବସ୍ଥାରେ ଅନେକ କାର୍ଯ୍ୟ କରିଥାଏ ଆତ୍ମା ବୋଲି ଜାଣିବା ଉଚିତ୍ । ସାତଗୋଟି ନାଡୀକେନ୍ଦ୍ର ଦ୍ୱାରା ଶ୍ୱାସ ଏବଂ ସମସ୍ତ କାର୍ଯ୍ୟ ଘଟିଥାଏ, ସେଥିଲାଗି ମଣିଷର ଜୀବନନାଟକ ପରିବେଷଣ ହୋଇଥାଏ ବୋଲି ଜଣାଇବା ନିମନ୍ତେ ଏପରି ସପ୍ତଦ୍ୱାରକୁ ଦେବାଳୟ ଉପରେ ନିର୍ମାଣ କରି ଦେଖାଇଥିଲେ । ଶରୀର ଉପରୁ ଧ୍ୟାନ ଛାଡି ସପ୍ତମ ନାଡୀକେନ୍ଦ୍ରରେ ଧ୍ୟାନ ଠୁଳ କଲେ ସେଠାରେ ଥିବା ଆତ୍ମା ଜଣାପଡିଥାଏ ବୋଲି ଉପରେ ସପ୍ତମ ଦ୍ୱାର ରଖିଥିଲେ ।

ଶରୀର ହିଁ ଦେବାଳୟ ଆଉ ସେଥିରେ ଥିବା ଆତ୍ମା ହିଁ ଈଶ୍ୱର ବୋଲି ଜାଣିଲେ । ଈଶ୍ୱର ହୋଇଥିବା ଶରୀରର ଆତ୍ମା ଶରୀରକୁ ଶକ୍ତି ଦେଇ ପରିଚ଼ଳିତ କରି, ଶରୀରର ବଳ ହୋଇ ରହିବା ବ୍ୟତୀତ ଶରୀରର ସୁସ୍ଥତା ଅସୁସ୍ଥତାକୁ ମଧ୍ୟ ନିରୀକ୍ଷଣ କରିଥା'ନ୍ତି । ଶରୀରାନ୍ତର୍ଗତ ନାନା କାର୍ଯ୍ୟ କରୁଥାଇ ବାହ୍ୟତଃ ଶରୀରର ବଳାବଳ, ଆରୋଗ୍ୟ ଅନାରୋଗ୍ୟକୁ ମଧ୍ୟ କର୍ମ ଅନୁସାରେ ପ୍ରଦାନ କରିଥା'ନ୍ତି । ବଳ ଅବଳ ଶରୀରର ସାତଗୋଟି ନାଡୀକେନ୍ଦ୍ର ଦ୍ୱାରା ମିଳୁଥିବା ସ୍ଥଳେ, ଶରୀରର ସୁସ୍ଥତା ଅସୁସ୍ଥତା ଶରୀରରେ ଥିବା ସାତଗୋଟି ଗ୍ରନ୍ଥି ଦ୍ୱାରା ସମ୍ଭବ ହୋଇଥାଏ । ଆତ୍ମା ଶରୀରର ସପ୍ତମ ନାଡୀକେନ୍ଦ୍ରରେ ନିବାସକରି ଶରୀରକୁ ଶକ୍ତିଦେବା ସହିତ ଗ୍ରନ୍ଥିଗୁଡିକରେ ମଧ୍ୟ ନିବାସ କରିଥା'ନ୍ତି । ଗ୍ରନ୍ଥିଗୁଡିକ ଭିତରୁ ଛଅଗୋଟି ଗ୍ରନ୍ଥି ଶରୀରର ବିଭିନ୍ନ ସ୍ଥାନରେ ଥିବା ସ୍ଥଳେ କେବଳ ସପ୍ତମ ନାଡୀକେନ୍ଦ୍ର ମୁଣ୍ଡର

ମଧ୍ୟଭାଗରେ ଅର୍ଥାତ୍ ଦୁଇ ଆଖିପତା (ଭ୍ରୂଲତା) ମଧ୍ୟରେ ଥିବା ସ୍ଥାନରେ ସମାନ୍ତରାଳ ଭାବରେ ରହିଥାଏ । ଏହି ସପ୍ତମ ନାଡୀକେନ୍ଦ୍ରକୁ ଗ୍ରନ୍ଥିରାଜ କୁହାଯାଏ । ଗ୍ରନ୍ଥିରାଜରେ ଆତ୍ମା ନିବାସକରି ଅନ୍ୟ ନାଡୀକେନ୍ଦ୍ରଗୁଡିକୁ ନିଜର ଶକ୍ତିକିରଣ ଦ୍ୱାରା କାର୍ଯ୍ୟକ୍ଷମ କରାଇ, ଗ୍ରନ୍ଥିଗୁଡିକରୁ ରସ ଝରାଇ ଶରୀରର ସୁସ୍ଥତା ଅସୁସ୍ଥତାର କାରଣ ହୋଇଥା'ନ୍ତି । ଶରୀରରେ କର୍ମ ଅନୁସାରେ ହେଉଥିବା କାର୍ଯ୍ୟଗୁଡିକର ଅନୁଭବ ଏବଂ କର୍ମ ଅନୁସାରେ ଆସୁଥିବା ସୁସ୍ଥତା ଅସୁସ୍ଥତାକୁ ଜୀବ ଅନୁଭବ କରିଥାଏ । ତେଣୁ କାର୍ଯ୍ୟ ହେବାପାଇଁ ନାଡୀକେନ୍ଦ୍ରଗୁଡିକ ଦ୍ୱାରା ବ୍ରହ୍ମନାଡୀରୁ ଶକ୍ତି ଏବଂ ଗ୍ରନ୍ଥିରାଜରୁ ଗ୍ରନ୍ଥିଗୁଡିକ ଦ୍ୱାରା ଆତ୍ମାଶକ୍ତି ପ୍ରସାର ହୋଇଥାଏ । ଶରୀରରେ ଥିବା ଏହି ଆତ୍ମା ନାମକ ଈଶ୍ୱର ଶରୀରରେ ଏଭଳି ଦୁଇପ୍ରକାରର କର୍ତ୍ତବ୍ୟ ନିର୍ବାହ କରିଥାନ୍ତି । ତେଣୁ ଦେବାଳୟଗୁଡିକରେ ଦୁଇ ପ୍ରକାରର ଅର୍ଥାତ୍ ୧– ମୁଖଶାଳାର ଉପରକୁ ସାତଗୋଟି ଦ୍ୱାର ଏବଂ ୨– ମୁଖଶାଳାରୁ ଦେବାଳୟ ଭିତରକୁ ସାତଗୋଟି ଦ୍ୱାର ନିର୍ମାଣକରି ପୂର୍ବର ଜ୍ଞାନୀମାନେ ଜ୍ଞାନ ଜାଣିବାପାଇଁ ଦର୍ଶାଇଥିଲେ । ଶରୀରରେ ଥିବା ଛଅଗୋଟି ନାଡୀକେନ୍ଦ୍ରର କାର୍ଯ୍ୟକୁ ଅଟକାଇ, ସପ୍ତମ ନାଡୀକେନ୍ଦ୍ରରେ ଧ୍ୟାନ ଲଗାଇଲେ, ତାଛଡା ଛଅଗୋଟି ଗ୍ରନ୍ଥିରୁ ଧ୍ୟାନ ଫେରାଇ ସପ୍ତମ ଗ୍ରନ୍ଥିକେନ୍ଦ୍ରରେ ଧ୍ୟାନ ଲଗାଇଲେ ଶରୀରରେ ଥିବା ଈଶ୍ୱର ଜଣାପଡିଥା'ନ୍ତି । ଏହି ଉଦ୍ଦେଶ୍ୟରେ ସେତେବେଳର ବଡମାନେ ମନ୍ଦିରରେ ସାତଗୋଟି ଲେଖାଏ ଦୁଇପ୍ରକାରର ଦ୍ୱାର ଦର୍ଶାଇଥିଲେ । ଏହି ଦୁଇ ବିଧି ମନୋନିଗ୍ରହ ଜ୍ଞାନ ପ୍ରଦାନ କରିଥାଏ । ବଳ ପାଇଁ କିମ୍ବା ସୁସ୍ଥତା ପାଇଁ ସେହି ଶରୀରେଶ୍ୱର ହିଁ କାରଣ ହୋଇଥା'ନ୍ତି, ସେହି ଈଶ୍ୱର ତୋ ଶରୀରରେ ଏହିଭଳି ବ୍ୟାପୀରହିଛନ୍ତି ବୋଲି ଉପରକୁ ଏବଂ ଭିତରକୁ ସାତଗୋଟି ଲେଖାଏଁ ଦ୍ୱାର ରଖିଥିଲେ ବଡମାନେ । ଆନ୍ଧ୍ରପ୍ରଦେଶର ତିରୁପତିରେ ଥିବା ଭେଙ୍କଟେଶ୍ୱର ଆଳୟରେ ଏହି ନିର୍ମାଣ ଆଜି ଦେଖିବାକୁ ମିଳିଥାଏ ।

*****


# ୬. ମୁଖଶାଳା

ଦେବାଳୟର ମୁଖଶାଳାରେ ସାତଗୋଟି ଦ୍ୱାର ଥାଏ ବୋଲି ଆଗରୁ ଜାଣିଥିଲେ । ମୁଖଶାଳାର ମଧ୍ୟରେ ଅର୍ଥାତ୍ ତଳୁ ଉପର ପର୍ଯ୍ୟନ୍ତ ରହିଥିବା ନିର୍ମାଣ ସାତମହଲା ବିଶିଷ୍ଟହୋଇ ସାତଗୋଟି ଦ୍ୱାର ଥାଏ । ଏହି ସାତମହଲା ବିଶିଷ୍ଟ ମୁଖଶାଳାରେ ଅନେକ କାରୁକାର୍ଯ୍ୟ ସହିତ ନାନା ପ୍ରକାରର ମୂର୍ତ୍ତି ସ୍ଥାପନା କରାଯାଇଥାଏ । ସେହି ମୂର୍ତ୍ତିଗୁଡ଼ିକ ଶୃଙ୍ଗାରଠାରୁ ଆରମ୍ଭକରି ଭକ୍ତି, ସ୍ନେହଁ, ଶତ୍ରୁତ୍ୱ ପର୍ଯ୍ୟନ୍ତ,ସେହିଭଳି ବିବାହଠାରୁ ଆରମ୍ଭ କରି ସନ୍ତାନ କାମନା ପର୍ଯ୍ୟନ୍ତ, ବାଦ୍ୟ ବାଦନଠାରୁ ଆରମ୍ଭକରି ନୃତ୍ୟ ପ୍ରଦର୍ଶନ ପର୍ଯ୍ୟନ୍ତ, ତାଛଡା ଘୋଡା ଚଢି ଯାତ୍ରା କରୁଥିବା, ସ୍ୱାମୀ ସ୍ତ୍ରୀ ମିଶି ଭକ୍ତି କରୁଥିବା, ନାନା ଭଙ୍ଗିମର ଶୃଙ୍ଗାର କଳା ପ୍ରଦର୍ଶିତ କରୁଥିବା ମୂର୍ତ୍ତିଗୁଡିଏ ତିଆରିହେବା ସହିତ ଆହୁରି ଅନେକ ପ୍ରକାରର ମୂର୍ତ୍ତି ତିଆରି ହୋଇ ନାନା ଘଟଣାକୁ ସୂଚିତ କରିଥାଏ । ଏହିଭଳି ଅନେକ ପ୍ରକାରର ଜୀବନଚର୍ଯ୍ୟାକୁ ଚିତ୍ରଣ କରିବାରେ ପୂର୍ବର ଜ୍ଞାନୀମାନଙ୍କ ଉଦ୍ଦେଶ୍ୟ କଅଣ ଥିଲା ଯଦି ଆମେ ବିଚାର କରିବା ତେବେ ନିମ୍ନରେ ଥିବା କିଛି ବିବରଣୀ ଆମକୁ ଜାଣିବାକୁ ମିଳିଥାଏ ।

ମୂର୍ତ୍ତିରୂପରେ ମୁଖଶାଳା ଉପରେ ଚିତ୍ରିତ ହୋଇଥିବା ଦୃଶ୍ୟଗୁଡିକ ମାନବ ଜୀବନରେ ଘଟୁଥିବା ଘଟଣାବଳୀ ହୋଇ ରହିଥାଏ । ଜନ୍ମଠାରୁ ଆରମ୍ଭକରି ଶିଶୁ ଦଶାରୁ ମରଣ ପର୍ଯ୍ୟନ୍ତ ମାନବ ଜୀବନରେ ଘଟୁଥିବା ନାନା ପ୍ରକାରର ଘଟଣାକୁ ଶରୀରର ବ୍ରହ୍ମନାଡୀରେ ବାସକରୁଥିବା ଆତ୍ମା ତାର ନାଡୀକେନ୍ଦ୍ରଗୁଡିକ ଦ୍ୱାରା କରାଇଥାଏ । ଶରୀରର ଉପରିଭାଗରୁ ନିମ୍ନଭାଗ ପର୍ଯ୍ୟନ୍ତ ବ୍ୟାପୀରହିଥିବା ବ୍ରହ୍ମନାଡୀ ଦ୍ୱାରା ଏହିସବୁ କାର୍ଯ୍ୟଗୁଡିକ ହୋଇଥାଏ ଏବଂ ବ୍ରହ୍ମନାଡୀର ଉପରିଭାଗରୁ ବ୍ୟାପୀରହିଥିବା ଆତ୍ମା ଏହି କାର୍ଯ୍ୟଗୁଡିକ କରାଇବା ପାଇଁ ଚୈତନ୍ୟ ଦେଇଥାଏ । ଏହି ଜ୍ଞାନବିଷୟକୁ ମଣିଷ ଜାଣିବା ପାଇଁ ମୁଖଶାଳାର ନିମ୍ନଭାଗରୁ ଉପରିଭାଗ ପର୍ଯ୍ୟନ୍ତ ଅନେକ ଘଟଣାବଳୀର ଚିତ୍ରକୁ ସେଦିନର ଜ୍ଞାନୀମାନେ ଚିତ୍ରଣ କରିଥିଲେ ।

ଦେବାଳୟ ବା ମନ୍ଦିରରେ ଦୈବଙ୍କ (ଈଶ୍ୱରଙ୍କ) ଚିତ୍ର ରହିବା ଉଚିତ୍, ହେଲେ ଏଭଳି ମାନବ ଜୀବନରେ ଘଟୁଥିବା ଘଟଣାବଳୀକୁ ଚିତ୍ରଣ କରିବାରେ କି ଉଦ୍ଦେଶ୍ୟ ଥାଇପାରେ ବୋଲି ପ୍ରଶ୍ନକରି ସମାଧାନ ଖୋଜିଲେ, ପ୍ରତ୍ୟେକ କାର୍ଯ୍ୟରେ ଶରୀରର ପ୍ରତ୍ୟେକ ସ୍ପନ୍ଦନ ପାଇଁ ବା କର୍ମ ଅନୁଭବ ହେବା ପାଇଁ ଆତ୍ମା ହିଁ ଆଧାର ହୋଇ ରହିଥାଏ । ଏହି ଜ୍ଞାନ ଜଣାଇବା ପାଇଁ ମୁଖଶାଳା ଉପରେ ଏଭଳି ନାନା ପ୍ରକାରର ଚିତ୍ରବିଚିତ୍ରକୁ ଜ୍ଞାନୀମାନେ କଳ୍ପନା କରିଥିବା ଜଣାଯାଏ । ମୁଖଶାଳା ଉପରେ ଏଭଳି ନାନା ପ୍ରକାରର ମୂର୍ତ୍ତି ରହିବା ଦ୍ୱାରା ମଣିଷ ଶରୀରରେ ଈଶ୍ୱରଙ୍କ କର୍ତ୍ତବ୍ୟ କ'ଣ ଜାଣିପାରିବ, ଏହା ହିଁ ସେମାନଙ୍କର ଉଦ୍ଦେଶ୍ୟ ଥିଲା ।

ଏଭଳି ନାନା ପ୍ରକାରର ମୂର୍ତ୍ତିକୁ ମନ୍ଦିରର ମୁଖଶାଳାରେ କାହିଁକି ସ୍ଥାନ ଦେଇଥିଲେ ? ମୁଖ୍ୟ ମନ୍ଦିରରେ କାହିଁକି ସ୍ଥାନ ଦେଇନଥିଲେ ବୋଲି ଏକ ସଂଦେହ ଆସିଥାଏ । ତା'ଛଡା ଆତ୍ମା ବାବଦରେ କିମ୍ବା ଆତ୍ମାର କର୍ତ୍ତବ୍ୟ ବାବଦରେ ଯଦି ମନ୍ଦିରର ମୁଖଶାଳା ଜ୍ଞାନପ୍ରଦର୍ଶନ କରୁଥାଏ ତେବେ ତାହା ମନ୍ଦିରର ଆଗରେ କାହିଁକି ରଖାଗଲା, ମନ୍ଦିରର କଡରେ କାହିଁକି ରଖାଗଲା ନାହିଁ ? ଏପରି ମଧ୍ୟ ସଂଦେହ ଆସିଥାଏ । ଏହିଭଳି ଆମ ଭିତରେ ଉଭବ ହେଉଥିବା ସଂଦେହର ସମାଧାନ ହେଉଛି ! ମୁଖଶାଳା ଉପରେ ନାନା ପ୍ରକାରର ମୁର୍ତ୍ତିକୁ ସ୍ଥାନଦେବା କେବଳ ଆତ୍ମାର କର୍ତ୍ତବ୍ୟକୁ ଜଣାଇବା ହୋଇଥିଲେ ତାହା ମୁଖ୍ୟ ମନ୍ଦିର ପାଖରେ ତିଆରି କରି ପାରିଥା'ନ୍ତେ, କିନ୍ତୁ ତାହା ନକରି ମନ୍ଦିରର ବା ଦେବାଳୟର ସମ୍ମୁଖରେ ନିର୍ମାଣ କରିବାରେ ଆଉଏକ ରହସ୍ୟ ରହିଛି ବୋଲି ଜଣାଯାଉଛି । ଦେବାଳୟ ସମ୍ମୁଖରେ ଯଦି ମୁଖଶାଳା ରହିବ ତେବେ ଦେବାଳୟକୁ ଯାଉଥିବା ଲୋକମାନେ ପ୍ରଥମେ ଏହି ମୁଖଶାଳାକୁ ଅତିକ୍ରମ କରି ଭିତରକୁ ଯିବେ । –



**ମୁଖଶାଳା**

ଯଦି ତାହା ଦେବାଳୟର କଡରେ ରହିବ ତେବେ ତାହାକୁ ଅତିକ୍ରମ କରି ଭିତରକୁ ଯିବା ସମ୍ଭବ ହେବ ନାହିଁ । ଦେବାଳୟର ସମ୍ମୁଖରେ ମୁଖଶାଳା ରହିବା ଦ୍ୱାରା ପ୍ରଥମେ ତାହା ଦେଖିସାରିବା ପରେ ଭିତରେ ଥିବା ଆରାଧ୍ୟ ଦେଖାଯିବେ । ତାହା ନ କରି  ଯଦି ମୁଖଶାଳାକୁ ଦେବାଳୟ କଡରେ ରଖିବା ତେବେ  ମୁଖଶାଳାକୁ ନ ଦେଖି ସିଧା ଆରାଧ୍ୟଙ୍କୁ ଦେଖିବା ଭଳି ହେବ, ତଦ୍ୱାରା ଦେବାଳୟ ଯିବା ଆଗରୁ ଜାଣିବାକୁ ଥିବା ବିଷୟ ଅଜଣା ରହିଯିବ, ଅର୍ଥାତ୍ ଯାହା ଜାଣିବା ପରେ ଭିତରକୁ ଯାଇ  ଆରାଧ୍ୟର ଆରାଧନା  କରିବା  ଉଚିତ୍  ତାହା  ଆମେ ଜାଣି ପାରିବା ନାହିଁ । ଆତ୍ମା ବା ଶରୀରରେ ରହିଥିବା ଈଶ୍ୱର ଏହିଭଳି ରହିଥା'ନ୍ତି ବୋଲି ଜାଣି ନପାରିବା ବ୍ୟତୀତ ଆଉ ଏକ ବିଷୟ ମଧ୍ୟ ମଣିଷ ଛାଡିଦେବା ଭଳି ହେବ । ତାହା ହେଉଛି !

ମୁଖଶାଳ ଉପରେ ଅନେକ ମୂର୍ତ୍ତି ରହିଥାଏ । ସେଗୁଡିକ ଆମ ମନକୁ ବିଚଳିତ କରିଥାଏ, ଆମେ ଭୂଲିଯାଇଥିବା ବିଷୟକୁ ମନେ ପକାଇ ଦେଇଥାଏ । ସହଜ ଭାବରେ ମନକୁ ଆକର୍ଷିତ କରିପାରୁଥିବା ଭଳି ତାହା ନିର୍ମାଣ କରାଯାଇଥାଏ । ଶୃଙ୍ଗାର ପ୍ରିୟ ଲୋକମାନଙ୍କୁ ସେଠାରେ ଶୃଙ୍ଗାରକଳାର ଅଶ୍ଳୀଳ ଦୃଶ୍ୟଗୁଡିକ ଆକର୍ଷିତ କରିଥାଏ । ଯୁଦ୍ଧପ୍ରିୟ ଲୋକମାନଙ୍କୁ ସେଠିକାର ଯୁଦ୍ଧଦୃଶ୍ୟ ଆକର୍ଷିତ କରେ । ସଂଗୀତପ୍ରିୟ ଲୋକମାନଙ୍କୁ ସେଠିକାର ବାଦ୍ୟବାଦନ ଦୃଶ୍ୟ ଆକର୍ଷିତ କରିଥାଏ । ଏହିଭଳି ଯାହାକୁ ଯାହା ପ୍ରିୟ ତାହା ମୁଖଶାଳାରେ ରହିଥିବା ଚିତ୍ରରୁ ମିଳିଯାଉଥିବା ଭଳି ନିର୍ମାଣ କରାଯାଇଥାଏ । ଦେବାଳୟ ଭିତରକୁ ପ୍ରବେଶ କରିବା ଆଗରୁ ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ଏହି ମୁଖଶାଳାର ଦୃଶ୍ୟକୁ ଦେଖି ତାପରେ ନିଜର ଆରାଧ୍ୟକୁ ଦର୍ଶନ କରିଥା'ନ୍ତି । ଯେଉଁମାନେ ଦେବାଳୟକୁ ଯାଇଥା'ନ୍ତି ସେମାନେ ପ୍ରଥମେ ମୁଖଶାଳାକୁ ଦେଖିବା ବେଳେ,ସେଥିରେ ଥିବାଦୃଶ୍ୟକୁ ଦେଖିଥା'ନ୍ତି । ଯାହାର ପ୍ରିୟ ଜିନିଷ ଯାହା ତାକୁ ସେଠାରେ ତାହା ଦେଖାଯିବା ଦ୍ୱାରା ମନ୍ଦିର ପାଖକୁ ଯାଉଥିବା ବେଳେ ସେମାନଙ୍କଠାରେ ଗୁଣ କାର୍ଯ୍ୟ କରିବାକୁ ଲାଗିଥାଏ । ଏହିଭଳି ଗୁଣ କାର୍ଯ୍ୟକରିବା ଦ୍ୱାରା ସେମାନେ ନାନା ଆଲୋଚନାରେ ପଡିଯାଆନ୍ତି । ନାନା ପ୍ରକାରର ଆଲୋଚନାରେ ପକାଇବା ପାଇଁ ମୁଖଶାଳାର ଏହି ଚିତ୍ରଗୁଡିକ ଉଦ୍ଦ୍ୟେଶିତ ହୋଇ ରହିଥା ନ୍ତି, ଏହା ହିଁ ମୁଖଶାଳାର ଉଦ୍ଦେଶ୍ୟ । ମୁଖଶାଳା ପାଖକୁ ଯାଉ ଯାଉ ସେଥିରେ ଥିବା ଦୃଶ୍ୟାବଳୀ ଦେଖି ଯାହାସବୁ ଭୂଲିଯାଇଥିବା ତାହା ମନେପଡିଯାଏ । ଏମିତି ଯାହା ଭୂଲିଯାଇଥିଲେ ତାହା ମନେପଡି ବାହାରକୁ ଆସିବା ବେଳେ, ପୁଣି ତାହାକୁ ଭୂଲିଯିବା ପାଇଁ ଚେଷ୍ଟା କରିବା ଆମର କର୍ତ୍ତବ୍ୟ । ଆମର ଏହି କର୍ତ୍ତବ୍ୟକୁ ଆମେ ସୂଚ୍ଚରୁ ସମ୍ପାଦନ କରିପାରିଲେ ଆମଠାରେ ଆଉ କୌଣସି ଆଲୋଚନା ନରହି ମନ ଆମ ଆରାଧ୍ୟଙ୍କ ଉପରେ ଲଗ୍ନ ହୋଇ ପାରିବ ବୋଲି ସେଦିନ ଜ୍ଞାନୀମାନଙ୍କର ଉଦ୍ଦେଶ୍ୟ ଥିଲା ।

ଦେବାଳୟ ପାଖକୁ ଯେଉଁମାନେ ଯାଇଥା'ନ୍ତି ସେମାନଙ୍କୁ ମୁଖଶାଳା ଉପରେ ଥିବା ସାତଗୋଟି ଦ୍ୱାରର ଅର୍ଥ ବୁଝିବା ଏବଂ ଦ୍ୱାରର ଚତୁପାର୍ଶ୍ୱରେ ଥିବା ଚିତ୍ରଗୁଡିକୁ ଦେଖିବା ଦ୍ୱାରା ଆତ୍ମାର ମହାନ କାର୍ଯ୍ୟକୁ ଜାଣିଥିଲେ ମଧ୍ୟ ଚିତ୍ରଗୁଡିକ ବାରମ୍ବାର ଆଲୋଚନା ଆଣିଥାଏ । ଏଭଳି ନାନା ଆଲୋଚନା ଆସିବା ପରେ ସାଙ୍ଗେ ସାଙ୍ଗେ ଦେବାଳୟରେ ଏଭଳି ଆଲୋଚନା ଆଣିବା ଉଚିତ୍ ନୁହେଁ ବୋଲି ଜାଣି କିଛିଲୋକ ସେମାନଙ୍କ ମନକୁ ନିଗ୍ରହ କରି ପାରିଥା'ନ୍ତି । ଏମିତି ସହଜ ଭାବରେ ଆସୁଥିବା ଆଲୋଚନାକୁ ଦୂରକରିବା ଦ୍ୱାରା କିଛି ସମୟ ପାଇଁ ମନ ସ୍ଥିର ରହି ଆରାଧ୍ୟ ଉପରେ ରହିଥାଏ ।

ମୁଖଶାଳାର ଚିତ୍ରକୁ ଦେଖି ବିଚଳିତ ହେଉଥିବା ମନ ଯଦି ସ୍ଥିର ନହେଲା ତେବେ ମୁଖଶାଳାକୁ ଡେଇଁ ଭିତରକୁ ଗଲେ ଧ୍ୱଜସ୍ତମ୍ଭକୁ ଦେଖି ମନ ସ୍ଥିର ରହିଯାଇଥାଏ । ମୁଖଶାଳା ପାଖରେ ଆରମ୍ଭ ହୋଇଥିବା ମନଚାଞ୍ଚଲ୍ୟ ଧ୍ୱଜସ୍ତମ୍ଭ ପାଖରେ ଅଚଳ ହୋଇଯିବା ଉଚିତ୍ । ଯଦି ସେଠାରେ ମଧ୍ୟ ନହେଲା ତେବେ ଦେବାଳୟ ପାଖରେ ଲାଗିଥିବା ଘଣ୍ଟିଠାରେ ସ୍ଥିର ରହିବା ଉଚିତ୍ । ମନ ଆଣିଦେଉଥିବା ନାନା ପ୍ରକାରର ବିଷୟକୁ ଅଟକାଇବା ପାଇଁ ଧ୍ୱଜସ୍ତମ୍ଭରେ ଗୁଣଗୁଡିକର ବିବରଣୀ କିମ୍ବା ପରେ ଘଣ୍ଟିଶବ୍ଦ ରହିଥାଏ । ମଣିଷର ଥିବା ଗୁଣଗୁଡିକ ବିଘ୍ନର ରୂପରେ ଆସିଥାଏ ବୋଲି ମୁଖଶାଳାରେ ଗୁଣ କାର୍ଯ୍ୟକରିବା ଭଳି ନାନା ପ୍ରକାରର ଦୃଶ୍ୟକୁ ଜ୍ଞାନୀମାନେ ସ୍ଥାନ ଦେଇଥିଲେ, ଯାହା ଦ୍ୱାରା ପ୍ରଥମେ ଗୁଣଗୁଡିକର ବିଘ୍ନରକୁ ଅଟକାଇଦେବା ପରେ ଈଶ୍ୱର ଜଣାପଡିଥା'ନ୍ତି ବୋଲି ଏଥିରୁ ଭାବକୁ ଗ୍ରହଣ କରିହୁଏ । ଏଭଳି ମଣିଷକୁ ସତ୍ପଥ ଦେଖାଇବା ଯୋଜନାରେ ଜ୍ଞାନୀମାନେ ଦେବାଳୟର ପ୍ରାରମ୍ଭରେ ମୁଖଶାଳା, ତାପରେ ଧ୍ୱଜସ୍ତମ୍ଭ ଏବଂ ତାପରେ ଘଣ୍ଟିନାଦର ବ୍ୟବସ୍ଥା ଦେବାଳୟ ପରିସର ଭିତରେ ରଖିଥିଲେ । ମନ ସ୍ଥିରହୋଇ ନଥିବା ଭକ୍ତି ନିଷ୍ପ୍ରୟୋଜନ ବୋଲି ଜଣାଇବା ପାଇଁ ମନ୍ଦିରଗୁଡିକର ନିର୍ମାଣରେ ଏହି ମୁଖଶାଳାର ନିର୍ମାଣ ସେମାନଙ୍କ

ସୁ ଯୋଜନାର ଏକ ଭାଗ ବୋଲି ଜାଣିବା ଉଚିତ୍ । ଶରୀରରେ ଈଶ୍ୱର ଆତ୍ମା ରୂପରେ ରହିଥା'ନ୍ତି, ତାଙ୍କରି ଦ୍ୱାରା ଏହି ଶରୀର ସ୍ପନ୍ଦିତ ହେଉଛି, ପ୍ରତ୍ୟେକ କାର୍ଯ୍ୟକୁ ଈଶ୍ୱର ସାତଗୋଟି ନାଡୀକେନ୍ଦ୍ର ଦ୍ୱାରା କରାଇଥା'ନ୍ତି ବୋଲି ଜଣାଇବା ପାଇଁ ମୁଖଶାଳା ନିର୍ମାଣ ହୋଇଥାଏ । ଏହା ନିହାତି ଜାଣିବା ଉଚିତ୍ ।

*****

# ୭. ରାକ୍ଷାସାକାର

ଗର୍ଭମନ୍ଦିର ସାମ୍ନାରେ ଥିବା ମୁଖଶାଳାଟି ନାନା ଆକାରର ମୂର୍ତ୍ତିରେ ପୂର୍ଣ୍ଣ ଥିବା ସ୍ଥଳେ, ମୁଖଶାଳା ଉପରେ ରହିଥିବା କଳସର ତଳ ଭାଗରେ, ଗୋଟିଏ କଡରେ ତଳକୁ ଦେଖାଯିବା ଭଳି ବିକୃତ ଆକାରଟିଏ ରହିଥାଏ । ତାହା ଚାରି ଦିଗକୁ ଦେଖାଯିବା ଭଳି ରଖାଯାଇଥାଏ ବୋଲି ଆପଣ ଲକ୍ଷ୍ୟ କରିପାରିବେ । ଏହିଭଳି ଜ୍ଞାନଦାୟକ ପଦ୍ଧତିରେ ନିର୍ମାଣ କରାଯାଇଥିବା ଦେବାଳୟ ବା ମନ୍ଦିରଗୁଡିକରେ କେବଳ ଏହା ଦେଖାଯାଇଥାଏ ବୋଲି ଆପଣମାନଙ୍କୁ ଆଉଥରେ ମନେ ପକାଇଦେଉଛୁ । ମୁଖଶାଳାର ମୂର୍ତ୍ତିଗୁଡିକ ଉପରେ ଏହି ବିକୃତାକାର ରଖାଯାଇଥାଏ ବୋଲି ଏବେ ତାମିଲନାଡୁର ରାମବେଲୁରୁ ମନ୍ଦିରରେ ଦେଖିପାରିବେ । ଆନ୍ଧ୍ରପ୍ରଦେଶରେ ମଧ୍ୟ ଅତି ପୁରୁଣା ମନ୍ଦିରଗୁଡିକରେ ଦେଖିପାରିବେ । ଏଭଳି ଅନ୍ୟ କେଉଁ ରାଜ୍ୟରେ ଥାଇପାରେ ନଥାଇପାରେ । କାରଣ ! ଜ୍ଞାନପଦ୍ଧତିରେ ମନ୍ଦିରଗୁଡିକ କେବଳ ଦକ୍ଷିଣଭାରତରେ ନିର୍ମାଣ କରାଯାଇଥିଲା । ଜ୍ଞାନ ସର୍ବଦା ଦକ୍ଷିଣରେ ଥାଏ ବୋଲି ଅନେକ ପ୍ରମାଣ ରହିଛି । ଦୈବଜ୍ଞାନ ସର୍ବପ୍ରଥମେ ଦକ୍ଷିଣଭାରତର ମନୁ ନାମକ ବ୍ୟକ୍ତିଙ୍କୁ ଜଣାପଡିଥିଲା । ଏହିଭଳି ଅନେକ ପ୍ରମାଣରୁ ଦକ୍ଷିଣ ଭାରତର ମନ୍ଦିରଗୁଡିକ ଜ୍ଞାନ ପଦ୍ଧତିରେ ନିର୍ମାଣ କରାଯାଇଥିଲା ବୋଲି କହିପାରିବା । ଜ୍ଞାନ ଅନୁସାରେ ମୁଖଶାଳା ଉପରେ ଏହି ବିକୃତାକାରକୁ

ଦର୍ଶାଇବାର ଅର୍ଥ କଣ ଥାଇପାରେ ବୋଲି ବିଚାରକଲେ ! ମୁଖଶାଳା ଉପରେ ଥିବା ନାନାପ୍ରକାରର ଚିତ୍ର ବିଚିତ୍ରର ମୂର୍ତ୍ତିଗୁଡିକ ମାନବର ଜୀବନଚର୍ଯ୍ୟାକୁ ସୂଚାଇଥାଏ ବୋଲି ଜାଣିଥିଲେ । ମାନବ ଜୀବନର ଅନେକ ଘଟଣା, କାର୍ଯ୍ୟ କର୍ମପ୍ରେରିତ ଗୁଣଗୁଡିକ ଦ୍ୱାରା ହୋଇଥାଏ । ତେଣୁ ମୁଖଶାଳା ଉପରେ ନାନା ପ୍ରକାରର ଜୀବନଚର୍ଯ୍ୟାକୁ ମାୟାପୂରିତ ବୋଲି କହିପାରିବା । ଏହି ମାୟାକୁ ଅତିକ୍ରମ କରିବା ପରେ ଈଶ୍ୱର ବା ଦୈବ ଜଣାପଡିଥା'ନ୍ତି ବୋଲି ଜ୍ଞାନ ଜଣାଇ ପ୍ରଥମେ ମୁଖଶାଳା, ପରେ ମନ୍ଦିର ଭିତରେ ଥିବା ଦୈବଙ୍କୁ ରଖିଥିଲେ । ପ୍ରଥମେ ମୁଖଶାଳାରେ ଥିବା ଚିତ୍ର ବିଚିତ୍ର ଦୃଶ୍ୟଗୁଡିକ ମାୟା ଆବରଣରେ ଥାଏ ବୋଲି ଜଣାଇବା ନିମନ୍ତେ ମୁଖଶାଳାର ଉପରିଭାଗରେ ଚାରିଦିଗକୁ ଦେଖାଯାଉଥିବା ଭଳି ବିକୃତାକାରକୁ ରଖିଥିଲେ ।

ମୁଖଶାଳା ଉପରେ ଥିବା ବିକୃତାକାର ମାୟାର ସଂକେତ । ମନ୍ଦିରର ସୈମ୍ୟପ୍ରତିମା ଈଶ୍ୱରଙ୍କ ସଂକେତ । ମନ୍ଦିରର ବାହାରେ ଥିବା ମୁଖଶାଳାର ବିକୃତାକାର ମାୟାର ସଂକେତ ଭାବରେ, ଭିତରେ ଥିବା ସୌମ୍ୟପ୍ରତିମାକୁ ଈଶ୍ୱରଙ୍କ ସଂକେତ ଭାବରେ ସ୍ଥାପନ କରିଥିଲେ । ମୁଖଶାଳା ଉପରେ ଥିବା ବିକୃତାକାର ଅନୁସାରେ ତାହା ମାୟା ଏବଂ ତାର ତଳେ ଥିବା ଚତୁପାର୍ଶ୍ୱର ଚିତ୍ରାବଳୀ ମାୟାର ବୋଲି ଜଣାଯାଇଥାଏ । ବିକୃତ ଆକାରଟି ବଡ ବଡ ଦାନ୍ତ ବିଶିଷ୍ଟ, ତୀକ୍ଷ୍ଣ ଦୃଷ୍ଟି ବିଶିଷ୍ଟ ହୋଇ ମୁଖ ଖୋଲାକରି ପ୍ରାୟ ସିଂହର ଆକୃତି ବିଶିଷ୍ଟ ହୋଇଥାଏ । ତେଣୁ ମାୟାର ଏହି ଆକାରକୁ ସିଂହଲଲାଟ ନାମରେ କୁହାଯାଏ । କେହି କେହି ଏହି ମୁଖଶାଳାକୁ ସିଂହଦ୍ୱାର କହିଥାନ୍ତି । ସିଂହର ମୁଖଭଳି ଥିବା ଏହି ସିଂହାଲଲାଟ ନାମକ ମାୟା କିଭଳି ରହିଥାଏ ତାହାକୁ ନାନା ଚିତ୍ରକରି ଦର୍ଶାଇଥିଲେ । "ଗୁଣମୟି ମମ ମାୟା ଦୂରତ୍ୟୟା' ବୋଲି ଗୀତାରେ କହିଥିବା ଭଗବାନଙ୍କ ବାକ୍ୟ ଅନୁସାରେ ମାୟାକୁ ଜିତିବା ବଡ ଦୁଃସାଧ । ମାୟା ବଳଶାଳୀ ସିଂହ ଭଳି । ବାସ୍ତବରେ ଈଶ୍ୱରଙ୍କୁ

ଜାଣିବା ଏତେ ସହଜ ନୁହେଁ । ତାଙ୍କୁ ଜାଣିବାକୁ ହେଲେ ପ୍ରଥମେ ମାୟାକୁ ସଂପୂର୍ଣ୍ଣ ଜିତିବାକୁ ପଡିଥାଏ । ମାୟା ବଳଶାଳୀ ବୋଲି ଭୟକରିବା ମଧ୍ୟ ଆବଶ୍ୟକ ନାହିଁ । କାରଣ ଭଗବାନ ଗୀତାରେ କହିଛନ୍ତି ଯିଏ ମୋର ଶରଣ ନିଏ ସେ ମାୟାକୁ ସହଜରେ ଜିତିଯାଏ । ତେଣୁ ଗୀତାରେ "ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତିତେ' କହିଛନ୍ତି । ଭଗବଦ୍ଗୀତାରେ କହିବା ଭଳି ଈଶ୍ୱରଙ୍କ ଶରଣରେ ନଆସିଲେ ମଣିଷ ଜଙ୍ଗଲରେ ଭୋକିଲା ସିଂହ ଆଗରୁ ମୁକୁଳି ନପାରିବା ଭଳି ତା ଜୀବନର ନାନା ଘଟଣା ହୋଇ, ବନ୍ଧୁବାନ୍ଧବ ରୂପରେ, ସ୍ତ୍ରୀ ରୂପରେ ଏଭଳି ଅନେକ ରୂପରେ ରହି ଦୈବମାର୍ଗରେ ବ୍ୟତିରେକ ହୋଇ ରହିଥିବା ମାୟାଠାରୁ ମୁକୁଳି ପାରିବ ନାହିଁ । ଏ.କେ.୪୭ ରାଇଫଲ୍ ଥିବାବେଳେ ବଳଶାଳୀ ସିଂହକୁ ସହଜରେ ମାରିଦେଇ ପାରିବା । ସେହିଭଳି ଦୈବଜ୍ଞାନ ଜାଣି ସବୁଦିଗରୁ ଈଶ୍ୱରଙ୍କ ଶରଣ ନେଇଥିବା ପାତ୍ର ଦୈବଜ୍ଞାନ ନାମକ ବନ୍ଧୁକରେ ମାୟା ନାମକ ସିଂହକୁ ସହଜରେ ମାରିଦେଇ ପାରିବ । ତେଣୁ ସତର୍କ ହୋଇ ରହିବା ପାଇଁ ଦୈବଜ୍ଞାନ ନାମକ ଆୟୁଧ ଦରକାର ହୋଇଥାଏ ।

*****

# ୮. ଧ୍ୱଜ ସ୍ତମ୍ଭ


ମୁଖଶାଳାକୁ ଅତିକ୍ରମ କରିବା ପରେ ଦେଖାଯାଇଥାଏ ଧ୍ୱଜସ୍ତମ୍ଭ । ଧ୍ୱଜସ୍ତମ୍ଭ କହିଲେ ପତାକା (ଧ୍ୱଜା,ଝଣ୍ଡା) ଉଡାଇବା ସ୍ତମ୍ଭ । ଏକ ଦେଶକୁ ବା ରାଜ୍ୟକୁ ଚିହ୍ନାଇଥାଏ ସେହି ଦେଶର ଝଣ୍ଡା ବା ପତାକା । ତା'ଛଡା କାହାର ଅଧିକାରକୁ ଚିହ୍ନାଇଥାଏ ପତାକା ବା ଧ୍ୱଜା, କିନ୍ତୁ ଦେବାଳୟରେ ଧ୍ୱଜସ୍ତମ୍ଭ କାହିଁକି ରହିଥାଏ ? ସେଠାରେ କାହାର ଆଧିପତ୍ୟ ରହିଥାଏ ବୋଲି ପ୍ରଶ୍ନ କରିପାରିବା । ସିଧା ଜବାବରେ କହିପାରିବା ଯେ, ସେଠାରେ ଦୈବରାଜ୍ୟକୁ ସୂଚିତ କରିବାପାଇଁ ଝଣ୍ଡା ବା ଧ୍ୱଜା ରହିଥାଏ । ଧ୍ୱଜସ୍ତମ୍ଭ

ଆଗରୁ ଥିବା ମୁଖଶାଳାରେ ଆତ୍ମାଙ୍କୁ ବା ଈଶ୍ୱରଙ୍କୁ ଚିହ୍ନିବା ପାଇଁ ସାତଗୋଟି ଦ୍ୱାର ଥିଲେ ମଧ୍ୟ ତା ଚାରିକଡରେ ମାୟା ସମ୍ବନ୍ଧୀୟ ନିର୍ମାଣଗୁଡିଏ ଥାଏ । ମୁଖଶାଳା (ମାୟା) ବିକୃତ ଆକାର ଭାବରେ ଦର୍ଶନ ଦେଇଥାଏ । ଅର୍ଥାତ୍ ଶରୀରରେ ଈଶ୍ୱର ଥିଲେ ମଧ୍ୟ ମାୟା ଶରୀରକୁ ବଶୀଭୂତ କରି ରଖିଛି ବୋଲି ଜଣାଯାଉଛି । ତା'ଛଡା ଉପରେ ଦେଖାଯାଉଥିବା ଚିତ୍ରଗୁଡିକ ମାୟା ସମ୍ବନ୍ଧୀୟ ହୋଇଥିବାରୁ ସେଗୁଡିକୁ ଦେଖିବା କ୍ଷଣରେ ମନ ବିଚଳିତ ହୋଇଥାଏ । ସେହି ଅନୁସାରେ ମୁଖଶାଳାଠାରୁ ଧ୍ୱଜସ୍ତମ୍ଭ ପର୍ଯ୍ୟନ୍ତ ଯାହା ଅଛି ତାହା ମାୟାର ରାଜ୍ୟ ଏବଂ ଧ୍ୱଜସ୍ତମ୍ଭଠାରୁ ଭିତରକୁ ଈଶ୍ୱରଙ୍କ ରାଜ୍ୟ ବୋଲି ଜାଣିବା ପାଇଁ ମଝିରେ ଧ୍ୱଜସ୍ତମ୍ଭ ନିର୍ମାଣ କରିଥିଲେ । କେତେକ ବଡ ବଡ ମନ୍ଦିରରେ ମଧ୍ୟ ଏଭଳି ଜ୍ଞାନଶୂନ୍ୟ ଭାବରେ କେଉଁଠି ଧ୍ୱଜସ୍ତମ୍ଭ ରହିବ, କେଉଁଠି ମୁଖଶାଳା ରହିବ ନଜାଣି ମନ୍ଦିର ନିର୍ମାଣ କରାଯାଇଛି । ଏଭଳି ନିର୍ମାଣରେ ଜ୍ଞାନ ନଥାଏ ବୋଲି ଜାଣିବା ଉଚିତ୍ । ଧ୍ୱଜସ୍ତମ୍ଭ ଉପରେ ମାୟାକୁ ଚିହ୍ନିବା ଭଳି ସଂକେତକୁ ରଖି ତା' ଉପରେ ମାୟାଠାରୁ ବଡ, ମାୟାର ଅଧିପତି ହୋଇଥିବା ଈଶ୍ୱରଙ୍କ ସଂକେତକୁ ସ୍ଥାନ ଦେଇଥିଲେ । ତାହା କିପରି ଏବେ ଜାଣିବା ।

ମନ୍ଦିର ଭିତରକୁ ଯିବା ଆଗରୁ ମୁଖଶାଳା ମଝିରେ ଧ୍ୱଜସ୍ତମ୍ଭ ରହିଥାଏ । ଧ୍ୱଜସ୍ତମ୍ଭ ଏତିକି ଉଚ୍ଚରେ ରହିବା ଉଚିତ୍ ବୋଲି କୌଣସି ନିୟମ ନଥାଏ । ତେଣୁ ଗୋଟିଏ ଗୋଟିଏ ମନ୍ଦିରର ଧ୍ୱଜସ୍ତମ୍ଭ ଗୋଟିଏ ଗୋଟିଏ ପ୍ରକାରର ଉଚ୍ଚତା ନେଇ ରହିଥାଏ । ଧ୍ୱଜସ୍ତମ୍ଭ ଛୋଟ ହେଉ କିମ୍ବା ବଡହେଉ ତା'ଉପରେ ତିନିଧାଡି ହୋଇ ରହିଥିବା ଘଣ୍ଟିଗୁଡିଏ ନିଶ୍ଚୟ ରହିଥାଏ । ଗୋଟିଏ ଗୋଟିଏ ଧାଡିରେ ଛଅଗୋଟି ଘଣ୍ଟି ଝୁଲିଥାଏ । ଘଣ୍ଟିଗୁଡିକ ଛୋଟ ହୋଇଥିବାରୁ ତାହା ଅଳ୍ପ ପବନର ପ୍ରଭାବରେ ମଧ୍ୟ ବାଜିବା ଭଳି ରହିଥାଏ । ତିନି ଧାଡି ହୋଇ ରହିଥିବା ଘଣ୍ଟିଗୁଡିକ ଗୋଟିଏ ଦିଗକୁ ଲମ୍ବି ରହିଥାଏ । ତେଣୁ ଏହା ଦର୍ଶକକୁ ଏକ ପତାକା ବା ଧ୍ୱଜା

ଭଳି ଦେଖାଯାଇଥାଏ । ଘଣ୍ଟିଗୁଡିକ ଉପରେ ସ୍ତମ୍ଭର ଉପରି ଭାଗଟି ଦୀପାକାର ହୋଇଥାଏ, ସେଥିରେ ତୈଳ ଢାଳି ସଳିତାକୁ ଜଳାଇଦେବା ଭଳି ଅନୁକୂଳ ନିର୍ମାଣ କରାଯାଇଥାଏ । ପୂର୍ବେ ପ୍ରତ୍ୟେକ ଦିନ ସଂଧ୍ୟା ସମୟରେ ଏକ ଲେଣ୍ଡୁଣି ସାହାଯ୍ୟରେ ସ୍ତମ୍ଭ ଉପରକୁ ଚଢି ସେଠାରେ ଥିବା ଦୀପକୁ ଜଳାଇ ଦେଉଥିଲେ । କିଛିକାଳ ପରେ ପୂଜାରିମାନେ ଆଳସ୍ୟତା କାରଣରୁ କିମ୍ବା ଶରୀର ଓଜନିଆଁ ହୋଇଯିବା କାରଣରୁ ସବୁଦିନ ଉପରକୁ ଚଢିନପାରି ମାସକୁ ଥରେ ଜଳାଉଥିଲେ । ଆଉ କିଛିକାଳ ପରେ ମାସକୁ ଥରେ ଜଳାଇବା ମଧ୍ୟ ବନ୍ଦ କରିଦେଇ ପାଞ୍ଚମାସରେ ଥରେ ଜଳାଇବାକୁ ଲାଗିଲେ । ଶେଷରେ ଆଜି ସେହି ପଦ୍ଧତିକୁ ସମସ୍ତେ ଭୂଲିଗଲେଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ; ତଥାପି ପରମ୍ପରା ବଞ୍ଚିଛି ବୋଲି କେଉଁଠି କେମିତି ଏ ପଦ୍ଧତି ନାହିଁ ବୋଲି କହିପାରିବା ନାହିଁ । କେଉଁଠି କେଉଁଠି ବର୍ଷକୁ ଥରେ ହେଲେ ମଧ୍ୟ ଜଳାଉଛନ୍ତି । ତାହା କାର୍ତ୍ତିକପୂର୍ଣ୍ଣିମା ଦିନ ବୋଲି ଜଣାଯାଏ । ବର୍ଷର ୩୬୫ଦିନକୁ ମିଶାଇ ଏକକାଳୀନ ୩୬୫ ସଳିତାକୁ ଏକାଠିକରି କେଉଁଠି କେଉଁଠି ଜଳାଇବା ଜଣାଯାଏ । କେତେକ ମନ୍ଦିରରେ ପୂର୍ବରୀତିର ପରମ୍ପରା ଅନୁଯାୟୀ ରହିବାକୁ ଥିବା ଧ୍ୱଜସ୍ତମ୍ଭ ମଧ୍ୟ ନାହିଁ । ଆଉକେତେକ ମନ୍ଦିରରେ ଧ୍ୱଜସ୍ତମ୍ଭ ଥିଲେ ମଧ୍ୟ ସେଥିରେ ଘଣ୍ଟି ନାହିଁ । ଯଦି କେଉଁଠି ଅଛି ସେଥିରେ ତିନିଧାଡି ନରହି ମାତ୍ର ଗୋଟିଏ ଧାଡି ଅଛି, ଆଉକେଉଁଠି କାମ ଚଳିବାକୁ ମାତ୍ର ଗୋଟିଏ ଘଣ୍ଟି ଅଛି । ତା'ଛଡା ସେଠାରେ ଦୀପ ଜଳାଇବା ବ୍ୟବସ୍ଥା ମଧ୍ୟ ନାହିଁ । କେତେକ ସ୍ଥାନରେ ଧ୍ୱଜସ୍ତମ୍ଭର ରୂପରେଖ ସଂପୂର୍ଣ୍ଣ ବଦଳି ସାରିଲାଣି । କାଳକ୍ରମେ ଆଜି କେତେକ ମନ୍ଦିରରେ ମୁଖଶାଳା ନାହିଁ କି ଧ୍ୱଜସ୍ତମ୍ଭ ମଧ୍ୟ ନାହିଁ । ଯଦି କେଉଁଠି ଅଛି ତେବେ ତାହା କେବଳ ଦେଖିବା ପାଇଁ ଅଛି ସିନା, ସେଥିରେ ଜ୍ଞାନ ନାହିଁ । ଏଇଭଳି ଆମ ମନ୍ଦିରର ରୀତି ଆଜି ହଜିଯାଇ ହିନ୍ଦୁମତ ସ୍ୱତନ୍ତ୍ର ହିନ୍ଦୁମତରେ ପରିଣତ ହୋଇଯାଇଛି । ମନ୍ଦିର ନିର୍ମାଣ କରିବା ପାଇଁ ସ୍ୱତନ୍ତ୍ର ଶାସ୍ତ୍ର ରହିଛି ବୋଲି କେହିକେହି କହନ୍ତି । ଆମକୁ ବେଦ ବେଦାଙ୍ଗ ଜଣା

ଅଛି ବୋଲି କହୁଛନ୍ତି ସିନା ଆମ ପରମ୍ପରା ଲୁଚିଯାଉଥିବା ବେଳେ ତା' ବାବଦରେ କିଛି ବି କହିପାରୁ ନାହାନ୍ତି । ଇନ୍ଦୁମତ କାଳକ୍ରମେ ହିନ୍ଦୁମତରେ ପରିଣତ ହୋଇଯାଇଛି । ଇନ୍ଦୁମତରେ ପୂର୍ବେଥିବା ଆଚରଣ ଆଉ ନାହିଁ । ଦିନେ ସାରା ଦୁନିଆରେ ବ୍ୟାପୀରହିଥିବା ଇନ୍ଦୁମତ ଆଜି ଭାରତରୁ ମଧ୍ୟ ଲୋପପାଇବାକୁ ବସିଛି । ସେ ଯାହାବି ହେଉ ଆମ ଆଚାର ବ୍ୟବହାରକୁ ରକ୍ଷାକରିବା, ପୁନରୁଦ୍ଧାର କରିବା ଆମ କର୍ତ୍ତବ୍ୟ । ତେଣୁ ଆମ ମତରେ ଥିବା ମନ୍ଦିରର ରହସ୍ୟ ସଂପୂର୍ଣ୍ଣ ଭାବରେ ଆମେ ଜାଣିବା ଦରକାର ।



ଧ୍ୱଜ ସ୍ତମ୍ଭ

ଦେବାଳୟଗୁଡିକ ପୂର୍ବେ ଆଧ୍ୟାତ୍ମିକ କେନ୍ଦ୍ର ଭାବରେ ବ୍ୟବହୃତ ହେଉଥିଲା । ସେହି ଅନୁଯାୟୀ ଧ୍ୱଜସ୍ତମ୍ଭରେ ମଧ୍ୟ ଅନେକ ଆଧ୍ୟାତ୍ମିକ ଜ୍ଞାନ ରହିଥିଲା ବୋଲି କହିପାରିବା । ସେହି ଜ୍ଞାନ ହେଉଛି ! ଆମ ଶରୀରରେ ଥିବା ମନ ଅବିରାମ ଭାବରେ ଜାଗ୍ରତାବସ୍ଥାରେ ଅନେକ ବିଷୟଚିନ୍ତାକୁ ଆଣିଥାଏ । ମନର ସେହି ବିଷୟଗୁଡିକ କାମ ବିଷୟ, କ୍ରୋଧ ବିଷୟ, ଲୋଭ ବିଷୟ, ମୋହ ବିଷୟ, ମଦ ବିଷୟ, ମାତ୍ସର୍ଯ୍ୟ ବିଷୟ ହୋଇ ଭିତରକୁ ଆସିଥାଏ । ମନକୁ ଆସୁଥିବା ଏହି ବିଷୟଗୁଡିକ ସାତ୍ତ୍ୱିକ, ରାଜସ, ତାମସ ନାମକ ଗୁଣବିଷୟ ହୋଇ ଆସିଥାଏ । ଏହିଭଳି ଗୁଣବିଷୟ ତିନି ପ୍ରକାରର ଥାଏ । ଏହି ତିନିଗୁଣକୁ ଭଗବଦ୍ଗୀତାରେ ମାୟା କହିବାକୁ ଯାଇ "ଗୁଣମୟି ମମମାୟା' କହିଛନ୍ତି । ମାୟା ତିନି ଗୁଣଭାଗ ରୂପରେ ରହି ପ୍ରତ୍ୟେକ ଭାଗରେ ଛଅଗୋଟି ବର୍ଗ ହୋଇ ରହିଛି । ପ୍ରତ୍ୟେକ ବର୍ଗରେ ଦୁଇ ପ୍ରକାରର ଗୁଣ ରହିଥା'ନ୍ତି । ଉଦାହରଣ ଭାବରେ ଆଶା ଦ୍ୱେଷ ଏକ ଦଳ ବୋଲି ଭାବିବା । ଏହିଭଳି ଦଳ ଛଅଗୋଟି ସାତ୍ତ୍ୱିକରେ, ରାଜସରେ, ତାମସରେ ରହିବା ଦ୍ୱାରା ଧ୍ୱଜସ୍ତମ୍ଭ ଉପରେ ତାର ସଂକେତ ଭାବରେ ତିନିଧାଡିର ଘଣ୍ଟିଗୁଡିଏ ରଖିଛନ୍ତି । ପ୍ରତ୍ୟେକ ଗୁଣଭାଗରେ ଛଅ ଦଳର ଗୁଣ ରହିବା ଦ୍ୱାରା ସେହି ବିବରଣ ଜାଣିପାରିବା ଭଳି ଗୁଣ ବିଷୟର ପ୍ରତୀକ ଭାବରେ ଗୋଟିଏ ଗୋଟିଏ ଧାଡିରେ ଛଅଗୋଟି ଘଣ୍ଟି ରଖିଥିଲେ । ପବନ ବହିବା ସମୟରେ ପବନର ପ୍ରଭାବରେ ଘଂଟିଗୁଡିକ ବାଜି ଶବ୍ଦ ହୋଇଥାଏ । ସେହିଭଳି ଆମ ଶରୀରରେ ମନ ଅବିରାମ ଭାବରେ ବିଷୟ ଜ୍ଞାନଗୁଡିକୁ ଆଣି ଦେଇଥାଏ । ଗୋଟିଏ ବିଷୟ ମନ ଦ୍ୱାରା ଆସିବା ପରେ ତାର ଆଲୋଚନା ଶେଷହେବା ଆଗରୁ ଆହୁରି ଗୋଟିଏ ବିଷୟ ଆସି ପହଞ୍ଚିଥାଏ । ଏହିଭଳି ଗୋଟିକ ପରେ ଆସୁଥିବା ଗୋଟିଏ ବିଷୟର ସଂକେତ ଭାବରେ ଘଣ୍ଟିଗୁଡିକୁ ସ୍ଥାନ ଦେଇଥିଲେ । ମାୟା ବିଧାନକୁ ଘଣ୍ଟି ଏବଂ ଘଣ୍ଟିର ଶବ୍ଦ ଭାବରେ ଦର୍ଶାଇ, ତାହାକୁ ବିନାଶ କରିଦେଉଥିବା

ଜ୍ଞାନ ମଧ୍ୟ ଅଛି ଅର୍ଥାତ୍ ତାହାକୁ ମଧ୍ୟ ଅଧିଷ୍ଠାନ କରି ଦୈବଜ୍ଞାନ ରହିଛି ବୋଲି ଘଣ୍ଟିଗୁଡ଼ିକର ଉପରି ଭାଗରେ ବଡଦୀପଟିଏ ସ୍ଥାନ ଦେଇଥିଲେ । ଏହାକୁ ପୂର୍ବେ ଜ୍ଞାନଜ୍ୟୋତି କୁହାଯାଉଥିଲା । ଇନ୍ଦ୍ରିୟ ବିଷୟଗୁଡିକ ଅପେକ୍ଷା ଜ୍ଞାନ ମହାନ ହୋଇଥିବାରୁ ଘଣ୍ଟିଗୁଡିକର ଉପରେ ଜ୍ୟୋତିକୁ ରଖିଥିଲେ । ବିଷୟଗୁଡିକ ଦ୍ୱାରା ଉତ୍ପନ୍ନ ହେଉଥିବା କର୍ମକୁ ଜ୍ଞାନାଗ୍ନି ଜାଳିଦେଇଥାଏ । ତେଣୁ ଘଣ୍ଟିଗୁଡିକୁ ଗୁଣବିଷୟ ସହିତ ତୁଳନା କରି ତା' ଉପରେ ଜ୍ଞାନାଗ୍ନିର ଚିହ୍ନ ଭାବରେ ଦୀପ ଜଳାଉଥିଲେ । ମୁଖଶାଳା ଉପରେ ଥିବା ଚିତ୍ରଗୁଡିକ ଦେଖି ମୁଣ୍ଡରେ ଆଲୋଚନା ଆରମ୍ଭ ହେଲେ ମଧ୍ୟ ଏପର୍ଯ୍ୟନ୍ତ ତୁ ମାୟା ନାମକ ଅନ୍ଧକାର ଆବରଣରେ ଅଛୁ, ଧ୍ୱଜସ୍ତମ୍ଭରୁ ଦୈବ ଆବରଣ ଭିତରକୁ ବା ଜ୍ଞାନାଲୋକକୁ ପ୍ରବେଶକରୁଛୁ ବୋଲି ଜଣାଇବାପାଇଁ ଜଳୁଥିବା ଦୀପକୁ ଧ୍ୱଜସ୍ତମ୍ଭ ଉପରେ ଜଳାଉଥିଲେ । ପୂର୍ବେ ଧ୍ୱଜସ୍ତମ୍ଭର ଏହି ଜ୍ଞାନକୁ ଯେଉଁମାନେ ଜାଣିଥିଲେ ସେମାନେ ସେହିଠାରେ ସେମାନଙ୍କର ଆଲୋଚନାକୁ ଭୂଲିଯିବାକୁ ଚେଷ୍ଟା କରୁଥିଲେ । ଆଉ କେତେକଙ୍କ ଆଲୋଚନା ଅତ୍ୟଧିକ ଥିବାରୁ, ଧ୍ୱଜସ୍ତମ୍ଭ ଅତିକ୍ରମ କରିବା ପରେ ମଧ୍ୟ ସେମାନଙ୍କଠାରେ କିଛି ଆଲୋଚନା ରହିଯାଇଥାଏ, ତଥାପି ସେମାନେ ଆଲୋଚନାରୁ ବହିର୍ଗତ ହେବାପାଇଁ ମନ୍ଦିର ପାଖରେ ଥିବା ଘଣ୍ଟି ସଚେତନ କରିଥାଏ । ସେତେବେଳର ଜ୍ଞାନୀମାନଙ୍କ ଦ୍ୱାରା ହିଁ ଏହି ରୀତିଟି ପାରମ୍ପରୀକ ଭାବରେ ମନ୍ଦିରରେ ରଖାଯାଇଥିଲା, ସେମାନେ ସେଠିକାର ଘଣ୍ଟି ଶବ୍ଦରେ ଥିବା ଜ୍ଞାନ ଜାଣି ଆଲୋଚନା ରହିତ ହୋଇପାରୁଥିଲେ । ମାୟାବଳ ଦ୍ୱାରା ଆଲୋଚନା ରହିଲେ ମଧ୍ୟ ଶେଷରେ ତାହା ମଧ୍ୟ ନିର୍ମୂଳ ହେବା ପାଇଁ, ମନକୁ ଦୈବଧ୍ୟାନରେ ଲଗାଇବା ପାଇଁ ଜ୍ଞାନୀମାନେ ଘଣ୍ଟିର ବନ୍ଦୋବସ୍ତ କରିଥିଲେ । ଘଣ୍ଟିଶବ୍ଦ ଦ୍ୱାରା କିମ୍ବା ତା'ପୂର୍ବରୁ ଥିବା ଧ୍ୱଜସ୍ତମ୍ଭ ଦ୍ୱାରା ନିଶ୍ଚୟ ମନୋନିଗ୍ରହ ହୋଇଥାଏ ।


*****

# ୯. ଘଣ୍ଟି

ପ୍ରତ୍ୟେକ ମନ୍ଦିରର ମୂଳପ୍ରତିମା ନିକଟରେ ଏକ ଘଣ୍ଟି ଝୁଲିଥାଏ । ମନ୍ଦିର ଭିତରକୁ ପ୍ରବେଶ କରୁଥିବା ଭକ୍ତମାନେ ପ୍ରଥମେ ଘଣ୍ଟି ବଜାଇବା ପରମ୍ପରା ରହିଆସିଛି । ସାଧାରଣତଃ ଘଣ୍ଟି ନବଜାଇ କେହି ମନ୍ଦିରର ପ୍ରତିମାକୁ ପ୍ରଣାମ କରିନଥା'ନ୍ତି । କେତେକ ଗେଡାଲୋକ ସେମାନଙ୍କ ହାତ ଘଣ୍ଟାପର୍ଯ୍ୟନ୍ତ ନଗଲେ ମଧ୍ୟ ଟିକିଏ ଡେଇଁକରି ହେଉପଛେ ଘଣ୍ଟି ନ ବଜାଇ ପ୍ରଣାମ କରନ୍ତି ନାହିଁ, ସମସ୍ତେ ଘଣ୍ଟି ବଜାଇବାକୁ ଚେଷ୍ଟା କରନ୍ତି । ଏଭଳି  ଅଭ୍ୟାସରେ ପଡିଥିବା ଲୋକମାନଙ୍କୁ ଆପଣମାନେ ଘଣ୍ଟି କାହିଁକି ବଜାଉଛନ୍ତି ବୋଲି ପଚାରିଲେ ଏଭଳି କରିବା ଆମ ପରମ୍ପରା ଆଉ ପଦ୍ଧତି ବୋଲି କହୁଛନ୍ତି, ବଜାଇବାରେ କଅଣ ଅର୍ଥ ଅଛି ? ବୋଲି ପଚାରିଲେ ସଠିକ୍ ଜବାବ ଦେଇପାରୁ ନାହାନ୍ତି । ଲୋକେ ମେଣ୍ଢାପଲଙ୍କ ଭଳି ଜଣେ ଚାଲିଥିବା ବାଟରେ ସମସ୍ତେ ଚାଲୁଛନ୍ତି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ବୋଧହୁଏ ମନ୍ଦିରର ପୂଜାରି ଏ ବାବଦରେ ସଠିକ ଜବାବ ଦେଇପାରିବ ଭାବି ସେମାନଙ୍କୁ ପଚାରିଲେ, "ମନ୍ଦିରରେ ଦେବତା ନିଦ୍ରାସ୍ଥିତିରେ ରହିଥାଏ,  ଘଣ୍ଟିଶବ୍ଦରେ ଉଠେ, ତାର ନିଦ ଭାଙ୍ଗିଯିବା ପରେ ସେ ମୋ ଭକ୍ତ ଆସିଛି ବୋଲି ଜାଣିପାରେ । ସେଥିଲାଗି ମନ୍ଦିରର ଘଣ୍ଟି ବଜାଇଲେ ସେ ଉଠୁଥିବାରୁ ଭକ୍ତ ପ୍ରଥମେ ଘଣ୍ଟି ବଜାଇଥାଏ" ବୋଲି କହୁଛନ୍ତି । ଠିକ୍ ଅଛି ଜଣେ ଭକ୍ତ ଆସି ଘଣ୍ଟି ବଜାଇବାରୁ ମନ୍ଦିରର ଦେବତା ଉଠିଥାଏ ବୋଲି ବିଶ୍ୱାସ କରିବା, ହେଲେ ତା ପଛରେ ଥିବା ଅନ୍ୟ ଭକ୍ତମାନେ ମଧ୍ୟ ଜଣକ ପରେ ଜଣେ ଘଣ୍ଟି ବଜାଇଥା'ନ୍ତି । କ'ଣ ମନ୍ଦିରରେ ଦେବତା ଖାଲି ଶୋଇଥା'ନ୍ତି ? ବୋଲି ପଚାରିଲେ ଏହା ଠିକ୍ ପ୍ରଶ୍ନ ନୁହେଁ, ଏଭଳି ପଚାରିବା ଉଚିତ୍ ନୁହେଁ, ଯାହା ଅଛିନା ! ତାହା କେମିତି ନକରିବା ବୋଲି କହୁଛନ୍ତି ।

ସମସ୍ତଙ୍କଠାରୁ ଭିନ୍ନ ଥିବା ଯୋଗୀମାନେ, ମନ୍ଦିରରେ ଅଦ୍ଭୁତ ଅର୍ଥ ଦେଉଥିବା ଜ୍ଞାନକୁ ଜାଣିଥିବା ଜ୍ଞାନୀମାନେ,ଘଣ୍ଟି ଶବ୍ଦ ବାବଦରେ

ଆଗରୁ ଥିବା ଧ୍ୱଜସ୍ତମ୍ଭଠାରେ ହିଁ ଘଣ୍ଟି ଶବ୍ଦର ଅର୍ଥ ଏଇଆ ବୋଲି ଜଣାଇ ଦେଇଛନ୍ତି । ମଣିଷ ମନ୍ଦିରକୁ ଆସିବା ଆଗରୁ ନାନା ପ୍ରକାରର ବିଷୟ ଚିନ୍ତାରେ ରହିଥାଏ । ଏଭଳି ବିଷୟ ଚିନ୍ତନକୁ ଗୋଟିଏ କ୍ଷଣ ହେଉପଛେ ମନ୍ଦିରରେ ଥିବା ଆରାଧ୍ୟ ନିକଟକୁ ଆସିବା ଆଗରୁ ଏହି ଘଣ୍ଟିଠାରେ ମନରୁ ଦୂର କରିବା ଉଚିତ୍ ବୋଲି ଉଦ୍ଦେଶ୍ୟ ରଖି ଆରାଧ୍ୟ ନିକଟରେ ଘଣ୍ଟିଟିଏ ଝୁଲାଇ ଦେଇଥିଲେ । ଥରେ ଘଣ୍ଟି ବଜାଇ ଘଣ୍ଟିର ଶବ୍ଦକୁ ଧ୍ୟାନ ଲଗାଇ ଶୁଣନ୍ତୁ ।



**ଘଣ୍ଟି**

ଟଙ୍ଗ୍ ..ଗ୍..ଗ୍..ଗ୍..ଗ୍.. ଶବ୍ଦ ଶୁଣି ପାରିବେ । ଏଭଳି ଦୀର୍ଘସମୟ ଧରି ଧ୍ୱନି ଶୁଣାଯିବ । ପୂର୍ବେ ଭକ୍ତମାନେ ଏଭଳି ଥରେ ଘଣ୍ଟି ବଜାଇ ସେହି ଘଣ୍ଟିର ଧ୍ୱନୀକୁ ଶୁଣୁଥିଲେ । ଶୁଣିବା ଅବସ୍ଥାରେ ସେହି ଘଣ୍ଟି ଶବ୍ଦ ଉପରେ ମନୋଦୃଷ୍ଟି ରଖୁଥିଲେ । ଏଭଳି ଶୁଣିବା ଦ୍ୱାରା ମାଙ୍କଡ ଭଳି ଏଡାଳରୁ ସେ

ତାଳକୁ ଖୁବ୍ ଦ୍ରୁତଗତିରେ ଡେଉଁ ପଳାଉଥିବା ମନ ଘଣ୍ଟି ଶବ୍ଦ ଯେଉଁଭଳି ଧ୍ୱନିତ ହୋଇ ଶେଷରେ ଗୋଟିଏ ସ୍ଥିତିରେ ଅଟକିଯାଏ, ସେହିଭଳି ସେହି ଧ୍ୱନି ତାଳରେ ମନ ମଧ୍ୟ ଗୋଟିଏ ସ୍ଥିତିରେ ପହଞ୍ଚି ଅଟକିଯାଏ, ସେହି ସମୟରେ ଗୋଟିଏ କ୍ଷଣ ନହେଲା କାହିଁକି ଭିତରେ ମନୋନିଗ୍ରହ ଆସିଯାଇଥାଏ, ତେଣୁ ପ୍ରତିମା ଉପରେ ଦୃଷ୍ଟି ରହିଥିବାରୁ ମନୋଧ୍ୟାନ ମଧ୍ୟ ପ୍ରତିମା ଉପରକୁ ଯାଇଥାଏ ବୋଲି ଜ୍ଞାନୀମାନଙ୍କର ଭାବନା ରହିଥିଲା ।


ଆଜି ମଧ୍ୟ ସମସ୍ତେ ଘଂଟି ବଜାଉଛନ୍ତି ହେଲେ ମନ୍ଦିରରେ ଜ୍ଞାନୀମାନେ ଘଣ୍ଟିକୁ କାହିଁକି ସ୍ଥାନ ଦେଇଥିଲେ ନଜାଣି ଥରେ ଦୁଇଥର ନୁହେଁ ବାରମ୍ବାର ଘଣ୍ଟି ବଜାଇ କୋଳାହଳପୂର୍ଣ୍ଣ ଭାବରେ ମନ୍ଦିର ମୁଖରିତ କରିଦେଉଛନ୍ତି । ଏଭଳି କରିବାରେ କିଛି ଅର୍ଥ ନଥାଏ । କାହିଁକି ଘଣ୍ଟି ବଜାଉଛେ ନଜାଣି ଆଗଲୋକ ତ ବାଜାଇଲା ମୁଁ ନ ବଜାଇଲେ କେମିତି ହେବ ବୋଲି ବଜାଉଛନ୍ତି । ବଜାଇଲେ ଭଲ ବୋଲି ବଜାଉଛନ୍ତି ସିନା, ଘଣ୍ଟି ବଜାଇବା ଦ୍ୱାରା ଘଣ୍ଟିଧ୍ୱନିରେ ମନୋନିଶ୍ଚଳତା ଆସିଥାଏ ବୋଲି ଜାଣିପାରୁ ନାହାନ୍ତି । ମନୋନିଶ୍ଚଳ ନଥିବା ପୂଜା ବ୍ୟର୍ଥ । ତେଣୁ ଥରେ ମାତ୍ର ଘଣ୍ଟି ବଜାନ୍ତୁ, ଯେଉଁ ଶବ୍ଦ ହେବ ସେହି ଶବ୍ଦ ଉପରେ ମନ ଲଗାନ୍ତୁ । ଯଦି ଥରେ ଘଣ୍ଟି ବଜାଇବା ଦ୍ୱାରା ମନୋନିଶ୍ଚଳତା ନ ଆସିଲା ତେବେ ପ୍ରଥମ ଥରର ଧ୍ୱନି ଶେଷ ହେବା ପରେ ଆଉଥରେ ଘଣ୍ଟି ବଜାଇ ଶୁଣାଯାଉଥିବା ଧ୍ୱନିରେ ମନୋନିଶ୍ଚଳତା ଆଣିବାକୁ ଚେଷ୍ଟା କରନ୍ତୁ । ନିଶ୍ଚୟ ମନ ସ୍ଥିର ହେବ । ଆପଣଙ୍କ ମନ ସ୍ଥିର ହେବା ପରେ ପୂଜାକଲେ ପ୍ରୟୋଜନ ଅଛି । ତାନକରି ମନ୍ଦିରକୁ ହେୟ ଜ୍ଞାନରେ ଯାଇ, ହେୟ ଜ୍ଞାନରେ ଘଣ୍ଟି ବଜାଇଲେ ପୂଜା ମଧ୍ୟ ହେୟ ଜ୍ଞାନରେ କରିବା ଭଳି ହେବ ସିନା, ମନ୍ଦିରକୁ ଯାଇ କିଛି ଲାଭ ରହିବ ନାହିଁ ।


*****

# ୧୦- ସିଂହସୀମା ବା ସିଂହତୋରଣ

ମୁଖଶାଳାକୁ ଅତିକ୍ରମ କରିବା ପରେ ଧ୍ୱଜସ୍ତମ୍ଭ, ଧ୍ୱଜସ୍ତମ୍ଭର ଜ୍ଞାନକୁ ବୁଝି ଆଗକୁ ଗଲେ ମନ୍ଦିର ସାମ୍ନାରେ ଥିବା ଘଣ୍ଟି, ଘଣ୍ଟିକୁ ଅତିକ୍ରମ କରି ଟିକିଏ ଭିତରକୁ ଗଲେ ସପ୍ତମ ଦ୍ୱାର ଭିତରେ ଥିବା ପ୍ରତିମା ଗୋଚର ହୋଇଥାଏ । ପ୍ରତିମା କୌଣସି ରୂପର ହୋଇଥିଲେ ହେଁ ସେହି ପ୍ରତିମାକୁ ମନ୍ଦିରର ମୂଳବିରାଟ୍ (ମୂଳ ଜ୍ଞାତବ୍ୟ ଜିନିଷ) କୁହାଯାଏ । ଆକାର ନଥିବା ଈଶ୍ୱର, ଆକାର ଥିବା ପ୍ରତିମାତଃ ମନ୍ଦିର ଭିତରେ କାହିଁକି ରଖାଯାଇଥାଏ ବୋଲି ଅନ୍ୟ ମତାବଲମ୍ବୀମାନଙ୍କଠାରେ ସଂଦେହ ଆସିପାରେ । ତା'ର ସମାଧାନ ହେଉଛି ! ଯିଏ ବିଶ୍ୱର ପ୍ରତ୍ୟେକ ଅଣୁରେ ବ୍ୟାପୀରହିଛି ସେ ହେଉଛି ପରମାତ୍ମା । ସର୍ବତ୍ର ବ୍ୟାପୀରହିଥିବା ପରମାତ୍ମାଙ୍କୁ ଇନ୍ଦୂମତରେ (ହିନ୍ଦୁଧର୍ମରେ) 'ପୁରୁଷୋତ୍ତମ' ବା 'ପରମାତ୍ମା', ଇସ୍ଲାମ ମତରେ 'ଅଲ୍ଲାଃ', ଖ୍ରୀଷ୍ଟମତରେ 'ଯହୋବା' କହିଥାନ୍ତି । ଯିଏ ଯେପରି କହିଲେ ମଧ କହିଥା'ନ୍ତି ସେହି ଜଣକୁ, ସେହି ଜଣକ କିଏ ବୋଲି ଜଣାଇବା ଉଦ୍ଦେଶ୍ୟରେ ବଡମାନେ ଦେବାଳୟର ସୃଷ୍ଟି କରିଥିଲେ । ଈଶ୍ୱର ନିରାକାର ବୋଲି କହିବା ପାଇଁ ନାକମୁଖ ନଥିବା (କୌଣସି ଅଙ୍ଗପ୍ରତ୍ୟଙ୍ଗ ନଥିବା) ଗୋଲାକାର ପଥରକୁ (ଈଶ୍ୱରଲିଂଗକୁ) ଦର୍ଶାଇଥିଲେ । ଶରୀରାକୃତି ନଥିବା ଲିଙ୍ଗ ସେତେବେଳେ କେତେକ ଆଳୟରେ ରଖାଇଥିବା ସ୍ଥଳେ, କେତେକ ମନ୍ଦିରରେ ଶରୀରାକାର ଥିବା ପ୍ରତିମା ରଖାଇଥିଲେ । ଉଦାହରଣ ଭାବରେ ତିରୁପତିରେ ଥିବା ଭେଙ୍କଟେଶ୍ୱର ମନ୍ଦିରର ପ୍ରତିମାକୁ ଦେଖନ୍ତୁ । ସେଠାରେ ତାହା ଏକ ଆକାର ଥିବା ପ୍ରତିମା ବୋଲି ଜାଣିପାରିବେ । ଈଶ୍ୱର ନିରାକାର ବୋଲି ଜଣାଇବା ପାଇଁ ଲିଂଗାକାର ରଖିଥିବା ବେଳେ, ଈଶ୍ୱର ବେଳେବେଳେ ସାକାର ରୂପରେ ଆସିଥା'ନ୍ତି ବୋଲି ମଣିଷଆକାର ବିଶିଷ୍ଟ ପ୍ରତିମା ରଖିଥିଲେ । ଈଶ୍ୱର ନିରାକାର ଭାବରେ ରହି ଧର୍ମ ପ୍ରତିଷ୍ଠା କରିବା ନିମନ୍ତେ ନିଜେ ନିଜକୁ ସୃଷ୍ଟିକରି ପରମାତ୍ମାଙ୍କ ପ୍ରତିନିଧି ଭାବରେ ବା ଈଶ୍ୱରଙ୍କ ଦୂତ ଭାବରେ ଭୂପୃଷ୍ଠରେ ମାନବ ଜନ୍ମନେଇ ଆସିଥା'ନ୍ତି ବୋଲି

ଭଗବଦ୍ଗୀତାରେ ମଧ୍ୟ କୁହାଯାଇଛି । ଅବଧିହୀନ ପରମାତ୍ମାଙ୍କ ସମାଚାର ନେଇ ଯିଏ ଆସିଥା'ନ୍ତି ସେ ଅବଧୂତ ବୋଲି ମଧ୍ୟ ସେହି ମାନବରୂପୀଙ୍କୁ କେହି କେହି କହିଥା'ନ୍ତି । ଏହି ବିଷୟ ଇସ୍ଲାମ ମତରେ ମଧ୍ୟ କହିବାକୁ ଯାଇ ଦେବଦୂତଙ୍କୁ ପୈଗମ୍ବର ବା ଖଲିଫା ନାମରେ କୁହାଯାଇଛି । ପରମାତ୍ମାଙ୍କୁ ଦେବାଳୟ ବା ମନ୍ଦିରରେ ନିରାକାରତଃ ଦର୍ଶାଇବା ପାଇଁ ଲିଂଗ ଏବଂ ସାକାରତଃ ଦର୍ଶାଇବା ପାଇଁ ପ୍ରତିମା ରଖାଯାଇଥିଲା ବୋଲି ଜାଣିଲେ । ମନ୍ଦିରରେ ଥିବା ପ୍ରତିମାର ଟିକିଏ ପଛଭାଗରେ କିମ୍ବା ପ୍ରତିମାର ସମାନ୍ତରାଳ ଭାବରେ ଥିଲେ ମଧ୍ୟ ପ୍ରଥମେ ନଜର ଯିବା ଭଳି ସୁସ୍ପଷ୍ଟ ଦେଖାଯାଉଥିବା ଏକ ନିର୍ମାଣ ରହିଥାଏ । ଏହାକୁ ଆମ ଉଦାହରଣର ସେହି ତିରୁପତି ଭେଙ୍କଟେଶ୍ୱର ପ୍ରତିମାର କିରୀଟଠାରୁ ପାଦ ପର୍ଯ୍ୟନ୍ତ ଲମ୍ବିରହି ଆକର୍ଷଣୀୟ ଭାବରେ ଦେଖାଯାଉଥିବା ଲକ୍ଷ୍ୟ କରିପାରିବେ । କିରୀଟର ଉପରିଭାଗରୁ ସୁନ୍ଦର ଭାବରେ ଦୁଇ ଦିଗକୁ ବ୍ୟାପୀ ପ୍ରତିମାର ପାଦପର୍ଯ୍ୟନ୍ତ ଲମ୍ବିଥିବା ଏହି ନିର୍ମାଣକୁ ସିଂହତଲାଟ (ସିଂହସୀମା ବା ସିଂହ ତୋରଣ) କୁହାଯାଏ । କିରୀଟର ଉପରି ଭାଗ ସିଂହର ମସ୍ତକ ଆକୃତି ସଦୃଶ ହୋଇ, ତାହା ଦୁଇକଡକୁ ବ୍ୟାପୀ ତଳପର୍ଯ୍ୟନ୍ତ ଲମ୍ବି ରହିଥାଏ ।





**ସିଂହସୀମା ବା ସିଂହତୋରଣ**

ଏହି ନିର୍ମାଣର ଅର୍ଥ ଦେଖିଲେ ! ଆକାର ବିଶିଷ୍ଟ ଭଗବାନ ମଧ୍ୟ ମାୟା ଆବରଣରେ ରହିଥା'ନ୍ତି ବୋଲି ଜଣାପଡେ । ମାୟା ଆବରଣରେ ଥିବା ଭଗବାନଙ୍କୁ ଜାଣିବାକୁ ହେଲେ ତାଙ୍କ ଚତୁଃପାର୍ଶ୍ୱରେ ଥିବା ମାୟା (ସୈତାନ୍ ବା ସାତାନ୍)କୁ ଜାଣି ତାକୁ ମଧ୍ୟ ଅତିକ୍ରମ କରିବାକୁ ହେବ, ତାଙ୍କ ଚାରିକଡେ ଥିବା ମାୟାକୁ ଅତିକ୍ରମ ନ କରି ଦେଖିଲେ, ଯିଏ ଅବଧୂତ ହୋଇ ଆସିଥାନ୍ତି ସେ ଦେଖାନଯାଇ ସାଧାରଣ ମଣିଷଭାବରେ ଦେଖାଯିବେ, ତାଙ୍କରି ମାୟାକୁ ଅତିକ୍ରମ କରି ଯିଏ ଆସିଥାଏ ସେ ଭଗବାନଙ୍କୁ ଜାଣିପାରିଥାଏ । ଏଭଳି ଆମେ ତାଙ୍କୁ ଚିହ୍ନି ନପାରି ଅନେକ ଅନେକ ସୁଯୋଗ ହରାଇଛେ, ମାୟା ଭିତରେ ଛନ୍ଦି ହୋଇଯାଇଛେ । ମୁଁ ଆସିଥିବା ବେଳେ ତୁମେମାନେ ମୋତେ ଚିହ୍ନି ପାରିଲନାହିଁ, ତାପରେ ଆସିବାବେଳେ ମଧ୍ୟ ଚିହ୍ନି ପାରିଲନାହିଁ ବୋଲି ପରମାତ୍ମା ଜଣାଇଛନ୍ତି । ଯାହାର ଅଧିକ ବଳଥାଏ ତାର ସେହି ବଳକୁ ତୁଳନାରେ ମୃଗବଳ କହିଥା'ନ୍ତି । ମଣିଷ ଅପେକ୍ଷା ମୃଗର ବଳ ଅଧିକ ରହିଥାଏ, ସେଥିଲାଗି କାହାର ଅତ୍ୟଧିକ ବଳକୁ ଦେଖି ମୃଗବଳ ସହିତ ତୁଳନା କରି କହିଥା'ନ୍ତି । ମୃଗମାନଙ୍କ ଭିତରେ ସିଂହ ବଡ ଏବଂ ରାଜା । ମାୟାର ବଳ ଅଧିକ । ତେଣୁ ବଳଶାଳୀ ମାୟାକୁ ସିଂହ ସହିତ ତୁଳନା କରିଛନ୍ତି । ପରମାତ୍ମାଙ୍କ ପାଖକୁ ଯିବାପାଇଁ ଚେଷ୍ଟା କରୁଥିବା ଲୋକର ଏହି ବଳଶାଳୀ ମାୟା ବାରମ୍ବାର ଅବରୋଧ ହୋଇଥାଏ । ମାୟାକୁ ଜିତିବା ଦୁଃସାଧ୍ୟ ବୋଲି ଗୀତାରେ ମଧ୍ୟ କୁହାଯାଇଛି । ଏହି ବିଷୟକୁ ଜଣାଇବା ନିମନ୍ତେ ଈଶ୍ୱର ଭାବ ରହିଥିବା ଭେଙ୍କଟେଶ୍ୱର ପ୍ରତିମା ଉପରେ ଏହି ସିଂହତୋରଣ ରଖିଥିଲେ । ସିଂହବଳ ସହିତ ସମାନ ହୋଇଥିବା ମାୟା ତୁମ ମୁଣ୍ଡ ଭିତରେ ନାନା ଆଲୋଚନା ରୂପରେ, ବାହାରେ ଭାର୍ଯ୍ୟା, ଭର୍ତ୍ତା, ସନ୍ତାନ, ବନ୍ଧୁବାନ୍ଧବ ରୂପରେ, ନାନା କାର୍ଯ୍ୟରୂପରେ ରହିପାରେ । ସିଂହକୁ ଆମେ ବଳପ୍ରୟୋଗ କରି ଜିତିପାରିବା ନାହିଁ, କିନ୍ତୁ ବୁଦ୍ଧିବଳର ପ୍ରୟୋଗ କରି କେତେ ବଳଶାଳୀ ସିଂହହେଉ

ବା ସେହିଭଳି ଅନେକ ସିଂହକୁ ହେଉ ଆମର ଅଧିନରେ ଆଣିପାରିବା, ସେମାନେ ଆମକଥା ଶୁଣିପାରିବା ଭଳି କରିପାରିବା । ସେହିଭଳି ମାୟା ନାମକ ସିଂହକୁ ଶ୍ରଦ୍ଧାଜ୍ଞାନ ନାମକ ବୁଦ୍ଧିଦ୍ୱାରା ଆମ ଅଧିନକୁ ଆଣିପାରିବା । ମାୟାକୁ ନ ଜିତିବା ପର୍ଯ୍ୟନ୍ତ ଈଶ୍ୱର ବା ପରମାତ୍ମା କେବେ ଜଣାପଡିବେ ନାହିଁ । ଏହି ଜ୍ଞାନକୁ ଆମେ ଜାଣିବା ପାଇଁ ପୂର୍ବର ଜ୍ଞାନୀମାନେ ମନ୍ଦିର ଭିତରେ ଥିବା ପ୍ରତିମା ନିକଟରେ ଏହି ସିଂହତୋରଣ ନାମକ ନିର୍ମାଣକୁ ସ୍ଥାନ ଦେଇଥିଲେ ବୋଲି ଜାଣିବା ଉଚିତ୍ ।

*****

# ୧୧. ଗର୍ଭଗୃହ

ଦେବାଳୟରେ ବା ମନ୍ଦିରରେ ବିରାଜମାନ ପ୍ରତିମା ରହିଥିବା ସ୍ଥାନକୁ ଗର୍ଭଗୃହ କୁହାଯାଏ । ଗର୍ଭ ଭିତରୁ ସଜୀବ ଭାବରେ ଜନ୍ମ ହୋଇଥା'ନ୍ତି ଭଗବାନ । କେବଳ ଭଗବାନଙ୍କ ବ୍ୟତୀତ ଭୂପୃଷ୍ଠର କୌଣସି ମଣିଷ ସଜୀବ ଭାବରେ ଜନ୍ମ ହୋଇନଥା'ନ୍ତି । ସର୍ବତ୍ର ବ୍ୟାପିରହିଥିବା ପରମାତ୍ମା ହିଁ ଭଗବାନ ହୋଇ ମାତୃଗର୍ଭରୁ ସଜୀବ ଭାବରେ ଜନ୍ମହୋଇଥା'ନ୍ତି । ଗୋଟିଏ ସ୍ଥାନରେ ଥିବା ଜୀବାତ୍ମା ମାତୃଗର୍ଭରୁ ବାହାରକୁ ଆସିଥିବା ଶରୀରରେ ପ୍ରବେଶ କରିଥାଏ । ମଣିଷ ଆଉ ଭଗବାନ ଦେଖିବାକୁ ସମାନ ହୋଇଥିଲେ ମଧ୍ୟ ଜନ୍ମରେ ଅନେକ ଭିନ୍ନତା ରହିଥାଏ । ଭଗବାନ ଆମମାନଙ୍କ ଭଳି କର୍ମବନ୍ଧ ହୋଇ ଜନ୍ମ ହୁଅନ୍ତି ନାହିଁ । ସେହି ପରମାତ୍ମା ଭଗବାନ ହୋଇ ଜନ୍ମହେବା ପୂର୍ବରୁ ଅଣୁ ଅଣୁରେ ବ୍ୟାପିରହିଥିବା ପରମାତ୍ମା ମାତାର ଗର୍ଭ ଭିତରେ ମଧ୍ୟ ରହିଥିବାରୁ ସେ ସେହି ସ୍ଥାନରୁ ସଜୀବ ହୋଇ ଆସି ପାରନ୍ତି, ସେ ଏହିଭଳି ସଜୀବ ଭାବରେ ଜନ୍ମ ହୋଇଥା'ନ୍ତି ବୋଲି ତାଙ୍କୁ ଭଗବାନ କୁହାଯାଏ । ସେଥିଲାଗି ଭଗବାନଙ୍କ ସଂକେତତଃ ଆଳୟ ବା ମନ୍ଦିର ଭିତରେ ରଖାଯାଇଥିବା ପ୍ରତିମା ରହିବା ସ୍ଥଳକୁ ଗର୍ଭଗୃହ

କୁହାଯାଏ । ଗର୍ଭଗୃହରେ ଗର୍ଭ ଭିତରୁ ଅର୍ଥାତ୍ ଭଗରୁ ଜନ୍ମିତ ପାତ୍ର ଭଗବାନ ବୋଲି ପ୍ରତିମା ରହିବା ସ୍ଥଳକୁ ଗର୍ଭଗୃହ କୁହାଯାଏ । ସେଥିଲାଗି ଯେଉଁଠାରେ ଆକାର ଥିବା ପ୍ରତିମା ରହିଥାଏ ତାହାକୁ ଗର୍ଭଗୃହ କହିବା ଉଚିତ୍, କିନ୍ତୁ ଶରୀର ଆକାର ନଥିବା ଲିଙ୍ଗ ପ୍ରତିଷ୍ଠିତ ଗୃହକୁ ଗର୍ଭଗୃହ କହିବା ଉଚିତ୍ ନୁହେଁ କାରଣ ! ପରମାତ୍ମାଙ୍କର ଚିହ୍ନ ହେଉଥିବା ଭଳି ଜନ୍ମ ନଥାଏ । ନିରାକାର ପରମାତ୍ମାଙ୍କର ପ୍ରତୀକ ଭାବରେ ଥିବା ଲିଙ୍ଗ ପ୍ରତିଷ୍ଠା ସ୍ଥାନକୁ ଗର୍ଭଗୃହ କହିବା ଭୂଲ୍, ଧର୍ମବିରୁଦ୍ଧ ହୋଇଥାଏ । ଲିଙ୍ଗ ଉପରେ ସିଂହତୋରଣ ରହିବା ଅନୁଚିତ୍, କିନ୍ତୁ ପ୍ରତିମା ରହିଥିବା ସ୍ଥାନରେ ସିଂହତୋରଣ ରହିବା ଉଚିତ୍ । ପରମାତ୍ମା ଅଂଶ ଭୂପୃଷ୍ଠରେ ଅବତାର ଗ୍ରହଣ କଲେ ମଧ୍ୟ ସେ ସର୍ବଦା ଅଣୁଅଣୁ ହୋଇ ସର୍ବବ୍ୟାପକ ହୋଇ ସର୍ବତ୍ର ରହିଥା'ନ୍ତି । ଜନ୍ମିତ ଆକାରର ବା ଭଗବାନଙ୍କର ମାତୃଗର୍ଭ ରହିଥାଏ ସିନା, ନିରାକାର ପରମାତ୍ମାଙ୍କର ମାତୃଗର୍ଭ ନଥାଏ । ପରମାତ୍ମାଙ୍କର ଜନ୍ମ ନଥାଏ । ତେଣୁ ଆକାର ଥିବା ଭଗବାନଙ୍କ ରୂପକୁ ରଙ୍ଗନାଥ ମନ୍ଦିରର ପ୍ରତିମା ସହିତ ତୁଳନା କରିପାରିବା ଏବଂ ତାହାକୁ ଗର୍ଭଗୃହ କହିପାରିବା । କିନ୍ତୁ ଆକାର ନଥିବା ପରମାତ୍ମାଙ୍କ ସଂକେତ ଲିଂଗ ଥିବା ସ୍ଥଳକୁ ଗର୍ଭଗୃହ କହିପାରିବା ନାହିଁ । ସେହିଭଳି ଆକାର ଥିବା ଭଗବାନ ମାୟାରେ ଛନ୍ଦିହୋଇ ରହିବା ଭଳି ଦେଖାଯାଉଥିବାରୁ ତାଙ୍କ ପ୍ରତିମାରେ ସିଂହତୋରଣ ରଖିପାରିବା ସିନା, ଲିଙ୍ଗ ଉପରେ ସିଂହତୋରଣ ରଖିପାରିବା ନାହିଁ । ଆକାର ଥିବା ଭଗବାନଙ୍କ ହାତରେ ଆୟୁଧ ଥାଇପାରେ, ନିରାକାର ପରମାତ୍ମାଙ୍କର ଆୟୁଧ ଆବଶ୍ୟକ ନଥାଏ, ସେ ଅଭୟ ସ୍ୱରୂପ ହୋଇଥିବାରୁ ଲିଙ୍ଗ ନିକଟରେ କୌଣସି ଆୟୁଧ ରହିବା ଉଚିତ୍ ନୁହେଁ । ତେଣୁ କେବଳ ଆକାର ଥିବା ପ୍ରତିମା ହସ୍ତରେ ଆୟୁଧ ରହିପାରେ ।


*****

# ୧୨. ଶଙ୍ଖ ଚକ୍ର

ତିରୁପତି ଆଦି ଦେବାଳୟଗୁଡିକରେ ଶଙ୍ଖଚକ୍ର ଏବଂ ତିଳକ ଚିହ୍ନକୁ ପ୍ରତିଷ୍ଠା କରାଯାଇଥିବା ଦେଖାଯାଏ । ତାମିଲନାଡୁର କେତେକ ଦେବାଳୟ ପ୍ରାଙ୍ଗଣରେ ମଧ୍ୟ ଶଙ୍ଖ, ଚକ୍ର ଏବଂ ତିଳକ ଚିହ୍ନ ସ୍ଥାପନ କରାଯାଇଥିବା ଦେଖାଯାଏ । ସେହିଭଳି କେତେକ ଦେବତାଙ୍କ ଚିତ୍ରରେ ମଧ୍ୟ ଶଂଖ, ଚକ୍ର ଏବଂ ତିଳକ ଚିହ୍ନ ରହିଥାଏ । ସବୁଠାରୁ ଅଧିକ ତିରୁପତି ଦେବାଳୟରେ ଏହି ଚିହ୍ନଗୁଡିକ ରହିଥିବା ଜଣାଯାଏ । ଦେବାଳୟରେ ଥିବା ସବୁକିଛିରେ ଆତ୍ମଜ୍ଞାନ ରହିଥାଏ । ତେଣୁ ଏହି ଶଙ୍ଖ, ଚକ୍ର ଏବଂ ତିଳକ ଚିହ୍ନରେ କ'ଣ ଆତ୍ମଜ୍ଞାନ ରହିଛି ଜାଣିବା ।

ଏକ ଯୁଦ୍ଧ ଆରମ୍ଭ ହେବାକୁ ଯାଉଛି ଭାବିଲେ, ସେଠାରେ ପ୍ରଥମେ ନାଦ ବା କୋଳାହଳ,ଚିତ୍କାର,ଶଙ୍ଖରାବ,ଯୁଦ୍ଧବାଦ୍ୟ ଇତ୍ୟାଦି ଦେଖାଯାଏ, ତା'ପରେ ଯୁଦ୍ଧକ୍ରିୟା ବା ବିନାଶ କାର୍ଯ୍ୟ ଆରମ୍ଭ ହୁଏ । ସେହିଭଳି କର୍ମ ବିନାଶ ପାଇଁ ଯୋଗସାଧନ ନାମକ ଯୁଦ୍ଧ ଆବଶ୍ୟକ ହୋଇଥାଏ । ସେହି ଯୋଗସାଧନ ନାମକ ଯୁଦ୍ଧ ମଧ୍ୟ ଶବ୍ଦବିହୀନ ହୋଇନଥାଏ । ଗୁରୁଙ୍କ ନିକଟରୁ ଆସୁଥିବା ଜ୍ଞାନବାଣୀ ହିଁ ଶବ୍ଦ ରୂପରେ ଆସିଥାଏ । ଜ୍ଞାନବାଣୀ ନାମକ ଶବ୍ଦ ଶରୀରରେ ଥିବା ମନରେ ପହଞ୍ଚିବା ପରେ ଯୋଗସାଧନ ନାମକ ଯୁଦ୍ଧ ଆରମ୍ଭ ହୋଇଥାଏ । ଛୋଟ କଳିଠାରୁ ଆରମ୍ଭ କରି ବଡ ବଡ ଯୁଦ୍ଧ ପର୍ଯ୍ୟନ୍ତ ବିନା ଶବ୍ଦରେ ଆରମ୍ଭ ହୋଇନଥାଏ । ସେହିଭଳି ଜ୍ଞାନ ଶବ୍ଦବିନା କର୍ମ ନାମକ ଶତ୍ରୁଉପରେ ଯୁଦ୍ଧ ଘୋଷଣା କରିହୁଏ ନାହିଁ । ତେଣୁ ପ୍ରଥମେ ଜ୍ଞାନଶବ୍ଦ ତା'ପରେ ଯୋଗସାଧନ । ଜନ୍ମରହିତ ହେବାପାଇଁ ପ୍ରଥମେ ଆତ୍ମଦର୍ଶନ ଦରକାର ହେବାବେଳେ ଜ୍ଞାନ ନିହାତି ଆବଶ୍ୟକ ହୋଇଥାଏ । ଜ୍ଞାନ ଜାଣିବା ପରେ ଆତ୍ମାଦର୍ଶନ ବା ଆତ୍ମା ସହିତ ଯୋଗ ହେବାରେ ସଫଳତା ମିଳେ । ତେଣୁ ଯୋଗସାଧନ ନାମକ ଏହି ଯୁଦ୍ଧରେ ପ୍ରଥମେ ଜ୍ଞାନ ଆବଶ୍ୟକ । ଜ୍ଞାନଶବ୍ଦ ନଥାଇ ଯୋଗସାଧନ ହୋଇନଥାଏ ।

ସେଥିଲାଗି "ଶ୍ରେୟୋହି ଜ୍ଞାନମଭ୍ୟାସାତ୍, ଜ୍ଞାନାଧ୍ୟାନଂ ବିଶିଶ୍ୟତେ" ବୋଲି ଭଗବଦ୍ଗୀତା ବୋଧ କରିଥାଏ ।



**ଶଙ୍ଖ, ଚକ୍ର, ତିଳକ**

ଶଙ୍ଖରୁ ଶବ୍ଦ ଉଦ୍ଭବ ହୋଇଥାଏ । ଜ୍ଞାନ ମଧ୍ୟ ଶବ୍ଦଯୁକ୍ତ । ତେଣୁ ପ୍ରଥମେ ସମସ୍ତଙ୍କର ଜ୍ଞାନ ଆବଶ୍ୟକ । ଏହି ଉଦ୍ଦେଶ୍ୟରେ ତିଳକର ବାମ ପାର୍ଶ୍ୱରେ ଶଙ୍ଖ ରହିଥାଏ । ଯିଏ ଜ୍ଞାନ ଦ୍ୱାରା ଯୋଗ ସାଧନ କରିଥାଏ ତାର କର୍ମ ବିନାଶ ହୋଇଥାଏ । ସେଥିଲାଗି କର୍ମବିନାଶ ନିମନ୍ତେ ଚକ୍ରକୁ ସଂକେତ ଭାବରେ ନିଆଯାଇଛି । ପ୍ରଥମେ ଜ୍ଞାନଶବ୍ଦ ନାମକ ଶଂଖରାବ କରି, ତା'ପରେ ଯୋଗସାଧନ ନାମକ ଯୁଦ୍ଧକଲେ ଯୋଗଶକ୍ତି ନାମକ ଚକ୍ର ଦ୍ୱାରା, କର୍ମ ନାମକ ଶତ୍ରୁମାନେ ନିହତ ହୋଇଥା'ନ୍ତି, ଏହି ଉଦ୍ଦେଶ୍ୟରେ ହିଁ ଦକ୍ଷିଣ ପାର୍ଶ୍ୱରେ ଚକ୍ର ରଖାଯାଇଛି । ଜ୍ଞାନ ନଥାଇ ଜ୍ଞାନଶକ୍ତି ନଥାଏ । ତେଣୁ ଶଂଖ ନରଖି କେହି କେଉଁଠାରେ ଚକ୍ର ରଖିନଥା'ନ୍ତି । ଯେଉଁଠାରେ ହେଉ, ଯଦି ଥାଏ ତେବେ ଏହି ଶଂଖଚକ୍ର ଉଭୟ ସଂକେତ ରହିଥାଏ । ଏହି ଦୁଇ ସଂକେତ ମଧ୍ୟରେ ରହିଥାଏ ତିଳକ । ଯଦି ମଧ୍ୟରେ ତିଳକ ଚିହ୍ନ ନଥାଏ ତେବେ ତିଳକ ଚିହ୍ନ ଧାରଣ କରିଥିବା ପ୍ରତିମା ରହିଥାଏ । ଏହିଭଳି

ଶଙ୍ଖଚକ୍ର ମଝିରେ ତିଳକ କିମ୍ବା ତିଳକ ଧାରଣ କରିଥିବା ପ୍ରତିମା ରଖିବାର କାରଣ ରହିଛି ।


ଯିଏ ଜ୍ଞାନ ଆହରଣକରି ଯୋଗ ଆଚରଣ କରିଥାଏ ତାକୁ ମିଳିଥିବା ଜ୍ଞାନଶକ୍ତି ବା ଯୋଗଶକ୍ତି ଦ୍ୱାରା ତାର କର୍ମ ଜଳିଯାଇଥାଏ । ଶେଷରେ ସେହି ବ୍ୟକ୍ତିର ମୋକ୍ଷ ହୋଇଥାଏ । ତିଳକର ମଝିରେ ଥିବା ରେଖାର ଅଗ୍ରଭାଗ ଶୂନ୍ୟତାକୁ ଦର୍ଶାଇଥାଏ । ତେଣୁ ଶଙ୍ଖଚକ୍ର ଧାରଣ କରିଥିବା ମୁଁ ହିଁ ମୋକ୍ଷ ବୋଲି ଦେବାଳୟର ପ୍ରତିମା ଜ୍ଞାନପ୍ରଦାନ କରିଥାଏ । ଏହିଭଳି ଜ୍ଞାନ ଏବଂ ଯୋଗଶକ୍ତି ପ୍ରାପ୍ତ ହୋଇଥିବା ପାତ୍ର ଶେଷରେ ମୋକ୍ଷ ପାଇଥାଏ ବୋଲି ଜ୍ଞାନର ଚିହ୍ନଭାବରେ ଶଙ୍ଖ, ମୋକ୍ଷର ଚିହ୍ନଭାବରେ ତିଳକ, କର୍ମ ଦହନର ଶକ୍ତିଭାବରେ ଚକ୍ରକୁ ଜ୍ଞାନୀମାନେ ପ୍ରତିମାରେ ଦର୍ଶାଇଥିଲେ । ବଡମାନେ ଆମର ସୁ ଚିନ୍ତକ ହୋଇ ଏହିଭଳି ଜ୍ଞାନ ଜଣାଇବା ଉଦ୍ଦେଶ୍ୟରେ ଆମପାଇଁ ଏତେକିଛି କରିଥିଲେ ମଧ୍ୟ, ତାହା ଆଜି ଆମ ଆଗରେ ଥିଲେ ମଧ୍ୟ, ସେମାନଙ୍କ ଉଦ୍ଦେଶ୍ୟକୁ ଆମେ ଭୂଲିଯାଇଛେ । ସେଦିନର ଆତ୍ମଜ୍ଞାନ ବିବରଣ ଆଜି ନାହିଁ । ତେଣୁ ପାଠକମାନେ ଏହା ଜାଣି ଆଚରଣରେ ଆଣିପାରିଲେ ଆମର ମଙ୍ଗଳ ହେବା ସହିତ ବଡମାନଙ୍କର ଉଦ୍ଦେଶ୍ୟକୁ ସମ୍ମାନ ଦେବା ଭଳି ହେବ ବୋଲି ଜଣାଉଛୁ ।

*****

# ୧୩. ଆୟୁଧ

କେବଳ ଶିବାଳୟ କୁହାଯାଉଥିବା ଆଳୟରେ ରହିଥିବା ଲିଙ୍ଗାକୃତି ବ୍ୟତୀତ, ରୂପ ଥିବା ପ୍ରତ୍ୟେକ ଦେବତା ବିଗ୍ରହରେ ଆୟୁଧ ରହିଥାଏ, ଅର୍ଥାତ୍ ସେମାନଙ୍କ ହସ୍ତରେ କିଛିନାକିଛି ଆୟୁଧ ରହିଥିବା ଦେଖାଯାଏ । ଦେବତାମାନଙ୍କ ହାତରେ ଏହି ଆୟୁଧ ରହିବାରେ ଅନ୍ତରାର୍ଥ କ’ଣ ତାହା ମଧ୍ୟ ଆମେ ଜାଣିବା ଦରକାର । ବାୟୁ ଅର୍ଥାତ୍ ପବନ ଆମ ନାଶାରନ୍ଧ୍ରରେ

ପ୍ରବାହିତ ହୋଇଥାଏ । ଏହି ବାୟୁ ଆମ ଶରୀରରେ ଆୟୁ ହୋଇ ରହିଛି । ଶ୍ୱାସର ହିସାବ ଅନୁସାରେ ଆମେ ଜୀବନ ବଞ୍ଚୁଛେ । ଜଣେ ତାଠାରେ ପ୍ରବାହିତ ହେଉଥିବା ଶ୍ୱାସ କାରଣରୁ ବଞ୍ଚିଛି ଅର୍ଥାତ୍ ବାୟୁ ହିଁ ତା ଜୀବନର ମାପ । ତେଣୁ ପୂର୍ବେ ଜ୍ଞାନୀମାନେ କାହାର ଆୟୁ କେତେ ଅଛି କହିବା ବେଳେ ତାର ବାୟୁ କେତେ ଅଛି ବୋଲି କହୁଥିଲେ । ସେହି ବାୟୁ ନାମକ ଶବ୍ଦ କାଳକ୍ରମେ ଆୟୁ ଭାବରେ ବ୍ୟବହୃତ ହେଉଛି । ତେଣୁ ବଦଳିଥିବା ଶବ୍ଦ ଅନୁସାରେ ଆୟୁକୁ ସମାପ୍ତ କରିଦେବା ଭଳି କରିଥାଏ ଆୟୁଧ ।



**ଆୟୁଧ**

ଆୟୁ ଅନୁସାରେ ଜନ୍ମ ହୋଇଥିବା ଶବ୍ଦ ହେଉଛି ଆୟୁଧ । ଏହି ଆୟୁଧକୁ ଦେବତାମାନେ ସେମାନଙ୍କ ହସ୍ତରେ ଧାରଣ କରିବାରେ କି ଅର୍ଥ ରହିଛି ବୋଲି ଦେଖିଲେ, ଏହା ପୂର୍ବରୁ ଶଙ୍ଖଚକ୍ର ବାବଦରେ କହିବା ବେଳେ ଚକ୍ର କର୍ମ ନାଶନର ପ୍ରତୀକ ଭାବରେ ବ୍ୟବହୃତ ହୋଇଥାଏ ବୋଲି ଜାଣିଥିଲେ । ସେହିଭଳି ଏଠାରେ ମଧ୍ୟ ଦେବତାମାନଙ୍କ ହସ୍ତରେ ନାନା ପ୍ରକାରର ଆୟୁଧ ଧରାଇବାରେ କି ଅର୍ଥ ଅଛି ଦେଖିଲେ, ଜ୍ଞାନ ନାମକ ଆୟୁଧ ଦ୍ୱାରା, ନାନା ପ୍ରକାରର କର୍ମ ବିନାଶ ହୋଇଥାଏ । ଯାହାର କର୍ମ ବିନାଶ ହୋଇଥାଏ ତା'ର ମୋକ୍ଷ ହୋଇଥାଏ । ଏଇକଥାକୁ ଜଣାଉଥିବା

ଭଗବାନଙ୍କ ହସ୍ତର ଜ୍ଞାନଖଡ୍ଗକୁ ଆମ କର୍ମ ଉପରେ ଉପଯୋଗ କରିବା ଉଚିତ୍ । ଏଭଳି ସ୍ଥିତିକୁ ଯିବାକୁ ହେଲେ, ଆମକୁ ସର୍ବପ୍ରଥମେ ଭଗବାନଙ୍କୁ ବିଶ୍ୱାସ କରିବାକୁ ହେବ । ଭଗବାନଙ୍କୁ ବିଶ୍ୱାସ କଲା ପରେ ତାଙ୍କ ଜ୍ଞାନ ଦ୍ୱାରା ଆମର କର୍ମ ବିନାଶ ହୋଇପାରିବ ।

*****


# ୧୪. ତିଳକ

ଈଶ୍ୱରଲିଙ୍ଗ ଉପରେ ଥିବା ବିଭୂତିରେଖା କ୍ଷରାକ୍ଷରପୁରୁଷୋତ୍ତମକୁ ସୂଚିତ କରୁଥିବା ଭଳି ତିଳକ ମଧ୍ୟ ଅନ୍ୟ ଏକ ପ୍ରକାରରେ ଆତ୍ମଜ୍ଞାନ ବୋଧ କରିଥାଏ । ତାହା ହେଉଛି ! ପ୍ରତ୍ୟେକ ଜୀବରାଶିର ଶରୀରରେ ପ୍ରାୟ ତିନିଲକ୍ଷ ପଚଶ ହଜାର ନାଡୀ ଥାଏ ବୋଲି କହନ୍ତି । ତନ୍ମଧ୍ୟରୁ ୭୦ହଜାର ନାଡୀ ମୁଖ୍ୟ ନାଡୀ ଭାବରେ ଥାଏ । ସେହି ୭୦ହଜାର ନାଡୀ ଭିତରୁ ଆହୁରି ମୁଖ୍ୟ ହୋଇଥିବା ନାଡୀ ୧୦ଗୋଟି ରହିଥାଏ । ଅତିମୁଖ୍ୟ ହୋଇଥିବା ସେହି ୧୦ଗୋଟି ନାଡୀ ମଧ୍ୟରେ ମାତ୍ର ତିନିଗୋଟି ନାଡୀ ପ୍ରତ୍ୟେକ ନାଡୀର ଆଧାର ଭାବରେ ରହି ସର୍ବମୁଖ୍ୟ ହୋଇ ରହିଥାନ୍ତି । ସେହି ତିନି ନାଡୀ ହେଉଛି ସୂର୍ଯ୍ୟନାଡୀ, ଚନ୍ଦ୍ରନାଡୀ, ବ୍ରହ୍ମନାଡୀ । ଏହି ତିନି ନାଡୀ ଆମ ଶରୀରାନ୍ତର୍ଗତ ମଧ୍ୟମସ୍ତକଠାରୁ ଆରମ୍ଭକରି ଗୁଦସ୍ଥାନ ପର୍ଯ୍ୟନ୍ତ ବ୍ୟାପିରହିଥାଏ, ଯାହାକୁ ଆମର ମେରୁଦଣ୍ଡ ଭିତରୁ ଜ୍ଞାନ କରିପାରିବା । ଏହି ମେରୁଦଣ୍ଡ ଭିତରେ ରହିଥାଏ ବ୍ରହ୍ମନାଡୀ । ଦକ୍ଷିଣ କଡରେ ସୂର୍ଯ୍ୟନାଡୀ ଏବଂ ବାମକଡରେ ଥାଏ ଚନ୍ଦ୍ରନାଡୀ । ସୂର୍ଯ୍ୟଚନ୍ଦ୍ର ନାଡୀରେ ଆମଠାରେ ଥିବା ମନ ରହିଥାଏ । ମଧ୍ୟନାଡୀ ହୋଇଥିବା ବ୍ରହ୍ମନାଡୀରେ ଜୀବାତ୍ମାଠାରୁ ଅତୀତ ହୋଇଥିବା, ସର୍ବଜୀବରାଶିର ଶରୀରରେ ମିଶି ରହିଥିବା ଆତ୍ମା ରହିଥାଏ । ସୂର୍ଯ୍ୟଚନ୍ଦ୍ର ନାଡୀରେ ରହିଥିବା ମନକୁ ବ୍ରହ୍ମନାଡୀ ଭିତରକୁ

ପଠାଇବାକୁ କୁହାଯାଏ ଯୋଗ । ମନ ବ୍ରହ୍ମନାଡୀରେ ପ୍ରବେଶକଲେ ଜୀବାତ୍ମା ଆତ୍ମାକୁ ଅନୁଭବ କରିପାରେ । ଅର୍ଥାତ୍ ଜୀବାତ୍ମା ଆତ୍ମା ଏକ ଭାବରେ ମିଳିତ ହୋଇଯାଆନ୍ତି । ଜୀବାତ୍ମା ଆତ୍ମାର ଏହି ଐକ୍ୟତାକୁ ସୂଚିତ କରୁଥିବା ସଂକେତ ହିଁ ଏହି ତିଳକଚିହ୍ନ ବୋଲି ଜାଣିବା ଉଚିତ୍ ।

ତିଳକର ଦକ୍ଷିଣପାର୍ଶ୍ୱରେ ଥିବା ରେଖାକୁ ସୂର୍ଯ୍ୟନାଡୀ ଭାବରେ, ବାମପାର୍ଶ୍ୱରେ ଥିବା ରେଖାକୁ ଚନ୍ଦ୍ରନାଡୀ ଭାବରେ, ମଧ୍ୟରେ ଥିବା ନାଲିରେଖାକୁ ବ୍ରହ୍ମନାଡୀ ଭାବରେ ସେଦିନର ଜ୍ଞାନୀମାନେ ଚିହ୍ନିଥିଲେ । ସେଥିଲାଗି ବାମ ଦକ୍ଷିଣ କଡରେ ଥିବା ଚନ୍ଦ୍ର, ସୂର୍ଯ୍ୟ ନାଡୀକୁ ସୂଚିତ କରୁଥିବା ଦୁଇରେଖାକୁ ଶ୍ୱେତରଙ୍ଗରେ ରଙ୍ଗେଇ ମଧ୍ୟରେ ଥିବା ବ୍ରହ୍ମନାଡୀକୁ ସୂଚିତ କରିବା ପୂର୍ବକ ଏକ ସ୍ୱତନ୍ତ୍ର ରଙ୍ଗ ହୋଇଥିବା ନାଲି ରଙ୍ଗ ଦ୍ୱାରା ମସ୍ତକର ଉପରି ଭାଗଆଡକୁ ଟାଣିଥିଲେ । ଏହିଭଳି ତିଳକଟି ଚିତ୍ରିତ ହେବାଦ୍ୱାରା ମଧ୍ୟରେ ଥିବା ବ୍ରହ୍ମନାଡୀର ବିଶେଷତା ନିଶ୍ଚୟ ରହିଛି ବୋଲି ଜାଣିହୁଏ । ମଧ୍ୟନାଡୀ ହୋଇଥିବା ବ୍ରହ୍ମନାଡୀର ବିଶେଷତାକୁ ସୂଚିତ କରିବା ପାଇଁ ଦୁଇକଡରେ ଥିବା ଦୁଇନାଡୀର ସଂକେତ ଅପେକ୍ଷା ମଧ୍ୟନାଡୀକୁ ଅଧିକ ଲମ୍ୱର କରିଥିଲେ । କୌଣସି ଜୀବ ହେଉ ବ୍ରହ୍ମନାଡୀରେ ଥିବା ଆତ୍ମା ସହିତ ଐକ୍ୟ ହୋଇଯିବା ପରେ ମୋକ୍ଷ ପାଇଥାଏ ବୋଲି ଉଦ୍ଦେଶ୍ୟକୁ ଜଣାଇବା ପାଇଁ ତିଳକ ମଧ୍ୟରେ ଥିବା ନାଲିରେଖାର ଆରମ୍ଭ ସ୍ଥାନକୁ ମୋଟା କରି ଉପରକୁ କ୍ରମଶଃ ପତଳା (ସରୁ) କରି ଚିତ୍ରିତ କରିଥିଲେ । ଯେଉଁମାନେ ଆତ୍ମାରେ ପ୍ରବେଶ କରିଥା'ନ୍ତି ସେମାନେ କହିହେଉ ନଥିବା ଶୂନ୍ୟପ୍ରାୟ (ଆକାଶ ଭଳି) ପରମାତ୍ମାରେ ଲୀନ ହୋଇଯାଇଥା'ନ୍ତି ବୋଲି ମଧ୍ୟନାଡୀକୁ ସୂଚୀତ କରୁଥିବା ଏହି ନାଲି ରଙ୍ଗ ବିଶିଷ୍ଟ ମଧ୍ୟରେଖାର ଉପରିଭାଗ ସୂଚିମୂନ ଭଳି (ତୀକ୍ଷ୍ଣ) ଗୋଜିଆ କରି, ଅନ୍ୟ ଦୁଇ ନାଡୀର ସଂକେତ ଅପେକ୍ଷା ଉଚ୍ଚ କରି ଆକାଶ ଦିଗରେ ଅର୍ଥାତ୍ ମୁଣ୍ଡର ଉପରି ଭାଗକୁ ସୂଚିତ କରିଥିଲେ । ତିରୁପତି ଦେବାଳୟରେ ଥିବା ଭେଙ୍କଟେଶ୍ୱର ପ୍ରତିମାରେ

ଏହି ତିଳକଭାବକୁ ଦର୍ଶାଇବା ପାଇଁ ପ୍ରତିମାର ମୁଖରେ ବଡ ଆକାରରେ ଚିତ୍ରିତ ହୋଇଥିବାର ଦେଖିପାରିବେ । (ଏହିଭଳି ଜଗନ୍ନାଥ ଜ୍ଞାନପ୍ରତିମାରେ ମଧ୍ୟ ଦେଖିପାରିବେ । -ଅନୁବାଦକ) ଦେବାଳୟକୁ ଅସୁଥିବା ଭକ୍ତମାନେ ପ୍ରତିମାର କପାଳରେ ଥିବା ଏହି ଚିହ୍ନକୁ ଦେଖି ଆତ୍ମଜ୍ଞାନ ଜାଣିପାରିବେ ବୋଲି ଜ୍ଞାନୀମାନେ ଏଭଳି କରିଥିଲେ । ଏହିଭଳି ମହାନ ଜ୍ଞାନସଂଦେଶ ଜଣାଉଥିବା ତିଳକ ବାବଦରେ ସଂପୂର୍ଣ୍ଣ ନଜାଣି କେତେକ ସେମାନଙ୍କ କପାଳରେ ମଧ୍ୟ ତିଳକଚିହ୍ନ ଧାରଣକରି ନାନା ପ୍ରକାରର ଅର୍ଥ କହୁଛନ୍ତି । ଆତ୍ମଜ୍ଞାନ ନଥିବା ଜ୍ଞାନ ମୂଲ୍ୟହୀନ । ସମସ୍ତେ ମୁଣ୍ଡର କପାଳରେ ଏହି ଚିହ୍ନ ଧାରଣ କଲେ ମଧ୍ୟ ଅର୍ଥ ନଜାଣି କରୁଥିବା ଆଚରଣ ମୂଲ୍ୟହୀନ ହୋଇଥାଏ । ତିଳକରେ ଥିବା ଆତ୍ମଜ୍ଞାନ ବାବଦରେ କେହି ମଧ୍ୟ ସଠିକ ବିବରଣ ଦେଇପାରନ୍ତି ନାହିଁ, କିନ୍ତୁ କପାଳରେ ଚିହ୍ନକୁ ଧାରଣ କରି ଆମେ ଆଧାତ୍ମିକ ଜାଣିଛୁ ଭାବ ନେଇ ସମସ୍ତେ ରହିଥା'ନ୍ତି ।



**ତିଳକ**

ସେଦିନର ବଡଲୋକମାନେ ବା ଜ୍ଞାନୀମାନେ ଆଉ ନାହାନ୍ତି । ଆଜି ଆମ ଉପରେ ଜ୍ଞାନରହସ୍ୟ ଜଣାନଥିବା ଦୁଃସ୍ଥିତି ପଡିଛି । ତେଣୁ ଏହି ତିଳକ ଧାରଣ କରୁଥିବା ବୈଷ୍ଣବମାନଙ୍କୁ, ବିଭୂତିରେଖା ଧାରଣ କରୁଥିବା

ଶୈବମାନଙ୍କୁ ଭାବନାରେ ଆଣିବାକୁ ପଡୁଛି । ତିଳକ ଏବଂ ବିଭୂତିରେଖାରେ ଆତ୍ମଜ୍ଞାନ ଅଛି ବୋଲି ଜାଣିନପାରି ଏହାକୁ ଏକ ବର୍ଗବ୍ୟବସ୍ଥା ଭାବୁଛେ । ଦେବାଳୟର ପ୍ରତିମାକୁ ବୈଷ୍ଣବମାନଙ୍କର, ଈଶ୍ୱର ଲିଙ୍ଗକୁ ଶୈବମାନଙ୍କର ଭାବୁଛେ, କୌଣସି ସନ୍ଦର୍ଭରେ କେହି ତୁମେ ଶୈବ କି ବୈଷ୍ଣବ ବୋଲି ପଚାରିବା, ଉତ୍ତର ଦେବା ମଧ୍ୟ ସମାଜରେ ଦେଖୁଛେ, ଏହା ଅଧର୍ମ । ଈଶ୍ୱର ଲିଙ୍ଗକୁ ଶୈବମାନଙ୍କର, ଭଗବାନଙ୍କ ପ୍ରତିମାକୁ ବୈଷ୍ଣବମାନଙ୍କର କହିବା ଅଧର୍ମ ।

*****

# ୧୫. ହସ୍ତ

ଈଶ୍ୱରଙ୍କ ଗର୍ଭଗୃହରେ (ଦେବାଳୟରେ) ରହିଥିବା ପ୍ରତିମାର ବିଶେଷତା ଅମାପ ଥିବା ଭଳି ସେହି ପ୍ରତିମା ଦର୍ଶାଉଥିବା ହସ୍ତର ବିଶେଷତା ମଧ୍ୟ କହିଲେ ନସରେ । ପ୍ରତିମାରେ ଥିବା ହସ୍ତ (ହାତ) ଆମର ମଧ୍ୟ ଅଛି । ପ୍ରତିମା ଦର୍ଶାଉଥିବା ହସ୍ତର ବିଶେଷତା କ'ଣ ଜାଣିଗଲେ ଆମ ହାତର ବିଶେଷତା କ'ଣ ଆମେ ଜାଣିପାରିବା । ତେଣୁ ଦେବାଳୟରେ ଥିବା ପ୍ରତିମାର ହସ୍ତ କ'ଣ ସୂଚିତ କରିଥାଏ ଜାଣିବା । ହସ୍ତର ଆକାର ଚିତ୍ରରୁ ଦେଖନ୍ତୁ ।

ହସ୍ତମଧ୍ୟରେ ତିନିଗୋଟି ମୁଖ୍ୟରେଖା ରହିଥାଏ । ସେହି ତିନି ରେଖା ମଧ୍ୟରୁ ତଳେ ଥିବା ଦୁଇ ରେଖା ଗୋଟିଏ କୋଣରେ ମିଳିତ ହୋଇଥା'ନ୍ତି, କିନ୍ତୁ ତିନିରେଖା ମଧ୍ୟରୁ ଉପରେ ଥିବା ରେଖା ତଳ ଦୁଇରେଖା ସହିତ ମିଳିତ ନହୋଇ ଭିନ୍ନତଃ ରହିଥାଏ । ଏହାର ଭାବକୁ ବ୍ୟକ୍ତ କରିବା ପାଇଁ ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗର ୧୬ତମ ଶ୍ଳୋକ କହୁଛି ଯେ,

**ଶ୍ଲୋକ, ୧୬ :-**

**ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବଚ ।**
**କ୍ଷର ସର୍ବାଣି ଭୂତାନି କୂଟସ୍ଥୋ କ୍ଷର ଉଚତେ ॥**

ଅର୍ଥାତ୍ ଭୁପୃଷ୍ଠରେ ଦୁଇ ପ୍ରକାରର ପୁରୁଷ ଅଛନ୍ତି । ସେହି ଦୁଇ ପୁରୁଷଙ୍କ ଭିତରୁ ଜଣେ କ୍ଷର (ବିନାଶୀ) ଆଉଜଣେ ଅକ୍ଷର (ଅବିନାଶୀ) ପୁରୁଷ । ଯିଏ କ୍ଷର ସେ ଜୀବରାଶିରେ ଜୀବଭାବରେ ରହିଛି, ଅକ୍ଷର ପୁରୁଷ ସର୍ବ ଜୀବରାଶିର ଶରୀରରେ କୂଟସ୍ଥ ଭାବରେ (ମିଳିତ ବାଅବିଚ୍ଛେଦ୍ୟ ଭାବରେ) ରହିଛି । ଏହିଭଳି ଭଗବଦ୍ଗୀତାରେ ଶ୍ରୀକୃଷ୍ଣ ପରମାତ୍ମା କହିଥିବା ବାକ୍ୟ ଅନୁସାରେ ହସ୍ତ ମଧ୍ୟରେ ଥିବା ଦୁଇରେଖା ଅଲଗା ଅଲଗା ହୋଇ ମଧ୍ୟ ଶେଷରେ ଏକ କୋଣରେ ମିଳିତ ହୋଇ ରହିଛି । ସମସ୍ତ ଶରୀରରେ କ୍ଷର ଭାବରେ ଥିବା ଜୀବାତ୍ମା ସେହିଭଳି ସମସ୍ତ ଶରୀରରେ ଅକ୍ଷର ପୁରୁଷ ହୋଇ ଚୈତନ୍ୟଶକ୍ତି ଭାବରେ ରହିଥିବା ଆତ୍ମାର ସଂକେତ ଭାବରେ ଏହି ଦୁଇରେଖା ମଣିଷର ହସ୍ତ ମଧ୍ୟରେ ରହିଛି ବୋଲି ଜାଣିବା ଉଚିତ୍ ।


ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେ.. .. ନାମକ ୧୭ତମ ଶ୍ଲୋକର ବାକ୍ୟ ଅନୁସାରେ ଏବଂ 'ଯସ୍ମାତ୍ କ୍ଷର ମତୀତୋହ ମକ୍ଷରାଦପି ଚୋତ୍ତମଃ' ନାମକ ପ୍ରଥମ ଶ୍ଲୋକର ଭାବ ଅନୁସାରେ ଦୁଇ ପୁରୁଷଙ୍କଠାରୁ ଉତ୍ତମ ଭାବରେ ଆଉଜଣେ ରହିଛି ସେ ହିଁ ପୁରୁଷୋତ୍ତମ ବା ପରମାତ୍ମା ବୋଲି ଗୀତାରେ କୁହାଯାଇଛି । ସେହି ତୃତୀୟପୁରୁଷ କ୍ଷରପୁରୁଷଠାରୁ ଅତୀତ ଏବଂ ଅକ୍ଷରପୁରୁଷଠାରୁ ଶ୍ରେଷ୍ଠ ହୋଇଥିବାରୁ ତାକୁ ପୁରୁଷୋତ୍ତମ କୁହାଯାଇଛି । ପରମାତ୍ମା ବା ପୁରୁଷୋତ୍ତମ କହିଲେ ଈଶ୍ୱରଙ୍କ ସ୍ଥିତିକୁ ବୁଝାଏ ସିନା, ଏହା ଏକ ଏକ ନାମ ନୁହେଁ । ଦୁଇ ପୁରୁଷଙ୍କଠାରୁ ଅଲଗା ବା ଅତୀତ ଭାବରେ ରହିଥିବାରୁ ହସ୍ତର ତୃତୀୟରେଖା ଦୁଇ ରେଖାଠାରୁ ଅଲଗା ହୋଇ ଉପରେ ରହିଛି । ସୃଷ୍ଟିର କାରଣ, ମୂଳପୁରୁଷ ହୋଇଥିବା ପରମାତ୍ମା ଏବଂ ଆତ୍ମା

ଜୀବାତ୍ମାଙ୍କୁ ସୂଚିତ କରୁଥିବା ହସ୍ତର ତିନିରେଖା ସମସ୍ତଙ୍କଠାରେ ରହିଛି । ଏହା ହିଁ ପ୍ରତିମା ଦ୍ୱାରା ଆମକୁ ଜ୍ଞାନ କରିବା ପାଇଁ ଦର୍ଶାଇ ଦିଆଯାଇଛି । ସାରା ଜଗତରେ ମୁଖ୍ୟ ହୋଇ ରହିଥିବା ତିନିଆତ୍ମା ବା ଏହି ତିନି ମୂଳ ପୁରୁଷ ସମସ୍ତଙ୍କ ହସ୍ତରେ ରହିବା ଦ୍ୱାରା ହାତରେ ହିଁ ବୈକୁଣ୍ଠ ରହିଛି ବୋଲି ପୁରୁଖାମାନେ କହିଥା'ନ୍ତି । ହସ୍ତରେ ଥିବା ଏହି ଜ୍ଞାନ ବ୍ୟତୀତ ଆହୁରି ଅନେକ ଜ୍ଞାନ ମଧ୍ୟ ରହିଛି ।

ହସ୍ତରେ ୫ଗୋଟି ଅଙ୍ଗୁଳି ରହିଥାଏ । ତାହା ୫ଗୋଟି ପ୍ରକୃତି ଭାଗର, ୫ଗୋଟି ଜ୍ଞାନେନ୍ଦ୍ରିୟର ଏବଂ ପଞ୍ଚପ୍ରାଣର ପ୍ରତୀକ ଭାବରେ ରହିଛି । ତାହାକୁ ସନ୍ଦର୍ଭାନୁସାରେ ଜ୍ଞାନ କରିବା ଉଚିତ୍ । ଏଠାରେ ହସ୍ତରେ ଥିବା ୫ ଅଙ୍ଗୁଳିକୁ ପଞ୍ଚଭୂତ ଭାବରେ ଅର୍ଥ କଲେ ତାହା ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଭାବରେ ରହିଛି ବୋଲି ବୁଝିହୁଏ । ହସ୍ତ ମଧ୍ୟରେ ଥିବା ତିନିରେଖାକୁ ତିନି ପୁରୁଷ ଭାବରେ ଏବଂ ୫ଗୋଟି ଅଙ୍ଗୁଳିକୁ ୫ ଗୋଟି ପ୍ରକୃତି ଭାଗ ବୋଲି ହିସାବ କରିବା ଦ୍ୱାରା ସର୍ବ ପ୍ରପଞ୍ଚର ଅଧିପତି ହୋଇଥିବା ପରମାତ୍ମା, ଆତ୍ମା, ଜୀବାତ୍ମା ଅର୍ଥାତ୍ ସାରା ବ୍ରହ୍ମାଣ୍ଡ ହିଁ ହସ୍ତରେ ରହିଛି ବୋଲି ବୁଝିହୁଏ । ପଞ୍ଚଭୂତ ହୋଇଥିବା ପ୍ରକୃତି ଏବଂ ପରମାତ୍ମା ଉଭୟଙ୍କୁ ହସ୍ତରେ ଦେଖିବାକୁ ମିଳିଥାଏ ବୋଲି ପ୍ରତିମା ଦର୍ଶାଉଥିବା ହସ୍ତରୁ ଜ୍ଞାନ କରିହୁଏ । ତା'ଛଡା ପ୍ରତ୍ୟେକ ଶରୀରରେ ପ୍ରକୃତି ପରମାତ୍ମା ରହିଥା'ନ୍ତି ବୋଲି ଜ୍ଞାନକରିହୁଏ ।

ଏକ ମଣିଷ ଶରୀରରେ ଜୀବାତ୍ମା ଆତ୍ମାଙ୍କ ବ୍ୟତୀତ ପରମାତ୍ମା ଏବଂ ପ୍ରକୃତି ରହିଥା'ନ୍ତି ବୋଲି ହସ୍ତରୁ ଜଣାଯିବା ସହିତ ଶରୀରରେ ଥିବା ଆଉଏକ ରହସ୍ୟ ମଧ୍ୟ ବହିର୍ଗତ ହୋଇଥାଏ । ଏହି ରହସ୍ୟ ହେଉଛି ! ମଣିଷ ପ୍ରକୃତିରେ ରହିଲେ କିପରି ଥାଏ ଏବଂ ପରମାତ୍ମାରେ ଲୀନହେଲେ କିପରି ଥାଏ ? ନାମକ ଦୁଇ ପ୍ରଶ୍ନର ରହସ୍ୟ । ଶରୀରରେ ପ୍ରକୃତି ଦ୍ୱାରା ଆବଦ୍ଧ ଜୀବ ପ୍ରକୃତିର ତିନି ଗୁଣ ଦ୍ୱାରା ବାନ୍ଧିହୋଇ ରହିଥାଏ । ତାହା ଜାଣିବା ଏକ

ରହସ୍ୟ ହେବା ସ୍ଥଳେ, ତିନି ଗୁଣକୁ ଅତିକ୍ରମ କରିବା ବା ମୁକୁଳିବା ପରେ କିଛିକାଳ ପରେ କେଉଁ ସ୍ଥିତିରେ ରହେ ଜାଣିବା ଅନ୍ୟ ଏକ ରହସ୍ୟ ହୋଇ ରହିଛି । ଏହି ବିଷୟ ହସ୍ତରେ କିପରି ରହିଛି ଏବେ ଜାଣିବା । ହସ୍ତରେ ଥିବା ଅଙ୍ଗୁଳିଗୁଡିକରେ ତିନିଗୋଟି ପବ ରହିଥାଏ । ଅଙ୍ଗୁଳିରେ ଥିବା ବାଣିରେଖା ଦ୍ୱାରା ପ୍ରତ୍ୟେକ ଅଙ୍ଗୁଳି ତିନିଭାଗରେ ବିଭକ୍ତ ହୋଇ ରହିଥିବା ଜଣାପଡେ । ୫ଗୋଟି ଅଙ୍ଗୁଳି ପଞ୍ଚଭୁତର ପ୍ରତୀକ ଭାବରେ ରହିଛି, ତାହା ହିଁ ତିନିଗୁଣ, ଅର୍ଥାତ୍ ତିନିଗୁଣ ପଞ୍ଚଭୂତ ନିର୍ମିତ ବୋଲି ଜାଣିପାରିବା ଭଳି ଅଙ୍ଗୁଳିଗୁଡିକ ତିନି ଭାଗରେ ବିଭାଜିତ ହୋଇ ରହିଛି । ପ୍ରକୃତି ଦ୍ୱାରା ଜନ୍ମ ହୋଇଥିବା ଜୀବ ପ୍ରକୃତିର ତିନି ଗୁଣ ଦ୍ୱାରା ଛନ୍ଦିହୋଇ ରହିଛି ବୋଲି ମନ୍ଦିରର ପ୍ରତିମା ତା'ର ହସ୍ତ ଦ୍ୱାରା ସୂଚିତ କରିଥାଏ । ହସ୍ତର ପାପୁଲିରେ ଏଭଳି ଜ୍ଞାନ ଥିବା ସ୍ଥଳେ, ହସ୍ତ ପାପୁଲିର ଆରମ୍ଭ ସ୍ଥଳ ହୋଇଥିବା ମଣିବନ୍ଧ ଉପରେ ମଧ୍ୟ ତିନିଭାଙ୍ଗ ହୋଇ ଚର୍ମ ରହିଥାଏ । ଏହି ତିନି ଭାଙ୍ଗର ରେଖାକୁ ଉପରେ ଅଙ୍ଗୁଳିରେ ଥିବା ବାଣିରେଖା ସହିତ ମିଶାଇଲେ ତାହା ଏକ ଚକ୍ର ଭଳି ଦେଖାଯିବ । ହସ୍ତଚିତ୍ରରେ ଦେଖାଇ ଦିଆଯାଇଥିବା ଭଳି ପାପୁଲିରେ ତିନିଆମ୍ବା ଦେଖାଯିବା ସ୍ଥଳେ, ପାପୁଲିରୁ ଅଙ୍ଗୁଳି ଦିଗରେ ଯେଉଁ ତିନି ଭାଗ ରହିଛି ଅର୍ଥାତ୍ ଅଙ୍ଗୁଳିରେ ରହିଥିବା ତିନି ଭାଗରୁ ପ୍ରଥମ ଭାଗଟି ତାମସ ଭାଗ, ଦ୍ୱିତୀୟ ଭାଗଟି ରାଜସ ଭାଗ, ତୃତୀୟ ଭାଗଟି ସାତ୍ତ୍ୱିକ ଭାଗ ଭାବରେ ଦେଖାଯାଉଛି । ଏହା ହିଁ ତିନି ଗୁଣ ବୋଲି ଜାଣିବା ଉଚିତ୍ । ହସ୍ତରେ ଦେଖାଇଦିଆଯାଇଥିବା ଅନୁସାରେ ଶରୀରରେ ଜୀବ ଏହି ତିନି ଗୁଣଭାଗରେ ରହିଥାଏ । ଗୁଣ ଭାଗରେ ଚିହ୍ନିତ ହୋଇଥିବା ହସ୍ତ ଅଙ୍ଗୁଳିର ଟିପରେ ବା ସାତ୍ତ୍ୱିକ ଭାଗ ବୋଲି ଚିହ୍ନିତ ହୋଇଥିବା ସ୍ଥଳରେ ଧ୍ୟାନ ସହକାରେ ଦେଖିଲେ ଶଂଖଚକ୍ର ଚିହ୍ନ ରହିଛି ବୋଲି ଜଣାପଡେ । ଶଙ୍ଖ ଜ୍ଞାନବାଣୀର, ଚକ୍ର କର୍ମନାଶନର ପ୍ରତୀକ ବୋଲି ଗତ ଅଧ୍ୟାୟରେ ଜାଣିଥିଲେ । ଜ୍ଞାନବାଣୀ ଗ୍ରହଣକରି କର୍ମବିନାଶ କରାଯାଏ ବୋଲି ଜଣାଇବା




**ହସ୍ତ**

ନିମନ୍ତେ ଅଙ୍ଗୁଳିରେ ଏହି ଶଂଖଚକ୍ର ଚିହ୍ନ ରହିଥାଏ ବୋଲି ଜାଣିବା ଉଚିତ୍ । ଆଙ୍ଗୁଳିର ଟିପରେ ଶଂଖଚକ୍ରକୁ ଦେଖିବା ପରେ ତା ସମ୍ବନ୍ଧୀୟ ବିଧାନ ଗୁଣଗୁଡିକ ପଛରେ ଥିବା ନଖ ଜଣାଇଥାଏ ବୋଲି ଜାଣିହୁଏ । ଖାଲି ତିନି ଗୁଣ ନୁହେଁ ତା ପଛରେ ଆସୁଥିବା କର୍ମକୁ ମଧ୍ୟ ଜୟ କରିବାକୁ ହୁଏ ବୋଲି ଯୁଦ୍ଧର ସଂକେତ ଭାବରେ ଥିବା ଶଙ୍ଖ, ଚକ୍ରକୁ ଈଶ୍ୱର ଆଙ୍ଗୁଳିର ଟିପରେ ଚିତ୍ରିତ କରି ରଖାଇଛନ୍ତି । ଈଶ୍ୱର ଏଭଳି ଅନେକ ସଂକେତକୁ

ହସ୍ତରେ ସ୍ଥାନ ଦେଇଥିବା ବେଳେ, କିଛିଲୋକେ ହସ୍ତର ରେଖାଗୁଡିକୁ, ଶଂଖଚକ୍ର ଚିହ୍ନକୁ ଜ୍ୟୋତିଷ୍ୟ ସମ୍ବନ୍ଧୀୟ, ସାମୁଦ୍ରିକ ତଥ୍ୟ ସମ୍ବନ୍ଧୀୟ କହିବା ଭୂଲ୍ ହୋଇଥାଏ । ଶେଷରେ ଥିବା ସାତ୍ତ୍ୱିକ ଭାଗ ପରେ ରହିଥାଏ ନଖ । ନଖକୁ ଦେଖିଲେ ଅଙ୍ଗୁଳିର ତିନିପବ ଚର୍ମ ଅପେକ୍ଷା ଶକ୍ତ ରହି, ଅଙ୍ଗୁଳିର ସାଧାରଣ ଶ୍ୱେତରଙ୍ଗ ଅପେକ୍ଷା ଅଲଗା ଶ୍ୱେତ ରଙ୍ଗର ଦେଖାଯାଏ । ତିନି ଗୁଣଭାଗରେ ଜୀବ ରହିବା ସହିତ ଚତୁର୍ଥ ଭାଗରେ ମଧ୍ୟ ରହିପାରେ ବୋଲି ଅଙ୍ଗୁଳିର ତିନି ପବ ଉପରେ ନଖ ରହିଥାଏ । ଋତୁର୍ବର୍ଣ୍ୟଂ.. .. ନାମକ ଶ୍ଳୋକର ଭାବ ଭଗବଦ୍ଗୀତାରେ ବର୍ଣ୍ଣିତ ହୋଇଥିବା ଭଳି ଜୀବମାନଙ୍କ ଭିତରେ ସାତ୍ତ୍ୱିକ, ରାଜସ, ତାମସଗୁଣର ଜୀବମାନେ ରହିବା ସହିତ ଯୋଗୀ ଭାବରେ ମଧ୍ୟ ଜୀବ ରହିପାରେ ବୋଲି ଚିତ୍ରଣରୁ ଜଣାଯାଏ । ପ୍ରକୃତି ଭିତରେ ଥିବା ଯୋଗୀର ସ୍ଥାନକୁ ଏହି ନଖ ଚିହ୍ନାଇଥାଏ । ନଖ ଧଳା ରଙ୍ଗର (ଶ୍ୱେତରଙ୍ଗର) ହୋଇ ଯୋଗୀର ସ୍ୱଚ୍ଛତାକୁ ଜଣାଇଥାଏ । ଯୋଗୀମାନେ ଜ୍ଞାନଯୁକ୍ତ ହୋଇ ରହିଥା'ନ୍ତି, ଏହା ଜାଣିବା ପାଇଁ, ଜ୍ଞାନ ଦ୍ୱାରା ହିଁ ଯୋଗପ୍ରାପ୍ତି ହୁଏ ବୋଲି ସଂକେତ ଭାବରେ ଜ୍ଞାନର ଚିହ୍ନ ହୋଇଥିବା ଚନ୍ଦ୍ର ଧଳାରଙ୍ଗର ନଖ ଉପରେ ଆହୁରି ଗାଢଧଳା ରଙ୍ଗରେ ଦେଖାଯାଇଥାଏ । ଏହାକୁ ନଖର ଆରମ୍ଭରୁ ଅଙ୍ଗୁଳିରେ ଦେଖିପାରିବେ । ଏହିଭଳି ଅଙ୍ଗୁଳିର ତିନି ପବ ତିନି ଗୁଣର ସଂକେତ ହୋଇଥିବା ସ୍ଥଳେ, ସେଥିରେ ଥିବା ନଖ ଯୋଗୀମାନଙ୍କର ସ୍ଥିତିକୁ ଚିହ୍ନାଇଥାଏ । ନଖର ଆରମ୍ଭରେ ଥିବା ଗାଢଧଳା ରଙ୍ଗର ଉଦୟଚନ୍ଦ୍ର ଚିହ୍ନ ଜ୍ଞାନକୁ ସୂଚିତ କରିଥାଏ ।

ଯେଉଁମାନେ ତିନି ଗୁଣରେ ରହିଥା'ନ୍ତି ସେମାନଙ୍କର ନିଶ୍ଚୟ କଷ୍ଟସୁଖ ଥାଏ । ଯେଉଁମାନେ ତିନି ଗୁଣକୁ ଡେଇଁ ଯୋଗରେ ରହିଥା'ନ୍ତି ସେମାନେ ମଧ୍ୟ କଷ୍ଟସୁଖକୁ ସମ୍ମୁଖୀନ କରିଥା'ନ୍ତି । କାରଣ ! ତିନି ଗୁଣଭାଗରେ ରହିଲେ ମଧ୍ୟ, ଯୋଗରେ ରହିଲେ ମଧ୍ୟ, କଷ୍ଟସୁଖ ନିଶ୍ଚୟ ଅନୁଭବ ହୋଇଥାଏ । କଷ୍ଟସୁଖକୁ ସଂପୂର୍ଣ୍ଣ ବିନାଶ କରିବାକୁ ହେଲେ ଗୁଣଗୁଡିକୁ ଏବଂ ଯୋଗକୁ

ମଧ୍ୟ ଅତିକ୍ରମ କରି ମୋକ୍ଷକୁ ଯିବାକୁ ହେବ । ଯାହାର ମୋକ୍ଷ ହୋଇଯାଏ ତା'ର କଷ୍ଟସୁଖ ସହିତ କୌଣସି ସମ୍ବନ୍ଧ ନଥାଏ, ତାହା ତା'ର ଅନୁଭବ ହୋଇନଥାଏ, ତେଣୁ ତିନି ଗୁଣକୁ ସୂଚିତ କରୁଥିବା ଅଙ୍ଗୁଳିପବ ଉପରିସ୍ଥ ନଖାଗ୍ର କାଟିଲେ ମଧ୍ୟ  କଷ୍ଟ ଅନୁଭବ ହୋଇନଥାଏ । ଯାହାର ମୋକ୍ଷ ହୋଇଛି ତା'ର କୌଣସି ଅନୁଭବ ନଥାଏ । ତେଣୁ ଧଳାରଙ୍ଗ ହୋଇଥିବା ନଖର ଅଗ୍ରଭାଗ ମୋକ୍ଷର ସଂକେତଭାବରେ ରହିଛି, ତାହା ନଖଠାରୁ ମଧ୍ୟ ସ୍ୱତନ୍ତ୍ର ରଙ୍ଗର ଦେଖାଯାଇଥାଏ, କାଟିଲେ ସୁଖ,କଷ୍ଟ ଜଣାପଡିନଥାଏ । ମୋକ୍ଷ ପାଇଥିବା ଜୀବ ଏହିଭଳି ରହିଥାଏ ବୋଲି ଆମେ ଜ୍ଞାନ କରିବା ପାଇଁ ପରମାତ୍ମା ଅଙ୍ଗୁଳିର ଉପରେ ନଖାଗ୍ର ଦେଇଛନ୍ତି । ତିନି ଆତ୍ମା ବିଷୟ, ତିନି ଗୁଣ ବିଷୟ, ଜ୍ଞାନ ଏବଂ ଯୋଗ ବିଷୟ ଶେଷରେ ମୋକ୍ଷ ବିଷୟ ମଧ୍ୟ ହସ୍ତରେ ରହିଛି । ପ୍ରତିମା ଦର୍ଶାଉଥିବା ହସ୍ତରେ ଏତେ ଜ୍ଞାନ ଭରିରହିଥିବା ବେଳେ ତାହାକୁ ଦେବତାର ଅଭୟହସ୍ତ କହିବା ଭୁଲ୍ ହୋଇଥାଏ । ଆକାର ଥିବା ପ୍ରତିମାହସ୍ତରେ ଯେଉଁ ଅର୍ଥ ରହିଛି ତାହା ତୋର ଶରୀରରେ ଥିବା ହସ୍ତରେ ମଧ୍ୟ ରହିଛି । ତୋର ହସ୍ତକୁ ତୁ ଦେଖ୍, ତା'ର ଅର୍ଥକୁ ଜାଣ୍ ବୋଲି ଦେବାଳୟର ଦୈବ ତା'ର ହସ୍ତକୁ ତୋତେ ଦର୍ଶାଉଛି ବୋଲି ଜାଣିବା ଉଚିତ୍ ।

ଯୋଗପାଇଁ ଜ୍ଞାନ ଆବଶ୍ୟକ ହୋଇଥାଏ, ସେଥିଲାଗି "ଶ୍ରେୟୋହି ଜ୍ଞାନ ମଭ୍ୟାସାତ୍" ବୋଲି ଭଗବଦ୍ଗୀତାରେ ଈଶ୍ୱର ଭଗବାନ ରୂପ ହୋଇ ଜଣାଇଥିବା ବେଳେ, ଆମ ହସ୍ତରେ ମଧ୍ୟ ଯୋଗକୁ ଚିହ୍ନାଉଥିବା ଧଳାରଙ୍ଗର ନଖ ଏବଂ ସେହି ନଖରେ ଶ୍ୱେତ ଉଦିତଚନ୍ଦ୍ର ଥିବା ଭଳି ସ୍ୱତନ୍ତ୍ର ଧଳା ରଙ୍ଗର ନିର୍ମାଣ ନଖର ଆରମ୍ଭରୁ ହୋଇ ରହିଛି । ଏହି ଜ୍ଞାନକୁ ସ୍ୱୟଂ  ଈଶ୍ୱର ମାନବ ଶରୀରରେ ଖଞ୍ଜିଥିବାବେଳେ, **"କେତେକ ମାୟା ପରବଶ ହୋଇ ଆମର ଜ୍ଞାନ କ'ଣ ଦରକାର ! ନାକ ଉପରେ ଧ୍ୟାନ କର, ନାକ ଅଗ୍ରଭାଗକୁ ଧ୍ୟାନକର, ନହେଲେ ନାକରେ ଯିବାଆସିବା**

**କରୁଥିବା ଶ୍ୱାସ ଉପରେ ଧ୍ୟାନ କର ବୋଲି କହିବା କଣ ଗୀତାରେ ଈଶ୍ୱର କହିଥିବା ଜ୍ଞାନକୁ ଉପେକ୍ଷା କରିବା ଭଳି ହୋଇନଥାଏ ! ଈଶ୍ୱର ସମସ୍ତଙ୍କ ହାତରେ ଜ୍ଞାନ ଜାଣିବା ଭଳି ନିର୍ମାଣ କରିଛନ୍ତି । ତାହା ଭୂଲି ଏଣୁ ତେଣୁ କହି, ଆତ୍ମଜ୍ଞାନ ନଥିବା ଜ୍ଞାନରେ ଶ୍ରମବୃଥା କରିବା ମାୟାର କାର୍ଯ୍ୟ ! ଯଦି ତାହା ସତ ହୋଇଥା'ନ୍ତା ତେବେ ଭଗବାନ ଗୀତା କହିବା କ'ଣ ଦରକାର ଥିଲା ! "ଶ୍ରେୟୋହି ଜ୍ଞାନ ମଭ୍ୟାସାତ୍" ବୋଲି କହିବା କଥାର କ'ଣ ମୂଲ୍ୟ ନାହିଁ !** ଏଭଳି ଯିଏ ଯାହା ଭାବିଲେ ମଧ୍ୟ ଦେବାଳୟରେ ରହିଥିବା ଦୈବପ୍ରତିମାର ହସ୍ତ ସାରା ଦୁନିଆପାଇଁ, ଗୁଣପାଇଁ, ଜ୍ଞାନପାଇଁ, ଯୋଗପାଇଁ, ମୋକ୍ଷପାଇଁ ପ୍ରତ୍ୟକ୍ଷସାକ୍ଷୀ ଭାବରେ ରହିଛି । ପୂର୍ବେ ସକାଳୁ ଉଠିଲେ ପ୍ରଥମେ କିଛି ଦେଖିବା ଆଗରୁ ନିଜର ହସ୍ତକୁ (ପାପୁଲିକୁ) ଦେଖିବା ପରମ୍ପରା ଇନ୍ଦୁମାନଙ୍କର ଥିଲା । ଏବେ ମଧ୍ୟ ସେହି ପରମ୍ପରା କେଉଁଠି କେମିତି କେହି ଶହେରେ ଜଣେ ଆଚରଣ କରୁଥିବା ଜଣାଯାଏ । ପୂର୍ବେ ସଖାଳୁ ଉଠୁ ଉଠୁ କିଛି ଦେଖିବା ଆଗରୁ ପ୍ରଥମ ଦୃଶ୍ୟ ଭାବରେ ସମସ୍ତେ ହାତକୁ ଦେଖି ଆତ୍ମଜ୍ଞାନ ମନେ ପକାଉଥିଲେ । ସକାଳୁ ନିଜର ହସ୍ତ ଦେଖିବା ଦ୍ୱାରା ହସ୍ତରେ ଥିବା ରହସ୍ୟ ମନେ ପଡିଯାଏ । ତେଣୁ ମୁଁ ଆଜିର ଦିନରେ ମୋକ୍ଷ ନିମନ୍ତେ କାର୍ଯ୍ୟ କରିବି ବୋଲି ପରମାତ୍ମାଙ୍କ ଚିହ୍ନ ଭାବରେ ଥିବା ହସ୍ତର ରେଖାକୁ ଭକ୍ତି-ପୂର୍ବକ ଦେଖି, ଚକ୍ଷୁଚୁମ୍ବନ ଦେଇ ନମସ୍କାର କରୁଥିଲେ । ପୂର୍ବ ଜ୍ଞାନୀମାନଙ୍କ ଭାବରେ ଭାବିତ ହୋଇ ହସ୍ତ ଦେଖିବା ଉଚିତ୍, ଏ ପର୍ଯ୍ୟନ୍ତ ହସ୍ତରେ ଥିବା ଜ୍ଞାନ ଜାଣି ନଥିବାରୁ ଏବେ ଜାଣନ୍ତୁ, ଦେବାଳୟ ଏକ ଆଧ୍ୟାତ୍ମିକ କେନ୍ଦ୍ର, ଆରାଧନାରେ ଅନେକ ଆଧ୍ୟାତ୍ମିକ ଅର୍ଥ ରହିଥାଏ, ବିଗ୍ରହାରାଧନାକୁ ପ୍ରତ୍ୟାଖ୍ୟାନ କରୁଥିବା ଲୋକମାନେ ମଧ୍ୟ ଏହା ପ୍ରତ୍ୟାଖ୍ୟାନ ନକରି ଏହକୁ ବୁଝି ଆଚରଣରେ ଆଣନ୍ତୁ ବୋଲି ସତ୍ୟକୁ ଜଣାଉଛୁ ।

*****

# ୧୬. ମୟୂର ଚନ୍ଦ୍ରିକା

ଏବେ ଶ୍ରୀକୃଷ୍ଣମନ୍ଦିରକୁ ଯିବା, ସେଠାରେ ଶ୍ରୀକୃଷ୍ଣଙ୍କ ପ୍ରତିମାରେ ଯେଉଁ ଜ୍ଞାନ ରହିଛି ତାହା ଜାଣିବା । ଶ୍ରୀକୃଷ୍ଣଙ୍କ ପ୍ରତିମାରେ ମୁଖ୍ୟତଃ ଯେଉଁ ମୟୁରଚନ୍ଦ୍ରିକା ଥାଏ ତାହା ଏହି ସନ୍ଦର୍ଭରେ ଆଲୋଚନା କରିବା । ବାସ୍ତବରେ ଶ୍ରୀକୃଷ୍ଣ ସେତେବେଳେ ଯେଉଁ ସ୍ଥିତିରେ ଥିଲେ ସେହି ସ୍ଥିତି ବାବଦରେ ଏହି ଚନ୍ଦ୍ରିକାରେ ଜଣାଇ ଦିଆଯାଇଛି । ଭଗବାନ ସେଠାରେ ଥିବା ସ୍ଥିତି ବାବଦରେ ଜଣାଇ, ତୁମେମାନେ ମଧ୍ୟ ଏଇଭଳି ରହିବା ଉଚିତ୍ ବୋଲି ମୟୁର ଚନ୍ଦ୍ରିକା ଧାରଣ କରିଥିଲେ । କେହି ମଥାରେ ପିନ୍ଧୁ ନଥିବା ମୟୂରଚନ୍ଦ୍ରିକା ଧାରଣ କରିବାରେ କ'ଣ ବୈଶିଷ୍ଟ୍ୟତା ଅଛି ତାହା ଆଜି ପର୍ଯ୍ୟନ୍ତ କେହି ବିଚାର କରିନାହାନ୍ତି ବୋଲି କହିପାରିବା । ଏବେ ଆମେ ଟିକିଏ ବିଚାର କରିବା । ଶ୍ରୀକୃଷ୍ଣ ସୁନ୍ଦର ଦେଖାଯିବା ପାଇଁ ମୟୂରଚନ୍ଦ୍ରିକା ପିନ୍ଧୁ ନଥିଲେ କି ତାହା ଅଳଙ୍କାର ଭାବରେ ପିନ୍ଧୁ ନଥିଲେ, ମୟୂରଚନ୍ଦ୍ରିକା ଦ୍ୱାରା ନିଜର ସ୍ଥିତିକୁ ଜଣାଇ, ତୁମେମାନେ ମଧ୍ୟ ଏହିଭଳି ବଂଚିବା ଉଚିତ୍ ବୋଲି ଜଣାଇଥିଲେ । ଶ୍ରୀକୃଷ୍ଣ ବହିର୍ଗତ କରିଥିବା ଆଧ୍ୟାତ୍ମିକ ରହସ୍ୟ ହିଁ ଏହି ମୟୂରଚନ୍ଦ୍ରିକା ପିନ୍ଧିବାର ବିଶେଷତା, ସେହି ବିଶେଷତା ହେଉଛି ! ମୟୂରଚନ୍ଦ୍ରିକାର ମଧ୍ୟଭାଗଟି କଳାରଂଗ ମିଶିଥିବା ନୀଳରଂଗ ଯୁକ୍ତ ଏବଂ ଗୋଲାକାର ଭାବରେ ରହି ଆକର୍ଷଣୀୟ ଦେଖାଯାଇଥାଏ । ମୟୂରଚନ୍ଦ୍ରିକାର ଏହି ଭାଗଟି ଚନ୍ଦ୍ରିକାରେ ଥିବା ଅନ୍ୟ ରଂଗଗୁଡିକଠାରୁ ସ୍ୱତନ୍ତ୍ର ଦେଖା ଯାଇଥାଏ, ତା'ଚାରିକଡେ ଝଟକୁଥିବା ସବୁଜରଂଗ ରହିଥାଏ, ତା'ପରେ ଅଧାପାକଳ ଗହମରଂଗ ଘେରି ରହିଥାଏ । ଏହି ରଂଗର ଶେଷଭାଗ ମଧ୍ୟ ଝଟକୁଥାଏ, ଏହାପରେ ଏକ ଆକର୍ଷଣୀୟ ରଂଗ ଚିହ୍ନି ନହେବା ଭଳି ରହିଥାଏ । ଏହିଭଳି ମୟୂରଚନ୍ଦ୍ରିକାରେ ଚାରିଗୋଟି ଭାଗ ରହିଛି ବୋଲି ଜାଣିହେଉଛି । ୧- ମଝିରେ ଥିବା କଳାମିଶା ନୀଳରଂଗ, ୨- ଝଟକୁଥିବା ସବୁଜରଂଗ, ୩-ଅର୍ଦ୍ଧପାକଳ ଗହମରଂଗ, ୪- ଏକ ଅସ୍ପଷ୍ଟରଂଗ । ଏହି ଚତୁର୍ଥ ଭାଗଟି ସର୍ବଶେଷରେ ଅଛି ବୋଲି ସହଜରେ ଚିହ୍ନି ହୁଏ । ବାହାରୁ

ତିନିଗୋଟି ଗୋଲାକାର ଭାଗ ରହି ମଝିରେ କେନ୍ଦ୍ରଭାବରେ ଥିବା ମୟୂର ଚନ୍ଦ୍ରିକାକୁ ଯୋଗଶାସ୍ତ୍ର କୁହାଯାଉଥିବା ଗୀତା କହିଥିବା ଶ୍ରୀକୃଷ୍ଣଭଗବାନ ନିଜ ମୁଣ୍ଡରେ ଧାରଣ କରିବାରେ ମହୋନ୍ନତ ଅର୍ଥ ରହିଛି । ତା'ର ବିବରଣ ହେଉଛି !

ଆମ ଶରୀରର ଶିରୋଭାଗରେ ଗୁଣଗୁଡିଏ ରହିଥା'ନ୍ତି । ଶରୀରରେ ହେଉଥିବା ସମସ୍ତ କାର୍ଯ୍ୟର କାରଣ ଭାବେ ଗୁଣଗୁଡିକ ଏକ ପଦ୍ଧତିବଦ୍ଧ ଭାବରେ ନିର୍ମିତ ହୋଇ ତିନି ଭାଗରେ ବିଭାଜିତ ହୋଇ ଅଛନ୍ତି । ସେଗୁଡିକର ନାମ –୧. ସାତ୍ତ୍ୱିକ (ସତ୍ତ୍ୱ), ୨. ରାଜସ (ରଜ), ୩. ତାମସ (ତମ) । ଏହି ତିନି ପ୍ରକାରର ଗୁଣଗୁଡିକ ଗୁଣଚକ୍ର ନାମକ ଚକ୍ରରେ ତିନିଭାଗ ହୋଇ ରହିଛନ୍ତି । ଏହି ଭାଗଗୁଡିକୁ ସାତ୍ତ୍ୱିକଭାଗ, ରାଜସଭାଗ, ତାମସଭାଗ ନାମରେ ନାମିତ କରାଯାଇଛି । ଏହି ତିନି ଭାଗର ମଝିରେ ଏକ ଗୋଲାକାର ଭାଗ ରହିଛି । ତାହାକୁ ବ୍ରହ୍ମନାଡୀ କୁହାଯାଏ, ସେଥିରେ ଆତ୍ମା ନିବାସ କରିଥାଏ । ଆତ୍ମା ନିବାସ କରୁଥିବା ବ୍ରହ୍ମନାଡୀକୁ କେନ୍ଦ୍ରକରି ବା ଅଖ କରି ଆଖିକୁ ଦେଖାଯାଉ ନଥିବା ଗୁଣଚକ୍ରଟିଏ ଖଞ୍ଜାଯାଇଛି ।

ମୁଁ, ଆପଣ ଏବଂ ସର୍ବଜୀବରାଶି ଅର୍ଥାତ୍ ସମସ୍ତ ଜୀବ ଏହି ଗୁଣଚକ୍ରରେ ଛନ୍ଦିହୋଇ ରହିଛେ । ଏହି ତିନି ଭାଗରୁ ଜୀବ ଯେଉଁ ଭାଗରେ ଅଧିକ ସମୟ ରହିଥାଏ, ସେ ଜୀବକୁ ସେହି ଭାଗର ନାମ ଅନୁସାରେ ନାମିତ କରାଯାଏ । ତାମସ ଭାଗରେ ଅଧିକ ସମୟ ରହୁଥିବା ଜୀବକୁ ତାମସିକ ବା ତମୋଗୁଣୀ, ରାଜସ ଭାଗରେ ଅଧିକ ସମୟ ରହୁଥିବା ଜୀବକୁ ରାଜସୀକ ବା ରଜୋଗୁଣୀ, ସତ୍ତ୍ୱଗୁଣ ଭାଗରେ ଅଧିକ ସମୟ ରହୁଥିବା ଜୀବକୁ ସାତ୍ତ୍ୱିକ ବା ସତ୍ତ୍ୱଗୁଣୀ ଭାବେ ନାମିତ କରାଯାଇଛି । କୌଣସି ଭାଗରେ ଜୀବ ରହିଲେ ମଧ୍ୟ ମଝିରେ ଥିବା ଆତ୍ମା ତା'ର ସାକ୍ଷୀ ଭାବରେ ରହିଥାଏ । ମଝିରେ ଥିବା ଆତ୍ମାକୁ ଜଣା ନଥିବା କୌଣସି ଜୀବାରାଶି ନଥା'ନ୍ତି । ପ୍ରତି ଶରୀରର ଥିବା ଗୁଣଚକ୍ର ମଧ୍ୟସ୍ଥ ଆତ୍ମା

ତାର ଚାରିକଡେ ଥିବା ଗୁଣରାଜି ସହିତ ସମ୍ପର୍କିତ ନହୋଇ କେବଳ ସାକ୍ଷୀ ଭାବରେ ରହିଥାଏ ।

ପ୍ରତ୍ୟେକ ଜୀବାରାଶି ଗୁଣଗୁଡିକ ଦ୍ୱାରା ସମସ୍ତ କାର୍ଯ୍ୟ କରିଥା'ନ୍ତି । ହେଉଥିବା କାର୍ଯ୍ୟଗୁଡିକ ଦ୍ୱାରା ଜୀବର ପାପପୁଣ୍ୟ ସମ୍ଭବ ହୋଇଥାଏ । ପାପପୁଣ୍ୟର ବନ୍ଧନରେ ଜୀବାତ୍ମା ପଡିଥାଏ ସିନା, ଆତ୍ମା ପଡିନଥାଏ । ଆତ୍ମଶକ୍ତି ହିଁ ସାରା ଶରୀରରେ ବ୍ୟାପୀରହି ଜୀବକୁ ଚଳପ୍ରଚଳହେବା ଶକ୍ତି ଦେଇଥାଏ, ସେହି ଚଳପ୍ରଚଳହେବା ଶକ୍ତି ଜୀବକୁ ତା'ର ଗୁଣାନୁସାରେ ମିଳିଥାଏ । ଶରୀରରେ ଗୁଣଗୁଡିକର ଆଦେଶ ଅନୁସାରେ ନାନା ପ୍ରକାରର କାର୍ଯ୍ୟ ହେଉଥିଲେ ମଧ୍ୟ ସେହି କାର୍ଯ୍ୟଗୁଡିକ ହେବାପାଇଁ ଶକ୍ତି ଦେଉଥିବା ଆତ୍ମା କର୍ମବନ୍ଧନରେ ନ ପଡି ସମସ୍ତ କାର୍ଯ୍ୟର ସାକ୍ଷୀଭାବରେ ରହିଥାଏ ।

ମୟୂରଚନ୍ଦ୍ରିକା ର ମଝିରେ ଥିବା ଚିହ୍ନିତ ଭାଗଟି ଗୁଣଚକ୍ର ର ମଝିରେ ଥିବା ଆତ୍ମାର ନିବାସ ସ୍ଥଳ ବୋଲି ଜାଣିବା ଉଚିତ୍ । ତା'ଚାରିକଡରେ ଥିବା ଦ୍ୱିତୀୟଭାଗଟି ସାତ୍ତ୍ୱିକଭାଗ, ତା' ଚାରିକଡରେ ଥିବା ତୃତୀୟ ଭାଗଟି ରାଜସଭାଗ, ସେହିଭଳି ଶେଷରେ ଥିବା ଭାଗଟି ତାମସଭାଗ ବୋଲି ଜାଣିବା ଉଚିତ୍ । ଏହିଭଳି ମୟୂର ଚନ୍ଦ୍ରିକା-ସହିତ ଗୁଣଚକ୍ରର ସାମଞ୍ଜସ୍ୟ ରହିଛି । ଶ୍ରୀକୃଷ୍ଣ ଏହି ମୟୂରଚନ୍ଦ୍ରିକା ଦ୍ୱାରା ଜଣାଉଛନ୍ତି ଯେ, ମୁଁ ସମସ୍ତ କାର୍ଯ୍ୟ କରିଥାଏ, ହେଲେ କୌଣସି ଗୁଣକର୍ମର ବନ୍ଧନରେ ପଡିନଥାଏ । ମୁଁ ତିନିଗୁଣ ମଧ୍ୟରେ କର୍ମ ସ୍ପର୍ଶ କରୁନଥିବା ଆତ୍ମା ଭାବରେ ରହିଛି ବୋଲି ଜଣାଇବା ପାଇଁ ତିନିରଙ୍ଗ ଭିତରେ ରହି ସ୍ୱତନ୍ତ୍ର ରଙ୍ଗର ଦେଖାଯାଉଥିବା ମୟୂରଚନ୍ଦ୍ରିକା ଧାରଣ କରିଥିଲେ ।

ଆମ ଶରୀରରେ ବ୍ରହ୍ମନାଡୀ ମସ୍ତକଠାରୁ ଗୁଦସ୍ଥାନ ପର୍ଯ୍ୟନ୍ତ ବ୍ୟାପୀ ରହିଛି । ଏହି ନାଡୀରେ ଆତ୍ମା ନିବାସ କରି, ତାର ଶକ୍ତିକୁ ମେରୁଦଣ୍ଡର ଦୁଇ କଡକୁ ବ୍ରହ୍ମନାଡୀଠାରୁ ଯାଇଥିବା ଛୋଟ ଛୋଟ ନାଡୀ ଦ୍ୱାରା ସାରାଶରୀରକୁ

ପଠାଇ, ସମସ୍ତ ଅବୟବଗୁଡିକୁ ପରିଚାଳିତ କରୁଛି (ସ୍ପନ୍ଦନ ଦେଉଛି) । ଉପରେ ଥିବା ମୁଣ୍ଡର ଗୁଣଚକ୍ରରୁ ବ୍ରହ୍ମନାଡୀର ନାଡୀଗୁଡିକ ଦ୍ୱାରା ଆଦେଶ ଆସି ଶେଷରେ ଅବୟବଗୁଡିକରେ ପହଞ୍ଚୁଛି । ଅବୟବଗୁଡିକରୁ ଆସୁଥିବା ବିଷୟ ମଧ୍ୟ ବ୍ରହ୍ମନାଡୀ ଦ୍ୱାରା ଉପରକୁ ଯାଇଥାଏ । ବ୍ରହ୍ମନାଡୀର ଛୋଟ ନାଡୀଗୁଡିକ ଆମ ଭିତରେ କିପରି ଖଞ୍ଜାଯାଇଛି ତାହା ମୟୂର ଚନ୍ଦ୍ରିକାକୁ ଦେଖିଲେ ବୁଝିହୁଏ । ଚନ୍ଦ୍ରିକାର ଆଧାର ହୋଇ ଧଳାରଙ୍ଗର କାଠିଟିଏ ରହିଥାଏ । ତାହାକୁ ବ୍ରହ୍ମନାଡୀ ଭାବରେ ବୁଝନ୍ତୁ । ଚନ୍ଦ୍ରିକାର ଏହି କାଠିର ମୂଳରୁ ଆରମ୍ଭକରି ଶେଷାଗ୍ର ପର୍ଯ୍ୟନ୍ତ ଛୋଟଛୋଟ ଲୋମବିଶିଷ୍ଟ ପାଖୁଡାଗୁଡିଏ ଦୁଇକଡକୁ ବ୍ୟାପିରହିଥାଏ । ତାହାକୁ ବ୍ରହ୍ମନାଡୀରୁ ଆସିଥିବା ଛୋଟ ଛୋଟ ନାଡୀ ଭାବରେ ଚିହ୍ନନ୍ତୁ । ଚନ୍ଦ୍ରିକାର ଉପରେ ଦେଖାଯାଉଥିବା ଚାରିଭାଗକୁ ଗୁଣଚକ୍ର ଭାବରେ ହିସାବ କରନ୍ତୁ ।




**ମୟୁରଚନ୍ଦ୍ରିକା**

ମୁଣ୍ଡର ଗୁଣଚକ୍ରକୁ ଏବଂ ବ୍ରହ୍ମନାଡୀ ସମାନ ହୋଇଥିବା ମୟୂର ଚନ୍ଦ୍ରିକାକୁ ଶ୍ରୀକୃଷ୍ଣ ପିନ୍ଧିବାର ବିଶେଷତାଗୁଡ଼ିକ ହେଉଛି **୧. ସର୍ବ ଜୀବରାଶିର ଶରୀର ଏହିଭଳି ଖଞ୍ଜାଯାଇଛି ବୋଲି ଜଣାଇବା । ୨. ସର୍ବ ଜୀବରାଶିର ସାକ୍ଷୀଭାବରେ ଆତ୍ମା ରହିଛି ବୋଲି ଜଣାଇବା ୩. ଆତ୍ମା ତିନି ଗୁଣଭାଗର ମଝିରେ ଥାଇ ମଧ୍ୟ କୌଣସି ଗୁଣ ସହିତ ସମ୍ପର୍କ ରଖିନଥାଏ ବୋଲି ଜଣାଇବା । ୪. ମୁଁ ଯେଉଁ କାର୍ଯ୍ୟସବୁ କରୁଛି ସେହି କାର୍ଯ୍ୟରୁ ଆସୁଥିବା କର୍ମର ବନ୍ଧନରେ ପଡେନାହିଁ ବୋଲି ଜଣାଇବା । ୫. ସର୍ବ ଜୀବରାଶିର ମୁଣ୍ଡରେ ଆତ୍ମା ଏବଂ ଗୁଣରାଜି ରହିଥା'ନ୍ତି ବୋଲି ଜଣାଇବା । ୬. ଶେଷ- ଭାଗର ରଙ୍ଗଠାରୁ ଦ୍ୱିତୀୟ ଭାଗ, ତୃତୀୟ ଭାଗ ଏବଂ କେନ୍ଦ୍ରଭାଗର ରଙ୍ଗ କ୍ରମଶଃ ଗାଢ ହୋଇ, କେନ୍ଦ୍ର ଭାଗଟି ସ୍ୱତନ୍ତ୍ର ଦେଖାଯାଏ । ଏହାର ଅର୍ଥ ହେଉଛି କୌଣସି ଜୀବରାଶି ହେଉ, ଶେଷରେ ଏହି ସ୍ଥଳକୁ ଆସିବାକୁ ହେବ ବୋଲି ଜଣାଇବା । ୭. ଦ୍ୱିତୀୟ ଅଧ୍ୟାୟ କର୍ମଯୋଗର ୨୮ତମ ଶ୍ଳୋକରେ "ତତ୍ତ୍ୱବିତ୍ତୁ ମହାବାହୋ ! ଗୁଣକର୍ମ ବିଭାଗୟୋଃ । ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱାନ ସଜ୍ଜତେ ॥" ଅର୍ଥାତ୍ ଗୁଣ, କର୍ମର ବିଭାଗଗୁଡ଼ିକୁ ଜାଣିଥିବା ଲୋକ ଆତ୍ମାକୁ ଜାଣିଥିବା ଲୋକ ହୋଇଥାଏ । ସେଭଳି ଲୋକ ଗୁଣଗୁଡ଼ିକ ଦ୍ୱାରା ହେଉଥିବା ଅନେକ କାର୍ଯ୍ୟ କରୁଥିଲେ ମଧ୍ୟ, ସେ କାର୍ଯ୍ୟ ନ କରିବା ଭଳି ହୋଇଥାଏ ବୋଲି ଜଣାଇବା ପାଇଁ ଶ୍ରୀକୃଷ୍ଣ ମୟୂରଚନ୍ଦ୍ରିକା ଧାରଣ କରିଥିଲେ । ଏହିଭଳି ଭାବରେ ଜୀବନ ବଞ୍ଚିଥିବା ଶ୍ରୀକୃଷ୍ଣ ଇନ୍ଦ୍ରିୟ ବିଷୟରେ ବଶୀଭୂତ ହୋଇ କାର୍ଯ୍ୟ କରୁଥିବା ଭଳି ନାନା କାର୍ଯ୍ୟ କରୁଥିଲେ ମଧ୍ୟ, ମୁଁ କିଛି କରିବା ପାତ୍ର ନୁହେଁ ବୋଲି**

**ଜଣାଇବା ନିମନ୍ତେ ମୟୁରଚନ୍ଦ୍ରିକା ଧାରଣ କରିଥିଲେ । ଶ୍ରୀକୃଷ୍ଣ ଧାରଣ କରିଥିବା ଏହି ମୟୁରଚନ୍ଦ୍ରିକାରେ ଏତେ ଆତ୍ମଜ୍ଞାନ ମିଶି ରହିଛି ବୋଲି ଆମକୁ ଜଣାନଯିବା ଆମର ଦୁର୍ଭାଗ୍ୟ ବୋଲି କହିପାରିବା ।**

*****

# ୧୭. ମୂରଲୀ (ବଂଶୀ)

ସମସ୍ତଙ୍କ ଶରୀରରେ ୯ଗୋଟି ରନ୍ଧ୍ର ରହିଥାଏ । ଦୁଇଟି ଆଖି, ଦୁଇଟି କାନ, ଦୁଇଟି ନାଶାରନ୍ଧ୍ର, ଗୋଟିଏ ମୁଖ, ତଥା ଗୁହ୍ୟ, ଉପସ୍ଥ ନାମକ ଦୁଇଟି ମିଶି ସର୍ବଜୀବଶରୀରରେ ନଅଗୋଟି ରନ୍ଧ୍ର ରହିଥାଏ । ତେଣୁ କିଛିଲୋକ ଏହି ଶରୀର ଏକ ନବରନ୍ଧ୍ର ବିଶିଷ୍ଟ ଗୁହା ବା ଗାତ କହି, ସେଥିରେ ଜୀବ ନାମକ ସର୍ପ ବାସ କରିଥାଏ ବୋଲି କହନ୍ତି । ଗାତ ଭିତରେ ଥିବା ସର୍ପ ବାହାରକୁ ଜଣାଯାଏ ନାହିଁ । ତେଣୁ କେଉଁ ଗାତରେ କେଉଁ ସର୍ପ ରହିଛି, ଅର୍ଥାତ୍ କେଉଁ ଶରୀରରେ କିଭଳି ଜୀବ ରହିଛି ଜାଣିହୁଏ ନାହିଁ ବୋଲି ଅର୍ଥରେ ଏଭଳି କହିଛନ୍ତି ।


ମୂରଲୀ ବା ବଂଶୀରେ ମଧ୍ୟ ନଅଗୋଟି ରନ୍ଧ୍ର ରହିଥାଏ । ଏହି ବଂଶୀକୁ ଜୀବର ଶରୀର ଭଳି ତୁଳନା କରିପାରିବା । ବଂଶୀରେ ନଅ ଗୋଟି ରନ୍ଧ୍ର ରହିବା ଭଳି ଶରୀରରେ ମଧ୍ୟ ନଅଗୋଟି ରନ୍ଧ୍ର ରହିଛି । ତେଣୁ ଜୀବର ଶରୀର ମୋ ହାତରେ ରହିଛି ବୋଲି ଜଣାଇବା ନିମନ୍ତେ ଶ୍ରୀକୃଷ୍ଣ ସବୁବେଳେ ତାଙ୍କ ହାତରେ ବଂଶୀ ବା ମୂରଲୀ ଧରୁଥିଲେ । ଶରୀରର ସ୍ୱାଧିନତା ନଥାଏ । ତେଣୁ ଶରୀର ଈଶ୍ୱରଙ୍କ ହାତରେ ଥିବା କଣ୍ଢେଇ ବୋଲି ଜଣାଯାଏ । ଜୀବର ଶରୀର ପ୍ରକୃତି ଦ୍ୱାରା ତିଆରି ହୋଇଛି । ସେହି ପ୍ରକୃତିକୁ ଈଶ୍ୱର ନିଜର ଅଧିନରେ ରଖିଥା'ନ୍ତି ।

ଅଜ୍ଞାନକୁ ଦୂରକରି ମାନବକୁ ଜ୍ଞାନ ଜଣାଇବା ଶ୍ରୀକୃଷ୍ଣ ଜନ୍ମର ରହସ୍ୟ । ତେଣୁ ସେ ତାଙ୍କ ବଂଶୀକୁ ଜୀବର ଶରୀର ଭାବରେ ତୁଳନା

କରି ଦର୍ଶାଇଛନ୍ତି । ସେହି ବଂଶୀରେ ସଂଗୀତକୁ ଫୁଙ୍କିଛନ୍ତି । ନବରନ୍ଧ୍ରର ବଂଶୀକୁ ନିଜର ତୁଣ୍ଡରେ ଫୁଙ୍କି ତା'ଦ୍ୱାରା ଏକ ଶବ୍ଦ ହେବାଭଳି କରିଛନ୍ତି । ସେହି ଶବ୍ଦ ଲୟଶବ୍ଦ ହୋଇ ବଂଶୀରୁ ବାହାରକୁ ଆସି କିଛିଦୂର ବ୍ୟାପୀ ଲୟ ହୋଇଯାଉଛି । ନବରନ୍ଧ୍ରର ବଂଶୀକୁ ତୁଣ୍ଡରେ ଫୁଙ୍କି ସଂଗୀତ ଶୁଣାଇବା ମଧ୍ୟ ଆତ୍ମଜ୍ଞାନ ବୋଲି ଆମେ ଜାଣିବା ଉଚିତ୍ । ଏଥିରେ ବା କି ଜ୍ଞାନ ଅଛି ବୋଲି କିଛିଲୋକ ସଂଦେହ କରିପାରନ୍ତି । ତା'ର ସମାଧାନ ହେଉଛି !

ପ୍ରତି ମାନବକୁ ଦିନେ ଅଜ୍ଞାନରୁ ଜ୍ଞାନକୁ ଆସିବାକୁ ହେବ । ସେହି ଜ୍ଞାନ ପାଇବାକୁ ହେଲେ ଜଣେ ଗୁରୁ ଆବଶ୍ୟକ । ଗୁରୁମୁଖରୁ ବହିର୍ଗତ ହେଉଥିବା ବାଣୀରେ ଅଜ୍ଞାନୀ ଜ୍ଞାନୀରେ ପରିଣତ ହୋଇପାରେ । ଯିଏ ଜ୍ଞାନୀ ହୋଇଯାଏ ସେ ଜ୍ଞାନ ଦ୍ୱାରା ଯୋଗ ଆଚରଣ କରି ଦିନେ ପରମାତ୍ମାରେ ଐକ୍ୟ ହୋଇଯାଏ । ନବରନ୍ଧ୍ରର ଏହି ମୂରଲୀ (ବଂଶୀ) ହିଁ ନବରନ୍ଧ୍ର ବିଶିଷ୍ଟ ଶରୀର ବୋଲି ଜାଣିବା ଉଚିତ୍ । ବଂଶୀ ଫୁଙ୍କୁଥିବା ପାତ୍ର ଭଗବାନ ଶ୍ରୀକୃଷ୍ଣ ହେବାବେଳେ ଶରୀରରେ ଜ୍ଞାନ ଫୁଙ୍କିଥାନ୍ତି ଗୁରୁ । ବଂଶୀରୁ ସଂଗୀତ ଶୁଣାଯାଉଥିବା ସ୍ଥଳେ, ଶରୀର ଧାରଣ କରିଥିବା ଜୀବର ଜଣେ ଗୁରୁ ଆବଶ୍ୟକ, ସେହି ଗୁରୁଙ୍କ ଦ୍ୱାରା ଜ୍ଞାନ ପାଇବା ଉଚିତ୍ ବୋଲି ସୂଚନା ଦେବାକୁ ଯାଇ ଶ୍ରୀକୃଷ୍ଣ ବଂଶୀ ବଜାଉଥିଲେ । ବଂଶୀ ବାଜିବା ବେଳେ ସେଥିରୁ ବାହାରକୁ ଆସୁଥିବା ଶବ୍ଦ ହିଁ ଗୁରୁ ଜ୍ଞାନଶକ୍ତି ଦେବାବେଳେ ସେଥିରୁ ବାହାରକୁ ଆସୁଥିବା କର୍ମ ଭଳି । ଶବ୍ଦ କିଛି ଦୂର ଶୁଣାଯାଇ ଶୂନ୍ୟରେ ମିଶିଯାଉଥିବା ଭଳି କର୍ମ ନାମକ ଶବ୍ଦ ବିନାଶ ହେବାବେଳେ, ଜୀବ ମଧ୍ୟ ଶୂନ୍ୟରେ ମିଶିଯିବା ଭଳି ପରମାତ୍ମାରେ ଲୀନ ହୋଇଯାଇଥାଏ । ଏହି ଭାବକୁ ମାନବ ଜାଣୁ ବୋଲି ଶ୍ରୀକୃଷ୍ଣ ବଂଶୀ ବଜାଉଥିଲେ ।

ଜ୍ଞାନ ଶାସ୍ତ୍ରବଦ୍ଧ । ସେହିଭଳି ସଂଗୀତ ମଧ୍ୟ ଲୟବଦ୍ଧ । ବଜାଇବା ପାତ୍ର ନଥିଲେ ବଂଶୀ ବାଜିନଥାଏ । ସେହିଭଳି ଗୁରୁନଥିଲେ ଜ୍ଞାନ ମିଳେ



ମୂରଲୀ (ବଂଶୀ)


ନାହିଁ । ଶବ୍ଦ ବାହାରିବା ପରେ ଶୂନ୍ୟରେ ମିଶିଯାଇଥାଏ । ସେହିଭଳି ଜ୍ଞାନ ଜାଣି ଯୋଗୀହେବା ପରେ ପରମାତ୍ମାରେ ଲୀନ ହୋଇପାରିବା ବୋଲି ଜଣାଇବା ପାଇଁ ଶ୍ରୀକୃଷ୍ଣ ବଂଶୀ ବଜାଇ ଦେଖାଇଥିଲେ ।

*****

## ୧୮. ଛନ୍ଦାପାଦ

ଭଗବାନ ଶ୍ରୀକୃଷ୍ଣ ସର୍ବଦା ପାଦଛନ୍ଦି ଛିଡା ହୋଇଥା'ନ୍ତି ବୋଲି ଜଣାଯାଏ, ସେ କେଉଁଠାରେ ଛିଡାହେଲେ ମଧ୍ୟ ଗୋଟିଏ ପାଦକୁ ସଂପୂର୍ଣ୍ଣ ଭୂମିଉପରେ ରଖି ଆଉଗୋଟିଏ ପାଦକୁ ଭୂମିଉପରେ ଲଗାଇଲେ ମଧ୍ୟ ନାମକୁମାତ୍ର ଲଗାଇ ଛିଡାହୋଇଥା'ନ୍ତି । ତେଣୁ ତାଙ୍କର ଶରୀରଭାରକୁ ଗୋଟିଏ ପାଦ ସଂପୂର୍ଣ୍ଣ ବହନ କରିଥିବା ସ୍ଥଳେ ଅନ୍ୟ ପାଦଟି କମ୍ ଭାର ବହନ କରୁଛି ବୋଲି ଜଣାଯାଉଛି । ଶ୍ରୀକୃଷ୍ଣଙ୍କର ସେହି ଦୁଇ ପାଦକୁ ସର୍ବ ଜୀବରାଶିର ଶରୀରରେ ପ୍ରବାହିତ ହେଉଥିବା ନିଶ୍ୱାସ ପ୍ରଶ୍ୱାସ ବୋଲି ଭାବନା କରନ୍ତୁ । ଆମ ଶରୀରରେ ଥିବା ଦୁଇ ନାଶାରନ୍ଧ୍ରରୁ ଗୋଟିଏ ରନ୍ଧ୍ରରେ ଅଧିକ ଶ୍ୱାସ ପ୍ରବାହିତ ହେଉଥିବା ସ୍ଥଳେ ଅନ୍ୟ ରନ୍ଧ୍ରରେ କମ୍ ପ୍ରବାହିତ ହୋଇଥାଏ । ବେଳେବେଳେ ଦକ୍ଷିଣ ନାଶାରନ୍ଧ୍ରରେ ଅଧିକ ପ୍ରବାହିତ ହେଉଥିବା ସ୍ଥଳେ ବାମ ରନ୍ଧ୍ରରେ କମ୍ ପ୍ରବାହିତ ହୋଇଥାଏ ।

ବେଳେବେଳେ ତାର ବିପରୀତ ଭାବରେ ହୋଇଥାଏ । ଶରୀରରେ ଶ୍ୱାସ ଏହିଭଳି ପ୍ରବାହିତ ହେବାର କାରଣ ହେଉଛି ଶରୀରରେ ଥିବା ସୂର୍ଯ୍ୟ, ଚନ୍ଦ୍ରନାଡୀରେ ମନ ବିଚରଣର ପ୍ରଭାବ । ମନ ସୂର୍ଯ୍ୟନାଡୀ ଉପରେ ଥିବାବେଳେ ଦକ୍ଷିଣରନ୍ଧ୍ରରେ, ଚନ୍ଦ୍ରନାଡୀରେ ଥିବାବେଳେ ବାମରନ୍ଧ୍ରରେ ଶ୍ୱାସ ଅଧିକ ପ୍ରବାହିତ ହୁଏ । ସୂର୍ଯ୍ୟ,ଚନ୍ଦ୍ରନାଡୀ ଉପରେ ମନ ନଥିବା ବେଳେ ମଣିଷ ଏହି ଭୌତିକ ଜଗତ ସହିତ ସମ୍ବନ୍ଧୀତ ନହୋଇ ନିଦ୍ରାରେ କିମ୍ବା ଯୋଗରେ ରହିଥାଏ ।



**ଛନ୍ଦାପାଦ**

ସର୍ବ ଜୀବର ଶରୀରରେ ଶ୍ୱାସ ଦୁଇ ଭାଗରେ ରହି ଅଧିକ ଏବଂ କମ୍ ଗତିରେ ପ୍ରବାହିତ ହୋଇଥାଏ ବୋଲି,ଭିତରେ ଥିବା ମନର ଅସ୍ତିତ୍ୱକୁ ଜଣାଇ ଶ୍ରୀକୃଷ୍ଣ ଗୋଟିଏପାଦକୁ ସଂପୂର୍ଣ୍ଣ ଭାରଦେଇ ଆଉଗୋଟିଏ ପାଦକୁ କମ୍ ଭାରଦେଇ ରଖୁଥିଲେ । ଛିଡାହୋଇଥିବା ଶ୍ରୀକୃଷ୍ଣ ଜାଗ୍ରତାବସ୍ଥାରେ ଥିଲେ । ତେଣୁ ଜାଗ୍ରତାବସ୍ଥାରୁ ମନ ଦକ୍ଷିଣ ଏବଂ ବାମନାଡୀ ଉପରକୁ

ବଦଳିଥାଏ ବୋଲି ଜଣାଯାଉଛି । ଜାଗ୍ରତାବସ୍ଥାରେ ମନୋଗମନ ସ୍ଥାନକୁ ଜଣାଇବା ନିମନ୍ତେ ଶ୍ରୀକୃଷ୍ଣ ଛିଡାହୋଇ ତାଙ୍କର ପାଦକୁ ଦର୍ଶାଉଥିଲେ । ଜାଗ୍ରତାବସ୍ଥାରେ ମନୋଗମନକୁ ଜାଣିଥିବା ବ୍ୟକ୍ତି ନିଦ୍ରାରେ ମନୋଗମନକୁ ଜାଣିବାକୁ ଚେଷ୍ଟାକରେ । ଏହିଭଳି ନିଦ୍ରା ଜାଗ୍ରତାବସ୍ଥାରେ ମନ କେଉଁଠାରେ ରହିଥାଏ ଜାଣିବା ହେଉଛି ଜ୍ଞାନ । ମନ ସୂର୍ଯ୍ୟଚନ୍ଦ୍ରନାଡୀରୁ ନିଦ୍ରାରେ ବ୍ରହ୍ମନାଡୀରେ ପ୍ରବେଶ କରିଥାଏ ବୋଲି ଜାଣିଥିବା ପାତ୍ର ଆତ୍ମଜ୍ଞାନର ନିକଟବର୍ତ୍ତୀ ହୋଇଥାଏ ।

*****

## ୧୯. ନୀଳରଙ୍ଗର ଶରୀର

ପରମାତ୍ମା ସାରା ପ୍ରପଞ୍ଚରେ ବ୍ୟାପୀରହିଛନ୍ତି, ହେଲେ ସେ ଇନ୍ଦ୍ରିୟଗୁଡିକୁ ଜଣାପଡନ୍ତି ନାହିଁ, ସେ ଅନନ୍ତ ଶକ୍ତି, ତାଙ୍କର ଏହି ସ୍ଥିତିର ତୁଳନା କରିବା ପାଇଁ ଦୁନିଆରେ) କିଛି ମଧ୍ୟ ନାହିଁ, ଯଦି ଅଛି ତାହା ଏକମାତ୍ର ଆକାଶ । ଆକାଶ ଶୂନ୍ୟ, ଆଖିକୁ ଦେଖାଯାଇ ନଥାଏ, ତାହା ପ୍ରକୃତିର ଏକ ଭାଗ, ଆକାଶ ପରମାତ୍ମା ନହେଲେ ମଧ୍ୟ, ପରମାତ୍ମାଙ୍କ ବିଷୟ ତୁଳନା କରିବାବେଳେ ଆକାଶକୁ ବଳଶାଳୀ ଏବଂ ଶୂନ୍ୟ ବୋଲି କହୁଛେ; ତଥାପି ଶୂନ୍ୟତାର ଏକ ରଙ୍ଗ ଅଛି, ତାହା ନୀଳ । ଆକାଶ ଶୂନ୍ୟ ଏବଂ ନୀଳ ରଙ୍ଗର । କୌଣସି ରଙ୍ଗ ହେଉ କୌଣସି ବସ୍ତୁରେ କିମ୍ବା ପଦାର୍ଥ ଉପରେ ରହିଥାଏ, କିନ୍ତୁ ଆକାଶର ନୀଳରଙ୍ଗ କୌଣସି ବସ୍ତୁ, ପଦାର୍ଥ କିମ୍ବା କୌଣସି ପରଦା ଉପରେ ନଥାଏ, ତାହାକୁ ଶୁନ୍ୟରେ ଯେତେ ଖୋଜିଲେ ମଧ୍ୟ ମିଳେ ନାହିଁ । ଆମେ ସେହି ରଙ୍ଗର ଯେତେ ପାଖକୁ ଗଲେ ମଧ୍ୟ ତାହା ଆମଠାରୁ ସେତିକି ଦୂରେଇଯାଏ, ତଥାପି ଆକାଶ ଦେଖାଯାଏ ନୀଳରଙ୍ଗ, ତେଣୁ ମୁଁ ମଧ୍ୟ ଅନ୍ତ ନଥିବା ପାତ୍ର ଏବଂ ଅନନ୍ତ ଆକାଶ ଭଳି ରହିଥାଏ

ବୋଲି ଜଣାଇ ଶ୍ରୀକୃଷ୍ଣଙ୍କ ଦେହକୁ ନୀଳରଙ୍ଗର କରିଥିଲେ । ଆକାଶର ଅନ୍ତ ନଥାଏ ତେଣୁ ସେ ଅନନ୍ତ ବୋଲି ଜଣାଇବା ନିମନ୍ତେ ପରମାତ୍ମାଙ୍କ ଶରୀରରଙ୍ଗ ନୀଳବର୍ଣ୍ଣର ହୋଇଛି ।

*****

## ୭୦. ଆରାଧନା (ଉପାସନା)

ଏପର୍ଯ୍ୟନ୍ତ ଦେବାଳୟ ବାବଦରେ ଜାଣିଲେ । ଏବେ ଆମେ ଆଚରଣ କରୁଥିବା ଭକ୍ତି ତଥା ଆଚରଣ କରିବାକୁ ଥିବା ଭକ୍ତି ଆରାଧନା ବାବଦରେ ଜାଣିବା । ସତକଥା କହିଲେ ଆଜିର କାଳରେ ମଣିଷର ଭକ୍ତି ଖୁବ୍ କମ୍ । ଯଦିଓ କିଛି ଲୋକଙ୍କଠାରେ କିଛି ଭକ୍ତି ଅଛି; ତଥାପି ତାହା ପ୍ରକୃତ ଭକ୍ତି ନୁହେଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଈଶ୍ୱର ଅଛନ୍ତି ବୋଲି ବିଶ୍ୱାସ କରୁଥିବା ଅନେକ ପ୍ରକାରର ଭକ୍ତମାନେ ଥାଆନ୍ତି । ସମସ୍ତେ ଅଲଗା ଅଲଗା ବିଧାନର ଆଚରଣ କରିଥା'ନ୍ତି । ଯିଏ ଯେଉଁ ପ୍ରକାରର ଆଚରଣ କରିଥାଏ, ସେ ତା'ର ସେହି ପ୍ରକାରର ଆଚରଣକୁ ଉପଯୁକ୍ତ ଆଚରଣ ଭାବିଥାଏ; ତଥାପି କିଛିଲୋକ ସଠିକ ଭକ୍ତି କରୁନାହାନ୍ତି ନାମକ ସତ୍ୟକୁ ଏଡାଇଦେଇ ପାରିବା ନାହିଁ । କିଛିଲୋକ ନିଷ୍ଚୟ ଆତ୍ମା ପରମାତ୍ମାଙ୍କ ବାବଦରେ ଜାଣିବାକୁ ପ୍ରୟାସ କରୁଛନ୍ତି । କିଛିଲୋକ ରାସ୍ତାରେ ଯାଉଯାଉ ମନ୍ଦିର ଆଗରେ ନମସ୍କାରଟିଏ କରିଦେଇ ଆମଠାରୁ ଆଉ କେହି ବଡ ଭକ୍ତ ନାହାନ୍ତି ବୋଲି ଭାବିଥା'ନ୍ତି । କେହି କେହି ବର୍ଷକୁ ଥରେ କେଉଁ ମନ୍ଦିରରେ ନଡିଆଟିଏ ବାଡେଇଦେଇ ଆମଠାରୁ ଅନ୍ୟ ଭକ୍ତମାନଙ୍କର ଭକ୍ତି କମ୍ ବୋଲି ଭାବିଥା'ନ୍ତି । ଆଉକେତେକ ମନ୍ଦିର ପର୍ଯ୍ୟନ୍ତ ନଯାଇ ଘରେ ଥିବା କେଉଁ ଦେବତା ଆଗରେ ନଡିଆଟିଏ ମଧ୍ୟ ଭୋଗ ନଲଗାଇ କେବଳ ନମସ୍କାର କରି ଆମେ ମହାନ ଭକ୍ତ ବୋଲି ତୃପ୍ତିରେ ଥାଆନ୍ତି । କିଛି ଲୋକ ତିରୁପତି,

ପୁରୀ ଭଳି ତୀର୍ଥସ୍ଥାନକୁ ଯାତ୍ରାକରି ସେଠାରେ କିଛି କାମନା କରିବାକୁ ଭକ୍ତି ଭାବିଥାନ୍ତି । କେତେକ ଶିବଲିଙ୍ଗର ଅଭିଷେକ କରି ମୃତ୍ୟୁଦୋଷ ଛଡାଇବା ଉଚିତ୍ ପଦ୍ଧତି ଭାବିଥା'ନ୍ତି । କିଛିଲୋକ ଦେଖାଗଲେ ଗଛକୁ, ହୁଙ୍କାକୁ, ଷଣ୍ଢକୁ, ମାଙ୍କଡକୁ ସାପକୁ ମଧ୍ୟ ନମସ୍କାର କରିଥା'ନ୍ତି । ଏହିଭଳି ବିଭିନ୍ନ ପ୍ରକାରର ଆଚରଣକୁ ଭକ୍ତି କହିପାରିବା ସିନା, ଏଭଳି ଭକ୍ତିର କୌଣସି ଅର୍ଥ ନଥାଏ । ଚାଲୁଥିବା ରାସ୍ତା ଗୋଟିଏ ହେଲେ ମଧ୍ୟ ସେ ରାସ୍ତାରେ ଗଲେ ଲକ୍ଷ୍ୟଟି ଶ୍ମଶାନ ହୋଇ ପାରେ, ଅରଣ୍ୟ ହୋଇ ପାରେ କିମ୍ବା କୌଣସି ଗ୍ରାମ ହୋଇପାରେ । ଯାହା ଆଚରଣ କରିଥା'ନ୍ତି ତାହା ଭକ୍ତି ହେଲେହେଁ, ତାହା କୌଣସି ପ୍ରକାରର ଭକ୍ତି ହୋଇପାରେ, ହେଲେ ପରମାତ୍ମାଙ୍କଠାରେ ଐକ୍ୟ ହେବାକୁ ଏଭଳି ଅର୍ଥହୀନ ଭକ୍ତିରେ କୌଣସି ବିଶ୍ୱାସ କରିପାରିବା ନାହିଁ । ଲକ୍ଷ୍ୟ ନଜାଣି ଚାଲିଲେ ସେ ରାସ୍ତାରେ ଜଙ୍ଗଲକୁ ପଳାଇଯିବା ଭଳି ଅର୍ଥହୀନ ଭକ୍ତି କାମନାଯୁକ୍ତ ହୋଇ ଅନ୍ୟଜନ୍ମକୁ ବାଟ କଢାଇଥାଏ ।

ପରମାତ୍ମାଙ୍କୁ ଜଣାଇବା ପାଇଁ ସୃଷ୍ଟି କରାଯାଇଥିବା ଦେବାଳୟଗୁଡିକ ଆଜି ମାନସିକ (କିଛି ଦେବି ବୋଲି ମନତଃ ପ୍ରତିଶ୍ରୁତିବଦ୍ଧ ହେବା) ନାମକ ଲାଞ୍ଚ ଦେଖାଇ ନାନା କାମନା କରିବାର ସ୍ଥଳ ହୋଇ ରହିବା ନିଶ୍ଚୟ ବିଚାରଣୀୟ ବିଷୟ । କାମନା ପୁରଣ ନହେଲେ ଦେବାଳୟର ଦୈବକୁ ନିନ୍ଦାଦେବା ସାଧାରଣ ହୋଇଯାଇଛି । ମୋପାଖକୁ ଆସି ନାନା କାମନା କର ତାହା ମୁଁ ପୁରଣ କରିବି ବୋଲି କୌଣସି ମନ୍ଦିରର ଦେବତା କହିଛି ? **ଆଶା ନାମକ ଦଉଡିରେ ବାନ୍ଧିହୋଇ ବିବିଧ କାମନା କରିବା ଭକ୍ତି ହୋଇନଥାଏ । ଶହେଟଙ୍କା ଖର୍ଚ୍ଚକରି ଅଭିଷେକ କରାଇ ଲକ୍ଷେଟଙ୍କା ଲାଭ ହେଉ ବୋଲି କାମନା କରିବା ଭକ୍ତି ନୁହେଁ । କର୍ମ ଦ୍ୱାରା ସମ୍ଭବ ହେଉଥିବା ରୋଗ କର୍ମ ଦ୍ୱାରା ଭଲ ହୋଇଗଲା ନଜାଣି ମୁଁ ଭଲହେବା ପାଇଁ ମାନସିକ ରଖିଥିଲି, ତେଣୁ ମୋ ରୋଗ ଭଲହେଲା କହି କରିଥିବା ମାନସିକ ପୁରଣ କରିବା ଭକ୍ତି**

**ନୁହେଁ । ଏହିଭଳି ଆତ୍ମାବଗାହନ କରାଉଥିବା ଦେବାଳୟଗୁଡିକ ମାନବ ଆଉ ଦେବତାମାନଙ୍କ ଭିତରେ ଏକ ବ୍ୟାପାର କେନ୍ଦ୍ର ଭଳି ବଦଳିଯିବା ବାସ୍ତବିକ୍ ଶୋଚନୀୟ ବିଷୟ ।**

୮୪ଲକ୍ଷ ଜୀବଜାତି ମଧ୍ୟରୁ ବୁଦ୍ଧିବଳ ଥିବା ମାନବଜାତିରେ ଜନ୍ମହୋଇ ପାପ, ପୁଣ୍ୟର ଭିନ୍ନତା ନଜାଣି, ହେଉଥିବା କାର୍ଯ୍ୟଗୁଡିକର କାରଣ କ'ଣ ନଜାଣି, ନିଜର ଚତୁରତା ହିଁ ସବୁକିଛିର କାରଣ ବୋଲି ଭାବିବା ଅହଂକାର ହୋଇଥାଏ । ଅତି କମ୍‌ରେ ଜନ୍ମ ମରଣର ସ୍ଥିତି ପରେ ଆଉ କ'ଣ ଅଛି ବିଚାର ନ କରି ବୃଥା କାଳାତିପାତ କରିବା ନିରର୍ଥକ ଜୀବନ ହୋଇଥାଏ । ସକାଳୁ ଉଠିବାଠାରୁ ଆରମ୍ଭକରି ନାନା କାର୍ଯ୍ୟରେ ବ୍ୟସ୍ତ ରହିବା, ଏମିତି ଶେଷରେ ଦିନେ ମରିଯିବା କ'ଣ ଜୀବନ ! ଏହା ଭାବୁନଥିବା ମଣିଷର ଜୀବନ ପଶୁପକ୍ଷୀଙ୍କ ଭଳି ଜୀବନ ହୋଇଥାଏ । ସେମାନଙ୍କଠାରୁ ବା ମାନବ ଜୀବନର କି ବିଶେଷତା ରହିଲା ! ଈଶ୍ୱର ଅଛନ୍ତି ବୋଲି ଏକ ବିଶ୍ୱାସ ଉପରେ ଆଧାରିତ ହୋଇ, ତା ସମ୍ବନ୍ଧୀୟ ବିବରଣ କ'ଣ ନଜାଣି, ଦେବାଳୟକୁ ଯାଇ ପୂଜା କରୁଥିବା ଲୋକମାନଙ୍କୁ ଦେଖି, ବିଶ୍ୱାସ ଏକ ରୋଗ ବୋଲି କହୁଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ପ୍ରତ୍ୟେକ କାର୍ଯ୍ୟରେ କିଛି ବିଶେଷତା ଥାଏ ବୋଲି ଜାଣିନଥିବା ଲୋକମାନେ ଅନ୍ଧ ଭାବରେ ଭକ୍ତିମାର୍ଗରେ ଯାଉଥିବା ଲୋକମାନଙ୍କୁ ଦେଖି ସେମାନଙ୍କ କାର୍ଯ୍ୟର କିଛି ଆଧାର ନାହିଁ ବୋଲି ନିର୍ଣ୍ଣୟ ନେଇ, ଈଶ୍ୱର ହିଁ ନାହାନ୍ତି ବୋଲି କହିଥା'ନ୍ତି । ଦୂରରୁ ଦେଖୁଥିବା ଲୋକ ଜାମୁକୋଳି ଗଛକୁ ପିଜୁଳିଗଛ ଭାବିବା ଭଳି ଭକ୍ତିମାର୍ଗରେ ଥିବା ଅନର୍ଥକୁ ଦେଖି ଜ୍ଞାନୀ ଆଉ ଯୋଗୀମାନଙ୍କୁ ମଧ୍ୟ ଆସ୍ତିକରୋଗୀ ଭାବରେ ହିସାବକରି କହୁଥିବା ନାସ୍ତିକମାନେ ଅଛନ୍ତି । ନାସ୍ତିକ ଆଉ ଆସ୍ତିକ ନାମକ ଦୁଇ ବର୍ଗର ଲୋକମାନଙ୍କ ଭିତରେ ଯୋଗୀମାନେ ନଥା'ନ୍ତି ବୋଲି ଅନେକଙ୍କୁ ଜଣାନଥାଏ । **ଆସ୍ତିକମାନେ କେବଳ ବିଶ୍ୱାସ କରିଥା'ନ୍ତି,**

**ନାସ୍ତିକମାନଙ୍କର ସେହି ବିଶ୍ୱାସ ମଧ୍ୟ ନଥାଏ, କିନ୍ତୁ ବିଶ୍ୱାସ ଏବଂ ଅବିଶ୍ୱାସ ସହିତ ସମ୍ବନ୍ଧ ନରଖି ସତ୍ୟକୁ ନିରୂପଣ କରି ଯୋଗୀମାନେ ଅନୁଭବ କରିଥା'ନ୍ତି । ପୁରାଣ ଅନୁସାରେ ଆସ୍ତିକମାନେ ଯାଉଥିବା ବେଳେ, ତାହା ପ୍ରମାଣିତ ହୋଇପାରେ ନାହିଁ ବୋଲି ନାସ୍ତିକମାନେ କହିଥାନ୍ତି, କିନ୍ତୁ ପୁରାଣରେ ପ୍ରମାଣ ନଥିଲେ ମଧ୍ୟ ଶାସ୍ତ୍ର ପ୍ରମାଣ ହୋଇ ରହିଛି ବୋଲି ଜାଣି ଯୋଗୀମାନେ ଆଚରଣ କରିଥା'ନ୍ତି । ଆସ୍ତିକ ଆଉ ଯୋଗୀମାନଙ୍କ ଭିତରେ ପାର୍ଥକ୍ୟ କଅଣ ଜାଣିନଥିବା ନାସ୍ତିକମାନେ ଷଣ୍ଢ ଜନ୍ମ କରିଛି କହୁକହୁ ବାଛୁରିକୁ ଆଣି ଗୁହାଳରେ ବାନ୍ଧିଦିଅ କହିବାଭଳି, ସେମାନଙ୍କୁ ଷଣ୍ଢ ଜନ୍ମକରେ ନାହିଁ ଗାଇ ଜନ୍ମ କରିଥାଏ ବୋଲି ଜଣାନଥାଏ । ଏଭଳି ନାସ୍ତିକମାନେ କିଛି ନଜାଣି ଯୋଗୀମାନଙ୍କୁ ମଧ୍ୟ ଆସ୍ତିକଭାବରେ ହିସାବ କରିଥାନ୍ତି । ଆସ୍ତିକମାନେ କେବଳ ବିଶ୍ୱାସ କରିଥା'ନ୍ତି, ଯୋଗୀମାନେ ସତ୍ୟକୁ ଆଧାର କରିଥା'ନ୍ତି ଏବଂ ସତ୍ୟକୁ ପ୍ରମାଣିତ କରିଥା'ନ୍ତି । ଏହା ଜାଣି ନଥିବା ଲୋକମାନେ ହିଁ ନାସ୍ତିକ । ଆସ୍ତିକମାନେ ଅର୍ଥ ନଜାଣି କରୁଥିବା ଆଚରଣର ଅର୍ଥକୁ ଯୋଗୀମାନେ ହିଁ ସେମାନଙ୍କୁ ଜଣାଇଥାନ୍ତି । ଏହା ନାସ୍ତିକମାନେ ଜାଣନ୍ତି ନାହିଁ । ଅଜ୍ଞାନରେ ନାନା କାମନା କରିବା ହିଁ ଭକ୍ତି ଭାବୁଥିବା ଲୋକମାନଙ୍କୁ ଦେଖି,କାମନା ପୁରଣର କେନ୍ଦ୍ର ଯେ, ମନ୍ଦିର ବୋଲି ଭାବୁଥିବା ଲୋକମାନଙ୍କୁ ଦେଖି, ସେମାନେ କରୁଥିବା ଚେଷ୍ଟା ହିଁ ବୃଥାଚେଷ୍ଟା ଭାବୁଥିବା ନାସ୍ତିକମାନେ ଈଶ୍ୱରଙ୍କୁ ଭୟ କରୁଥିବା ଲୋକମାନେ ହିଁ ମନ୍ଦିର ତୋଳାଇଛନ୍ତି, ଯାହାର ଅର୍ଥ ହିଁ ନାହିଁ ବୋଲି କହିଥା'ନ୍ତି ।**

ପ୍ରତ୍ୟେକ ମୋଡରେ ଆତ୍ମଜ୍ଞାନ ଖଞ୍ଜାଯାଇଥିବା ନିର୍ମାଣ ହିଁ ମନ୍ଦିର ବା ଦେବାଳୟ । ରୂପ ନାମ ନଥିବା ଶୂନ୍ୟ ଶକ୍ତି ବାବଦରେ ଜଣାଇବା

ଦେବାଳୟ ନିର୍ମାଣର ମୂଳ ଉଦ୍ଦେଶ୍ୟ ବୋଲି ଆମେ ପୂର୍ବରୁ ଆଲୋଚନା କରିଥିଲେ । ଆସ୍ତିକ କିମ୍ବା ନାସ୍ତିକ ହୋଇନଥିବା ଯୋଗୀମାନେ ବା ଜ୍ଞାନୀମାନେ ନିର୍ମାଣ କରିଥିବା ଦେବାଳୟରେ ଆଚରିତ ହେଉଥିବା ପ୍ରତ୍ୟେକ ଆଚରଣର ଅର୍ଥ ଯୋଗୀମାନେ କହିବା ଉଚିତ୍ । ଆତ୍ମାର ଅସ୍ତିତ୍ୱକୁ ଚିହ୍ନାଉଥିବା ଦେବାଳୟର ଅର୍ଥ ଜାଣିନଥିବା ଲୋକେ ଆସ୍ତିକ ହୋଇଯାଇଥିଲେ ମଧ୍ୟ "ନାହିଁ ମାମୁଁଠାରୁ କଣା ମାମୁଁ ଭଲ' ନାମକ ରୂଢ଼ି କହିବା ଭଳି ସେମାନେ ନାସ୍ତିକମାନଙ୍କଠାରୁ ଖୁବ୍‌ଭଲ କହିପାରିବା । ଆସ୍ତିକମାନେ ଜ୍ଞାନଦୃଷ୍ଟି ପାଇ ଆମେ ଜଣାଉଥିବା ପ୍ରତ୍ୟେକ ଆଚରଣର ଅର୍ଥକୁ ଅବଗାହନ କରି ନିଶ୍ଚୟ ଯୋଗମାର୍ଗକୁ ଆପଣାର କରିପାରିବେ ବୋଲି ଭାବୁଛୁ । ନାସ୍ତିକତ୍ୱକୁ ବିନାଶକରି ଆସ୍ତିକତ୍ୱକୁ ମଧ୍ୟ ଛାଡି ନିରୂପଣ ବା ପ୍ରମାଣ ହିଁ ମୁଖ୍ୟ ବୋଲି ଜାଣି ଯୋଗମାର୍ଗରେ ଯାତ୍ରା କରିବା ଉଚିତ୍ । ଏବେ ଦେବାଳୟରେ ହେଉଥିବା ପୂଜା ବିଧି ବିଷୟ କହିବାକୁ ଯାଉଛୁ ।

*****

# ୨୧. ଦୀପ (ପ୍ରଦୀପ)

ପୂଜା ବିଧାନରେ ଦୀପ ଜଳାଇବା ପ୍ରଥମ କାର୍ଯ୍ୟ ହୋଇଥାଏ । ପ୍ରଦୀପ (ଦୀପ)ରେ ତୈଳ ଢାଳି ସେଥିରେ ଦୁଇଗୋଟି ସଳିତା (ବଳିତା) ରଖି ଜଳାଇବା ଆଚାର ହିନ୍ଦୁମତରେ ରହିଥାଏ । ଆଲୋକ ପାଇଁ ନହୋଇ ଜ୍ଞାନାର୍ଥରେ ଦୀପ ବା ପ୍ରଦୀପଟିଏ କାହିଁକି ଜଳାଇ ଦିଆଯାଏ ବୋଲି ବିଚାରକଲେ, ସେଥିରେ କିଛି ସାରାଂଶ ରହିଥାଏ ବୋଲି ଜଣାଯାଏ । ପ୍ରତ୍ୟେକ ଜୀବର ଶରୀର ରହିଥାଏ, ଶରୀରରେ କର୍ମ ରହିଥାଏ । ଶରୀରରେ ଆତ୍ମା, ଜୀବାତ୍ମା ନିବାସ କରିଥା'ନ୍ତି । ଜୀବାତ୍ମା ଶରୀରରେ ଯୋଗ ଆଚରଣ କରି ଆତ୍ମାରେ ମିଶିଗଲେ ତା'କୁ ଯୋଗଶକ୍ତି ମିଳିଥାଏ ।

ସେହି ଯୋଗଶକ୍ତି ଦ୍ୱାରା ଶରୀରରେ ଥିବା କର୍ମ ଜଳିଯାଇଥାଏ । ଜ୍ଞାନାଗ୍ନି (ଯୋଗଶକ୍ତି) ନଥିଲେ କର୍ମଦହନ ହୋଇପାରି ନଥାଏ । ଶରୀରରୁ କର୍ମ ଦହନ ନହେବା ପର୍ଯ୍ୟନ୍ତ ଜନ୍ମ ମିଳିଥାଏ । ତେଣୁ ଏହି କଷ୍ଟସୁଖର ଜନ୍ମ ଆଉ ଦରକାର ନାହିଁ ବୋଲି ଯେଉଁମାନେ ଜାଣି କର୍ମ ରହିତ ହେବା ପାଇଁ ଚେଷ୍ଟା କରିଥା'ନ୍ତି ସେମାନେ ସେମାନଙ୍କର ଭାବାନୁଗୁଣ ଅର୍ଥଦାୟୀ ଦୀପଟିଏ ଜଳାଇଥା'ନ୍ତି ।

ପ୍ରମିଦ ବା ପ୍ରଦୀପକୁ ଶରୀରଭାବରେ ତୁଳନା କରି, ସେଥିରେ ଥିବା ଦୁଇ ସଳିତାକୁ ଜୀବାତ୍ମା ଆତ୍ମା ସହିତ ତୁଳନା କରି, ଜ୍ଞାନ ଦ୍ୱାରା ଯୋଗ ଆଚରଣ କରିବାବେଳେ ଆତ୍ମା ଜୀବାତ୍ମା ମିଳିତ ହୋଇଯାଇଥିବା ସଦୃଶ ଦୁଇଟି ସଳିତାକୁ ଏକାଠି କରି ଜଳାଇଦେଉଥିଲେ ମୋକ୍ଷକାମୀମାନେ । ଦୁଇ ସଳିତା ଜଳି ଏକ ଜ୍ୟୋତି ଭାବରେ ଦେଖାଯାଉଥିବା ଦୃଶ୍ୟକୁ ସେମାନେ ଯୋଗ ସହିତ ତୁଳନା କରୁଥିଲେ ।



**ଦୀପ (ପ୍ରଦୀପ)**

ଶରୀର ଥିବାବେଳେ ନିଶ୍ଚୟ ସେଥରେ କର୍ମ ଥାଏ । ତେଣୁ ପ୍ରମିଦ (ଦୀପ) ରଖି ସେଥିରେ ତୈଳଢାଳି, ତା ଭିତରେ ଦୁଇ ସଳିତାକୁ ଜଳାଇ ଦେଉଥିଲେ । ଗୁରୁଙ୍କ ଦ୍ୱାରା ଜ୍ଞାନ ମିଳିଥାଏ ବୋଲି ଅନ୍ୟ ଏକ ସ୍ଥାନରୁ ଅଗ୍ନି ଆଣି ଜଳାଇବା ସେମାନଙ୍କର ଭାବରେ ଥିଲା । ଜ୍ଞାନ ନାମକ ଅଗ୍ନିରେ ଦୁଇ ସଳିତା (ଆତ୍ମା, ଜୀବାତ୍ମା) ଏକ ହୋଇ ଜଳିବା ବେଳେ ସେଥିରେ ଥିବା କର୍ମ ନାମକ ତୈଳ ଶେଷ ହୋଇଥାଏ । ଜ୍ଞାନାଗ୍ନି ଦ୍ୱାରା ଶରୀରର କର୍ମ ବିନାଶ ହୋଇଥାଏ ବୋଲି ସୂଚିତ କରିଥାଏ ଦୀପରୁ ଶେଷ ହୋଇଯାଉଥିବା ତୈଳ । ଦୀପରୁ ତୈଳ ଶେଷ ହୋଇଯିବା ବେଳେ ଜଳୁଥିବା ଦୁଇ ସଳିତା ଲିଭିଯାଇଥାଏ । ସେହିଭଳି ଶରୀରରୁ କର୍ମ ବିନାଶ ହୋଇଗଲେ ଶରୀରରେ ଥିବା ଜୀବାତ୍ମା ଆତ୍ମା ପରମାତ୍ମାରେ ଲୀନ ହୋଇଯାଇଥା'ନ୍ତି । ଶରୀରରୁ ଜୀବାତ୍ମା ଆତ୍ମା ଚାଲିଯିବା ପରେ ମୃତ ଦେହ ବଳକା ରହିଯିବା ଭଳି, ତୈଳ ଶେଷହୋଇ ଦୁଇ ସଳିତା ଲିଭିଯାଇ ବଳକା ରହିଯାଏ ଦୀପ । ମୃତ ଦେହର ମୂଲ୍ୟ ନଥିବା ଭଳି ଲିଭିଯାଇଥିବା ଦୀପର ମଧ୍ୟ ମୂଲ୍ୟ ନଥାଏ । ପୂର୍ବେ ମାଟିରେ ତିଆରି ହୋଇଥିବା ଦୀପ ଜଳାଉଥିଲେ, ତାହା ଲିଭିଯିବା ପରେ ତାହା ବାହାରେ ଫିଙ୍ଗିଦେଉଥିଲେ । ମୃତଦେହ ବିନାଶଶୀଳ ହୋଇଥିବାରୁ ଦେହ ତୁଳିତ ଦୀପ ମଧ୍ୟ ମାଟିରେ ତିଆରି ହେବା ଉଚିତ ବୋଲି ସେମାନଙ୍କର ଭାବନା ଥିଲା । ପଦ୍ଧତି ଅନୁସାରେ ଦେଖିଲେ ଧାତୁ ନିର୍ମିତ ଦୀପ ଜଳାଇବା ଉଚିତ ନୁହେଁ । ଯଦି ଧାତୁ ନିର୍ମିତ ଦୀପ ବ୍ୟବହାର କରୁଥିଲେ ତେବେ ତାହାକୁ ସଫାସୁତୁରା ରଖୁଥିଲେ । ଆଜି ମଧ୍ୟ କେତେକ ଦେବାଳୟରେ ମାଟି ତିଆରି ଦୀପ ଜଳାଇବା ପ୍ରଥା ବଞ୍ଚିରହିଛି । ଗୁରୁ ଦେଇଥିବା ଜ୍ଞାନାଗ୍ନି ଦ୍ୱାରା ଜୀବାତ୍ମା ଆତ୍ମା ସହିତ ମିଶି ଜଳିଥାଏ, ସବୁକିଛିକୁ ଛାଡି ପରମାତ୍ମାରେ ମିଳିତ ହେବା ସୂଚନା ହିଁ ଦୀପାରାଧନାର ଅନ୍ତରାର୍ଥ ବୋଲି ଜାଣିବା ଉଚିତ୍ । ମନ୍ଦିରରେ କେତେ ଦୀପ ଜାଳିଲେ ମଧ୍ୟ ଗୋଟିଏ ଦୀପ ଯାହା ଅର୍ଥ ଦେଇଥାଏ ସବୁ

ଦୀପ ସେହି ଅର୍ଥ ଦେଇଥାଏ । ଆଡମ୍ବରରେ ପୂଜା କରିନପାରିଲେ ମଧ୍ୟ ଦୀପଟିଏ ନିହାତି ଜାଳି ତା'ର ଭାବ ଗ୍ରହଣ କରିବା ପାଇଁ ବଡମାନେ ଜଣାଇଥିଲେ । ମନ୍ଦିରରେ ଜଳାନ୍ତୁ ବା ନଜଳାନ୍ତୁ ଘରେ ଦୀପଟିଏ ଜଳାଇବା ବିଧି ବଡମାନେ ରଖିଥିଲେ ।


ଆଜି ମଧ୍ୟ ସକାଳେ ସଂଧ୍ୟାରେ ପ୍ରାୟ ସମସ୍ତେ ଘରେ ଘରେ ଦୀପ ଜାଳିଥାନ୍ତି । କିଛିଲୋକ କେବଳ ସଂଧ୍ୟା ସମୟରେ ଦୀପ ଆରାଧନା କରିଥା'ନ୍ତି । ସଂଧ୍ୟା ସମୟରେ ଏହାକୁ ହିଁ ସଂଧ୍ୟାଦେବା କହିଥା'ନ୍ତି । ଏହି ସଂଧ୍ୟାଦେବା କାର୍ଯ୍ୟ ପୂର୍ବେ ଅର୍ଥପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ଆଜି ନାମକାର୍ଥ ବଳକା ରହିଛି । ଦୀପ ଜାଳି ସଂଧ୍ୟା ଦେବା ବଦଳରେ କେତେକ ଆଜି ଘରେ ବାହାରେ କୁହୁଳୁଥିବା ଧୂପକାଠି ବୁଲାଇ ଆଣି ସଂଧ୍ୟାଦେବା କାର୍ଯ୍ୟ ଶେଷ ହୋଇଗଲାଣି କହିଥା'ନ୍ତି । କେତେକ ତୁଳସୀ ଚଉରା ମୂଳରେ ଘିଅବୋଳା ସଳିତାଟିଏ ଜାଳିଦେଇ କାମ ହୋଇଗଲା ବୋଲି ଭାବିଥା'ନ୍ତି । ଏହିଭଳି କିଏ କେତେ ପ୍ରକାରର ଆଚରଣ ଦ୍ୱାରା ମହାନ ଅର୍ଥଦାୟୀ ପରମ୍ପରାକୁ ଭୂଲିଯାଇଛନ୍ତି । ଅର୍ଥକୁ ଅନର୍ଥ କରିଦେଇଛନ୍ତି । କେତେକ ଦୀପାରାଧନା କରୁଥିଲେ ମଧ୍ୟ ସେଥିରେ ଦୁଇଟି ସଳିତା ନରଖି ଗୋଟିଏ ସଳିତାରେ ସବୁ କାମ ସ୍ୱାହା କରିଦେଉଛନ୍ତି । ଏଭଳି ଆଚରଣ କରି ମଧ୍ୟ ନକରିବା ଭଳି ହୋଇଥାଏ । ତେଣୁ ଅର୍ଥହୀନ ଆଚରଣ କରିବା ଅନୁଚିତ । ଆଜି ଘରେ ଏଭଳି କରିବା ଦୂରେ ଥାଉ ମନ୍ଦିରରେ ମଧ୍ୟ ଉଚିତ ଦୀପାରାଧନା ନକରି କରେଂଟ୍ ବଲ୍‌ବ୍ ଜଳାଇ ଦୀପାରାଧନା ସମାପନ କରି ନମସ୍କାର କରୁଛନ୍ତି । ଅର୍ଥ ନଥାଇ ଆଚରଣ କଲେ ଚଳିବ ସିନା, ଆଚରଣକୁ ଛାଡିଦେଲେ ତାହା ଅଜ୍ଞାନ ହୋଇଥାଏ । ତେଣୁ କରେଂଟ୍ ବଲ୍‌ବ୍ ଜଳାଇଲେ ମଧ୍ୟ ମାଟିରେ ତିଆରି ଦୀପଟିଏ ପଦ୍ଧତି ଅନୁସାରେ ଜାଳି ଦୀପାରାଧନା କଲେ ଆମ ଆଚରଣ ଉଚିତ ପାରମ୍ପରୀକ ଆଚରଣ ହୋଇଥାଏ ।

*****

# ୨୭. ତାମ୍ବୁଲ (ପାନ)

ପୂଜା ନିୟମରେ ଏହି ତାମ୍ବୂଳ (ପାନ) ମଧ୍ୟ ମୁଖ୍ୟ ଜିନିଷ । ତାମ୍ବୂଳରେ ୧-ପାନପତ୍ର, ୨- ଗୁଆ, ୩- ଚୂନକୁ ପୂର୍ବେ ରଖୁଥିଲେ । ତାମ୍ବୂଳରେ ଥିବା ତିନି ଜିନିଷ ଭିତରୁ ପାନ (ପତ୍ର) ସବୁଠାରୁ ବଡ । ତା'ଠାରୁ କମ୍ ପରିମାଣରେ ଥାଏ ଗୁଆ । ଗୁଆଠାରୁ ମଧ୍ୟ ଆହୁରି କମ୍ ପରିମାଣରେ ଥାଏ ଚୂନ । ଏହି ତିନି ପଦାର୍ଥ ମିଳିତ ହେଲେ ନାଲି ରଙ୍ଗ ହୋଇଯାଏ । ତାମ୍ବୂଳ ବା ପାନର ଏକ ସ୍ୱଭାବ ରହିଥାଏ । ସେହିଭଳି ଗୁଆର ଏବଂ ଚୂନର ମଧ୍ୟ ଗୋଟିଏ ଗୋଟିଏ ସ୍ୱଭାବ ରହିଥାଏ । ଏହି ତିନି ପଦାର୍ଥର ତିନିଗୋଟି ସ୍ୱତନ୍ତ୍ର ସ୍ୱଭାବ ରହିଥାଏ । ଏହିଭଳି ଆମ ଶରୀରରେ ଥିବା ଗୁଣଗୁଡିକ ଭିତରୁ ବିଶାଳ ଗୁଣ ହେଉଛି ତାମସଗୁଣ । ତା'ଠାରୁ ପରିମାଣରେ ଟିକିଏ କମ୍ ଥାଏ ରାଜସଗୁଣ । ସେହିଭଳି ତା'ଠାରୁ କମ୍ ଥାଏ ସାତ୍ତ୍ୱିକଗୁଣ । ଏବେ ଆମେ ଗୁଣରେ ବିଶାଳ ହୋଇଥିବା ତାମସଗୁଣକୁ ତାମ୍ବୂଳପତ୍ର ସହିତ, ରାଜସଗୁଣକୁ ଗୁଆ ସହିତ, ସତ୍ତ୍ୱଗୁଣକୁ ଚୂନ ସହିତ ତୁଳନା କରିପାରିବା । ଶରୀର ଭିତରେ ଥିବା ଗୁଣତ୍ରୟ ଭିତରେ ତୃତୀୟରେ ଥାଏ ତାମସ, ଦ୍ୱିତୀୟରେ ଥାଏ ରାଜସ ଏବଂ ପ୍ରଥମରେ ଥାଏ ସାତ୍ତ୍ୱିକ । ସେଥିଲାଗି ଏହି ତୁଳନାରେ ତିନିଗୋଟି ପାନପତ୍ର ସହିତ ଦୁଇଖଣ୍ଡ ଗୁଆ ଏବଂ ଖଣ୍ଡେ ଚୂନକୁ ରଖି ଭାବ ଦର୍ଶାଇଥିଲେ ବଡମାନେ । ତାମ୍ବୂଳରେ ଥିବା ତିନି ଭିନ୍ନ ପଦାର୍ଥର ତିନିଗୋଟି ଭିନ୍ନ ଭିନ୍ନ ରୁଚି ଥିବା ଭଳି ଗୁଣଚକ୍ରରେ ଥିବା ତିନି ଭିନ୍ନ ଭିନ୍ନ ଗୁଣର ତିନି ପ୍ରକାର ଆଚରଣ ରହିଥାଏ । ତାମ୍ବୂଳରେ ଥିବା ତିନି ପଦାର୍ଥ ମିଶି ନାଲିରଙ୍ଗ ହୋଇଯାଉଥିବା ଭଳି ଗୁଣଚକ୍ରରେ ଥିବା ତିନି ଗୁଣ ମିଶି କର୍ମ ନାମକ ରଙ୍ଗ ସୃଷ୍ଟି ହୋଇଥାଏ । ତେଣୁ ଜୀବାତ୍ମା ଭାବରେ ଥିବା ମୁଁ କର୍ମର କାରଣ ହୋଇଥିବା ତିନି ଗୁଣରେ ରଙ୍ଗୀନ୍ ହୋଇଯାଇଛି, ତାହା ଆଉ ମୋର ଦରକାର ନାହିଁ, ମୋର ମୋକ୍ଷ ଦରକାର ତେଣୁ ସେହି ତିନି ଗୁଣକୁ ମୁଁ ତୋର ପାଦରେ ସମର୍ପଣ କରୁଛି । ନିର୍ଗୁଣ ହୋଇ ରହିଥିବା ତୁ ମୋର ଗୁଣ ହରଣ କରି ମୋତେ ତୋଠାରେ ମିଶାଇ ଦେ ବୋଲି ଭାବ

ରଖି ବଡମାନେ ଏହାର ତୁଳନା ସଦୃଶ ତାମ୍ବୂଳର ଭାବକୁ ପୂଜାବିଧିରେ ଦର୍ଶାଇଥିଲେ । ଆଜିର ପୂଜାରେ ପାନ ସହିତ କେବଳ ଗୁଆ ରଖନ୍ତି ସିନା ଚୂନ ମଧ୍ୟ ରଖାଯାଏ ବୋଲି ଜାଣିନାହାନ୍ତି । ତେଣୁ ଦୁଇ ଗୁଣକୁ ଛାଡିଲେ କ'ଣ ହେବ ଆଉ ଗୋଟିଏ ଗୁଣ ତ ରହିଗଲା ! ତେଣୁ ପାନ ସହିତ ଗୁଆ ଏବଂ ଚୂନକୁ ରଖି ତିନି ଗୁଣକୁ ଅର୍ପଣ କରିବା ଉଚିତ୍ ବୋଲି ଜାଣିନଥିବା ପୁଜାରୀମାନେ କରୁଥିବା ପୂଜା ନିରର୍ଥକ ହୋଇଥାଏ । ନିର୍ଗୁଣରେ ମିଶିବାକୁ ହେଲେ କୌଣସି ଗୁଣ ମଧ୍ୟ ରହିବା ଅନୁଚିତ ବୋଲି ଜାଣି ନପାରିବା ବିଚିତ୍ର ବୋଧ ହେଉଛି । ସେଥିଲାଗି କହିପାରିବା ଯେ ଚୂନ ନଥିବା ତାମ୍ବୂଳ ରଖିବା ଦୈବ ସନ୍ନିଧିରେ ଅର୍ଥହୀନ ଆଚରଣ ହୋଇଥାଏ ।




ତାମ୍ବୂଳ ସହିତ ନାନା ପ୍ରକାରର ଖାଇବା ପଦାର୍ଥ ମଧ୍ୟ ନୈବେଦ୍ୟ ଭାବରେ ପୂଜାବିଧିରେ ରଖିବା ପରମ୍ପରା ରହିଛି । ପାୟେସ,

କଦଳୀ, ସାକର, ଦଧିଅନ୍ନ, ଲଡ୍ଡୁ ଇତ୍ୟାଦି ନୈବେଦ୍ୟ ଭାବରେ ସମର୍ପଣ କରାଯାଇଥାଏ, ଏସବୁ ଖାଇବା ପଦାର୍ଥ । କୌଣସି ପଦାର୍ଥ ଖାଇଲେ ସେହି ପଦାର୍ଥର ରଙ୍ଗ ମୁହଁରେ ନିଶ୍ଚୟ ଲାଗିଯାଇଥାଏ, କିନ୍ତୁ ସବୁ ପଦାର୍ଥ ଅପେକ୍ଷା ତାମ୍ବୂଳ ବା ପାନ ଖାଇଲେ ମୁଖ (ପାଟି) ନାଲିରଙ୍ଗ ହୋଇଯାଇଥାଏ କୌଣସି ପଦାର୍ଥ ଖାଇଲେ ସେହି ପଦାର୍ଥର ସୁଗନ୍ଧ ବା ଦୁର୍ଗନ୍ଧ ମୁହଁରେ ନିଶ୍ଚୟ ବଳକା ରହିଯାଇଥାଏ, ହେଲେ ପାନ ଖାଇବା ଦ୍ୱାରା ମୁହଁରେ ଥିବା ଅନ୍ୟ ପଦାର୍ଥର ଗନ୍ଧ ଆଉ ନଥାଏ । ସେହିଭଳି ଆହାର ଭାବରେ ଆମେ ଖାଉଥିବା ପ୍ରତ୍ୟେକ ପଦାର୍ଥର ଅନେକ ପ୍ରକାରର ବିଷୟ ରହିଥାଏ । ମୋଠାରେ ନାନା ପ୍ରକାରର ବିଷୟ ଭରି ରହିଛି ସେଗୁଡ଼ିକୁ ମୁଁ ତୋତେ ସମର୍ପଣ କରିଦେଉଛି ବୋଲି ଭାବାର୍ଥରେ ଅନେକ ପ୍ରକାରର ଖାଇବା ପଦାର୍ଥକୁ ନୈବେଦ୍ୟ ଭାବରେ ରଖାଯାଇଥାଏ । ଶରୀରରେ ଥିବା ନାନା ପ୍ରକାରର ବିଷୟ ଗୁଣଭାଗରେ ଥିବା ଗୁଣଗୁଡ଼ିକର ବୋଲି ଦର୍ଶାଇବା ପାଇଁ ଅନ୍ୟ କିଛି ନରଖି କେବଳ ତିନି ପଦାର୍ଥ ମିଶି ନାଲି ହୋଇଯାଉଥିବା ତାମ୍ବୂଳ ବା ପାନକୁ ରଖିଥିଲେ । ଶାକାହାର ନୈବେଦ୍ୟ ସହିତ ହେଉ, ମାଂସାହାର ନୈବେଦ୍ୟ ସହିତ ହେଉ ପୂଜା ନିୟମରେ ସମସ୍ତେ ଏହି ତାମ୍ବୂଳକୁ ନିଶ୍ଚୟ ରଖିଥା'ନ୍ତି । ଏହା ଦ୍ୱାରା ପ୍ରତ୍ୟେକ ବିଷୟ ଯେ ତିନି ଗୁଣ ଭାଗର ବୋଲି ଅର୍ଥ ମିଳିଥାଏ । ଆଜି ମଧ୍ୟ ନାନା ପ୍ରକାରର ନୈବେଦ୍ୟ ରଖିବା ପରମ୍ପରା ବଜାୟ ରହିଛି, କିନ୍ତୁ ତାମ୍ବୂଳରେ ଚୂନ ରଖିବା ନିୟମକୁ ସମସ୍ତେ ଭୁଲିଯାଇଛନ୍ତି । ଏକୈକ ତିରୁପତିରେ ଥିବା ଭେଙ୍କଟେଶ୍ୱର ମନ୍ଦିରରେ ପାନ ଗୁଆ ସହିତ ଚୂନ ମଧ୍ୟ ରଖାଯାଏ ବୋଲି ଶୁଣାଯାଏ । (ଜଗନ୍ନାଥ ମନ୍ଦିରରେ ମଧ୍ୟ ତାମ୍ବୂଳ ସମର୍ପଣ ବିଧି ରହିଛି । ) ସେହିଭଳି ମଥୁରାର ବୃନ୍ଦାବନରେ ମଧ୍ୟ ପାନଗୁଆ ସହିତ ଚୂନ ସମର୍ପଣ କରାଯାଏ ବୋଲି ଶୁଣିଛୁ ।

*****

# ୭୩. ଫୂଲମାଳ

ପୂର୍ବକାଳର ଜ୍ଞାନଦୃଷ୍ଟି ପାଇଥିବା ପ୍ରଜାମାନେ ସେମାନଙ୍କ ଦୈବ ପୂଜାରେ ଫୁଲମାଳ ସମର୍ପଣ କରୁଥିଲେ । ସେହିଭଳି ଦୈବସମ ଗୁରୁମାନଙ୍କୁ ମଧ୍ୟ ଫୁଲମାଳ ଅର୍ପଣ କରୁଥିଲେ । ଆଜିର କାଳରେ ରାଜନେତାମାନେ ଫୁଲମାଳ ପିନ୍ଧୁଛନ୍ତି । ଏକହଜାର ବର୍ଷ ପୂର୍ବେ ଦେବାଳୟର ଦୈବଙ୍କୁ ଏବଂ ବିଦ୍ୟାଳୟର ଗୁରୁଙ୍କୁ କେବଳ ଫୁଲମାଳ ପିନ୍ଧାଉଥିଲେ । ଫୁଲମାଳ ନମିଳିବା ସମୟରେ ମିଳୁଥିବା କିଛି ଫୁଲରେ ଦୈବପୂଜା ସମାପନ ହେଉଥିଲା । ଫୁଲରୁ ହିଁ ପୂଜା ଆରମ୍ଭ ବୋଲି କହୁଥିଲେ । ତେଣୁ ପୂଜ୍ୟ ହୋଇଥିବା ଗୁରୁମାନଙ୍କୁ, ଏବଂ ଦେବାଳୟର ଦୈବଙ୍କୁ ପୂଜା କରିବାରେ କେବଳ ଫୁଲର ବ୍ୟବହାର କରୁଥିଲେ । ଏହିଭଳି ଆକାର ଥିବା ପ୍ରତିମାକୁ ଫୁଲମାଳ ପିନ୍ଧାଉଥିଲେ ସିନା ଆକରହୀନ ଈଶ୍ୱର ଦେବାଳୟରେ ଥିବା ଲିଙ୍ଗପୂଜାରେ ଫୁଲର ବ୍ୟବହାର କରୁନଥିଲେ । ଈଶ୍ୱରଲିଙ୍ଗରେ ଫୁଲମାଳ ନଦେଇ କେବଳ ପ୍ରତିମାକୁ କାହିଁକି ଫୁଲମାଳ ପିନ୍ଧାଉଥିଲେ ବୋଲି ପ୍ରଶ୍ନକଲେ ! ଆକାର ଥିବା ଶରୀରର ଈଶ୍ୱର ହେଉଛନ୍ତି ଆତ୍ମା । ସେହି ଆତ୍ମା ଶରୀରର ମସ୍ତକଠାରୁ ଗୁଦସ୍ଥାନ ପର୍ଯ୍ୟନ୍ତ ବ୍ୟାପୀଥିବା ବ୍ରହ୍ମନାଡୀରେ ରହି ନିଜର ଚୈତନ୍ୟକୁ ସାରା ଶରୀରରେ ପ୍ରସାର କରି ରହିଥା'ନ୍ତି । ଶରୀରରେ ଲମ୍ବି ରହିଥିବା ବ୍ରହ୍ମନାଡୀରେ ସାତଗୋଟି ନାଡୀକେନ୍ଦ୍ର ରହିଥାଏ । ଫୁଲମାଳ ସାକାର ଭଗବାନଙ୍କୁ ସମର୍ପଣ କରୁଛି ଭାବନେଇ ସେହି ମୂଳ ହୋଇଥିବା ସାତଗୋଟି ନାଡୀକେନ୍ଦ୍ର ପର୍ଯ୍ୟନ୍ତ ରହିପାରିବା ଭଳି ଲମ୍ବାଇ ତାହା ମୁଣ୍ଡଠାରୁ ତଳ ପର୍ଯ୍ୟନ୍ତ ଅଳଂକୃତ କରୁଥିଲେ । ପୂର୍ବ ପରମ୍ପରା ଅନୁସାରେ ମୁଣ୍ଡ ଉପରୁ ଆରମ୍ଭକରି ଫୁଲମାଳ ପିନ୍ଧାଇବା ଆଜି ତିରୁପତି ଦେବାଳୟରେ ଥିବା ଭେଙ୍କଟେଶ୍ୱର ସ୍ୱାମୀ ପ୍ରତିମାରେ ଦେଖିବାକୁ ପାଇବେ । ପଦ୍ଧତି ଅନୁସାରେ କୌଣସି ଦେବାଳୟର ପ୍ରତିମାକୁ ଏହିଭଳି ଫୁଲାମାଳା ଚଢାଇବା ପରମ୍ପରା ଥିଲେ ମଧ୍ୟ ସେଭଳି ନକରି ଗଳାରେ ଅର୍ଥାତ୍ କଣ୍ଠଠାରୁ ଆରମ୍ଭ କରି ଫୁଲମାଳା ଚଢାଉଛନ୍ତି । କଣ୍ଠଠାରୁ ଫୁଲମାଳା ପିନ୍ଧାଇବା ଦ୍ୱାରା ଉପରେ

ଥିବା ଦୁଇଗୋଟି ମୂଳ ନାଡୀକେନ୍ଦ୍ର ବଳକା ରହିଯାଇଥାଏ । ଆଉ କେତେକ ଛୋଟ ଫୁଲମାଳ ଚଢାଇବା ଦ୍ୱାରା ତଳେ ଥିବା ନାଡୀକେନ୍ଦ୍ର ତିନିଗୋଟିକୁ ମଧ୍ୟ ଛାଡିଦେଇଥା'ନ୍ତି । ତେଣୁ ସେମାନେ ଆତ୍ମାଦେବଙ୍କୁ ଫୁଲମାଳ ଚଢାଇବା ବେଳେ ଆତ୍ମାସ୍ୱରୂପ ବ୍ରହ୍ମନାଡୀର ମାତ୍ର ଦୁଇଗୋଟି କେନ୍ଦ୍ରକୁ ଫୁଲମାଳା ଚଢାଇବା ଭଳି ହୋଇଥାଏ । ଏଭଳି ଫୁଲମାଳ ପିନ୍ଧାଇବା ପୂର୍ବର ପରମ୍ପରା ନୁହେଁ। ତେଣୁ ସାମର୍ଥ୍ୟ ଥିଲେ ଲମ୍ବା ଫୁଲମାଳ ପିନ୍ଧାଇବା ଉଚିତ୍, ନାଇଁ ଯଦି ସେଭଳି ଫୁଲମାଳ ଚଢାଇବା ପାଇଁ ସାମର୍ଥ୍ୟ ନାହିଁ ତେବେ ଗୋଟିଏ ଫୁଲ ହେଉ ପଛେ ସବୁଠାରୁ ମୂଳ ହୋଇଥିବା ଉପର ନାଡୀକେନ୍ଦ୍ର ଅର୍ଥାତ୍ ମୁଣ୍ଡ ଉପରେ ଚଢାଇବା ଭଲ । ଉପରେ ଏକମାତ୍ର ନାଡୀକେନ୍ଦ୍ରରେ ଫୁଲଟିଏ ଚଢାଇଲେ ଶରୀର ସାରା ବ୍ୟାପିଥିବା ଆତ୍ମାଙ୍କୁ ଫୁଲ ଅର୍ପଣ କରିବା ଭଳି ହୋଇଥାଏ । ତା'ନକରି ଉପର କେନ୍ଦ୍ରକୁ ଛାଡି ତଳେ ଥିବା କେନ୍ଦ୍ରଗୁଡିକରେ ଫୁଲମାଳା ଚଢାଇଲେ କିଛି ପ୍ରୟୋଜନ ନଥାଏ ।

ଆଳୟର ଦୈବପ୍ରତିମା ପରେ ପୂଜ୍ୟଭାବରେ ଥାଆନ୍ତି ଗୁରୁ । ଗୁରୁହିଁ ଶରୀରରେ ଆତ୍ମାସ୍ୱରୂପ ହୋଇ ସାତଗୋଟି ନାଡୀକେନ୍ଦ୍ରରେ ବ୍ୟାପୀ ରହିଥା'ନ୍ତି ବୋଲି ଭାବ ନେଇ ଗୁରୁଙ୍କୁ ଫୁଲମାଳ ଅର୍ପଣ କରିଥା'ନ୍ତି । ଭକ୍ତି ଏବଂ ଆରାଧ୍ୟ ଭାବର ସହିତ ଗୁରୁଙ୍କ ମୁଣ୍ଡଠାରୁ ସପ୍ତମ ସ୍ଥାନର ନାଡୀକେନ୍ଦ୍ର ପର୍ଯ୍ୟନ୍ତ ଚଢାଇ ଦିଆଯାଉଥିବା ଫୁଲମାଳକୁ କିଛି ସମୟ ପରେ ଗୁରୁ କାଢି ଦେଉଥିଲେ କିମ୍ବା ମୁଣ୍ଡରୁ କାଢି ଗଳାରେ ପକାଉଥିଲେ । ମନ୍ଦିରରେ ଥିବା ପ୍ରତିମା ଯେଉଁଠି ସେଇଠି ରହିଥିବାରୁ ସେଠାରେ ଫୁଲମାଳ ସେହିଭଳି ରହିଥାଏ । କିନ୍ତୁ ଗୁରୁ ଚଳପ୍ରଚଳ କରୁଥିବା ମଣିଷ ହୋଇଥିବାରୁ ତାହା ଖସିଯିବା ସମ୍ଭାବନା ଥାଏ । ତେଣୁ ସେଭଳି ଖସିଯିବାକୁ ନଦେଇ ଗଳାରେ ଧାରଣ କରୁଥିଲେ କିମ୍ବା ସଂପୂର୍ଣ୍ଣ କାଢିଦେଇ ତଳେ ରଖିଦେଉଥିଲେ । ପ୍ରଥମେ ମୁଣ୍ଡରେ ପଡିବା ପରେ ତାହା ତାପରେ କଢାଯାଉ କି ଯାହା

ବି ହେଉ, କିନ୍ତୁ ବ୍ରହ୍ମନାଡୀର ସାତଗୋଟି ସ୍ଥାନକୁ ଫୁଲ ଅର୍ପଣ କରିବା ଭଳି ହୋଇଥାଏ । ଏହା ହେଉଛି ଫୁଲମାଳା ଅର୍ପଣ କରିବାର ଉଦ୍ଦେଶ୍ୟ । ଗୁରୁ ମଧ୍ୟ ନିଜ ଶରୀରରେ ସେହି ଆତ୍ମା ରହିଛନ୍ତି ଭାବ ନେଇ ଫୁଲମାଳ ପିନ୍ଧୁଥିଲେ । ଅନ୍ୟମାନଙ୍କ ଶରୀରରେ ମଧ୍ୟ ଆତ୍ମା ରହିଥା'ନ୍ତି, କିନ୍ତୁ ଜଗତରେ ଏକମାତ୍ର ପୂଜ୍ୟ ସ୍ଥାନରେ ପ୍ରଥମେ ମନ୍ଦିରର ପ୍ରତିମା ଏବଂ ଦ୍ୱିତୀୟରେ ଗୁରୁ ବୋଲି ଗୁରୁମାନେ ହିଁ ସମସ୍ତଙ୍କୁ ବୋଧ କରୁଥିଲେ । ଆଜି ସେହି ପୂଜ୍ୟ ଭାବ ନଥାଇ କେବଳ ଏଥିରେ ସମ୍ମାନ ଭାବ, ନାମ ପ୍ରଖ୍ୟାତ ଭାବ କିମ୍ବା, ଚିହ୍ନିତହେବା ଭାବ ରହିଥିବା ଜଣାଯାଏ । ଏହା ଦ୍ୱାରା ଆଜିର ପ୍ରଜାମାନେ କିଏ ପୂଜ୍ୟ, କିଏ ଅପୂଜ୍ୟ ବୋଲି ଜାଣିପାରନ୍ତି ନାହିଁ । ତେଣୁ ଏମାନେ ହିଁ ପ୍ରକୃତ ପୂଜ୍ୟ ବୋଲି ଆଳୟର ଦୈବଙ୍କୁ ଚିହ୍ନାଉଥିବା ଗୁରୁମାନଙ୍କୁ ମଧ୍ୟ ଫୁଲମାଳ ଅର୍ପଣ କରିପାରିବା ।

ଈଶ୍ୱରଲିଙ୍ଗରେ ଫୁଲମାଳ ଦେବା ଉଚିତ ନୁହେଁ, କାହିଁକି ବୋଲି ପ୍ରଶ୍ନର ସମାଧାନରେ କୁହାଯାଇପାରେ ଯେ, ଲିଙ୍ଗ ମାନବାକୃତି ନୁହେଁ । ମାନବାକୃତିରେ ଆତ୍ମା ଦୈବଭାବରେ ରହିଥା'ନ୍ତି । ତେଣୁ ମାନବ ଆକୃତି ଥିବା ପ୍ରତିମାରେ ମୁଣ୍ଡଠାରୁ ଆରମ୍ଭକରି ଫୁଲମାଳା ଅର୍ପଣ କରାଯାଇଥାଏ । ଲିଙ୍ଗରେ ଆତ୍ମା ନଥା'ନ୍ତି କି ଜୀବାତ୍ମା ନଥା'ନ୍ତି । ଲିଙ୍ଗ ପରମାତ୍ମା ସ୍ୱରୂପ, ସେ ସର୍ବ ପ୍ରପଞ୍ଚରେ ବ୍ୟାପୀରହିଥା'ନ୍ତି । ତେଣୁ ତାଙ୍କର କୌଣସି ଆକାର ନିଧାର୍ଯ୍ୟ କରି ଫୁଲମାଳା ଅର୍ପଣ କରିପାରିବା ନାହିଁ । ନାନା ଦେବାଳୟରେ ଥିବା ପ୍ରତିମାର ଅଭିଷେକ, ଆରାଧନାରେ ନାନା ଭିନ୍ନତା ରହିଥାଏ । ମୋକ୍ଷର ଚିହ୍ନ ପୁରୁଷୋତ୍ତମ ଭାବ ଥିବା ଲିଙ୍ଗରୁ ଭାବଗ୍ରହଣ କରାଯାଏ ସିନା, ସେଠାରେ କୌଣସି ପୂଜା ଆରାଧନା ନଥାଏ । ଏହା ହିଁ ଲିଙ୍ଗର ବିଶେଷତା । ସୃଷ୍ଟି ରହସ୍ୟକୁ ଜଣାଉଥିବା ଲିଙ୍ଗକୁ ଦେଖି ତା'ର ମହାନତାକୁ ଜାଣିବା ଏବଂ ସେହି ଅନୁସାରେ ବଞ୍ଚିବା ଆମର କର୍ତ୍ତବ୍ୟ । ତା' ନକରି ଆମ ଇଚ୍ଛା ମୁତାବକ ଆଚରଣ କରିବା ଉଚିତ୍ ନୁହେଁ । ସବୁକିଛିର ଏକ ସୀମା,

ଆଚାର ନିଶ୍ଚୟ ରହିଥାଏ, ଅର୍ଥ ଜାଣି ସେହି ଅନୁସାରେ ଆରାଧନା କରି ଏହି ସନ୍ଦର୍ଭରେ ଆଲୋଚିତ ଫୁଲମାଳ କାହାକୁ କିପରି ଅର୍ପଣ କରାଯାଏ କରିବା ଉଚିତ୍ ।

*****

## ୭୪. ଅଭିଷେକ (ସ୍ନାନ)

ଦେବାଳୟରେ ଥିବା ଦୈବପ୍ରତିମାକୁ ଅଭିଷେକ କରାଯାଏ । ପୂଜା ନିୟମରେ ଏହି ଅଭିଷେକ ମଧ୍ୟ ଏକ ମୁଖ୍ୟ ଆଚରଣ । ପୂର୍ବେ ଜ୍ଞାନୀମାନେ ଦେବାଳୟକୁ, ଦେବାଳୟରେ ଥିବା ଦୈବପ୍ରତିମାକୁ ଭାବଯୁକ୍ତ ଶୈଳୀରେ ଅର୍ଥ ଦେଉଥିବା ଭଳି ନିର୍ମାଣ କରିଥିଲେ, କିନ୍ତୁ ସେମାନଙ୍କର ସେହି ଉଦ୍ଦେଶ୍ୟ ଆଜି କାଳଗର୍ଭରେ ଲୁଚିଯିବା ଦ୍ୱାରା, ଆଉକିଛି ଆଚରଣ ବଳକା ଥିଲେ ମଧ୍ୟ ସେଥିରୁ କିଛି ଅର୍ଥ ମିଳେ ବୋଲି କାହାକୁ ଜଣା ନାହିଁ । ତେଣୁ ସେସବୁ ନଜାଣି ଆଜି ସମସ୍ତେ ନିଜ ନିଜ ଇଚ୍ଛା ମୁତାବକ ଆଚରଣ କରିବାକୁ ପଛାଉନାହାନ୍ତି । ଏହିଭଳି ଥିବା ନାନା ଆଚରଣ ଭିତରୁ ଏହି ଅଭିଷେକ ମଧ୍ୟ ଏକ ଆଚରଣ । ଅଭିଷେକ କହିଲେ ପ୍ରତିମାକୁ ସ୍ନାନ କରାଇବା । ପୂର୍ବେ ଆଳୟର ଦୈବପ୍ରତିମାକୁ କେବଳ ତିନିଗୋଟି ଦ୍ରବ୍ୟ ଦ୍ୱାରା ଅଭିଷେକ କରାଉଥିଲେ । ଏହି ଅଭିଷେକ କେବଳ ପ୍ରତିମାପାଇଁ ଥିଲା ସିନା, ଆକାର ନଥିବା ଲିଙ୍ଗପାଇଁ ନଥିଲା । ଆଜିର କାଳରେ ଲିଙ୍ଗକୁ ମଧ୍ୟ ସମସ୍ତେ ଅଭିଷେକ କରାଉଛନ୍ତି । ଲିଙ୍ଗକୁ ହିଁ ଅଭିଷେକ କରାଇବା ଉଚିତ୍ ବୋଲି ଅନେକ ଲୋକ ଏହି ଆଚରଣ କରିଥା'ନ୍ତି, କିନ୍ତୁ ଏହା ସଂପୂର୍ଣ୍ଣ ଅଣପାରମ୍ପରୀକ ଏବଂ ଅଶାସ୍ତ୍ରୀୟ । ଲିଙ୍ଗ ଅଭିଷେକ ପ୍ରିୟ କହିବା ମଧ୍ୟ ଆହୁରି ଅଶାସ୍ତ୍ରୀୟ । ମୋର ଏ କହିବା କଥାକୁ କିଛିଲୋକ ପସନ୍ଦ କରୁନଥିବେ । ସେମାନଙ୍କୁ ପସନ୍ଦ ହେଉ ବା ନହେଉ ଯେଉଁମାନେ

ସତ୍ୟ ଜାଣିବାକୁ ଇଚ୍ଛା କରନ୍ତି ସେମାନଙ୍କୁ ଆମେ ଜଣାଇବାକୁ ଥିବା କଥା ହେଉଛି !

ଆମେ ଆରମ୍ଭରୁ ଆଲୋଚନା କରିଥିଲେ ଯେ, ଲିଙ୍ଗକୁ ଦେବତା ସମ ଭାବନା କରିବା ଉଚିତ୍ ନୁହେଁ ଏବଂ ତାହା ରହିଥିବା ସ୍ଥାନ ଗର୍ଭଗୃହ ହେବା ଉଚିତ୍ ନୁହେଁ । ଲିଙ୍ଗକୁ ସାକ୍ଷାତ୍ ପରମାତ୍ମା ସ୍ୱରୂପ ଭାବନା କରାଯିବା ଉଚିତ୍ ବୋଲି ମଧ୍ୟ ଜାଣିଥିଲେ । ଲିଙ୍ଗ ଉପରେ ସିଂହତୋରଣ ମଧ୍ୟ ରଖାଯିବା ଉଚିତ୍ ନୁହେଁ ବୋଲି ଜାଣିଥିଲେ । ଏସବୁର କାରଣ ! ଯାହାଙ୍କୁ ପୁରୁଷୋତ୍ତମ ଭାବନା କରୁଛେ, ଯିଏ ଜୀବାତ୍ମା, ଆତ୍ମାଙ୍କଠାରୁ ଅତୀତ ହୋଇଥିବା ପରମାତ୍ମା, ତାଙ୍କରି ପ୍ରତିବିମ୍ୱ ହୋଇଥିବା ଲିଙ୍ଗକୁ ଆମେ ଦେବାଳୟରେ ସ୍ଥାପନ କରିଛେ । ତେଣୁ ଲିଙ୍ଗକୁ ସମସ୍ତଙ୍କଠାରୁ ଭିନ୍ନ ଭାବନା କରାଯିବା ବିଧେୟ । ଲିଙ୍ଗ ହେଉଛନ୍ତି ରୂପ ନଥିବା ଈଶ୍ୱର । ଲିଙ୍ଗକୁ ପରମାତ୍ମା ଭାବନା କରି, ପ୍ରତିମାକୁ ଭଗବାନ ଭାବନା କରିବା ଉଚିତ୍ । ଲିଙ୍ଗ ମାୟାତୀତ ହୋଇଥିବାରୁ ପ୍ରତିମାରେ ଥିବା ଆଚରଣ ସେଥିରେ ନଥାଏ । ରୂପ ଥିବା ପ୍ରତିମା ଭଗବାନଙ୍କ ପ୍ରତିବିମ୍ୱ ହୋଇଥିବାରୁ ତା'ପାଇଁ ସ୍ୱତନ୍ତ୍ର ଆଚରଣକୁ ଜ୍ଞାନୀମାନେ ହିଁ ନିର୍ଣ୍ଣୟ କରିଥିଲେ । ଭଗବାନ ଭଗରୁ ସଜୀବ ଭାବରେ ଜନ୍ମ ହୋଇ ଭୂପୃଷ୍ଠରେ ଆମରି ଭଳି ସଂଚରଣ କରିଥା'ନ୍ତି । ତେଣୁ ଭଗବାନଙ୍କର ଆମମାନଙ୍କ ଭଳି ଗୁଣ ମଧ୍ୟ ରହିଥାଏ । ଗୁଣ ବ୍ୟତୀତ ସେ ମଧ୍ୟ ସର୍ବସାଧାରଣତଃ ଆମରିମାନଙ୍କ ଭଳି ସମସ୍ତ ଭଲ ମନ୍ଦ କାର୍ଯ୍ୟ କରିଥା'ନ୍ତି । କେବଳ ଜ୍ଞାନ ବୋଧ କରିବା ବିଷୟକୁ ବାଦ୍ ଦେଲେ ସେ ଆମମାନଙ୍କ ଆଚରଣଠାରୁ ଭିନ୍ନ ନୁହନ୍ତି । ସେଥିଲାଗି ଭୂପୃଷ୍ଠକୁ ସେ ଆସିବାବେଳେ ତାଙ୍କୁ ଚିହ୍ନିବା ଅସାଧ୍ୟ ହୋଇଥାଏ । ତେଣୁ ପରମାତ୍ମା ଭୂପୃଷ୍ଠକୁ ଯେତେଥର ଆସିଥିଲେ ମଧ୍ୟ ଆମେ ତାଙ୍କୁ ଥିବାବେଳେ ଚିହ୍ନି ପାରି ନାହେଁ । ସର୍ବସାଧାରଣତଃ ଭଗବାନ ଗୁଣରେ ସଂଚରଣ କରିଥା'ନ୍ତି , ତାଙ୍କର ମଧ୍ୟ ସାଧରଣ ମଣିଷର ମୁଣ୍ଡରେ ଗୁଣ ଥିବା ଭଳି ତିନି

ଗୁଣ ରହିଥାଏ । ମୁଣ୍ଡରେ ଆମ ଭଳି ତାଙ୍କର ଗୁଣରାଜି ଥିଲେ ମଧ୍ୟ ସେ ଆମ ଭଳି କର୍ମବଦ୍ଧ ନୁହନ୍ତି । ପଦ୍ମପତ୍ରକୁ ଜଳ ସ୍ପର୍ଶ କରୁନଥିବା ଭଳି ସେ ଯେଉଁ କାର୍ଯ୍ୟ କଲେ ମଧ୍ୟ ଗୁଣର ଫଳ ହୋଇଥିବା କର୍ମ ବନ୍ଧନରେ ଆମଭଳି ପଡନ୍ତି ନାହିଁ । ସେ ନିତ୍ୟଭାବରେ ଗୁଣରେ ସଞ୍ଚରଣ କରୁଥିଲେ ମଧ୍ୟ ତାଙ୍କୁ କର୍ମ ସ୍ପର୍ଶ କରିନଥାଏ ନାମକ ଅର୍ଥଦାୟୀ ଭାବରେ ପ୍ରଥମେ ଘୃତ (ଘିଅ)ରେ, ତାପରେ ଦୁଗ୍ଧରେ, ତାପରେ ଜଳରେ ତାଙ୍କ ପ୍ରତିବିମ୍ବ ହୋଇଥିବା ପ୍ରତିମାକୁ ଅଭିଷେକ କରି ସୂତାବସ୍ତ୍ରରେ ଭିଜା ଶରୀରକୁ ପୋଛି ଦିଆଯାଇଥାଏ ।

ତାମସଗୁଣ ଅତି ନୀଚ । ସେହି ଗୁଣରେ ଛନ୍ଦିହୋଇଥିବା ଲୋକମାନେ ନାନା ପ୍ରକାରର ଅଜ୍ଞାନ ଆଚରଣ କରିଥା'ନ୍ତି । ମଧୂ (ମହୁ) ଭାରି ମିଠା ଲାଗିବା ସହିତ ଅଠାଭଳି ରହିଥାଏ । ମଧୂରେ ଥିବା ସ୍ୱାଦ ଆଶାରେ ସେଠାକୁ କୀଟମାନେ ଆସି ଛନ୍ଦିହୋଇ ମୃତ୍ୟୁବରଣ କରିଥା'ନ୍ତି । ଯେପରି ମହୁ ମିଠାଲାଗେ ସେପରି ତାମସଗୁଣ ମଣିଷକୁ ପ୍ରପଞ୍ଚର ମାଧୂର୍ଯ୍ୟରେ ମୁଗ୍ଧ କରାଇଦିଏ, କିନ୍ତୁ ସେହି ଗୁଣ ମଣିଷକୁ ଘୋର କର୍ମବନ୍ଧନରେ ପକାଇ ଜଗତରୁ ବାହାରକୁ ଯିବାକୁ ଦିଏନାହିଁ, ତା'ର ନାନା ଜନ୍ମ ହେବା ଭଳି କରାଇଥାଏ । ତେଣୁ ତାମସଗୁଣକୁ ମହୁ (ମଧୂ) ସହିତ ତୁଳନା କରି ସେହି ଗୁଣ ଭଗବାନଙ୍କ ମୁଣ୍ଡରେ ଥିଲେ ମଧ୍ୟ ତାର ମାଳିନ୍ୟ ମୁଣ୍ଡରୁ ଓହ୍ଲାଇ ଯାଇଥାଏ ଦର୍ଶାଇବା ନିମନ୍ତେ ପ୍ରଥମେ ମୁଣ୍ଡରେ ମହୁ ଢାଳି ତାହା ତଳକୁ ନିଗିଡିଯିବା ଭଳି କରିଥା'ନ୍ତି । ତା'ପରେ ମହୁ ଅପେକ୍ଷା ରୂଚି ଏବଂ ରୂପରେ ଭିନ୍ନ ଥିବା ଦୁଗ୍ଧ (କ୍ଷୀର)କୁ ରାଜସଗୁଣ ସହିତ ତୁଳନା କରି ଦୁଗ୍ଧକୁ ମଧ୍ୟ ମୁଣ୍ଡରେ ଢାଳି ତାହା ତଳକୁ ଗଳିଯିବା ଭଳି କରିଥା'ନ୍ତି । ମହୁ ଏବଂ କ୍ଷୀରରେ ଅଭିଷେକ କରିବା ପରେ ସାତ୍ତ୍ୱିକଗୁଣ ସହିତ ଜଳକୁ ତୁଳନା କରି ଜଳକୁ ମଧ୍ୟ ସେହି ନିୟମରେ ମୁଣ୍ଡ ଉପରେ ଢାଳି ତଳକୁ ବହିଯିବା

ଭଳି କରିଥା'ନ୍ତି । ତା'ପରେ ସୂତାବସ୍ତ୍ରରେ ପୋଛିଦିଅନ୍ତି । କାରଣ ! ଏଭଳି ତିନିଗୁଣ ଭଗବାନଙ୍କ ମୁଣ୍ଡରେ ଥିଲେ ମଧ୍ୟ ସେ ସେଥିରେ ନଭିଜି ଅର୍ଥାତ୍ କୌଣସି ଗୁଣରେ ନରହି ପରିଶୁଦ୍ଧ ଭାବରେ ଥାଆନ୍ତି ବୋଲି ଭାବକୁ ଜଣାଇ ଜ୍ଞାନୀମାନେ ମଧୂ, ଦୁଗ୍ଧ, ଜଳକୁ ପ୍ରତିମା ଅଭିଷେକରେ ବ୍ୟବହାର କରିଥିଲେ । ପୂର୍ବେ ଏହିଭଳି ଜ୍ଞାନଯୁକ୍ତ ଅଭିଷେକ ଆଚରଣ ଥିବାବେଳେ ଆଜି ତାହା ଅଜ୍ଞାନ ହୋଇଯାଇଛି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଅଭିଷେକରେ ମଧୂ, ଦୃଗ୍ଧ, ଜଳ ବ୍ୟତୀତ ଘୃତ ଏବଂ ଦଧିକୁ ବ୍ୟବହାର କରୁଛନ୍ତି । ଏଭଳି ଘୃତ ଏବଂ ଦଧି ବ୍ୟବହାର କରିବା ଆଚରବିରୁଦ୍ଧ । ଅଭିଷେକ ଆକାର, ଗୁଣ ଥିବା ଭଗବାନଙ୍କ ପ୍ରତିମାର କରାଯାଏ ସିନା ଗୁଣାତୀତ ଲିଙ୍ଗର କରାଯାଏ ନାହିଁ । ଜନ୍ମରହିତ ପରମାତ୍ମାଙ୍କ ପ୍ରତିରୂପ ଭାବରେ ଲିଙ୍ଗ ପ୍ରତିଷ୍ଠା ହୋଇଥିବା ସ୍ଥଳେ, ଲିଙ୍ଗକୁ ଅଭିଷେକ କରାଇବା ଦ୍ୱାରା ଲିଙ୍ଗର ଅର୍ଥ ହିଁ ନଥାଏ । ତେଣୁ ଲିଙ୍ଗାଭିଷେକ ଅନୁଚିତ କାର୍ଯ୍ୟ । କେବଳ ଆକାର ଥିବା ପ୍ରତିମାକୁ ଅଭିଷେକ କରାଇବା ଉଚିତ୍ । ଏଭଳି କରିବା ଦ୍ୱାରା ପ୍ରକୃତ ଧର୍ମାଚରଣ କରିବା ଭଳି ହୋଇଥାଏ । ଏଭଳି ନକରି ନିଜ ଇଚ୍ଛା ଅନୁସାରେ କଲେ ତାହା ଅଧର୍ମ ଆଚରଣ ହୋଇଥାଏ । ଧର୍ମ ପ୍ରତିଷ୍ଠା କରିବା ପାଇଁ ଆସିଥିବା ଭଗବାନ ଅଧର୍ମକୁ କେବେ ସହ୍ୟ କରନ୍ତି ନାହିଁ । ତେଣୁ ଏବେ ମଧ୍ୟ ସମୟ ଅଛି ଉଚିତ ଆଚରଣ ଜାଣି ଧର୍ମବଦ୍ଧ ଭାବରେ ଥିବା ଆଚରଣ କଲେ ଉଚିତ୍ ଫଳ ପାଇପାରିବା । ଅର୍ଥହୀନ ଆଚରଣ ନକରି ଯଦି ଅଭିଷେକ କରାଇବା ତେବେ କେବଳ ପ୍ରତିମାକୁ କରାଇବା ଉଚିତ୍ ବୋଲି ଜଣାଉଛୁ ।

*****

# ୨୫. ଶ୍ରୀଫଳ (ନଡିଆ)

ଦେବାଳୟରେ ହେଉ କିମ୍ବା ଘରେ ହେଉ, କିଛି ଜାଣି ନଥିବା ଲୋକଟିଏ ମଧ୍ୟ ନଡିଆଟିଏ (ଶ୍ରୀଫଳ) ନ ଭାଙ୍ଗି ପୂଜା କରେ ନାହିଁ । ନଡିଆଟିଏ ଭାଙ୍ଗିବା ଦ୍ୱାରା ପୂଜା ସଂପୂର୍ଣ୍ଣ ହୋଇଥାଏ ବୋଲି ଅନେକଙ୍କର ଭାବରେ ଥାଏ । ତେବେ ନଡିଆ ପ୍ରତିମା ନିକଟରେ କାହିଁକି ଭାଙ୍ଗିବା ? ବୋଲି କେତେକଙ୍କୁ ପଚାରିବା ବେଳେ, ନଡିଆ ଈଶ୍ୱରଙ୍କୁ ଅର୍ପଣ କରି ତାହା ଆମେ ପ୍ରସାଦ ଭାବରେ ଗ୍ରହଣ କରୁଛେ, କେବଳ ଏଇଥିପାଇଁ ହିଁ ନଡିଆ ରହିଥାଏ ବୋଲି କହନ୍ତି । ତେବେ ନଡିଆ କାହିଁକି (ଭାଙ୍ଗିବା) ? ଅନ୍ୟ ଫଳ କାହିଁକି ନ ଭାଙ୍ଗିବା ? ବୋଲି ପଚାରିଲେ ତା'ର ସମାଧାନ କରିନପାରି ଏଭଳି କହିବା କଥା ନୁହେଁ, ବଡମାନେ ଯାହା କହିଛନ୍ତି ତାହା କରିବା ଉଚିତ୍, ଯାହା ଆମର ପୂର୍ବପୁରୁଷମାନେ ଆଚରଣ କରି ଦେଖାଇଛନ୍ତି ତାହା କିପରି ନକରିବା ବୋଲି କହିବାକୁ ଯାଇ "ଯାହା ଅଛି ! ତାହା କିପରି ଛାଡିବା ?" କହି ପଚାରୁଥିବା ଲୋକକୁ ଓଲଟା ପଚାରନ୍ତି । କାହିଁକି ନଡିଆ ଭାଙ୍ଗିବା ବୋଲି ପଚାରିବା ମଧ୍ୟ ପାପ ବୋଲି କହୁଛନ୍ତି । ଆଉକିଛି ଜାଣିଥିବା ଲୋକମାନଙ୍କୁ ନଡିଆ ଉପରେ ଥିବା କତାକୁ କାଢି କେବଳ ନଡିଆର ଆଖିଠାରେ କିଛିମାତ୍ର କତା କାହିଁକି ରଖୁଛେ ? ବୋଲି ପଚାରିଲେ, ପୂର୍ବେ ଥିବା ପଦ୍ଧତି ଅନୁସାରେ ଯିବା ସିନା, ଏଭଳି ବିମର୍ଶ କରିବା ଉଚିତ୍ ନୁହେଁ ବୋଲି ସିଧା ସିଧା କହୁଛନ୍ତି । ସେମାନଙ୍କୁ ନଡିଆ (ଶ୍ରୀଫଳ) ବାବଦରେ କିଛି ଜଣାନଥାଇ ଏଭଳି କହୁଛନ୍ତି ସିନା, ଦେଖି ପାରିଲେ ନଡିଆରେ ଅମାପ ଜ୍ଞାନଭାବ ରହିଛି । ସେହି ଜ୍ଞାନକୁ ନଜାଣି ଏହା ଏକ ପୂଜା ସାମଗ୍ରୀ ଭାବେ ହିସାବ କରି ଈଶ୍ୱରଙ୍କ ସହିତ ବେପାର କରିବା ଭଳି ନଡିଆ ଦେଇ ନାନା କାମନା କରୁଛନ୍ତି । ନଡିଆର ଭାବକୁ ଜାଣି ପୂଜାକଲେ ପୂଜା କେତେ ଭକ୍ତିପୂର୍ଣ୍ଣ ହୋଇପାରନ୍ତା ! ନଡିଆର ସାରାଂଶ ନଜାଣି କିଏ ଚାରିଟା ଭାଙ୍ଗୁଛିତ କିଏ ଦୁଇଟା, ଧନଥିବା ଲୋକେ ଆହୁରି ଅଧିକ ନଡିଆ ବାଡେଇ ଆମ ଭକ୍ତି ମହାନ ବୋଲି ଭାବୁଛନ୍ତି । ଅଧିକ

ନଡିଆ ଭାଙ୍ଗିଲେ କ'ଣ ଭକ୍ତି, ନଭାଙ୍ଗିଲେ କ'ଣ ଭକ୍ତି ନୁହେଁ? କିଛି ନଥିବା ଗରିବ ଲୋକ ନଡିଆ ଭାଙ୍ଗି ନପାରିଲେ କ'ଣ ତା'ର ଭକ୍ତି ନାହିଁ? ନା ତା' ଭକ୍ତିକୁ ଈଶ୍ୱର ସ୍ୱୀକାର କରିବେ ନାହିଁ? ଏସବୁର ମୂଳ କାରଣ ହେଉଛି ମନ । ଯଦି କିଛି ନାହିଁ –



**ନଡିଆ (ଶ୍ରୀଫଳ)**

ତେବେ ତୋର ମନକୁ ମୋତେ ସମର୍ପଣ କରିଦେଲେ ମୁଁ ସେଥିରେ ଖୁସି ହୋଇଥାଏ ବୋଲି ଗୀତାରେ ଈଶ୍ୱର ଜଣାଇଛନ୍ତି, ହେଲେ ପୂଜା ନିୟମରେ ନଡିଆର ସ୍ଥାନ ଏତେ ଉଚ୍ଚରେ କାହିଁକି? ନଡିଆରେ କି ବିଶେଷତା ରହିଛି? ନଡିଆକୁ ଶ୍ରୀଫଳ କାହିଁକି କୁହାଯାଇଛି? ଏହି ପ୍ରଶ୍ନଗୁଡିକର

ଉତ୍ତର ଜାଣିବାକୁ ହେବ । ବାସ୍ତବରେ ପୂର୍ବେ ନଡିଆକୁ ଜ୍ଞାନୀମାନେ ଦେବାଳୟର ପୂଜା ନିୟମରେ ରଖିଥିଲେ । ନଡିଆ ଦ୍ୱାରା ଅଜ୍ଞାନୀମାନେ ଜ୍ଞାନୀ ହୋଇପାରନ୍ତି ବୋଲି ସେମାନଙ୍କ ଭାବନା ଥିଲା, କିନ୍ତୁ କାଳକ୍ରମେ ସେମାନଙ୍କ ଉଦ୍ଦେଶ୍ୟ ଏବଂ ନଡିଆରେ ଥିବା ଜ୍ଞାନକୁ ସମସ୍ତେ ଭୂଲିଯାଇଛନ୍ତି । ଆଜି ତାର ଅର୍ଥ କହିବାକୁ କେହି ନାହାନ୍ତି । ତେଣୁ ନଡିଆ ଈଶ୍ୱର ଆଉ ମଣିଷ ଭିତରେ ବ୍ୟାପାରର ମାଧ୍ୟମ ହୋଇଯାଇଛି ।

ନଡିଆ ଉପରେ ଥିବା କତାକୁ କାଢିଦେବା ପରେ ନଡିଆ ତିନି ଭାଗରେ ବିଭକ୍ତ ହୋଇ ରହିଥିବା ଭଳି ତା' ଉପରେ ତିନିଗୋଟି ଧାର (ରେଖା) ଥିବା ଦେଖାଯାଏ । ଶ୍ରୀଫଳ (ନଡିଆ) ଉପରେ ଥିବା ତିନି ଧାର ନଡିଆକୁ ତିନି ଭାଗରେ ବିଭକ୍ତ କରିଥାଏ । ପ୍ରତ୍ୟେକ ଭାଗର ଉପରେ ଏକ ଏକ ଅଖିଭଳି ଖାଲୁଆ (ନୀଚ) ସ୍ଥଳ ରହିଥାଏ । ନଡିଆରେ ଥିବା ଏହି ତିନି ଆଖି ଶକାଶେ ନଡିଆକୁ କେତେକ ଅଂଚଳରେ ତ୍ରିଚକ୍ଷୁଫଳ କହିଥା'ନ୍ତି । ନଡିଆରୁ କତାଗୁଡିକ କାଢିଦେବା ପରେ ମଧ୍ୟ କିଛି କତା ଏହି ତିନି ଆଖି ଉପରେ ରଖିଥା'ନ୍ତି । ଏହି ବଳକା ରହିଥିବା କତାରୁ ନଡିଆର ପ୍ରଥମ ବିଶେଷତା ବାବଦରେ ଜାଣିବା । ନଡିଆରୁ କତା ଛଡାଇବା ପରେ ନଡିଆର ତିନି ଭାଗ ସ୍ୱଷ୍ଟ ଦେଖାଯାଏ, ତନ୍ମଧ୍ୟରୁ ଗୋଟିଏ ଭାଗ ଟିକିଏ ବଡ ହୋଇଥାଏ, ସେହି ବଡ ଭାଗକୁ ଆମ ଦିଗରେ ରଖି ଦେଖିଲେ ତା' କଡରେ ଥିବା ଅନ୍ୟ ଦୁଇଭାଗ ସମାନ ସମାନ ଦେଖାଯାଇଥାଏ । ସେହି ଦୁଇ ଭାଗରେ ମଧ୍ୟ ଦୁଇଟି ଆଖି ରହିଥାଏ । ଆମକୁ ଏବେ ଦେଖାଯାଉଥିବା ମଝି ଭାଗର ଦକ୍ଷିଣ ଦିଗରେ ଥିବା ଭାଗକୁ ସୂର୍ଯ୍ୟନାଡୀ ଏବଂ ସେହି ଭାଗର ଉପରେ ଥିବା ଆଖିକୁ ସେହି ନାଡୀର କେନ୍ଦ୍ରଭାବରେ ହିସାବ କରନ୍ତୁ । ସେହିଭଳି ବାମଦିଗରେ ଦେଖାଯାଉଥିବା ଭାଗକୁ ଚନ୍ଦ୍ରନାଡୀ ଏବଂ ତା' ଉପରେ ଦେଖାଯାଉଥିବା ଆଖିକୁ ସେହି ନାଡୀର କେନ୍ଦ୍ର ଭାବନ୍ତୁ । ତା'ଛଡା ଆମକୁ ସ୍ୱଷ୍ଟଭାବରେ ମଝିରେ ରହି ଦେଖାଯାଉଥିବା ବଡଭାଗକୁ

(ନଡିଆର ପେଟ ଭାଗ କୁହାଯାଏ) ବ୍ରହ୍ମନାଡୀ ଭାବି ଉପରେ ଥିବା ଆଖିକୁ କେନ୍ଦ୍ର ଭାବନ୍ତୁ । ଶରୀରରେ ଏହି ତିନି ନାଡୀ ଅର୍ଥାତ୍ ସୂର୍ଯ୍ୟ, ଚନ୍ଦ୍ର ଏବଂ ବ୍ରହ୍ମନାଡୀ ଏକତ୍ର ହେବାବେଳେ ଜ୍ଞାନ ଉଦ୍ଭବ ହୋଇଥାଏ । ତା'ପରେ ଜୀବ ସେହି ଜ୍ଞାନ ଦ୍ୱାରା ଦୈବଙ୍କ ସହିତ ଐକ୍ୟ ହୋଇ ଜନ୍ମ ମରଣ ରହିତ ହୋଇଯାଏ । ଏହି ତିନି ନାଡୀକୁ ଏକତ୍ର କରିଥିବା ପାତ୍ର ହିଁ ଯୋଗୀ ବୋଲି ଜଣାଇବା ନିମନ୍ତେ ନଡିଆର ତିନିଭାଗ ଉପରେ ଏକତ୍ର ହୋଇଥିବା ଭଳି ଥିବା କତାକୁ ନ ଛଡାଇ ସେହିଭଳି ଛାଡିଦେଇଥା'ନ୍ତି । ତିନି ନାଡୀକୁ ଏକାଠି କରିଥିବା ପାତ୍ର ଜନ୍ମରହିତ ହୋଇ ଆତ୍ମାରେ ଐକ୍ୟ ହୋଇଯାଏ । ତେଣୁ ନଡିଆର ତିନି ଭାଗରୁ ଏକତ୍ର ହୋଇଥିବା କତାଗୁଚ୍ଛ ଆକାଶ ଦିଗକୁ ସୂଚିତ କରିଥାଏ । ନଡିଆର ବଳକା ଥିବା ଏହି କତାଗୁଚ୍ଛ କୌଣସି ଆକାର ନଥିବା ଆକାଶକୁ ସୂଚିତ କରିବାରେ ଜ୍ଞାନ ରହିଛି । ଯିଏ ତା'ର ତିନି ନାଡୀକୁ ଏକତ୍ର କରିଥାଏ ସେ ଜ୍ଞାନର ଚରମସୀମାରେ ଅର୍ଥାତ୍ ଜ୍ଞାନଶିଖରରେ ପହଞ୍ଚିଥାଏ । ସେଥିଲାଗି ନଡିଆର ଏହି କତାଗୁଚ୍ଛକୁ "ଜ୍ଞାନଶିଖା" କୁହାଯାଇଥାଏ । ଜ୍ଞାନଶିଖା କହିଲେ ଜ୍ଞାନର ଶୀର୍ଷ । ବିବେକବାନ୍ ହୋଇଥିବା ପ୍ରକୃତ ବ୍ରାହ୍ମଣମାନେ ସେମାନଙ୍କ ମୁଣ୍ଡରେ ଏହି ଭାବକୁ ଦର୍ଶାଇବାପାଇଁ ମୁଣ୍ଡ ଲଣ୍ଡାହୋଇ (କେଶମୁଣ୍ଡନ କରି) କିଛିମାତ୍ର କେଶକୁ ନଡିଆର ଜ୍ଞାନଶିଖା ଭଳି ଛାଡିଦେଇଥା'ନ୍ତି । ଯେଉଁଠାରେ ଜ୍ଞାନ ଗଚ୍ଛିତ ହୋଇଥାଏ ତାହା ହେଉଛି ଶରୀରରେ ଥିବା ମୁଣ୍ଡ । ତେଣୁ ଜ୍ଞାନଶକ୍ତି ଥିବା ବ୍ରାହ୍ମଣମାନେ ବାହ୍ୟାର୍ଥରେ ମୁଣ୍ଡରେ ଥିବା କେଶଖଣ୍ଡନ କରି କେବଳ ଶିଖ (ଛାଡିଥିବା କିଛିମାତ୍ର କେଶକୁ)କୁ ଦର୍ଶାଇଥା'ନ୍ତି । ମୁଣ୍ଡ ହିଁ ଜୀବର ବାସସ୍ଥାନ, ସେହିଠାରୁ ନାନା ଆଲୋଚନା ଆସିଥାଏ । ବ୍ରାହ୍ମଣମାନେ ସେହି ଆଲୋଚନାକୁ ଜୟ କରିଥା'ନ୍ତି । ତେଣୁ ସେମାନେ ମାୟା ନାମକ କୌଣସି ଆଲୋଚନାରେ ନଥା'ନ୍ତି ବୋଲି ଭାବକୁ ଜଣାଇବା ପାଇଁ ବାହ୍ୟାର୍ଥରେ କେଶମୁଣ୍ଡନ କରିଥା'ନ୍ତି । ସେହିଭଳି ନଡିଆରୁ କତା ଛଡାଇ ଦିଆଯାଏ । ମୁଣ୍ଡରେ ବ୍ରହ୍ମନାଡୀର ସପ୍ତମ କେନ୍ଦ୍ର ରହିଥାଏ, ସେଇଠାରେ ହିଁ ଜୀବାତ୍ମା

ବ୍ରହ୍ମରେ ଐକ୍ୟ ହୋଇଥାଏ । ବ୍ରହ୍ମନାଡୀ ଶରୀରର ମଧ୍ୟଭାଗରେ ଥାଏ । ମୁଣ୍ଡ ଉପରେ ତା'ର ସ୍ଥାନ ମଧ୍ୟ ମଝିରେ ରହିଥାଏ । ତେଣୁ ଜ୍ଞାନଶକ୍ତି ଥିବା ଲୋକମାନେ ନିଜ ମୁଣ୍ଡର କେଶଖଣ୍ଡନ କରି କିଛିମାତ୍ର କେଶକୁ ସେହିଠାରେ ଜ୍ଞାନଶିଖା ନାମରେ ଛାଡିଦେଇ ଦର୍ଶାଇଥା'ନ୍ତି । ସେହିଭଳି ନଡିଆର ଉପରେ ମଧ୍ୟ ଜ୍ଞାନଶିଖା ନାମରେ କିଛି କତାକୁ ଛାଡିଦିଆଯାଏ । ପୂର୍ବେ ଏହି ଭାବ ରହିଥିଲା, ଆଜି କାଳକ୍ରମେ ନାହିଁ । ଆଜି ମୁଣ୍ଡରେ ଏହି ଜ୍ଞାନଶିଖାକୁ କେଉଁଠାରେ ଛାଡିବା ଉଚିତ୍ ବୋଲି ମଧ୍ୟ ନଜାଣି ମନଇଚ୍ଛା ଛାଡୁଛନ୍ତି । ବ୍ରହ୍ମଜ୍ଞାନୀ ଶଙ୍କର ମଧ୍ୟ ତାଙ୍କ ମୁଣ୍ଡରେ ଥିବା କେଶକୁ ଯଥେଚ୍ଛା ନଛାଡି ମୁଣ୍ଡରେ ଜଟାବାନ୍ଧି ଜ୍ଞାନଶିଖା ଭାବରେ ଦର୍ଶାଇଛନ୍ତି । ସେହିଭଳି ଅନେକ ମହର୍ଷିମାନେ ମଧ୍ୟ ସେମାନଙ୍କ କେଶ ମୁଣ୍ଡନ କରି ମଝିରେ ଜ୍ଞାନଶିଖା ଭାବରେ କିଛି କେଶ ଛାଡିଦେଇ ଗୁଣରହିତ ହେବା ଉଚିତ୍ ବୋଲି ସମାଜକୁ ଜ୍ଞାନ ଜଣାଉଥିଲେ । ଏହିଭଳି ସେତେବେଳେ ଅନେକ ଜ୍ଞାନୀମାନେ ସେମାନଙ୍କ ତିନି ନାଡୀକୁ ଏକତ୍ରକରି ତାହା ବାହ୍ୟାର୍ଥରେ ମୁଣ୍ଡରେ ଥିବା ବ୍ରହ୍ମସ୍ଥାନରେ ବା ମୁଣ୍ଡର ମଧ୍ୟଭାଗରେ ଗଣ୍ଠିପକାଇ ଦର୍ଶାଇଥିଲେ । ମୁଣ୍ଡରେ ଥିବା ଏହି ବ୍ରହ୍ମସ୍ଥାନ ଛୋଟପିଲାଙ୍କ ମୁଣ୍ଡରେ ଦେଖିପାରିବେ । ଜ୍ଞାନୀମାନେ ଏହି ସ୍ଥାନରେ ହିଁ ଜ୍ଞାନଶିଖା ଭାବରେ ସେମାନଙ୍କ କେଶଗଣ୍ଠି ତିଆରି କରୁଥିଲେ । ଆଜି ଯଦି କେଉଁଠି କେହି ଜ୍ଞାନଶିଖା ଛାଡୁଥିବା ଦେଖିବାକୁ ମିଳେ ତେବେ ତାହା ମୁଣ୍ଡର ମଝିରେ ଦେଖିବାକୁ ନମିଳି ମୁଣ୍ଡର ପଛ ଭାଗରେ ଦେଖିବାକୁ ମିଳେ । ବାହ୍ୟତଃ ଜ୍ଞାନଶିଖା କେଉଁଠି ଥିଲେ ଚଳିବ, ହେଲେ ଭିତରେ ଥିବା ଜ୍ଞାନଶିଖା ବାବଦରେ ଆମେ ଜାଣିଗଲେ ଯଥେଷ୍ଟ । ଏଭଳି ନଡିଆରୁ ଅମାପ ଜ୍ଞାନ ଜାଣିବାକୁ ମିଳିଥାଏ । ନଡିଆ ସଂପୂର୍ଣ୍ଣ ଜ୍ଞାନ ସ୍ୱରୂପ ଏବଂ ଶୁଭପ୍ରଦ ବୋଲି ତାକୁ ଶ୍ରୀଫଳ କୁହାଯାଏ । ନଡିଆରେ ଥିବା ଜ୍ଞାନକୁ ଜାଣିଗଲେ ଜ୍ଞାନ ଜାଣିବାରେ ଆମେ ଅନେକ ଅଗ୍ରଗତି କରିଛେ ବୋଲି କହିପାରିବା ।

ଅଗ୍ନିରୁ ଛୋଟ ଛୋଟ ଅଗ୍ନିକଣା ବିଛୁରିତ ହୋଇ ଆସିବା ଭଳି ପରମାତ୍ମାଙ୍କଠାରୁ ଜୀବାତ୍ମା ବିଛୁରିତ ହୋଇ ଆସିଛି । ସେହିଭଳି ଆତ୍ମାସ୍ୱରୂପ ହୋଇଥିବା ନଡିଆକୁ ଭାଙ୍ଗିଲେ ତାହା ଦୁଇଟି ଫାଳ ହୋଇଯାଉଛି । ସେହି ଦୁଇଫାଳରୁ ଗୋଟିଏ ଫାଳରେ ରହିଯାଏ ଜ୍ଞାନଶିଖା । ଅନ୍ୟ ଫାଳରେ ନଥାଏ । ତେଣୁ ଜ୍ଞାନଶିଖା ଥିବା ଫାଳଟି ଆତ୍ମାଭାବରେ, ଜ୍ଞାନଶିଖା ନଥିବା ଭାଗଟି ଜୀବାତ୍ମାଭାବରେ ପରିଗଣନା କରାଯାଇଛି । ନଡିଆକୁ ଦୁଇଫାଳ କରି ଦୈବପ୍ରତିମା ଆଗରେ, ପରମାତ୍ମା ଅଂଶରୁ ତୁ ଏବଂ ମୁଁ ଅଲଗା ହୋଇ ଆସିଛେ ବୋଲି ବାହ୍ୟତଃ ଦର୍ଶାଇ ଦିଆଯାଇଥାଏ । ଏହିଭଳି ଭାବ ରଖି ଜ୍ଞାନୀମାନେ ନଡିଆକୁ ଦୁଇଫାଳ କରି ଭାଙ୍ଗୁଥିଲେ । ଆଜି କିଛିଲୋକ କିଛି ଭାବ ନରଖି କେବଳ କାମନା କରି ଅନେକ ନଡିଆ ଭାଙ୍ଗୁଛନ୍ତି । ନଡିଆ ଭାଙ୍ଗିବା ଲୋକେ ନଡିଆର ଭାବକୁ ଜାଣିବା ଉଚିତ୍ ।

ନଡିଆଟିଏ ଭାଙ୍ଗିଲେ ତାହା ଦୁଇଫାଳ ହୋଇଥାଏ । ସେହି ଦୁଇଫାଳ ଭିତରେ ଶ୍ୱେତ ରଙ୍ଗର ପଦାର୍ଥ କୌଣସି କଳୁଷ ନଥିବା ଭଳି ଦେଖାଯାଏ । ତା'ର ଅର୍ଥ ହେଉଛି ! ତୁ ଈଶ୍ୱର ଆଉ ମୁଁ ଜୀବାତ୍ମା, ତୁ ଗୁଣହୀନ ହୋଇ ନିଷ୍କଳଙ୍କଭାବରେ ରହିଛୁ । ମୁଁ ମଧ୍ୟ କୌଣସି କାମନା ନରଖି ଏବେ ନିଷ୍କଳଙ୍କ ଭାବରେ ରହିଛି । ତା'ଛଡା ଦୁଇ ଭାଗ ହୋଇ ରହିଥିବା ତୁ ଆଉ ମୁଁ ଏକ ହେବା ପାଇଁ ଇଚ୍ଛା କରୁଛି, ତୋ ସହିତ ରହିବାକୁ ଇଚ୍ଛା କରୁଛି ନାମକ ଭାବ ନେଇ ନଡିଆ ଭାଙ୍ଗିବା ପରେ ବାହ୍ୟାର୍ଥରେ ଦୁଇ ହାତକୁ ଯୋଡି ପ୍ରଣାମକରିବା ପରମ୍ପରା ରହିଛି । ଦକ୍ଷିଣହସ୍ତ ଆତ୍ମା ଭାବରେ, ବାମହସ୍ତ ଜୀବାତ୍ମା ଭାବରେ ନେଇ ଦୁଇହସ୍ତକୁ ଏକାଠିକରି ଜୀବାତ୍ମା ଆତ୍ମା ଐକ୍ୟର ସୂଚନା ଦେବାକୁଯାଇ ପ୍ରଣାମ କରିବା ପୂର୍ବକ ଭିତରର ଭାବ ପ୍ରଦର୍ଶନ କରାଯାଇଥାଏ ବୋଲି ଜାଣିବା ଉଚିତ୍ । ପୂର୍ବେ ଜ୍ଞାନ ଜାଣିଥିବା ଜ୍ଞାନୀମାନେ ତୁଣ୍ଡରେ ବିଶେଷ କଥା ନକହି ନିଜର ଭାବକୁ ନଡିଆ ଦ୍ୱାରା, ପ୍ରଣାମ (ନମସ୍କାର) ଦ୍ୱାରା ଜଣାଉଥିଲେ । ଆଜିର କାଳରେ

ନାନା ପ୍ରକାରର ଆଶା ରଖି ପବିତ୍ର ଜ୍ଞାନଦାନ କରୁଥିବା ନଡିଆକୁ ଅପବିତ୍ର କରିଦେଇଛନ୍ତି । ଦୁଇ ହାତକୁ ଜୋଡି ଦର୍ଶାଇବା ଦ୍ୱାରା ଜୀବାତ୍ମା ଆତ୍ମା ଐକ୍ୟହେବା ଅର୍ଥ ରହିଛି ବୋଲି ନଜାଣି ହାତଜୋଡି ନାନା ପ୍ରକାରର କାମନା କରୁଛନ୍ତି ।

ନଡିଆର ଉପର ଭାଗରେ ଥିବା ତିନି ଆଖି ଭିତରୁ ଏକମାତ୍ର ଆଖିରେ ରନ୍ଧ୍ର ରହିଥାଏ । ଅନ୍ୟ ଦୁଇଟିରେ ନଥାଏ । ନଡିଆର ଜଳକୁ ସମସ୍ତେ ତୀର୍ଥଜଳ (ପାଦୁକ) ଭାବରେ ସେବନ କରିଥା'ନ୍ତି । ତା'ର ଫଳ କ'ଣ ଥାଇପାରେ ? ବୋଲି ଭାବିପାରିବା । ଏହାର ସମାଧାନ ହେଉଛି ! ଜୀବାତ୍ମା ପରମାତ୍ମାରେ ଲୀନ ହେବାକୁ ହେଲେ ନିଜ ଶରୀରରେ ଥିବା ବ୍ରହ୍ମନାଡୀରେ ପ୍ରଥମେ ଐକ୍ୟ ହେବାକୁ ପଡିଥାଏ । ନଡିଆର ତିନି ଆଖି ଭିତରୁ ଅନ୍ୟ ଦୁଇ ଭାଗରେ ରନ୍ଧ୍ର ନଥାଇ କେବଳ ବଡ ଭାଗ ହୋଇଥିବା ବ୍ରହ୍ମନାଡୀ ଭାଗରେ ଥିବା ଆଖିରେ ଜୀବ ପାଇଁ ବ୍ରହ୍ମନାଡୀରେ ରାସ୍ତା ଥିବା ଭଳି ରନ୍ଧ୍ର (ରାସ୍ତା) ଥାଏ । ଅନ୍ୟ ଦୁଇ ରନ୍ଧ୍ରରେ ରହି ମୃତ୍ୟୁବରଣ କରିଥିବା ଜୀବ  ପରମାତ୍ମାରେ ଐକ୍ୟ ହୋଇପାରି ନଥାଏ । ସେଥିଲାଗି ଅନ୍ୟ ଦୁଇ ଭାଗର ଆଖିରେ ରନ୍ଧ୍ର ନଥାଏ । ଏହିଭଳି ଭାବ ରଖି ପୂଜା କରିବା ଦ୍ୱାରା ନଡିଆରେ ଈଶ୍ୱରଙ୍କଠାରୁ  ଜ୍ଞାନଶକ୍ତି  ପ୍ରବେଶ କରିଥାଏ । ତେଣୁ ଆମେ କରୁଥିବା ପୂଜାର ଫଳ ନଡିଆଜଳରେ ପ୍ରବେଶ କରିଥାଏ । ସେଥିଲାଗି ନଡିଆଜଳକୁ ପାଦୁକଭାବରେ ସମସ୍ତେ ସେବନ କରିଥାନ୍ତି । ଯିଏ ଯେତେ ଭାବ ରଖି ପୂଜା କରିଥାଏ, ତାପାଇଁ ସେତେ ଜ୍ଞାନଶକ୍ତି ତୀର୍ଥଜଳରେ ରହିଥାଏ ।  ଭାବହୀନ ପୂଜା ବ୍ୟର୍ଥ । ଏହି ଭାବ ନରଖି ମୁଁ ବଡଆଡମ୍ବରରେ ପୂଜା କରିଛି  ଭାବିଲେ ମଧ୍ୟ ପୂଜା ବ୍ୟର୍ଥ ହୋଇଥାଏ ଏବଂ ନଡିଆର ଜଳରେ କୌଣସି ଶକ୍ତି ରହିନଥାଏ ।

ନଡିଆ ଭାଙ୍ଗିବା ବେଳେ ଜ୍ଞାନଶିଖାକୁ ତଳମୁଖା କରି ସମସ୍ତେ ଭାଙ୍ଗିଥା'ନ୍ତି । ଏହା ଉପଯୁକ୍ତ ପଦ୍ଧତି ନୁହେଁ । ନଡିଆ ଭାଙ୍ଗିବା ବେଳେ

ଜ୍ଞାନଶିଖାକୁ ଉପରମୁଖା କରି ଭାଙ୍ଗିବା ଉଚିତ୍ । ଏଭଳି ଭାଙ୍ଗିବା ଦ୍ୱାରା ଦକ୍ଷିଣହସ୍ତରେ ଜ୍ଞାନଶିଖା ନଥିବା ଫାଳଟି ରହିଥାଏ । ଜ୍ଞାନଶିଖା ଥିବା ଫାଳଟି ବାମହସ୍ତକୁ ଚାଲିଯାଏ । ତା'ପରେ ଦକ୍ଷିଣ ଏବଂ ବାମ ହସ୍ତକୁ ମିଶାଇ ନମସ୍କାର କରିବା ଦ୍ୱାରା ମୋତେ ତୋଠାରେ ମିଶାଇଦେ ବୋଲି ଭାବ ସୃଷ୍ଟି ହୁଏ । ଏହିଭଳି ଉପଯୁକ୍ତ ଭାବନେଇ ପୂଜାକଲେ ସେହି ପୂଜାରେ ଅମାପ ଜ୍ଞାନଶକ୍ତି ମିଳିଥାଏ । ଜ୍ଞାନ ଦ୍ୱାରା ଆମେ ଉପଯୁକ୍ତ ମାର୍ଗରେ ଚାଲି ଯୋଗସାଧନ ଦ୍ୱାରା ପରମାତ୍ମାରେ ଐକ୍ୟ ହୋଇପାରିବା । କିନ୍ତୁ ଭାବହୀନ ପୂଜା ବ୍ୟର୍ଥ ହେବା ସହିତ ଆମେ ଖର୍ଚ୍ଚ କରିଥିବା ଅର୍ଥ ମଧ୍ୟ ବ୍ୟର୍ଥ ହୋଇଥାଏ । ନଡିଆରେ, ଘଣ୍ଟିରେ, ନମସ୍କାରରେ ଏହିଭଳି ଅନେକ ଅର୍ଥକୁ ଜ୍ଞାନୀମାନେ ଦର୍ଶନକରି ଆମକୁ ମଧ୍ୟ ଦର୍ଶନ କରିବା ଶିଖାଇଥିଲେ । ଆମେ ତାହା ନଜାଣି ଅନ୍ୟମାନଙ୍କଠାରୁ ଦେଖି ସେମାନଙ୍କ ଭଳି ଆଚରଣ କଲେ କୌଣସି ପ୍ରୟୋଜନ ନଥାଏ ।

ଯେଉଁମାନେ ବ୍ରହ୍ମବିଦ୍ୟାରେ ପ୍ରବେଶ କରିଥା'ନ୍ତି ସେମାନେ ନଡିଆ ଭାଙ୍ଗିବା ବାବଦରେ କହିଥା'ନ୍ତି ବୋଲି ଶୁଣିଛୁ । ସେମାନଙ୍କ ଭାଷାରେ, "ନଡିଆର ତିନି ଭାଗ ହେଉଛି ଆମଠାରେ ଥିବା ତିନି ଗୁଣ । ତିନି ଗୁଣକୁ ଜୟ ନକରି କିଛି ଗୁଣ ବଳକା ଥିବା ଲୋକମାନେ ନଡିଆରେ କିଛି କତାଗୁଚ୍ଛ ମଧ୍ୟ ରଖିଥା'ନ୍ତି । ତା'ଛଡା ସେମାନେ ମଧ୍ୟ ନିଜ ମୁଣ୍ଡରେ କିଛି କେଶ ବଳକା ରଖିଥା'ନ୍ତି । କିନ୍ତୁ ଯେଉଁମାନେ କୌଣସି ଗୁଣ ନରଖି ଗୁଣାତୀତ ହୋଇଥା'ନ୍ତି ସେମାନେ ସଂପୂର୍ଣ୍ଣ କେଶମୁଣ୍ଡନ କରିଦେଇଥା'ନ୍ତି । ସେମାନେ ନଡିଆରେ ମଧ୍ୟ କିଛି କତାଗୁଚ୍ଛ (ଜ୍ଞାନଶିଖା) ନରଖି ଭାଙ୍ଗିଥା'ନ୍ତି ବୋଲି କହୁଛନ୍ତି । ସେମାନଙ୍କର ଏହି ଭାବକୁ ଯଦି ଆମେ ସ୍ୱୀକାର କରିବା ତେବେ ନାନା ସଂଦେହ ଜାତ ହେବ । ଯେତେ ଖୋଜିଲେ ମଧ୍ୟ ସମାଧାନ ମିଳିବ ନାହିଁ । ତେଣୁ ଆତ୍ମା ହିଁ ମୋର ହୃଦୟରେ ଜଣାଇଥିବା ଭାବକୁ ମୁଁ ଜଣାଇଛି । ଏହି ମାର୍ଗରେ ଯାତ୍ରାକଲେ କୌଣସି ସଂଦେହ ବଳକା

ରହିନଥାଏ, ଯଦିବା ଆସେ ସମାଧାନ ଆପଣାଛାଏଁ ବାହାରି ଆସେ ବୋଲି ମୋର ଭାବନା ।

*****

## ୨୬. ମୁଣ୍ଡର କେଶ ସମର୍ପଣ

ଦେବାଳୟର ଆରାଧନାରେ କେଶଖଣ୍ଡନ କରି ମୁଣ୍ଡିତ ମସ୍ତକ (ଲଣ୍ଡାମୁଣ୍ଡ) ପ୍ରଦର୍ଶନ କରିବା ମଧ୍ୟ ଏକ ଉନ୍ନତ ଆଚରଣ । ପୂର୍ବକାଳରେ ଜ୍ଞାନ ଜାଣିଥିବା ବଡମାନେ ଭାବଯୁକ୍ତ ହୋଇ ମୁଣ୍ଡରୁ କେଶ ଖଣ୍ଡନକରି ଲଣ୍ଡା ହେଉଥିଲେ । ଦୈବସନ୍ନିଧିରେ ସେମାନଙ୍କର ଥିବା ଉଦ୍ଦେଶ୍ୟକୁ ଆଚରଣ ରୂପରେ ଦେଖାଉଥିଲେ, ସେହିସବୁ ଆଚରଣର ଭାବ ପୂର୍ବର ଜ୍ଞାନୀମାନଙ୍କ ଦ୍ୱାରା ଆଚରିତ ହୋଇଥିଲେ ମଧ୍ୟ ଆଜି ସେଦିନ ଅପେକ୍ଷା ଅଧିକ ଆଚରଣ କରୁଛନ୍ତି । "ଚିତ୍ତଶୁଦ୍ଧିହୀନ ଶିବପୂଜା କାହିଁକି' ବୋଲି ରୂଢ଼ିଟିଏ କହିବା ଭଳି ଭାବଶୁଦ୍ଧିହୀନ ଆଚରଣରେ କିଛି ପ୍ରୟୋଜନ ନଥାଏ । ପୂର୍ବ ଅପେକ୍ଷା ଆଜି ଭକ୍ତି ଅଧିକ ଦେଖାଯାଉଥିଲେ ମଧ୍ୟ ଭକ୍ତିରେ କରୁଥିବା କାର୍ଯ୍ୟର ଅର୍ଥ ଆଜି ନାହିଁ । ମନ୍ଦିର ପାଖକୁ ଯାଇ ସେଠାରେ ଲଣ୍ଡା ହୋଇ ବୁଲୁଥିବା ଲୋକମାନଙ୍କୁ ତୁମେ କାହିଁକି ଲଣ୍ଡା ହୋଇଛ ? ବୋଲି ପଚାରି ବୁଝିଲେ ! ଆମ କାମନା ପୁରଣ ହୋଇଯାଇଛି, ମୁଁ ମାନସିକ କରିଥିଲି ଲଣ୍ଡାହେବା ପାଇଁ, ତ ସେଥିଲାଗି ଲଣ୍ଡାହୋଇ କେଶ ସମର୍ପଣ କରିଛି ବୋଲି କହନ୍ତି । ସେତେବେଳେ ହଁ ତୋର କାମନା ପୁରଣ ହେଲା ଯେ, ତୁ ଯେଉଁ କେଶ ସମର୍ପଣ କଲୁ ତାହା ନେଇ ଈଶ୍ୱର କ'ଣ କରିବେ ? ତୁ ମାନସିକ ଭାବରେ କିଛି ଧନ ଦେଇଥାନ୍ତୁ, ଧାନ ଦେଇପାରିଥାନ୍ତୁ ! କିଛି କାମରେ ଆସୁନଥିବା କେଶ କାହିଁକି ଦେଲୁ ପଚାରିଲେ ତାର ଉତ୍ତର ଦେଇପାରନ୍ତି ନାହିଁ । ସମସ୍ତେ କରୁଛନ୍ତି ହେଲେ କାହିଁକି ଏଭଳି କରୁଛନ୍ତି କାହାକୁ ଜଣା ନାହିଁ । ଜଣକୁ ଦେଖି ଆଉ ଜଣେ

ସେଭଳି ଆଚରଣ କରୁଛି ସିନା, କେହି କାହାକୁ ପଚାରି ବୁଝିବାକୁ ଇଚ୍ଛା ମଧ୍ୟ କରୁନାହାନ୍ତି, ତେଣୁ ଏ ବିଷୟକୁ କେହି ବୁଝି ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯିଏ ଆଚରଣ କରୁଛି ତାକୁ ତାର ଆଚରଣର ଅର୍ଥ ଜଣା ନାହିଁ, ତେଣୁ ଦେଖୁଥିବା ଲୋକ ମଧ୍ୟ ଦିନେ ସେଭଳି ଆଚରଣ କରିବା ଦ୍ୱାରା ତା'ପାଇଁ ତାହା ଅର୍ଥହୀନ ଆଚରଣ ହୋଇଯାଉଛି ।

ପୂର୍ବକାଳରେ ପ୍ରକୃତ ଭକ୍ତି କରୁଥିବା ଲୋକମାନେ ଥିଲେ, ସେମାନେ ଦୈବଭକ୍ତି ବାବଦରେ ଅର୍ଥଯୁକ୍ତ ଆଚରଣ କରୁଥିଲେ, ଦେବାଳୟରେ, ଆରାଧନାରେ ଅର୍ଥ ବା ଭାବ ନଥାଇ କୌଣସି ଆଚରଣ କରୁନଥିଲେ, କୌଣସି କାମନା ସେମାନଙ୍କର ନଥିଲା, ସେମାନେ ମନ୍ଦିର ଭିତରକୁ ଯିବା ଆଗରୁ ମୁଖଶାଳା ପରେ ଥିବା ଧ୍ୱଜସ୍ତମ୍ଭଠାରେ ବଳକା ରହିଯାଇଥିବା କାମନାକୁ ତ୍ୟାଗ କରିଦେଉଥିଲେ । ଯଦି ଆଉ କିଛି କାମନା ବଳକା ରହିଯାଉଥିଲା ତାହାକୁ ସେମାନେ ଗର୍ଭଗୃହର ଘଣ୍ଟି ନିକଟରେ ଛାଡିଦେଇ ଘଣ୍ଟିଶବ୍ଦରେ ମନୋଲଗ୍ନକରି ଦୈବଧ୍ୟାନରେ ରହୁଥିଲେ । ମନରେ ନାନା କାମନା ଆସୁଥିଲେ ମଧ୍ୟ ତାହା ବିନାଶ କରି ଦୈବଚିନ୍ତନ ଅଭ୍ୟାସ କରିବା ପାଇଁ ସେମାନେ ମନ୍ଦିରକୁ ଆସୁଥିଲେ । ଦିନେ ଜଣେ ଜ୍ଞାନ ଜାଣିଥିବା ଭକ୍ତ ତିରୁପତି ଭେଙ୍କଟେଶ୍ୱର ମନ୍ଦିରକୁ ଆସି ସମସ୍ତ କାମନାର କାରଣ ଭିତରେ ଥିବା ଆଲୋଚନା ଏବଂ ତାହା ମୁଣ୍ଡରେ ରହିଥାଏ ବୋଲି ତା'ର ତୁଳନା ଭାବରେ ଅସଂଖ୍ୟ ଆଲୋଚନା ଏହିଭଳି ଗଣିହେଉନଥିବା ମୁଣ୍ଡର କେଶ ଭଳି ରହିଥାଏ ବୋଲି ଭାବନା କରି, ତୋ ପାଖକୁ ଆସିଥିବା ମୋର ଆଉ କୌଣସି ଭୌତିକ କାମନା ନାହିଁ ବୋଲି ଜଣାଇବା ସଦୃଶ ମୁଣ୍ଡରେ ଥିବା କେଶଗୁଡିକୁ ମୁଣ୍ଡନ କରି, ଏବେ ମୁଁ ସଂକଳ୍ପ ରହିତ ହୋଇଯାଇଛି, ମୁଣ୍ଡରେ ଥିବା କେଶ ଭଳି ମୋ ଭିତରେ ଥିବା ନାନା କାମନା ରହିବା ସାଧାରଣ ହୋଇଯାଇଥିଲା, କିନ୍ତୁ ଏବେ ମୁଁ ସେହି କାମନାଗୁଡିକୁ ହରାଇବାକୁ ଚାହୁଁଛି, ତାହା ହିଁ ତୋତେ ଜଣାଇବା

ପାଇଁ ଆସିଛି ବୋଲି ବାହ୍ୟତଃ ତା' ମୁଣ୍ଡର କେଶକୁ ନଥିବା ଭଳି କରି, କିଛିନଥିବା ପାତ୍ର ଭଳି ଲଣ୍ଡାହୋଇ ମନ୍ଦିରରେ ଥିବା ଦୈବଙ୍କୁ ଦେଖାଇଥିଲା । ସେହି ଦୃଶ୍ୟର ବିବରଣୀ ଜାଣି ନଥିବା ଆଉଜଣେ ଭକ୍ତ ସେ ଏଭଳି କରିବା ଦ୍ୱାରା ତା'ର ନିଶ୍ଚୟ କିଛି ଲାଭ ରହିଛି, ତେଣୁ ସେ ଏଭଳି ଲଣ୍ଡା ହୋଇଛି, ମୋର ଲାଭହେଲେ ମୁଁ ମଧ ଲଣ୍ଡା ହେବି ବୋଲି ମାନସିକ ରଖି ଆସିଲା । ଏଭଳି ନିୟମ ଅନୁସାରେ କାମନା କରି ମାନସିକ ରଖିବା ଦ୍ୱାରା ଈଶ୍ୱର କାମନାପୁରଣ କରନ୍ତି, ତାଙ୍କର କାର୍ଯ୍ୟ ସ୍ୱରୂପ ପ୍ରତିଫଳରେ ଆମମୁଣ୍ଡର କେଶ ତାଙ୍କୁ ଅର୍ପଣ କରାଯାଇଥାଏ ବୋଲି ସେ ଭାବିଥିଲା । ଏହିଭଳି ଅନେକ ଆଚରଣ ଉପରୋକ୍ତ କାହାଣୀ ଭଳି ପ୍ରଚଳିତ ହୋଇ ଆସୁଛି । ପୂର୍ବର ଜ୍ଞାନ ଆଜି ନଥିବା କାରଣରୁ ଈଶ୍ୱର ଆଉ ଆମ ମଝିରେ ମୁଣ୍ଡର କେଶ ଏକ ଲାଂଚସ୍ୱରୂପ ହୋଇଯାଇଛି । ମୋଠାରେ ଆଉ ଆଲୋଚନା ନାହିଁ ବୋଲି ଜଣାଇବା ନିମନ୍ତେ ଏକ ତୁଳନା ଭାବରେ ପୂର୍ବେ ମସ୍ତକକୁ ଲଣ୍ଡା କରୁଥିଲେ, କିନ୍ତୁ ତାହା ନଜାଣି ଆଜି ଜ୍ଞାନରହିତ ହୋଇ ଲଣ୍ଡା ହେଉଛନ୍ତି, ତେଣୁ ଯୋଗୀ ବେମନ ତାଙ୍କ ପଦ୍ୟରେ "ମୁଁଣ୍ଡି ଲଣ୍ଡା କଲେ କ'ଣ ଆଲୋଚନା ଲଣ୍ଡା ହୋଇଯିବ" ବୋଲି କହିଥିଲେ ।

ସେଦିନ କାମନା ନାହିଁ ଉଦ୍ଦେଶ୍ୟରେ କରାଯାଇଥିବା ଲଣ୍ଡାହେବା ଆଚରଣର ଅର୍ଥ ନଜାଣି ଆଜି ନାନା କାମନା କରି ତାହା ପୁରଣହେଲେ ଲଣ୍ଡା ହେବୁ ବୋଲି ମାନସିକ ରଖି ପୁରଣ ହେଲେ ଲଣ୍ଡା ହେଉଛନ୍ତି । ଏହା କ'ଣ ଭୂଲ୍ ପଦ୍ଧତି ନୁହେଁ! ଭୂଲ୍ ପଦ୍ଧତିରେ ମାନସିକ ରଖିବା ଛଡା କାମନା ନ କରିବା ବିଷୟକୁ ମଧ କାମନା କରି ଆସୁଛନ୍ତି । ମୋ ଭାଇ ମରିଗଲେ ଧନ ସବୁ ମୋର ହୋଇଯିବ, ତା'କୁ ମାରିଦେ ତୋ ପାଖରେ ଆସି ଲଣ୍ଡା ହେବି ବୋଲି କାମନା କରି ମାନସିକ ରଖିବା, ବିଦ୍ୟାର୍ଥୀ ପାଠ ନପଢିଲେ ମଧ ମୋତେ ପାସ୍ ହୋଇଯିବା ଭଳି କରିଦେ, ତୋ ପାଖରେ ଆସି ମୁଁ ଲଣ୍ଡା ହେବି ଭଳି କାମନା କରି ମାନସିକ ରଖିବା ଆଜି ସାଧାରଣ


ହୋଇଯାଇଛି । ପୂର୍ବେ କୌଣସି କାମନା ନରଖି ପଦ୍ଧତିବଦ୍ଧ ଭାବରେ କେଶଖଣ୍ଡନ କରୁଥିବା ବେଳେ, ଆଜି ଲଣ୍ଡାହେବି ବୋଲି ମାନସିକ ରଖି କାମନା କରିବା କଥାକୁ ଚିନ୍ତାକଲେ ଧର୍ମ ଅଧର୍ମରେ ପରିଣତ ହୋଇଯାଇଛି ବୋଲି ଲାଗୁଛି । ଏବେ ଅଧର୍ମ ଆଚରଣ ହୋଇ ରହିଥିବା ଆଚରଣଗୁଡିକୁ ପୁଣି ଧର୍ମ ଭାବରେ ବଦଳାଉଥିବା ଉପଯୁକ୍ତ ପଦ୍ଧତିକୁ ଆମେ ଅନୁସନ୍ଧାନ କରିବା ।

*****

# ୨୭. ନମସ୍କାର

ଈଶ୍ୱରଙ୍କ ଉପାସନାରେ ଅତିମୁଖ୍ୟ ବିଷୟ ହେଉଛି ନମସ୍କାର ଜଣାଇବା । ଦୁଇହାତ ଜୋଡି ଭାବପ୍ରଦର୍ଶନ କରିବାକୁ ନମସ୍କାର କୁହାଯାଏ । ଅନ୍ୟ ଉପରେ ପୂଜ୍ୟ ଭାବକୁ, ସମ୍ମାନ ଭାବକୁ ହାତ ଦ୍ୱାରା ପ୍ରକଟିତ କରିବା ହିଁ ନମସ୍କାର ବୋଲି କିଛିଲୋକ କହନ୍ତି । ଏପର୍ଯ୍ୟନ୍ତ ଏହା ଠିକ୍ ହେଲେହେଁ ପୂର୍ବଜ ଜ୍ଞାନୀମାନଙ୍କଠାରେ ଆଉ କିଛି ଭାବ ନିଶ୍ଚୟ ଅଧିକ ରହିଥିଲା । ଅଲଗା ଅଲଗା ହୋଇ ରହିଥିବା ଦୁଇଟି ହାତକୁ ଦେବାଳୟର ପ୍ରତିମା ନିକଟରେ ଦର୍ଶାଉଥିଲେ । ଏ ପର୍ଯ୍ୟନ୍ତ ତୁ ଆଉ ମୁଁ ଭିନ୍ନ ଭିନ୍ନ ରହିବା ଭଳି ଥିଲେ । ଏବେଠାରୁ ମୁଁ ତୋ ସହିତ ମିଶି ରହିବାକୁ ଚାହୁଁଛି ବୋଲି ଭାବ ଧାରାରେ ଅଲଗା ଅଲଗା ଥିବା ଦୁଇ ହାତକୁ ଜୋଡି ଦେଖାଉଥିଲେ । ନମସ୍କାର ସେମାନଙ୍କର ଭାବରେ ଜୀବ ବ୍ରହ୍ମ ଐକ୍ୟ ସଂଧାନ ବା ମୋକ୍ଷ ହୋଇ ରହିଥିଲା । ପୂର୍ବେ ଜ୍ଞାନୀମାନେ ଥିଲେ ତେଣୁ ସେମାନଙ୍କଠାରେ ଦେବାଳୟର ଦୈବ ହିଁ ଜ୍ଞାନଶକ୍ତି ପ୍ରାପ୍ତ ହୋଇଥିବା ମଣିଷଠାରେ ଥାଆନ୍ତି ବୋଲି ଭାବ ରହିଥିଲା । ତେଣୁ କୌଣସି ଜ୍ଞାନୀ କିମ୍ବା ଗୁରୁ ତାଙ୍କ ସମ୍ମୁଖରେ ଆସିବା ବେଳେ ସେମାନଙ୍କଠାରେ ମଧ୍ୟ ଦୈବତ୍ୱ ରହିଛି ବୋଲି ଭାବ ରଖି ସେହି ଦୈବଙ୍କୁ ହିଁ ନମସ୍କାର କରୁଥିଲେ । ଏହି ପରମ୍ପରା

ଆଜି ଥିଲେ ମଧ୍ୟ ଆମେ ଦୈବ ବା ଈଶ୍ୱରଙ୍କୁ ନମସ୍କାର କରୁଛୁ ନାମକ ଭାବ ନାହିଁ । ଆଗରେ ଦେଖାଯାଉଥିବା ଲୋକ ଦ୍ୱାରା ହୁଏତ ମୋର କେଉଁ କାର୍ଯ୍ୟସାଧନ ହୋଇପାରିବ ସେଥିଲାଗି କିମ୍ବା ତା'କୁ ନିଜର ଅନୁକୁଳିତ ବ୍ୟକ୍ତିଭାବରେ ବଦଳାଇବା ଲାଗି ନମସ୍କାର କରୁଛନ୍ତି ।



**ନମସ୍କାର**

ପୂର୍ବେ ଜ୍ଞାନଯୁକ୍ତ ଲୋକମାନେ ପ୍ରତ୍ୟେକ ମଣିଷର ଜ୍ଞାନ ଅନୁସାରେ ତା'ଠାରେ ଥିବା ଦୈବଦର୍ଶନ କରୁଥିଲେ । କିନ୍ତୁ ଆଜି ପ୍ରତ୍ୟେକ ମଣିଷଠାରେ କିଛିନା କିଛି ଜ୍ଞାନ ରହିଥାଏ, ତାହା ଈଶ୍ୱର ହିଁ ଦେଇଥା'ନ୍ତି, ସେ ହିଁ ଶରୀର ଭିତରେ ରହିଛନ୍ତି ବୋଲି ଭାବ ନଥାଇ ଭୌତିକ ସ୍ଥିତିକୁ ଦେଖି ନମସ୍କାର କରୁଛନ୍ତି । ପୂର୍ବେ ଜ୍ଞାନ ଅନୁସାରେ ପୂଜ୍ୟଭାବ ଥିବା ସ୍ଥଳେ ଆଜି ସ୍ଥିତି ଅନୁସାରେ ପୂଜ୍ୟଭାବ ରହିଛି । ପୂର୍ବେ ନିଜର ଗୋଡ ଯଦି ଭୂଲ୍ ବଶତଃ କାହାଠାରେ ବାଜିଗଲା ତେବେ ତେବେ ତା' ଶରୀରରେ ରହିଥିବା ଈଶ୍ୱରଙ୍କ ଦେହରେ ବାଜିଗଲା ଭାବି ତୁରନ୍ତ ସେହି ବ୍ୟକ୍ତି

ଶରୀରରେ ଗୋଡ ବାଜିଥିବା ସ୍ଥାନକୁ ସ୍ପର୍ଶକରି ନମସ୍କାର କରୁଥିଲେ । ଆଜି ସେହି ଆଚରଣ ମଧ୍ୟ ଅନେକଙ୍କଠାରେ ଦେଖିବାକୁ ମିଳିଥାଏ । ଆଜି ଯେଉଁଠି ଯେଉଁ ଭାବ ରହିଲେ ମଧ୍ୟ ଦେବାଳୟର ନମସ୍କାରରେ ମୋତେ ତୋଠାରେ ଐକ୍ୟ କର୍ ବୋଲି ଭାବ ରଖି ହାତଜୋଡି ନମସ୍କାର କଲେ ଆମ ନମସ୍କାରର ମୂଲ୍ୟ ରହିବ । ତା'ନକରି ଗୁଣ୍ଡାମାନଙ୍କୁ, ନେତାମାନଙ୍କୁ, ପୋଲିସମାନଙ୍କୁ, ବଡପଦବୀରେ ଥିବା ଲୋକମାନଙ୍କୁ କରାଯାଉଥିବା ନମସ୍କାର ଭଳି କଲେ ଆମେ କରୁଥିବା ନମସ୍କାରର ମୂଲ୍ୟ ସାଧାରଣ ଅଜ୍ଞାନୀର ନମସ୍କାର ସହିତ ସମାନ ହେବ । ତେଣୁ ସବୁ ଜାଣି ପଦ୍ଧତିବଦ୍ଧ ଭାବରେ ମନ୍ଦିରରେ ଥିବା ଦୈବଙ୍କୁ ନମସ୍କାର କରିବା ଉଚିତ୍, ସେହିଭଳି ଜ୍ଞାନୀମାନଙ୍କୁ ମଧ୍ୟ ଉଚିତ୍ ଢଙ୍ଗରେ ନମସ୍କାର କରିବା ଉଚିତ୍ ।

*****

## ୭୮. ଶଠଗୋପମ୍

(ଶଠଗୋପମ୍ (ଷଟ୍ ଗୋପ୍ୟମ୍) ଆଜି ସବୁ ମନ୍ଦିରରେ ଦେଖିବାକୁ ମିଳୁନଥିଲେ ମଧ୍ୟ ବଡ ବଡ ମନ୍ଦିରଗୁଡିକରେ ଦେଖିବାକୁ ମିଳିଥାଏ । ବିଶେଷତଃ ଦକ୍ଷିଣ ଭାରତର ମନ୍ଦିରଗୁଡିକରେ ଏହା ନିଶ୍ଚୟ ଦେଖିବାକୁ ମିଳିଥାଏ । ଏହାକୁ ଈଶ୍ୱରଙ୍କ ପାଦୁକା ବୋଲି କେହି କେହି କହିଥା'ନ୍ତି । ଆମକୁ ଜଣାଥିବା ବିଷୟ ଏତିକି ସିନା ଏହାର ବିବରଣୀ କିପରି ତାହା ଏବେ ଗ୍ରନ୍ଥ ରଚୟିତାଙ୍କ ଲେଖାରୁ ଜାଣିବା-- ଅନୁବାଦକ)

ଆଳୟ ପୂଜାରେ ପୂଜାରୀମାନେ ଭକ୍ତମାନଙ୍କ ମୁଣ୍ଡରେ ଏହି ଶଠଗୋପକୁ ଛୁଆଁଇଥା'ନ୍ତି । ଟୋପି ଆକାର ଭଳି ହୋଇଥିବା ଶଠଗୋପ ମୁଣ୍ଡରେ ଛୁଆଁଇବା ଭକ୍ତମାନଙ୍କୁ ଏକ ପ୍ରକାରର ତୃପ୍ତି ଦେଇଥାଏ । ହେଲେ ତା ଦ୍ୱାରା ଆମର କି ଲାଭ ବା କିଫଳ ମିଳିଥାଏ ? ବୋଲି ପ୍ରଶ୍ନକଲେ, କେଉଁ

କାର୍ଯ୍ୟ ସାଧନ ପାଇଁ ଏହି ଶଠଗୋପକୁ ରଖାଯାଇଥାଏ ବୋଲି ମୁଣ୍ଡରେ ଛୁଆଁଇ ଆସୁଥିବା ଭକ୍ତମାନଙ୍କୁ ମଧ୍ୟ ଜଣା ନଥାଏ ବୋଲି ଜବାବ ମିଳେ । ସବୁ ମନ୍ଦିରରେ ଶଠଗୋପ ନଥାଏ, ତିରୁପତି ଆଦି ବଡ ବଡ ମନ୍ଦିରରେ ରହିଥାଏ । ଏବେ ଏହି ଶଠଗୋପଟି କ'ଣ ତା ବାବଦରେ ଜାଣିବା । ଗୋଟିଏ ବସ୍ତୁ କେହି ଦେଖି ନପାରିବା ଭଳି ଲୁଚାଇବାକୁ ଗୋପନରେ ରଖିବା ବୋଲି କୁହାଯାଏ । ଗୋପନ ନକହି ଗୋପ, ଗୋପ୍ୟ ମଧ୍ୟ କହନ୍ତି । ଯାହା ଅଛି ତାହାକୁ ଲୁଚାଇ ରଖିବାକୁ ଗୋପରେ ରଖିବା ବୋଲି କହନ୍ତି । ଆମେ ରହସ୍ୟରେ ବା ଗୋପନରେ କିଛି ବସ୍ତୁକୁ ରଖିପାରିବା କିମ୍ୱା କିଛି ବିଷୟକୁ ରଖିପାରିବା । କିଛିଲୋକ ସେମାନଙ୍କୁ ଜଣାଥିବା ବିଷୟକୁ ଅତି ଗୋପ୍ୟ ଭାବରେ ରଖନ୍ତି ଅର୍ଥାତ୍ ଲୁଚାଇ ରଖନ୍ତି । ଏହି ଗୋପନ, ଗୋପ୍ୟ ବା ଗୋପ ଶବ୍ଦ ଆଜି ଥିଲେ ମଧ୍ୟ ମନ୍ଦିରରେ ସେହି ଗୋପନ ରଖୁଥିବା ଉପକରଣ ଗୋପ୍ୟ ଗୋପନ ନକହି ଗୋପ ହୋଇଯାଇଛି । ଶଠଗୋପ୍ୟ ଶବ୍ଦ କିଛି ବଦଳି ଶଠଗୋପ ହୋଇଯାଇଛି ।



**ଶଠଗୋପମ୍**

କେତେକ ମୁଖ୍ୟ ମନ୍ଦିରରେ ଏହି ଶଠଗୋପକୁ ଭକ୍ତମାନଙ୍କ ମୁଣ୍ଡରେ ଛୁଆଁଇଥା'ନ୍ତି । ବଡମାନେ ଆଶିର୍ବାଦ କରିବା ସଦୃଶ ଏହି ଶଠଗୋପ ଆମ ମୁଣ୍ଡରେ କାହିଁକି ଛୁଆଁଇଥା'ନ୍ତି ବୋଲି ଦେଖିଲେ ! ଆମ ମୁଣ୍ଡରେ ଗୁଣଗୁଡିକ ଦ୍ୱାରା ଆସୁଥିବା କର୍ମ ସଂଚୟ ହୋଇଥାଏ । ମନ୍ଦିରରେ ପୂଜାକାର୍ଯ୍ୟ ସମାପ୍ତହେବା ପରେ ଭକ୍ତର ମୁଣ୍ଡରେ ଶଠଗୋପକୁ ଛୁଆଁଇ ଦେବା ପରେ ମନ୍ଦିରଯିବା କାର୍ଯ୍ୟ ସମାପନ ହେଲା ବୋଲି କହନ୍ତି । କର୍ମର କାରଣ ହୋଇଥିବା ଗୁଣଗୁଡିକ ଆମ ମୁଣ୍ଡରେ ରହିଥାଏ ବୋଲି ଜାଣିଛୋ ସେହି ଗୁଣଗୁଡିକ ଭଲ ମନ୍ଦ ଭେଦରେ ଦୁଇ ପ୍ରକାରର ବିଭାଜିତ ହୋଇ ରହିଥା'ନ୍ତି । ସେଗୁଡିକ ଭିତରେ ଥିବା ମନ୍ଦଗୁଣଗୁଡିକ ଏକ ଦଳ ହୋଇ, ସେହିଭଳି ଭଲଗୁଣଗୁଡିକ ଆଉ ଗୋଟିଏ ଦଳ ହୋଇ ରହିଥା'ନ୍ତି । ଏମିତି ମୋଟ ୧୨ଗୋଟି ଗୁଣ ଛଅ ଛଅ ଭାଗ ହୋଇ ଦୁଇ ଦଳରେ ରହିଥା'ନ୍ତି । ଅର୍ଥାତ୍ ଭଲ ଏବଂ ମନ୍ଦ ଗୁଣଗୁଡିକ ଷଟ୍‌ବର୍ଗ ହୋଇ ରହିଥା'ନ୍ତି । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ନାମକ ଛଅଗୋଟି ମନ୍ଦ ଗୁଣ ଅରିଷଟବର୍ଗ ନାମରେ ରହିଥା'ନ୍ତି । ସେହିଭଳି ଦାନ, ଦୟା, ଉଦାରତା, ବୈରାଗ୍ୟ, ବିନୟ, ପ୍ରେମ ନାମକ ଛଅଗୋଟି ଭଲଗୁଣ ମଧ୍ୟ ମିତ୍ରଷଟ୍ ବର୍ଗ ହୋଇ ରହିଥା'ନ୍ତି । ଜୀବର ଶତ୍ରୁ ଏବଂ ମିତ୍ର ଭାବରେ ରହିଥିବାରୁ, ସେଗୁଡିକ ଦୁଇ ଦଳରେ ବିଭକ୍ତ ହୋଇ ରହିଥିବାରୁ ସେହି ଦୁଇ ଦଳର ନାମ ହୋଇଥିଲେ ମଧ୍ୟ ଗୋଟିଏ ଗୋଟିଏ ବର୍ଗରେ ଛଅଗୋଟି ଗୁଣ ରହିଥିବାରୁ ଷଟ୍‌ବର୍ଗ କୁହାଯାଏ । ଷଟ୍ କହିଲେ ଛଅ । ବର୍ଗ କହିଲେ ଦଳ । ଏହିଭଳି ମନ୍ଦଷଟ୍ ବର୍ଗର (ଅରିଷଟ୍ ବର୍ଗ) ଗୁଣ ଦ୍ୱାରା ପାପକର୍ମ, ଭଲଷଟ୍ ବର୍ଗ(ମିତ୍ରଷଟ୍ ବର୍ଗ) ଦ୍ୱାରା ପୁଣ୍ୟ କର୍ମ ସମ୍ଭବ ହୋଇଥାଏ । ଏହା ନିରାଟ ସତ୍ୟ । ପରମାତ୍ମାରେ ଐକ୍ୟ ହେବାପାଇଁ ଏହି ଦୁଇ ପାପପୁଣ୍ୟ ନାମକ କର୍ମକୁ ବିନାଶ କରିବାକୁ ହୋଇଥାଏ । ସେଥିଲାଗି ମନ୍ଦିରକୁ ଯାଇଥିବା ଭକ୍ତ ମୁଣ୍ଡରେ ଏକ ଛୋଟ ଧାତୁ ନିର୍ମିତ ଟୋପି ଭଳି ଉପକରଣ ରଖି

ତୋଠାରେ ଥିବା ଦୁଇ ପ୍ରକାରର କର୍ମକୁ ତୁ ବିନାଶ କରିବା ଉଚିତ୍ ବୋଲି ସଂଦେସ ଦେଇ, "ଷଟ୍ ଗୋପ୍ୟମ୍" ବୋଲି କହୁଥିଲେ । ପୂର୍ବେ ଏକ ଭକ୍ତ ମୁଣ୍ଡରେ ଯଥାବିଧ ପ୍ରବେଶ କରିପାରୁଥିବା ଆକାରର ଏହି ଧାତୁ ନିର୍ମିତ ଉପକରଣକୁ ଦୁଇଥର ଛୁଆଁଇ ଦୁଇଥର "ଷଟ୍ ଗୋପ୍ୟମ୍" କହୁଥିଲେ । ଆଜି ଏହି ଆଚରଣ ଥରେମାତ୍ର କରୁଛନ୍ତି । ଏଭଳି ଗୋଟିଏଥର ଛୁଆଁଇବା ଅଶାସ୍ତ୍ରୀୟ କାର୍ଯ୍ୟ, କିନ୍ତୁ ଦୁଇଥର ଛୁଆଁଇ କହିବାରେ ଅର୍ଥ ରହିଛି । ଏଭଳି ଦୁଇଥର କରିବାରେ କି ଅର୍ଥ ଥାଏ ଦେଖିଲେ ! ଥରେ ଛୁଆଁଇବା ଦ୍ୱାରା ତୋ ମୁଣ୍ଡରେ ଥିବା ମନ୍ଦବର୍ଗର ଛଅଗୋଟି ଗୁଣ ଉପରକୁ ଦେଖିବାକୁ ନମିଳୁ ବୋଲି ଅର୍ଥ ମିଳିଥାଏ । ସେହିଭଳି ଆଉଥରେ ଛୁଆଁଇ କହିବା ଦ୍ୱାରା କି ଅର୍ଥ ଥାଏ ଦେଖିଲେ ! ଥରେ ଛୁଆଁଇବା ଦ୍ୱାରା ତୋ ମୁଣ୍ଡରେ ଥିବା ଛଅ ଗୋଟି ଭଲଗୁଣ ତୋ ଭିତରେ ଲୁଚିରହୁ ନାମକ ଭାବନେଇ ଷଟ୍‌ଗୋପ୍ୟ କହୁଥିଲେ, ସେମାନଙ୍କ କଥା ସେକାଳରେ ଷଟ୍‌ଗୋପ୍ୟ ଥିଲେ ମଧ୍ୟ ଆଜି ତାହା ଶଠଗୋପ ହୋଇଯାଇଛି । କାଳକ୍ରମେ ଏହି ଆଚରଣ ମଧ୍ୟ ଆଜି କେତେକ ମନ୍ଦିରରେ ବଜାୟ ଅଛି । ଏହି ଷଟ୍‌ଗୋପ୍ୟ ଆଜି ଶଠଗୋପ ହୋଇଯିବା ବ୍ୟତୀତ, ଦୁଇଥର ଛୁଆଁବା ବଦଳରେ ଥରେ ଛୁଆଁଉଛନ୍ତି, ତାର ଅର୍ଥ ମଧ୍ୟ ସଂପୂର୍ଣ୍ଣ ବଦଳାଇ ଦେଇଛନ୍ତି । ଏହିଭଳି ଇନ୍ଦୁମାନଙ୍କର ଉନ୍ନତ ଆଚରଣ ଆଜି ବିନାଶ ହୋଇଯିବା ଭଳି ରହି କିଛିମାତ୍ର ବଳକା ରହିଛି । ଏଭଳି କିଛି ଆଚରଣ ବଳକା ଥିଲେହେଁ ତାକୁ ପୁନର୍ଜିବୀତ କରିବା ପାଇଁ ଆମକୁ ଶଠଗୋପ ବଦଳରେ ଷଟ୍‌ଗୋପ୍ୟ କହିବାକୁ ହେବ । ଥରେ ମୁଣ୍ଡରେ ନଛୁଆଁଇ ଦୁଇଥର ଛୁଆଁଇବାକୁ ହେବ । ଦୁଇଥର ଷଟ୍‌ଗୋପ୍ୟ କହି ଦୁଇ ଦଳର ଗୁଣକୁ କିପରି ରଖିବା ଉଚିତ୍ ସେହି ଭଳି ଭାବକୁ ଗ୍ରହଣ କରିବାକୁ ହେବ । ଦେବାଳୟ ବା ମନ୍ଦିରର ଅନ୍ତରାର୍ଥରେ ଏଭଳି ଆତ୍ମଜ୍ଞାନ ରହି ପରମାତ୍ମାରେ ଲୀନ ହେବା ସୁଯୋଗ ଆମକୁ ଦେଉଥିବା ସ୍ଥଳେ ଆମ ଆଚରଣରେ ସେହି ଭାବ ରହିବା ଉଚିତ୍ । ଆମଠାରେ ଥିବା

ମନ୍ଦଗୁଣଗୁଡିକୁ ଦୂରକରି ଆମେ ଭଲ ଗୁଣରେ ସଂଚରଣ କରିବା ଉଚିତ୍ ବୋଲି ଷଟ୍‌ଗୋପ୍ୟ ଜ୍ଞାନସଂଦେସ ଦେଇଥାଏ । ଏହି ବିଷୟକୁ ଜାଣିବା ପରେ ଏତେ ମହାନ ଜ୍ଞାନ ଥିବା ଆମ ପୂର୍ବ ଆଚରଣ ଆମକୁ ହିଁ ଫେରାଇ ଆଣିବାକୁ ହେବ ।

*****

## ୭୯. ପ୍ରଦକ୍ଷିଣ

ଦେବାଳୟର ପୂଜାବିଧିରେ ପ୍ରଦକ୍ଷିଣ (ମନ୍ଦିର କିମ୍ବା ଦୈବପ୍ରତିମା ଚାରିକଡରେ ଘୁରିବା) ମଧ୍ୟ କରାଯାଇଥାଏ । ପୂର୍ବକାଳରେ କେବଳପାଞ୍ଚଥର ପ୍ରଦକ୍ଷିଣ କରୁଥିଲେ । ଆଜି ହିସାବ ନଥିବା ପ୍ରଦକ୍ଷିଣ କରୁଛନ୍ତି । ସାରା ପ୍ରପଞ୍ଚରେ ପରମାତ୍ମାଶକ୍ତି ବ୍ୟାପୀରହିଛି । “ମୟାଧକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍” ବୋଲି ଗୀତାରେ କହିବା ଅନୁସାରେ ପ୍ରକୃତିର ଅଧ୍ୟକ୍ଷତା ବହନକରି ପରମାତ୍ମା ଅଛନ୍ତି । ପରମାତ୍ମାଙ୍କୁ ଆଧାରକରି ପ୍ରକୃତି ରହିଛି । ପ୍ରପଞ୍ଚ (ପ୍ରକୃତି) ନାମକ ଚକ୍ର ପରମାତ୍ମାଙ୍କୁ ଅକ୍ଷ କରି ଘୂରୁଛି । ପ୍ରକୃତି ପାଞ୍ଚଭାଗରେ ବିଭକ୍ତ ହୋଇରହିଛି । ପ୍ରକୃତିର ସେହି ପାଞ୍ଚଭାଗରେ ସର୍ବ ଜୀବରାଶି ଛନ୍ଦିହୋଇ ରହିଛନ୍ତି । ସେଥିଲାଗି ତୁ ଅକ୍ଷ ଭଳି ରହିଛୁ, ମୁଁ ପ୍ରକୃତି ଚକ୍ରରେ ପଡି ଘୂରିବୁଲୁଛି । ପ୍ରକୃତିର ସେହି ପାଞ୍ଚଭାଗରୁ ମୋତେ ଉଦ୍ଧାର କର୍, ଏହି ଉଦ୍ଦେଶ୍ୟ ରଖି ପୂର୍ବେ ପ୍ରଦକ୍ଷିଣ କରୁଥିଲେ । ପୂର୍ବେ ପ୍ରତିମା ନିକଟରୁ ଆରମ୍ଭକରି ମନ୍ଦିରରେ ଘୁରିବା ବେଳେ ପ୍ରତି ଘେରାରେ ପ୍ରକୃତିର ଗୋଟିଏ ଗୋଟିଏ ଭାଗଠାରୁ ମୋତେ ମୁକ୍ତ କର୍ ବୋଲି ଜଣାଇବାକୁ ଯାଇ ପ୍ରଥମ ଘେରାରେ ପ୍ରକୃତିର ପ୍ରଥମ ଭାଗ ହୋଇଥିବା ଆକାଶଠାରୁ ମୋତେ ଉଦ୍ଧାର କର୍, ୨ୟ ଘେରାରେ ପ୍ରକୃତିର ଦ୍ୱିତୀୟ ଭାଗ ହୋଇଥିବା ବାୟୁଠାରୁ ମୋତେ ଉଦ୍ଧାର କର, ୩ୟ ଘେରାରେ ପ୍ରକୃତିର ତୃତୀୟ ଭାଗ

ହୋଇଥିବା ଅଗ୍ନିଠାରୁ ମୋତେ ଉଦ୍ଧାର କର, ୪ର୍ଥ ଘେରାରେ ପ୍ରକୃତିର ୪ର୍ଥ ଭାଗ ହୋଇଥିବା ଜଳଠାରୁ ମୋତେ ଉଦ୍ଧାର କର, ୫ମ ଘେରାରେ ପ୍ରକୃତିର ୫ମ ଭାଗ ହୋଇଥିବା ଭୂମିଠାରୁ ମୋତେ ଉଦ୍ଧାର କର ବୋଲି ଭାବ ରଖି ପ୍ରତିମା ନିକଟରେ ପ୍ରତ୍ୟେକ ଥର ଗୋଟିଏ ଲେଖାଏଁ ନମସ୍କାର କରୁଥିଲେ । ମୋତେ ଏହି ପଞ୍ଚଭୂତରୁ ରକ୍ଷାକରି ତୋଠାରେ ଐକ୍ୟ କର୍ ବୋଲି ଜଣାଇବା ଏହି ପଞ୍ଚପ୍ରଦକ୍ଷିଣର ଭାବ ପୂର୍ବର ଜ୍ଞାନୀମାନେ ଆମପାଇଁ ରଖିଥିଲେ । ଆଜି ମଧ୍ୟ ପ୍ରତିମା ଚାରିକଡରେ ଅର୍ଥାତ୍ ମନ୍ଦିର ଚାରିକଡରେ ଘୂରୁଛନ୍ତି, ହେଲେ କେତେ ଥର ଘୂରିବା ଉଚିତ୍ ନଜାଣି ଇଚ୍ଛା ଅନୁସାରେ ଘୂରୁଛନ୍ତି, ମାନସିକ ଅନୁସାରେ ଘୂରୁଛନ୍ତି । ଘୂରୁଥିବା ବେଳେ ଯଦି କେହି ସାଙ୍ଗ ସାଥି ବା ଆପଣାର ଲୋକ ସାଥିରେ ଥାଏ ତେବେ ନାନା ଭୌତିକ କଥାବାର୍ତ୍ତା ହୋଇ ଘୂରୁଛନ୍ତି । ପ୍ରଦକ୍ଷିଣ କଲେ ଭଲ ବୋଲି କରୁଛନ୍ତି, ଅଧିକ ସଂଖ୍ୟକ କରୁଛନ୍ତି । ଏତିକି ଘେରା ଘୂରିଲି ବା ଏତିକି ଥର ଘୂରିଲି ବୋଲି ଭିତରେ ଗଣିବାରେ ଭୂଲ୍ ହେଲା କି ଠିକ୍ ଅଛି ତାହା ମନରେ ଥାଏ, ହେଲେ କାହିଁକି କରୁଛନ୍ତି ବୋଲି ଆଲୋଚନା କାହାର ନଥାଏ । ଆଉ କେତେକ ମାତ୍ର ତିନିଥର ଘୂରି ରହିଯାଇଥା'ନ୍ତି, ଆଉ କେହି ପାଞ୍ଚଘେରାରୁ ଅଧିକ ଘୂରିଥା'ନ୍ତି, ଏଭଳି ପାଞ୍ଚଘେରାରୁ ଅଧିକ କିମ୍ବା କମ୍ ଘେରା ଘୂରିବା ଅର୍ଥହୀନ ହୋଇଥାଏ । ଅର୍ଥଯୁକ୍ତ ପ୍ରଦକ୍ଷିଣ କେବଳ ପାଞ୍ଚଥର କରିବା ଉଚିତ୍ । ଜାଣିନଥିବା ଲୋକକୁ ମଧ୍ୟ ଏ ବିଷୟ ଜଣାଇବା ଉଚିତ୍ । ଏଭଳି ଆମେ ଉପଯୁକ୍ତ ଆଚରଣ କରି ଅନ୍ୟମାନଙ୍କ ଦ୍ୱାରା କରାଇ ପାରିଲେ ଆମ ଆରାଧନା, ଭକ୍ତି ଉଚିତ୍ ମାର୍ଗରେ ରହିପାରିବ ।

*****

# ୩୦. କର୍ପୂର

ପୂର୍ବେ ଭକ୍ତମାନେ ଦେବାଳୟକୁ ଯାଇ ଘଣ୍ଟି ବଜାଇ, ନଡିଆ ଭାଙ୍ଗି, ହାତଜୋଡି ନମସ୍କାର କରିବା ପରେ କର୍ପୁର ଜଳାଇ ପ୍ରତିମା ନିକଟରେ ରଖୁଥିଲେ । ଏହି ଆଚରଣର ଅର୍ଥ ହେଉଛି ! ରଙ୍ଗ, ରୂପ, ଗୁଣ ଥିବା ମୋତେ ଜ୍ଞାନାଗ୍ନି ଦ୍ୱାରା ଜଳାଇ ତୋଠାରେ ମିଶାଇ ଦେ, ନାମକ ଭାବ ପ୍ରଦର୍ଶନ କରିବା । ଏହି ଭାବକୁ ଆମେ କର୍ପୁରରୁ ଦେଖିଲେ କର୍ପୁରର ରୂପ ଥାଏ, ରଙ୍ଗ ଥାଏ, ବାସନା (ଗୁଣ) ମଧ୍ୟ ଥାଏ । ଆରତି ସମୟରେ ଏହି କର୍ପୁରକୁ ଜଳାଇ ପ୍ରତିମାକୁ ଦର୍ଶାଇଦେଇ ପ୍ରତିମା ସମ୍ମୁଖରେ ରଖାଯାଏ । ଆମେ ଏହି ଦୃଶ୍ୟ ଦେଖୁ ଦେଖୁ ତାହା ଅଗ୍ନିରେ ଜଳି ଶୂନ୍ୟରେ ମିଶିଯାଏ । ରଙ୍ଗ, ରୂପ, ବାସନା ଥିବା କର୍ପୁର ଅଗ୍ନି ଦ୍ୱାରା ଜଳି ଶୂନ୍ୟରେ ମିଶିଯିବା ପରେ ତା'କୁ ଖୋଜିଲେ ମଧ୍ୟ ସେଠାରେ ଆଉ କର୍ପୂର ଦେଖିବାକୁ ମିଳେ ନାହିଁ । କର୍ପୁର ଜଳାଇ ଈଶ୍ୱରଙ୍କୁ ଦେଖାଇବାରେ ମଧ୍ୟ ଏତେକଥା ଅଛି ବୋଲି ଜାଣିନଥିବା ଲୋକମାନେ ପୂଜା ସରିଯିବା ପରେ ସାଙ୍ଗେ ସାଙ୍ଗେ ମଙ୍ଗଳଆରତି ନେବା ପାଇଁ କର୍ପୁର ନଚେତ ଶଳିତା ଜଳାଇ ଆରତି ଗ୍ରହଣ କରିଥା'ନ୍ତି । ଜଳୁଥିବା ଅଗ୍ନିକୁ ହାତ ବଢାଇ, ମୋର ଅମୂକ କାମନା ପୂରଣ ହୋଇଯାଉ ନାମକ ଭାବ ରଖି ଆଖିରେ ସେହି ହାତକୁ ଲଗାଇଥା'ନ୍ତି । ଏହା ଉଚିତ୍ ପଦ୍ଧତି ନୁହେଁ । ଜ୍ଞାନୀମାନେ ସେମାନଙ୍କ ଭିତର ଭାବକୁ ବାହ୍ୟତଃ ଦେଖାଇବାପାଇଁ ଶୂନ୍ୟରେ ଐକ୍ୟ ହୋଇପାରୁଥିବା କର୍ପୁର ଜଳାଉଥିଲେ, କିନ୍ତୁ ଆଜି ଯଦି କର୍ପୁର ନାହିଁ ତେବେ ଶୂନ୍ୟରେ ଐକ୍ୟ ହୋଇପାରୁ ନଥିବା ସଳିତାରେ ଆରତି ଦେବା ଉଚିତ୍ ପଦ୍ଧତି କିପରି ହେବ ? ଯଦି କର୍ପୁର ନାହିଁ ତେବେ ସାଧା ନମସ୍କାରରେ ପୂଜା ସମାପ୍ତ କରିବା ଭଲ, ହେଲେ ସେଭଳି ଅର୍ଥହୀନ ଆଚରଣରେ କୌଣସି ପ୍ରୟୋଜନ ନଥାଏ । ପୂର୍ବଜମାନେ ଏସବୁ ଆଚରଣର ଅର୍ଥ ଜାଣି ଆଚରଣ କରିବା ଦ୍ୱାରା ଜାଣି ନଥିବା ଲୋକମାନେ ସେମାନଙ୍କଠାରୁ ଜାଣି ଉଚିତ୍ ଆଚରଣ କରୁଥିଲେ । ଉପଯୋଗୀତାକୁ ବୁଝି ଭିତର ଭାବ ସୁଦୃଢ କରୁଥିଲେ । କାଳକ୍ରମେ

ସବୁ ଭୁଲିଯାଇଛନ୍ତି । ଆଜିର କାଳରେ କିଛି ଜଣାନଥିଲେ ମଧ୍ୟ, ଜାଣିଥିବା ଲୋକମାନେ କହିବା ବେଳେ ସେମାନଙ୍କ କଥା ଏକାନରେ ନେଇ ସେ କାନରେ ବାହାର କରିଦେଉଛନ୍ତି ।



**କର୍ପୂର**

ପୂର୍ବେ ଅଗ୍ନି ଦ୍ୱାରା ଜଳିଯାଉଥିବା କର୍ପୁରକୁ ପୂଜା ଶେଷରେ ଜଳାଇ ତାହାକୁ ଦେଖୁଥାଇ ଜଳିବା ପର୍ଯ୍ୟନ୍ତ ମୌନ ହୋଇ ବସୁଥିଲେ । ଆମେ ଏଇଭଳି ଜ୍ଞାନ ନାମକ ଅଗ୍ନି ଦ୍ୱାରା ଜଳି ଅଣୁଅଣୁରେ ବ୍ୟାପୀଥିବା ଦୈବରେ ମିଶିଯିବାକୁ ଇଚ୍ଛା କରୁଛୁ ବୋଲି ଭାବ ରଖି କର୍ପୁର ଆରତି ଜଳି ସଂପୂର୍ଣ୍ଣ ନିଖୋଜହେବା ପର୍ଯ୍ୟନ୍ତ ମୌନ ରହୁଥିଲେ । ଶୁଭ ଭାବନା ଥିବାରୁ ଏହି ଆଚରଣକୁ "ମଙ୍ଗଳ ଆରତି" କୁହାଯାଏ । ମଙ୍ଗଳଆରତି ଉପରେ ହାତ ରଖି କେତେକ ନମସ୍କାର କରିଥା'ନ୍ତି । ଆଉ କେତେକ ଦୁଇହାତ ରଖି ଦୁଇହାତକୁ ନେଇ ମୁହଁରେ ବା ଆଖିରେ ଲଗାଇଥା'ନ୍ତି, ଆରତି ହେଉଥିବା ସମୟରେ ଘଣ୍ଟି ମଧ୍ୟ ବଜାଇଥା'ନ୍ତି । ପୂର୍ବେ ଏଭଳି ଆରତି ଉପରେ ଦୁଇ ହାତ ରଖି ଦୁଇହାତକୁ ନେଇ ମୁହଁରେ ବା ଆଖିରେ ଲଗାଇବା, ନମସ୍କାର କରିବା, ଘଣ୍ଟି ବଜାଇବା ନିଷିଦ୍ଧ ଥିଲା ।

ମଙ୍ଗଳଆରତି ଜଳୁଥିବା ସ୍ଥାନରୁ ଯେତେ ଦୂରରେ ଥିଲେ ମଧ୍ୟ ତାହାକୁ ମୌନରହି ଦର୍ଶନ କରୁଥିଲେ । ଆରତିକୁ ହାତ ବଢାଇ ସଂକଳ୍ପ କରିବା ସଦୃଶ ମାତ୍ର ଗୋଟିଏ ହାତ ବଢାଇ ଭାବ ଗ୍ରହଣ କରୁଥିଲେ । ପୂର୍ବେ ଆତ୍ମଜ୍ଞାନ ଜାଣିଥିବା ଲୋକମାନେ ମଧ୍ୟ ଏହି ଆରତିକର୍ପୁର ଭଳି ମୁଁ ଶୁନ୍ୟରେ ମିଶିଯିବାକୁ ଶତଚେଷ୍ଟା କରିବି ବୋଲି ଶପଥ ନେଉଥିଲେ । ପୂଜାରେ ଏହି ଶପଥ ନେଇ ସେମାନେ ଚୂପ୍ ରହୁନଥିଲେ, ତଦନୁଗୁଣ ଚେଷ୍ଟା ମଧ୍ୟ କରୁଥିଲେ । ପୂର୍ବର ଏହି ଭାବ କାଳକ୍ରମେ ହଜିଯିବା ପରେ ଏଥିରେ ହୁଏତ କିଛି ଲାଭ ଥାଇପାରେ ବୋଲି ଭାବ ନେଇ ଆଜି ଆରତି ଉପରେ ହାତ ରଖିଥା'ନ୍ତି । ସେତେବେଳେ ମୁଁ ଦୈବମାର୍ଗରେ ସୁଦୃଢ ହୋଇ ଚାଲିବି ବୋଲି ଶପଥ ନେଉଥିଲେ, କିନ୍ତୁ ଆଜିର ମାନବ ଜାଣିନପାରି ନିଜ ଇଚ୍ଛା ଅନୁସାରେ ଭାବନା କରିବା ସାର ହୋଇଛି । ଏବେ ବି ସମୟ ଅଛି ଯଦି ଆରତି ଦେଉଛନ୍ତି ତେବେ ସଳିତା ନଜାଳି କିମ୍ବା ଆଉକିଛି ନଜାଳି କେବଳ କର୍ପୁର ଜଳାନ୍ତୁ ଏବଂ ଜଳୁଥିବା କର୍ପୁର ଆରତି ଉପରେ ଆପଣଙ୍କ ଦକ୍ଷିଣହସ୍ତ ରଖି ମୁଁ ଏହିଭଳି ଜ୍ଞାନାଗ୍ନିରେ ଦହିତ ହୋଇ କର୍ପୁର ଶୂନ୍ୟରେ ମିଶିଯିବା ଭଳି ଶୂନ୍ୟସ୍ୱରୂପ ପରମାତ୍ମାରେ ଐକ୍ୟ ହେବି ବୋଲି ଶପଥ ନିଅନ୍ତୁ ।

*****

# ୩୧. ଗୋବିନ୍ଦ

### (ଅଧିକାଂଶ ଦକ୍ଷିଣଭାରତରେ ଏହି ଶବ୍ଦର ଉଚ୍ଚାରଣ ରହିଥାଏ ।)

ତିଲକ ଚିହ୍ନ ପିନ୍ଧିଥିବା ପ୍ରତିମା ମନ୍ଦିରରେ ଗୋବିନ୍ଦା.. ଗୋ..ବିନ୍ଦା ବୋଲି ଭକ୍ତମାନେ ଗହଳି କରିଥା'ନ୍ତି । ସମସ୍ତେ ଗୋବିନ୍ଦ ଗୋ..ବିନ୍ଦା ବୋଲି ଶବ୍ଦ କରିଥା'ନ୍ତି । ଏହା ବିଶେଷ କରି ତିରୁପତି ଦେବାଳୟରେ

ଅଧିକ ଦେଖିବାକୁ ମିଳିଥାଏ । ଅନ୍ୟ ମନ୍ଦିରଗୁଡିକରେ ମଧ୍ୟ ଭଜନ କରିବା, ଭଜନ ଶେଷ ହୋଇଯିବା ପରେ ଗୋବିନ୍ଦା କହିବା ଶୁଣିବାକୁ, ଦେଖିବାକୁ ମିଳେ । ସେହିଭଳି ଜଣେ ମଣିଷ ମୃତ୍ୟୁବରଣ କରିବାବେଳେ, ତାର ଶବକୁ ବୋହିନେବା ବେଳେ, ଏହି ଗୋବିନ୍ଦା ଗୋ..ବିନ୍ଦା କହିଥା'ନ୍ତି । ଜଣେ କିଛି ହରାଇଦେବା ବେଳେ, କେହି ଜୁଆରେ ଧନ ହାରିଦେବା ବେଳେ, କିଛି ନଷ୍ଟ ହୋଇଯିବା ବେଳେ ବା କେହି ଖାଲିହାତ ହୋଇଯିବା ବେଳେ ଏହି ଗୋବିନ୍ଦା ଗୋ..ବିନ୍ଦା ପଦ ଉଚ୍ଚାରଣ କରିଥା'ନ୍ତି । ଗୋବିନ୍ଦା ଶବ୍ଦ ଶେଷ ବା ଅନ୍ତ ସମୟକୁ ସୂଚିତ କରିଥାଏ । ଏହା ପୂର୍ବେ ପ୍ରଚଳିତ ଥିଲା ଆଜି ମଧ୍ୟ ଅଛି । ମନ୍ଦିରକୁ ଯାଇ ମଧ୍ୟ ଏହି ଗୋବିନ୍ଦା ଶବ୍ଦ କହିଥା'ନ୍ତି । ଏହି ଗୋବିନ୍ଦ ବା ଗୋବିନ୍ଦା ଶବ୍ଦଟି ଈଶ୍ୱରଙ୍କର ଏକ ନାମ ବୋଲି ସମସ୍ତେ ଭାବିଥାନ୍ତି, କିନ୍ତୁ ଏହାଏକ ନାମ ନୁହେଁ, ଅନ୍ତ ବା ସମାପ୍ତ ସ୍ଥିତିକୁ ସୂଚିତ କରୁଥିବା ଏକ ଶବ୍ଦ ।  ପୂର୍ବେ ଯେଉଁମାନେ ଦେବାଳୟରେ ପ୍ରବେଶ କରୁଥିଲେ ସେମାନେ ପୂଜା ସମାପ୍ତହେବା ପରେ ଗୋବିନ୍ଦା କହୁଥିଲେ । ପୂର୍ବର ଜ୍ଞାନୀମାନେ ମୋର ସମସ୍ତ କର୍ମ ବିନାଶ ହୋଇ ଶୁନ୍ୟ ସ୍ଥିତି ସୃଷ୍ଟି ହେଉ ବୋଲି ଜଣାଇବାପାଇଁ ଏହି ସମାପ୍ତ, ବିନାଶ ବା ଅନ୍ତକୁ ସୂଚାଉଥିବା ଗୋବିନ୍ଦା ଶବ୍ଦ କହୁଥିଲେ । ଗୋବିନ୍ଦା କହିବାରେ ଏ ଦୁନିଆରୁ ମୋର ସବୁକିଛି ସମାପ୍ତ ହୋଇଯାଉ ଅର୍ଥାତ୍ ମୋର ସମସ୍ତ କର୍ମ ସମାପ୍ତ ହୋଇଯାଉ ବୋଲି ସେମାନେ ନିଜର ଭାବକୁ ବ୍ୟକ୍ତ କରୁଥିଲେ ସିନା, ଏହା ଈଶ୍ୱରଙ୍କର ଏକ ନାମ ନୁହେଁ ବୋଲି ଜାଣିବା ଉଚିତ୍ ।

ଏହି ଗୋବିନ୍ଦା ଶବ୍ଦ ଥରେ ନକହି ଯେଉଁଠି ବି କୁହାଯାଉ ଗୋବିନ୍ଦା ଗୋ.. ବିନ୍ଦା ବୋଲି ଦୁଇଥର କହିଥା'ନ୍ତି । ଏହି ଶବ୍ଦ ଦୁଇଥର ଉଚ୍ଚରିତ ହେବାରେ ଶବ୍ଦ ଶବ୍ଦ ଭିତରେ କିଛି ଭିନ୍ନତା ଥିବା ଜଣାଯାଏ । ଦକ୍ଷିଣରେ ସମସ୍ତେ ଆକାର ଯୋଗକରି ଗୋବିନ୍ଦା କହିବା ବେଳେ ଅନ୍ୟମାନେ କେବଳ ଗୋବିନ୍ଦ କହିଥା'ନ୍ତି ।  ଏଭଳି ଗୋବିନ୍ଦ ହେଉ ବା ଗୋବିନ୍ଦା ହେଉ

ସମସ୍ତେ ଦୁଇଥର କହିଥା'ନ୍ତି । ପ୍ରଥମଥର କହିବା ବେଳେ ଗୋବିନ୍ଦା.. .. ବୋଲି ଶେଷରେ ଦୀର୍ଘଶ୍ୱର ବା ଆକାର ଲମ୍ବି ରହିଥାଏ, କିନ୍ତୁ ଦ୍ୱିତୀୟ ଥର କହିବା ବେଳେ ଗୋ.. ..ବିନ୍ଦା ବୋଲି କହିବାରେ ବିଶେଷତା ମଧ୍ୟ ରହିଛି । ବାସ୍ତବରେ ଗୋବିନ୍ଦା ଶବ୍ଦର ଅର୍ଥ ଗୋଟିଏ ହୋଇଥିବା ବେଳେ ତାହାକୁ ଦୁଇଥର କାହିଁକି କହିଥା'ନ୍ତି ? ପ୍ରଶ୍ନ ଆସେ । ତା'ଛଡା ପ୍ରଥମ ଥର ଉଚ୍ଚାରଣ କରିବାରେ ଏବଂ ଦ୍ୱିତୀୟ ଥର ଉଚ୍ଚାରଣ କରିବାରେ କ'ଣ ବିଶେଷତା ଥାଇପାରେ ? ଜବାବ ଖୋଜିଲେ ଏହି ଶବ୍ଦ କୃତ୍ (ସତ୍ୟ) ଯୁଗର । ପୂର୍ବେ ମହର୍ଷିମାନେ ମଧ୍ୟ ଏହି ଶବ୍ଦ ଉଚ୍ଚାରଣ କରୁଥିବା ଜଣାଯାଏ, ଅର୍ଥାତ୍ ସେ କାଳର ଜ୍ଞାନୀମାନେ ଏହି ଶବ୍ଦର ଅର୍ଥ ଅନୁସାରେ ଉଚ୍ଚାରଣ କରିବାବେଳେ ଥରେ ନୁହେଁ ଏଭଳି ଦୁଇଥର, ଦୁଇ ପ୍ରକାରର କହିବା ଉଚିତ୍ ବୋଲି ଜଣାଇଥିଲେ । ସେଦିନ ସେମାନେ ଯାହା ସବୁ କରିଥିଲେ ସେଥିରେ ଭବିଷ୍ୟତରେ ଲୋକମାନେ କିପରି ଆତ୍ମାଜ୍ଞାନ ଜାଣିପାରିବେ ସେହିଭଳି ବିଚାର କରିଥିଲେ । ଶାଶ୍ୱତ ଜ୍ଞାନବୋଧ କରୁଥିବା ସେଦିନର ମହାମହିମମାନେ ଏଥିରେ କି ଉଦ୍ଦେଶ୍ୟ ରଖିଥିଲେ ସେହିମାନଙ୍କୁ ହିଁ ପଚାରି ବୁଝିବାକୁ ହେବ ।

ଗୋବିନ୍ଦା ନାମକ ଶବ୍ଦରେ ନାହିଁ ବା ଶେଷ ହୋଇଗଲା ନାମକ ଅର୍ଥକୁ ରଖାଯାଇଥିଲା । ଜାଣିଥିବା ଲୋକେ ହୁଅନ୍ତୁ ଜାଣିନଥିବା ଲୋକେ ହୁଅନ୍ତୁ ଆଜି ଶବକୁ ଶ୍ମଶାନ ନେବାବେଳେ ଏହି ଶବ୍ଦ ଉଚ୍ଚାରଣ କରି ନେଉଛନ୍ତି । ଜଣାନଥିବା ଲୋକମାନେ ମଧ୍ୟ ଏହି ଶବ୍ଦର ଉଚ୍ଚାରଣ କରିବା ବିଷୟକୁ ଦେଖି ବିଚାର କରି, ଏହା ବାସ୍ତବ କଥା ବୋଲି ଜାଣିପାରିବେ । ସେହିଭଳି ଅନ୍ୟ ସନ୍ଦର୍ଭଗୁଡିକରେ କାହା ପାଖରୁ କିଛି ଶେଷ ହୋଇଯିବା ବେଳେ, କିଛି ହାତରୁ ଖସି ଭାଙ୍ଗିରୁଜି ଯିବାବେଳେ ହେଉ, ସବୁ ସର୍ବନାଶ ହୋଇଗଲା ବୋଲି କହିବା ବଦଳରେ ଗୋବିନ୍ଦା ଶବ୍ଦ ବ୍ୟବହାରରୁ ତା'ର ଅର୍ଥ ସମାପ୍ତ ସୂଚକ ବୋଲି ଜାଣିହୁଏ । ଏଭଳି ନାନା ସନ୍ଦର୍ଭରେ ଏହି

ଶବ୍ଦକୁ ବ୍ୟବହାର କରିବା ସହିତ ମନ୍ଦିରରେ ମଧ୍ୟ କହିଥା'ନ୍ତି । ସେଦିନ ଦୈବସନ୍ନିଧିରେ ମୋର ଏ ଜଗତ ଆଉ ଆବଶ୍ୟକ ନାହିଁ, ସବୁ ଶେଷ ହୋଇଯାଇଛି ବୋଲି ଭାବରେ ଗୋବିନ୍ଦା.. କହୁଥିଲେ । ସେହିଭଳି ଶରୀର ଭିତରେ ଲାଗି ରହିଥିବା କର୍ମ ମଧ୍ୟ ମୋର ଆଉ ନାହିଁ ବୋଲି ଜଣାଇ ଗୋ..ବିନ୍ଦା କହୁଥିଲେ । ଅର୍ଥାତ୍ ମୋର ଆଉ ବାହ୍ୟତଃ ଥିବା କୌଣସି ଜିନିଷ ଉପରେ ଆଶାଦି ଗୁଣ ନାହିଁ, ସେହିଭଳି ଶରୀରାନ୍ତର୍ଗତ ଭାବରେ ବାନ୍ଧିଦେଉଥିବା କର୍ମ ମଧ୍ୟ ଆଉ ନାହିଁ, ସବୁକୁ ମୁଁ ଶେଷ କରିଦେଇଛି ବୋଲି ଗୋବିନ୍ଦା.. ଗୋ..ବିନ୍ଦା ବୋଲି ଟିକିଏ ଉଚ୍ଚାରଣ ଭେଦରେ କହି ଜଣାଉଥିଲେ । ତା'ଛଡା ଆଉ ଟିକିଏ ଗଭୀର ଅର୍ଥରେ ବାହ୍ୟ ସମ୍ବନ୍ଧ ନଥିବା ବ୍ରହ୍ମଯୋଗ, ଭିତର ସମ୍ବନ୍ଧୀୟ ହୋଇଥିବା କର୍ମଯୋଗକୁ ମୁଁ ଆଚରଣ କରୁଛି ନାମକ ଅର୍ଥରେ ବାହ୍ୟତଃ ଥରେ ଗୋବିନ୍ଦା କହି, ଶେଷରେ ଆଉଥରେ ଗୋବିନ୍ଦା କହୁଥିଲେ ।

ଦୁଇଟିଯାକ ଯୋଗ ହେଲେ ମଧ୍ୟ ସେ ଦୁଇ ଯୋଗରେ କିଛି ଭିନ୍ନତା ରହିଛି । ତେଣୁ ଗୋବିନ୍ଦା କହୁଥିବା ପାତ୍ର ମଧ୍ୟ ଟିକିଏ ଭିନ୍ନ ଉଚ୍ଚାରଣରେ ଗୋବିନ୍ଦା ଶବ୍ଦ ଦୁଇଥର କହିବା ଉଚିତ୍ ବୋଲି ଜଣାଇଥିଲେ । ଉଭୟ ପଦ୍ଧତିରେ ମୋର ଆଉ କର୍ମ ନାହିଁ ନାମକ ବିଧାନ ଥିଲେ ମଧ୍ୟ ତାହା ଅଲଗା ଅଲଗା ବୋଲି ଥରେ କହିବାବେଳେ ଶବ୍ଦ ଶେଷରେ ଦୀର୍ଘ ଯୋଗକରି, ଦ୍ୱିତୀୟଥର କହିବାବେଳେ ମଝିରେ ଦୀର୍ଘ ଯୋଗକରି କହୁଥିଲେ । ଏହିଭଳି ଦୁଇ ଯୋଗରେ କିଛି ଭିନ୍ନତା ଥାଏ ବୋଲି ସମସ୍ତେ ଜାଣିପାରିବା ଭଳି କହୁଥିଲେ, ତାହା ଆଜି ଅର୍ଥରହିତ ହୋଇଯାଇଛି । କହୁଥିବା ଲୋକମାନଙ୍କୁ ମଧ୍ୟ ଏହାର ଅର୍ଥ ଜଣା ନଥିବାରୁ ସେଥିରେ କି ଜ୍ଞାନ ରହିଛି ସମସ୍ତଙ୍କୁ ଅଜଣା ରହିଯାଇଛି, ଶବ୍ଦର ମୂଲ୍ୟ ହିଁ ନାହିଁ । ଅର୍ଥ ନଥାଇ ଆଜି ମଧ୍ୟ ସେହି ଆଚରଣ ବଳକା ରହିଛି । ଆଜି ଆମେ ଆମ ଗୁରୁଙ୍କ ପାଖରୁ ସବୁ ଜାଣିଯାଇଛୁ, ଆମ ଗୁରୁଙ୍କୁ ଜଣାଥିବା ଜ୍ଞାନ କାହାକୁ ଜଣା ନାହିଁ,

ଆମ ଗୁରୁ ଅତି ମହାନ, ଗୁରୁ କହୁଥିବା ଜ୍ଞାନକୁ ଆମେ ଅନେକ ବର୍ଷରୁ ଶିଖିସାରିଛୁ କହୁଥିବା ଲୋକମାନଙ୍କୁ ପଚାରିଲେ ମଧ୍ୟ ଏହି ଗୋବିନ୍ଦା ଶବ୍ଦର ଅର୍ଥ, କିମ୍ବା ଦୁଇଥର କାହିଁକି କହିଥା'ନ୍ତି ବୋଲି ପଚାରିଲେ ତା'ର ଜବାବ ସେମାନଙ୍କ ପାଖରେ ନଥାଏ । ତେଣୁ ସେମାନେ ସଂପୂର୍ଣ୍ଣ ଜ୍ଞାନୀ ହୋଇପାରି ନାହାନ୍ତି ବୋଲି ଜଣାଯାଉଛି । ସେଥିଲାଗି ବାସ୍ତବ ଜ୍ଞାନକୁ ଜାଣି ଉଚିତ୍ ଆଚରଣ କରନ୍ତୁ ବୋଲି ଆଶା କରୁଛୁ ।

*****

# ୩୭. କୋନେରୁ (ପୁଷ୍କରିଣୀ)

ଦେବାଳୟଗୁଡିକ ପ୍ରାୟ ନଦୀକୂଳରେ ନିର୍ମାଣ କରୁଥିଲେ । ନଚେତ ଯଦି ନଦୀ ନାହିଁ ଦେବାଳୟ ନିକଟରେ ପୁଷ୍କରିଣୀ (ପୋଖରୀ ବା ସରୋବର) ଖୋଳୁଥିଲେ । କୌଣସିମତେ ଦେବାଳୟ ପାଖାପାଖି ହେଉ, ଦେବାଳୟକୁ ଲାଗି ରହିଥାଉ, ଦେବାଳୟ ନିକଟରେ ହେଉ ଜଳାଶୟ ନିଶ୍ଚୟ ରହିଥିଲା । ଏହିଭଳି ନଦୀ, ପୋଖରୀ ଇତ୍ୟାଦି ଜଳାଶୟ ନିକଟରେ ଦେବାଳୟ ରହିବା ସାଧାରଣ କଥା ହୋଇଥିଲେ ମଧ୍ୟ ଦକ୍ଷିଣଭାରତରେ ଥିବା ପୂଜା ବିଧାନ କେତେକ କ୍ଷେତ୍ରରେ ସମସ୍ତଙ୍କଠାରୁ ସ୍ୱତନ୍ତ୍ର ଥିବା ଜଣାଯାଏ । ସବୁ ଦେବାଳୟରେ ନହେଲେ ମଧ୍ୟ ଅନୁକୂଳ ଥିବା କେତେକ ଦେବାଳୟରେ ପ୍ରତିବର୍ଷ କୌଣସି ଏକ ସମୟରେ ମନ୍ଦିରର ପ୍ରତିମା ପାଇଁ ଏକ ଡଙ୍ଗା ତିଆରି କରି ସେଥିରେ ଆରାଧ୍ୟକୁ ବସାଇ, ପାଖରେ ଥିବା ନଦୀ କିମ୍ବା ଖୋଳି ତିଆରି କରିଥିବା ପୋଖରୀର ଏ କୂଳରୁ ସେ କୂଳକୁ ପାରିକରାଇ ଏହାକୁ "ତେପ୍ପ ଉତ୍ସବ" ଭାବରେ ପାଳନ କରିଥା'ନ୍ତି । (ତେପ୍ପ ଉତ୍ସବ କହିଲେ ନାବରେ ଭ୍ରମଣ କରାଇବା ଉତ୍ସବ) ସେମାନେ ଯାହା ବି କରନ୍ତୁ ଦେବାଳୟର ପୂଜା ବିଧିରେ ପରମାର୍ଥକୁ

ଖଞ୍ଜିଥିଲେ ବଡମାନେ । ସେଦିନ ସେହିମାନେ ଶିଖାଇଥିବା ଆଚରଣକୁ ଆମେ ଅଦ୍ୟାବଧି ଆଚରଣରେ ଆଣୁଥିଲେ ମଧ୍ୟ, ସେଦିନ ବଡମାନଙ୍କର ଉଦ୍ଦେଶ୍ୟ ସବୁକ୍ଷେତ୍ରରେ ଭିନ୍ନ ଥିଲା ଆଉ ଆଜି ତାହା ବଦଳି କେବଳ ଆଚରଣ ବଳକା ରହିଯାଇଛି । ସେହି ଅନୁସାରେ ଏହି ତେପ୍ପ ଉତ୍ସବରେ ମଧ୍ୟ ନିଶ୍ଚୟ କିଛି ପରମାର୍ଥ ରହିଥିଲା ଯାହା ଆଜି କେହି କହିପାରୁ ନାହାନ୍ତି । ଏବେ ସେହି ବାବଦରେ ସଂକ୍ଷେପରେ କିଛି ଜାଣିବା । ଏହି ତେପ୍ପ ଉତ୍ସବ ଲିଙ୍ଗ ପାଇଁ କରିବା ଉଚିତ୍ ନୁହେଁ, ରୂପଥିବା ଦୈବପ୍ରତିମା ପାଇଁ କରାଯାଏ, କାରଣ ! ପରମାତ୍ମା ଭଗବାନ ହୋଇ ଜନ୍ମ ହେବାବେଳେ ଗୁଣଗୁଡିକ ଦ୍ୱାରା ନାନା ପ୍ରକାରର ଭଲମନ୍ଦ କାର୍ଯ୍ୟ କରି ମଧ୍ୟ କର୍ମ ବନ୍ଧନରେ ନପଡିବା ଭଳି ରହିଥା'ନ୍ତି । ମୁଁ ଏହିଭଳି ରହିଛି ତୁମେମାନେ ମଧ୍ୟ ଗତଜନ୍ମର କର୍ମ ଦ୍ୱାରା ସମ୍ଭବ ହେଉଥିବା ସମସ୍ତ କାର୍ଯ୍ୟ କରୁଥାଇ ମୋଭଳି କର୍ମବନ୍ଧନରେ ନପଡି ରହିବା ଉଚିତ୍ ବୋଲି ଗୀତାରେ କହିଛନ୍ତି । ଏହି ଭାବ ହିଁ ତେପ୍ପ ଉତ୍ସବରେ ଥିବା ଜଣାଯାଏ । କଳୁଷ ଜଳଧିକୁ ମଧ୍ୟ ଛୋଟ ନଉକା ଦ୍ୱାରା ପାର ହୋଇପାରିବା । ସେହିଭଳି କର୍ମ ନାମକ ସମୂଦ୍ରକୁ ଜ୍ଞାନନୌକା ଦ୍ୱାରା ପାର ହୋଇପାରିବା ବୋଲି ନାବଭ୍ରମଣ ଉତ୍ସବରେ ଲୁଚି ରହିଥିବା ଜ୍ଞାନକୁ ଦେଖାଉଥିଲେ । ଭଗବାନ ମଧ୍ୟ ଗୁଣରେ ବିଚରଣ କରିଥା'ନ୍ତି, ସେ ଗୁଣ ଦ୍ୱାରା ଆସୁଥିବା କର୍ମକୁ ତାଙ୍କ ଜ୍ଞାନ ଦ୍ୱାରା ଅତିକ୍ରମ କରିଥା'ନ୍ତି ବୋଲି ଦେଖାଇବା ହିଁ ଏହି ଉତ୍ସବ । ସେହିଭଳି ଆମେମାନେ ମଧ୍ୟ ଆମ ଜୀବନରେ ଜ୍ଞାନ ଦ୍ୱାରା କର୍ମକୁ ଅତିକ୍ରମ କରିପାରିବା ବୋଲି ଭାବ ରଖି କର୍ମକୁ ବିନାଶ କରିପାରୁଥିବା ଜ୍ଞାନ ଅର୍ଜନ କରିବା ଉଚିତ୍ । ଉତ୍ସବର ଜ୍ଞାନ ଏଭଳି ରହିଥିଲେ ମଧ୍ୟ ଆଜି ଅନେକ ମନ୍ଦିର ପାଖରେ ପୋଖରୀଟିଏ ନାହିଁ । କେତେକ ମନ୍ଦିର ପାଖରେ ପୋଖରି ଥିଲେ ମଧ୍ୟ ଏହି ଉତ୍ସବ ପାଳନ କରନ୍ତି ନାହିଁ । ଏହି ପରମ୍ପରା ସେ କାଳରେ ଅର୍ଥ ସମେତ ଥିଲା । ଆଜି ପରମ୍ପରା ବିରୁଦ୍ଧ ଭାବରେ, ଅର୍ଥହୀନ ଭାବରେ କେତେକାଞ୍ଚଳରେ

ହେଉଛି । ଏହା ଦେଖିବାକୁ ଗଲେ ତିରୁପତି ଦେବାଳୟରେ ଏହି ଉତ୍ସବ ପାଳିତ ହେଉଛି । ଏତେ ବଡ ମନ୍ଦିରରେ ଏହି ଉତ୍ସବ ପାଳିତ ହେଉଥିଲେ ମଧ୍ୟ ତା'ର ଭାବ କେହି ନଜାଣିବା ବଡ ଦୁଃଖର ବିଷୟ ।

*****

## ୩୩. ନଗର ଭ୍ରମଣ (ଗାଆଁବୁଲା)

ମନ୍ଦିରରେ ଥିବା ପ୍ରତିମାକୁ ବର୍ଷକୁ ଥରେ ଥିବା ଗାଆଁରେ କିମ୍ବା ନଗରରେ ଭ୍ରମଣ କରାଇଥା'ନ୍ତି । ଗାଆଁ ଗହଳିରେ ଥିବା ଲୋକମାନେ ସମସ୍ତେ ମନ୍ଦିର ଯାଇପାରନ୍ତି ନାହିଁ । ସେମାନେ ମଧ୍ୟ ଈଶ୍ୱରଙ୍କୁ ଜାଣିବା ପାଇଁ ଈଶ୍ୱରଙ୍କ ପ୍ରତିମାକୁ ଗାଆଁରେ ଭ୍ରମଣ କରାଇଥା'ନ୍ତି । ଏହାକୁ ପୂର୍ବେ "ନଗର ଜଣାଣ' ବୋଲି କହୁଥିଲେ । ଆଜି ଗାଆଁବୁଲା, ନଗର କୀର୍ତ୍ତନ କିମ୍ବା ନଗରଭ୍ରମଣ କହୁଛନ୍ତି । ନଗର ଜଣାଣ ନାମଟି କାଳକ୍ରମେ ବଦଳି ନଗରଭ୍ରମଣ ହୋଇଯାଇଛି । ନଗର ଜଣାଣ କାର୍ଯ୍ୟ ଆଜି କୌଣସି ବାହାନ ଉପରେ ବସାଇ କରୁଛନ୍ତି । କୌଣସି ପ୍ରତିମାକୁ କୌଣସି ବାହାନରେ ବସାଇ ନାନା ଆଡମ୍ବରରେ ଗାଆଁବୁଲା (ନଗର ଜଣାଣ) କରାଉଥିଲେ ମଧ୍ୟ ସେଭଳି କୌଣସି ବାହାନ ଉପରେ ବସାଇ କରିବା ଉଚିତ୍ ନୁହେଁ । ଦୈବ ପ୍ରତିମାକୁ କୌଣସି ବାହାନ ଉପରେ ବସାଇ ଭ୍ରମଣ କରାଇବା ଦ୍ୱାରା ଈଶ୍ୱରଙ୍କର ନିଶ୍ଚୟ ବାହାନଟିଏ ଥାଏ ବୋଲି ଅର୍ଥ ବାହାରିବ, କିନ୍ତୁ ତାହା ଭୂଲ୍ । ଈଶ୍ୱର ଆମ ଶରୀରରେ ବସିଥା'ନ୍ତି, ଆମ ଶରୀରର ହିଁ ସେହି ବାହାନ, ଆମ ଶରୀରରେ ଈଶ୍ୱର ବିରାଜମାନ ହୋଇଥା'ନ୍ତି ବୋଲି ଜଣାଇ ମଣିଷ ଶରୀର ଉପରେ କିମ୍ବା କୌଣସି ଜନ୍ତୁ ଶରୀର ଉପରେ ବସାଇ ଦୈବପ୍ରତିମାକୁ ଗାଆଁ ବୁଲାଇଥା'ନ୍ତି । ପ୍ରତ୍ୟେକ ଶରୀରରେ ଈଶ୍ୱର ରହିଥା'ନ୍ତି, ସମସ୍ତଙ୍କ ଶରୀର ତାଙ୍କର ବାହାନ ଭାବରେ ରହିଛି ବୋଲି

ସମସ୍ତେ ମିଶି ପ୍ରତିମା ଆରୋହଣ କରିଥିବା ପାଲିଙ୍କିକୁ ବୋହିନେଇଥା'ନ୍ତି, ତା'ଛଡା ଶରୀରରେ ଆତ୍ମା ଭାବରେ ରହିଥିବା ଈଶ୍ୱରଙ୍କୁ ଜାଣିବାପାଇଁ ଚେଷ୍ଟାକଲେ ସେହି ଈଶ୍ୱର ଆମକୁ ଅଭୟ ଦେଇ ଆମ କର୍ମକୁ ଖଣ୍ଡନ କରୁଥିବା ଜ୍ଞାନଖଡ୍ଗ ପ୍ରଦାନ କରିଥା'ନ୍ତି ବୋଲି ପ୍ରତିମା ହସ୍ତରେ ଆୟୁଧ ଧରାଇଥା'ନ୍ତି । ସମସ୍ତଙ୍କଠାରେ ରହିଥିବା ଈଶ୍ୱର ଜଣେ, ସେହି ଈଶ୍ୱର ହେଉଛନ୍ତି ନିଜର ଆତ୍ମା, ସେହି ଆତ୍ମା ହିଁ ଶରୀରକୁ ପରିଚାଳିତ କରିଥା'ନ୍ତି ପ୍ରତ୍ୟେକ ଶରୀର ସେହି ଆତ୍ମାଙ୍କର ବାହାନ ହୋଇ ରହିଛି, ଯିଏ ଦେହ ନାମକ ରଥକୁ ଚଲାଇଥା'ନ୍ତି ସେ ହେଉଛନ୍ତି ଈଶ୍ୱର, ତାଙ୍କୁ ଜାଣିଗଲେ ତାଙ୍କ ହାତରେ ଥିବା ଜ୍ଞାନାୟୁଧ ଆମ କର୍ମକୁ ଜଳାଇଦେବ । ଏହି ବିଷୟ ଜଣାଇବା ପାଇଁ ପୂର୍ବର ବଡଲୋକମାନେ ଦୈବପ୍ରତିମାକୁ ନେଇ ଗାଆଁରେ କିମ୍ୱା ନଗରରେ ବୁଲାଇଥିଲେ । ଗାଆଁରେ ନଗରରେ ବୁଲାଇବା ବିଷୟକୁ "ଗାଆଁବୁଲା,ନଗରକୀର୍ତ୍ତନ,ନଗରଭ୍ରମଣ" ବୋଲି ନାଆଁ ଦେଇଛନ୍ତି ସିନା ଏହାକୁ "ନଗରଜଣାଣ' କହିବା ଯଥାର୍ଥ ହୋଇଥାଏ । କାରଣ! ଜାଣିନଥିବା ଲୋକମାନଙ୍କୁ ଜ୍ଞାନ ଜଣାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟ କରାଯାଇଥାଏ । ଏହି "ନଗରଜଣାଣ' କାର୍ଯ୍ୟ ଦ୍ୱାରା ଗ୍ରାମ ବା ସହରର ଛୋଟଠାରୁ ଆରମ୍ଭକରି ବୟୋବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଦୈବଙ୍କ ଉପରେ ଦୃଷ୍ଟି ଦେଇ ତାଙ୍କୁ କାହିଁକି ଏଭଳି ଭ୍ରମଣରେ ଆସିବାକୁ ପଡିଛି ନିଶ୍ଚୟ ଅଳ୍ପ ବହୁତ ଜାଣୁଥିଲେ । ସେଦିନର ଜ୍ଞାନୀମାନେ ହିଁ ଏହି ରୀତିକୁ ପରମ୍ପରାଗତ ଭାବରେ ସମାଜରେ ରଖି ନଗର ଜଣାଣରେ ଯିବା ବେଳେ, ଗାଆଁ କିମ୍ୱା ସହରରେ ଦୈବଜ୍ଞାନ ବାବଦରେ ଜଣାଉଥିଲେ । ନଗରଜଣାଣର ଉଦ୍ଦେଶ୍ୟ କ'ଣ ତାହାକୁ କହି କହି ଆଗକୁ ଯାଉଥିଲେ । ଆଜି ମଧ୍ୟ ଅନେକ ଲୋକେ ମନ୍ଦିରର ପ୍ରତିମାକୁ ନେଇ ଭ୍ରମଣ କରାଇଥା'ନ୍ତି । ତାହା ନଗରଭ୍ରମଣ ହୋଇପାରେ ସିନା ନଗର ଜଣାଣ ହୋଇପାରିବ ନାହିଁ । ସେମାନଙ୍କ କାର୍ଯ୍ୟରେ ଆଜି କିଛି ମଧ୍ୟ ଅର୍ଥ ନାହିଁ ବୋଲି ସମାଜରେ

ହେଉଥିବା ଆଚରଣରୁ ଆପଣମାନେ ଲକ୍ଷ୍ୟ କରିପାରୁଥିବେ । ଅର୍ଥ ଥିବା ଆଚରଣ ଆଉ ଅର୍ଥ ନଥିବା ଆଚରଣର ଭିନ୍ନତାକୁ ଜାଣି, ଏବେ ବି ଆମ ପାଖରେ ସମୟ ଅଛି ଭାବି ଈଶ୍ୱରଙ୍କ ବାହାନ, ଈଶ୍ୱରଙ୍କ ଆୟୁଧ କ'ଣ ଜାଣି ନଗରଜଣାଣ କାର୍ଯ୍ୟକ୍ରମରେ ଭାଗନେଇ ଆମେ ଦୈବସେବା କରିବା ଉଚିତ୍ ।

*****

# ୩୪. ଯାତରା

ବର୍ଷରେ ଥରେ ଯାତରା ନାମରେ ଏକ ବଡ ଉତ୍ସବ ପାଳନ କରିବା ଆମ ପରମ୍ପରା ହୋଇ ରହିଛି (ବିଶେଷତଃ ଦକ୍ଷିଣ ଭାରତରେ) । ଯାତରା ନାମକ ରହିଥିବା ଉତ୍ସବରେ ସେତେବେଳେ ଜ୍ଞାନୀମାନେ ଦୈବ ପ୍ରତିମା ଥିବା ମନ୍ଦିରକୁ ମନ୍ଦିର ପାଖା ପାଖି ବାସକରୁଥିବା ପାଖ ଗାଆଁଗଣ୍ଡାର ଲୋକମାନଙ୍କୁ ମଧ୍ୟ ଡକାଇ ଆତ୍ମଜ୍ଞାନ ବୋଧ କରୁଥିଲେ । ଏହା ଦ୍ୱାରା ବଡ ଜନସମାରୋହ ସୃଷ୍ଟି ହେଉଥିଲା । ସେହି ସମାରୋହରେ ପୂର୍ବର ଜ୍ଞାନୀମାନେ ଯେଉଁ ଜ୍ଞାନ କହୁଥିଲେ ତାହା ଶରୀରାନ୍ତର୍ଗତ ଆତ୍ମଜ୍ଞାନ ଥିଲା । କେତେକାଞ୍ଚଳରେ ଏହି ଯାତରାକୁ ତିରୁନାଲ କିମ୍ବା "ତିଲକ ଯାତ୍ରା' ବୋଲି କହୁଥିଲେ । ଏହି ଉତ୍ସବର ନାମ ଅନୁସାରେ ମୁଣ୍ଡରେ ଲଗାଯାଉଥିବା ତିଲକ ବାବଦରେ କହୁଥିଲେ । ଆଜି ତାହାକୁ ଆମେ ଯାତରା କହୁଥିଲେ ମଧ୍ୟ ଏହି ଯାତରାରେ ସେଦିନ ଆତ୍ମଜ୍ଞାନ କହିବାକୁ ଯାଇ, ତିଲକ ସମ୍ବନ୍ଧୀୟ ଜ୍ଞାନ କହୁଥିଲେ । ତିଲକର ଦୁଇ କଡରେ ଦୁଇଟି ଶ୍ୱେତ ରଙ୍ଗର ରେଖା ରହି ମଝିରେ ଏକ ନାଲି ରେଖା ରହିଥାଏ । ଏହା ଦୁଇ କଡର ଦୁଇ ରେଖା ଅପେକ୍ଷା ଲମ୍ବା ରହିବା ସହିତ ଊର୍ଦ୍ଧ୍ୱମୁଖି ହୋଇ କ୍ରମଶଃ ପତଳାହୋଇ ଶେଷରେ ତୀକ୍ଷ୍ଣହୋଇ ଆକାଶଦିଗକୁ ବ୍ୟାପୀଥାଏ ।

ଏହି ମଧ୍ୟରେଖାର ବିଶେଷତାକୁ ବିଶେଷ କରି ଜ୍ଞାନୀମାନେ ଯାତରାରେ ଲୋକମାନଙ୍କୁ ଡକାଇ କହୁଥିଲେ । ଏହାର ଭୌତିକ, ଅଭୌତିକ ନାମକ ଦୁଇ ପ୍ରକାରର ଅର୍ଥ ରହିଥାଏ । ଭୌତିକତଃ ଆମ ଶରୀରରେ ସାଢେତିନିଲକ୍ଷ ନାଡୀ ଭିତରୁ ମୁଖ୍ୟ ଭାବରେ ଥିବା ନାଡୀ କେତୋଟିକୁ ଚିହ୍ନିତ କଲେ ତନ୍ମଧ୍ୟରୁ ମାତ୍ର ତିନିଗୋଟି ନାଡୀ ଅତି ମୁଖ୍ୟ ନାଡି ଭାବରେ ରହିଥାଏ ବୋଲି ଜଣାଯାଏ, ତାହାକୁ ଇଡା, ପିଙ୍ଗଳା, ସୁଷୁମ୍ନା ବା ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମନାଡୀ କୁହାଯାଏ । ଏହି ତିନିନାଡୀର ସଂକେତ ହୋଇ ତିଲକ ଥାଏ । ତା'ଛଡା ଇଡା ପିଙ୍ଗଳା ନାଡୀ ଦୁଇଟିକୁ ଶ୍ୱେତ ରଙ୍ଗରେ ଟାଣି, ମଧ୍ୟରେ ଥିବା ରେଖାକୁ ସ୍ୱତନ୍ତ୍ର ରଙ୍ଗ ଅର୍ଥାତ୍ ନାଲି ରଙ୍ଗ ଦେଇ ଚିହ୍ନାଇ ଦିଆଯାଏ । ଏହି ନାଲି ରେଖାକୁ ଶରୀରର ଅତି ମୁଖ୍ୟ ହୋଇଥିବା ଆତ୍ମାର ସଂକେତ କୁହାଯାଏ । ଦୁଇ କଡରେ ଥିବା ଦୁଇ ନାଡୀରେ ମନ ନିବାସ କରିଥାଏ ଏବଂ ମଧ୍ୟ ନାଡୀରେ ଆତ୍ମା ନିବାସ କରିଥାଏ । ଯେଉଁମାନେ ବ୍ରହ୍ମନାଡୀକୁ ଆତ୍ମା ଭାବରେ ଚିହ୍ନିଥା'ନ୍ତି ସେମାନେ ତାହାକୁ ଜାଣିବା ଆମ ଜୀବନର ଲକ୍ଷ୍ୟ, ଆମ ଜୀବନ ସାରାଂଶ ବୋଲି ଭାବିଥା'ନ୍ତି । ଏହି ଆତ୍ମା ବାବଦରେ ବିଶେଷ ଜ୍ଞାନ ଜଣାଇବାପାଇଁ ବର୍ଷକୁ ଥରେ ମନ୍ଦିର ପରିଶର ଭିତରେ ଯାତରା ଏହି ଆୟୋଜନ ହେଉଥିଲା । ଆତ୍ମା ବାବଦ ରେ ସେମାନେ ପ୍ରଜାମାନଙ୍କୁ ଜଣାଇ ଜୀବନର ପ୍ରକୃତ ଲକ୍ଷ୍ୟକୁ ଚିହ୍ନାଇ ଦେଉଥିଲେ । ଏହି ଉତ୍ସବ ଆଜି ବି ରହିଛି । ପ୍ରାୟ ପ୍ରତ୍ୟେକ ମନ୍ଦିରରେ ହେଉଛି, ସତ, କିନ୍ତୁ ଆତ୍ମଜ୍ଞାନ ଜାଣିବା ଉଦ୍ଦେଶ୍ୟ ନେଇ କେହି ଆସନ୍ତି ନାହିଁ କି ଜଣାଇବା ପାତ୍ର କେହି ନଥା'ନ୍ତି । ଯାତରା କହିଲେ କଣ ତାହା ଆଜିର ଯାତରାକୁ ଦେଖି ବୁଝନ୍ତୁ, ସେଦିନର ଯାତରା ଉପରୋକ୍ତ ସଂଦେଶ ଅନୁସାରେ ହିଁ ଆୟୋଜିତ ହେଉଥିଲା,ତାହା ଆଜି ସମସ୍ତେ ଭୂଲିଯାଇଛନ୍ତି । ଏହା ଥିଲା ଯାତରାର ଭୌତିକ ଅର୍ଥ, ଅଭୌତିକ ଅର୍ଥ ମଧ୍ୟ ଥିଲା ବୋଲି ଜାଣିଥିଲେ, ଏବେ ତା ବାବଦରେ କିଛି ଜାଣିବା ।

ଶରୀରରେ ଜୀବାତ୍ମା, ଆତ୍ମା, ପରମାତ୍ମା ଭାବରେ ତିନିଗୋଟି ଆତ୍ମା ବାସ କରିଥା'ନ୍ତି । ସେହି ତିନି ଆତ୍ମା ଭିତରୁ ସାରା ଶରୀରରେ ବ୍ୟାପିରହିଥାଏ ଆତ୍ମା, ଶରୀରରେ ଥିବା ମୁଣ୍ଡର ଗୋଟିଏ କ୍ଷୁଦ୍ର ସ୍ଥାନରେ ରହିଥାଏ ଜୀବାତ୍ମା, କିନ୍ତୁ ଶରୀରରେ ଥିବା ପରମାତ୍ମା ସାରା ଶରୀରରେ ବ୍ୟାପୀ ରହିବା ଛଡା ଶରୀରର ବାହାରେ ମଧ୍ୟ ପ୍ରତ୍ୟେକ ବସ୍ତୁରେ ବ୍ୟାପୀ ରହିଥା'ନ୍ତି । କ୍ଷର ଏବଂ ଅକ୍ଷର ଭାବରେ ନାଆଁ ପାଇଥିବା ଜୀବାତ୍ମା, ଆତ୍ମା ସବୁବେଳେ ଏକତ୍ର ରହିଥା'ନ୍ତି । ସେଥିଲାଗି ସେ ଦୁହିଁଙ୍କୁ ଜୁଗଳାତ୍ମା ବା ଜୋଡିଆତ୍ମା କୁହାଯାଏ । ଏହି ଦୁଇ ଆତ୍ମାଙ୍କଠାରୁ ଉନ୍ନତ, ବଡ ଏବଂ ଭିନ୍ନ ଭାବରେ ଥାଆନ୍ତି ପରମାତ୍ମା । ସେଥିଲାଗି ତିଳକରେ ଥିବା ମଧ୍ୟରେଖାକୁ ଲମ୍ୱା କରି ଏକ ଭିନ୍ନ ରଙ୍ଗରେ ରଙ୍ଗେଇ ଦିଆଯାଏ । ଜୀବ ଏବଂ ଆତ୍ମାର ଲକ୍ଷ୍ୟସ୍ଥଳ ହେଉଛି ଏହି ମଧ୍ୟସ୍ଥଳ, ତେଣୁ ଏହାକୁ ମଝିରେ ରଖାଯାଇଛି । ଜୀବାତ୍ମା ଅତ୍ମା ଉଭୟ ମିଳିତ ହେବାବେଳେ ପରମାତ୍ମା ଭାବରେ ବଦଳି ଯାଇଥାନ୍ତି, ତେଣୁ କଡରେ ଥିବା ଦୁଇ ଶ୍ୱେତରଙ୍ଗ ରେଖାର ମିଳନ ସ୍ଥଳରୁ ଏହାକୁ ଉର୍ଦ୍ଧମୂଖ କରି ନାଲି ରଙ୍ଗରେ ଟାଣି ଦିଆଯାଇଥାଏ । ଏହିଭଳି ସ୍ଥୁଳତଃ ସୂର୍ଯ୍ୟ, ଚନ୍ଦ୍ର, ବ୍ରହ୍ମନାଡୀ ବୋଲି, ସୂକ୍ଷ୍ମତଃ ଜୀବାତ୍ମା, ଆତ୍ମା,ପରମାତ୍ମା ବୋଲି ଚିହ୍ନି ଏହି ଚିହ୍ନ ବାବଦରେ କହିବା ପାଇଁ ତିଳକଯାତ୍ରା, ବା ତିରୁନାଲ ଯାତ୍ରା ଆୟୋଜନ କରୁଥିଲେ । ଏହି ବିଷୟ ଆତ୍ମଜ୍ଞାନର ଅତି ମୁଖ୍ୟ ବିଷୟ ହୋଇଥିବାରୁ ଏହି ଚିହ୍ନକୁ ଜ୍ଞାନୀମାନେ ଆମ ଶରୀରର ଅତି ମୁଖ୍ୟ ସ୍ଥାନ ହୋଇଥିବା, ସମସ୍ତେ ଦେଖିପାରୁଥିବା କପାଳରେ ଧାରଣ କରୁଥିଲେ । ଯାତରାରେ ସମସ୍ତେ ଏହି ଚିହ୍ନ ଧାରଣ କରୁଥିଲେ । ତିଳକ ଯାତରାରେ ତିଳକର ଏହି ମଧ୍ୟରେଖା ଶରୀରର ଆତ୍ମାକୁ ଏବଂ ଶରୀର ଛାଡିବା ପରେ ପରମାତ୍ମାଙ୍କୁ ସୂଚିତ କରିଥାଏ ବୋଲି ସେତେବେଳେ ଜ୍ଞାନୀମାନେ ଜଣାଇବା ଏହି ଉତ୍ସବର ମୁଖ୍ୟ ଅଂଶ ହୋଇ ରହୁଥିଲା । କାଳକ୍ରମେ ଆଚରଣର ନାମ ଏବଂ ଅର୍ଥ ମଧ୍ୟ ବଦଳିଯାଇଛି ।

ମୁଖ୍ୟତଃ ଏହି ଉତ୍ସବରେ ସ୍ଥୁଳତଃ ବ୍ରହ୍ମନାଡୀରେ ଥିବା ଆତ୍ମା ବାବଦରେ ଏବଂ ସୂକ୍ଷ୍ମତଃ ପରମାତ୍ମା ବାବଦରେ ଜାଣିବାକୁ ହୁଏ ବୋଲି ନ ଜାଣିବା ଆମର ଦୁର୍ଭାଗ୍ୟ । ଯାତରା ଆଜି କୋଳାହଳ ହୋଇଛି, ସେକାଳ ଅପେକ୍ଷା ଅଧିକ ଜନସମାଗମ ହେଉଛି ସତ, ହେଲେ ସେତେବେଳେ ଯାତରାରୁ ଯେଉଁ ଲାଭ ଆଣି ଲୋକମାନେ ଘରକୁ ଆସୁଥିଲେ ତାହା ଆଉ ନାହିଁ ନାମକ ସତ୍ୟକୁ ଅସ୍ୱୀକାର କରିପାରିବା ନାହିଁ ।

*****

# ୩୫. ଚିଦମ୍ବର ରହସ୍ୟ

କଳିଯୁଗରେ ତିଆରି ହୋଇଥିବା ମନ୍ଦିରଗୁଡିକ ଭିତରେ ଶ୍ରୀରଙ୍ଗ ନଗରର ଶ୍ରୀରଙ୍ଗନାଥ ମନ୍ଦିରରେ ଏହି ଚିଦମ୍ବର ରହସ୍ୟ ରହିଥାଏ । ସେହି ସ୍ଥାନକୁ ଯାଉଥିବା ଲୋକମାନେ ଶ୍ରୀରଙ୍ଗନାଥ ମନ୍ଦିର ଦେଖିବା ପରେ ଶେଷରେ ଏହି ଚିଦମ୍ବର ରହସ୍ୟକୁ ନିଶ୍ଚୟ ଦେଖି ଆସିଥା'ନ୍ତି, କିନ୍ତୁ ଏହା ରହସ୍ୟ ବିଷୟ, କାହାକୁ କହିବା ଉଚିତ୍ ନୁହେଁ ବୋଲି ସେଠାରେ ଥିବା ବଡଲୋକମାନେ ଆସିଥିବା ଭକ୍ତମାନଙ୍କୁ ମଧ୍ୟ ଦେଖାଇ ସେହି କଥା କହିଥା'ନ୍ତି । ଯାହା ରହସ୍ୟ ତାହା କାହାକୁ କୁହାଯାଏ ନାହିଁ କି ଦେଖାଇ ଦିଆଯାଏ ନାହିଁ, କିନ୍ତୁ କାହାକୁ କହିବା କଥା ନୁହେଁ! ହେଲେ ଏଠାରେ ବୋଲି ଦେଖାଇ ସେଇ ଗୋଟିଏ କଥା କହିବାରେ କି ରହସ୍ୟ ଅଛି ନିଶ୍ଚୟ ଜାଣିବା ଉଚିତ୍ । ସେଠାରେ କାହାକୁ ଜଣାନଥିବା ଜିନିଷ କିଛି ନିଶ୍ଚୟ ରହିଥିବ ବୋଲି ସମସ୍ତେ ଭାବିପାରନ୍ତି କାରଣ! ଏହାକୁ ରହସ୍ୟ ବୋଲି କୁହାଯାଉଛି । ଚିଦମ୍ବର ରହସ୍ୟ କହିଲେ ମଧ୍ୟ ଯାହା ବୁଝାପଡିନଥାଏ ତାହା ଦେଖିବା ପରେ ମଧ୍ୟ ବୁଝାପଡିନଥାଏ ତେଣୁ ଏହାକୁ ଚିଦମ୍ବର ରହସ୍ୟ କହିଛନ୍ତି । ଅନେକଙ୍କୁ ଏହି ଚିଦମ୍ବର ଶବ୍ଦର ଅର୍ଥ ହୁଏତ ଜଣାନଥିବ ।

ଚିଦ କହିଲେ ବସ୍ତ୍ର, ଅମ୍ବର କହିଲେ ଆକାଶ । ଏହିଭଳି ଚିଦମ୍ବର ନାମକ ଶବ୍ଦରେ ବସ୍ତ୍ର ଓ ଆକାଶକୁ ମିଶାଇ କହିଥା'ନ୍ତି । ସେଠିକାର ଭାଷା ଅନୁଯାୟୀ ଏହାକୁ "ବଟବାୟଲୁ' କହିଥା'ନ୍ତି । ଏହି ବଟବାୟଲୁ ବା ଚିଦମ୍ବର ରହସ୍ୟ ବାବଦରେ ଆମେ ଜାଣିବା । କାରଣ ଦାକ୍ଷିଣ ଭାରତରେ ସେତେବେଳେ ଗଢ଼ିଉଠିଥିବା ମନ୍ଦିରଗୁଡ଼ିକୁ ଅନେକ ଆତ୍ମଜ୍ଞାନ ଖଞ୍ଜି ତିଆରି କରିଥିଲେ । ସେଗୁଡ଼ିକରେ ଅନେକ ଜ୍ଞାନରହସ୍ୟ ରହିଥିଲା ।

ଭଗବଦ୍ଗୀତାର ସାଂଖ୍ୟଯୋଗ ନାମକ ଅଧ୍ୟାୟରେ ଥିବା ୨୨ ତମ ଶ୍ଳୋକରେ ଭଗବାନ "ବାସାଂସି" ନାମକ ଶବ୍ଦ ବ୍ୟବହାର କରି "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋପରାଣି । ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂଯାତି ନବାନି ଦେହୀ ॥" ବୋଲି କହିଛନ୍ତି । ଏହି ଶ୍ଳୋକରେ ପୁରୁଣା ବସ୍ତ୍ର ଛାଡ଼ି ନୂଆ ବସ୍ତ୍ର ଧାରଣ କରିବା ଭଳି ଜୀବ ପୁରୁଣା ଶରୀର ଛାଡ଼ି ନୂଆ ଶରୀର ଧାରଣ କରିଥାଏ ବୋଲି କହିଛନ୍ତି । ଏଠାରେ ଶରୀରକୁ ବସ୍ତ୍ର ସହିତ ତୁଳନା କରିଛନ୍ତି । ସେହିଭଳି ଶ୍ରିରଙ୍ଗନାଥ ମନ୍ଦିରରେ ଏହି ଚିଦମ୍ବର ରହସ୍ୟ କଣ ଗଭୀର ଭାବରେ ଦେଖିଲେ, ସେଠାରେ ଥିବା ଦ୍ୱାରକୁ ଏକ ବସ୍ତ୍ର ଦ୍ୱାରା ଢାଙ୍କି ରଖାଯାଇଛି । ଅର୍ଥାତ୍ ସେହି ଦ୍ୱାର ବସ୍ତ୍ରଦ୍ୱାରା ବନ୍ଦ କରିଦିଆଯାଇଛି । ଦ୍ୱାର ଭିତରେ ଯାହା ଅଛି ତାହା ଦେଖା ନଯିବା ହିଁ ଏହାର ରହସ୍ୟ । ଭିତରେ କ'ଣ ଅଛି ଦେଖିବାକୁ ଇଚ୍ଛା କରୁଥିବା ଲୋକମାନଙ୍କୁ ସେଠାରେ ଦେଖାଇଦେବା ପାଇଁ ଲୋକମାନେ ମଧ୍ୟ ରହିଥା'ନ୍ତି । ସେମାନଙ୍କ ଅନୁମତି କ୍ରମେ ତାହା ଦେଖିବାକୁ ମିଳିଥାଏ ଦେଖୁଥିବା ଲୋକମାନଙ୍କୁ ସେଠାରେ ଦେଖାଇଥିବା ଲୋକେ ଏହା ରହସ୍ୟ ବିଷୟ, କାହାକୁ କହିବା ଉଚିତ୍ ନୁହେଁ କହି ପଠାଇଥା'ନ୍ତି ।

ଏଭଳି ଅନେକ ଲୋକ ଏହି ଚିଦମ୍ବର ରହସ୍ୟ ଦେଖିଥିଲେ ମଧ୍ୟ ଦେଖିବାପାଇଁ ସେମାନଙ୍କ ଭିତରେ ଯେଉଁ ବ୍ୟାକୁଳତା ଥାଏ,

ଦେଖିବା ପରେ ଆଉ ନଥାଏ । କାରଣ ! ଦେଖିବାକୁ ଇଚ୍ଛାକରୁଥିବା ଲୋକ ଦେଖିବା ଆଗରୁ ଏହା ଏକ ରହସ୍ୟ, ଏଥିରେ ନିଶ୍ଚୟ କିଛି ଅଜଣା ଜିନିଷ ରହିଥିବ ନାମକ ଭାବନା ନେଇ ଭକ୍ତମାନେ ଆସିଥାନ୍ତି, ଏଭଳି ଅନେକ କିଛି ଭାବି ଆସିଥିବା ବେଳେ, ସେଠାରେ ଢଙ୍କାଯାଇଥିବା ବସ୍ତ୍ରଖୋଲି ଦେଖିବା ବେଳେ, ସେଠାରେ କିଛି ନଥିବା ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟଚକିତ ହୋଇଯାଇଥା'ନ୍ତି, ସେଠାରେ ଏକ ଦ୍ୱାର ଏବଂ ସେହି ଦ୍ୱାର ବସ୍ତ୍ର ଦ୍ୱାରା ଢାଙ୍କି ରଖାଯାଇଥାଏ । ଦ୍ୱାର ପାଖରେ ଛିଡାକରି ବସ୍ତ୍ର ବାହାର କରି ଦେଖଣାହାରିକୁ ଦେଖାଇଥା'ନ୍ତି । ବସ୍ତ୍ର ଖୋଲି ଦେଖିବା ପରେ ସେଠାରେ କୌଣସି ବସ୍ତୁ ହେଉ, କୌଣସି ଆକାର ହେଉ କିଛି ବି ନଥାଏ । ତେଣୁ ଏତେ ଆଶକ୍ତି ନେଇ ଆସିଥିବା ଭକ୍ତକୁ ଆଶ୍ଚର୍ଯ୍ୟ ଲାଗିବା ସାଧାରଣ ହୋଇଯାଏ । ସେଠାରେ କିଛି ଦେଖାନଗଲେ ମଧ୍ୟ ଉପରେ କୌଣସି ଆବରଣ ନଥିବା ଆକାଶ ଦେଖାଯାଇଥାଏ । ଦେଖଣାହାରିକୁ ଦେଖାଉଥିବା ଲୋକଟି ଆକାଶକୁ ଦେଖାଇ ତୁ ଦେଖିବା ଉଚିତ୍ ରହସ୍ୟ ଏଇ ଆକାଶ ବୋଲି କହିଥାଏ । ଯେଉଁଠାରେ କିଛି ନଥାଏ ତାହା ଚିଦମ୍ବର ରହସ୍ୟ । ଦେଖଣାହାରି ଏଠାରେ ଯାହା ଦେଖିଛି ତାହା କିଛି ନୁହେଁ, ଏଠାରେ କିଛି ନାହିଁ ବୋଲି ଯଦି ସେ କାହାକୁ କହିଦିଏ ତେବେ, ଦେଖିବା ପାଇଁ ଆଉ କେହି ଆସିବେ ନାହିଁ, ତେଣୁ ଯାହା ଦେଖିଲ ତାହା କାହାକୁ କହିବା ଉଚିତ୍ ନୁହେଁ କହି ପଠାଇଥା'ନ୍ତି । ବାସ୍ତବରେ ସେହି ଆଚରଣର ଅର୍ଥ ଏପରି ନୁହେଁ । ଆଧ୍ୟାତ୍ମିକ ରହସ୍ୟ ପରମାର୍ଥକୁ ସେଠାରେ ନକହି ଏଠାରେ ଯାହା ଦେଖିଛ ତାହା କାହାକୁ କହିବନାହିଁ,କହିବା ଅପରାଧ ବୋଲି କହିଥାନ୍ତି । ଯିଏ ଯାହାକୁ କହିଲେ ମଧ୍ୟ ଚିଦମ୍ବର ରହସ୍ୟ ବାସ୍ତବରେ ଏକ ରହସ୍ୟ ବିଷୟ । ସେହି ରହସ୍ୟକୁ ଦେଖାଇବା ବିଧି ହେଉଛି ଚିଦ ଅମ୍ବର ।

ଜୀବ ଶରୀରରେ ଥିବାପର୍ଯ୍ୟନ୍ତ ମୋକ୍ଷ ପାଇପାରେ ନାହିଁ । କର୍ମହୀନ ହୋଇ ଶରୀର ନପାଇବା ବେଳେ, ଜୀବ ପରମାତ୍ମାରେ ଲୀନ ବା ମୋକ୍ଷ

ହୋଇଥାଏ । ଗୋଟିଏ ଦିଗରେ ଶରୀର ଅନ୍ୟ ଗୋଟିଏ ଦିଗରେ ମୋକ୍ଷ, ଏଭଳି ଦୁଇଟି ଲକ୍ଷ୍ୟ ନେଇ ଜୀବମାନେ ରହିବା ନିରାଟ ସତ୍ୟ । ଶରୀରରେ ଥିବା ପର୍ଯ୍ୟନ୍ତ ଈଶ୍ୱର ବା ପରମାତ୍ମା ଜଣାପଡନ୍ତି ନାହିଁ । ଜନ୍ମ ମରଣ ଥିବା ଶରୀରଟି ପରମାତ୍ମା ଆଉ ଜୀବାତ୍ମା ମଝିରେ ଅବରୋଧ ହେବାଭଳି ରହିଛି । ଜନ୍ମରେ ଆରମ୍ଭ ହୋଇ ମରଣରେ ଶରୀରର ଅନ୍ତ ହେଲେ ହେଁ ପୁଣି ଥରେ ଜୀବ ଅବିଳମ୍ବେ ଆଉଏକ ନୂଆ ଶରୀର ପାଇଥାଏ । ଶରୀର ଏକ ବସ୍ତ୍ର ଭଳି, ତାହା ପୁରୁଣା ହୋଇଗଲେ ଜୀବ ଆଉଏକ ନୂଆ ଶରୀର ଧାରଣ କରିଥାଏ ବୋଲି ଗୀତାରେ କହିଛନ୍ତି । ତେଣୁ ଏହି ଶରୀର ନାମକ ବସ୍ତ୍ର ତୋର ନ ରହିଲେ ତୁ ପରମାତ୍ମାରେ ଐକ୍ୟ ହୋଇପାରିବୁ ବୋଲି ଶରୀରକୁ ଏକ ବସ୍ତ୍ର ଭାବରେ ତୁଳନା କରି ପରମାତ୍ମାଙ୍କୁ ଆକାଶ ସହିତ ତୁଳନା କରିଥିଲେ । ବସ୍ତ୍ର ବାହାର କରିଦେଲେ ଆକାଶ (ବର୍ହିପ୍ରଦେଶ) ଦେଖାଯାଏ, ସେହିଭଳି ଶରୀର ନଥିବା ବେଳେ ପରମାତ୍ମା ଜଣାପଡିଥା'ନ୍ତି ବୋଲି ଏହି ଚିଦମ୍ବର ରହସ୍ୟ ଜଣାଉଥାଏ । ବାହ୍ୟାର୍ଥତଃ ବସ୍ତ୍ର ଏବଂ ଆକାଶକୁ ଦେଖିଲେ ମଧ୍ୟ ଶରୀରଧାରୀ ଜୀବମାନେ ପରମାତ୍ମାଙ୍କୁ ଜାଣିପାରି ନଥା'ନ୍ତି । ତେଣୁ ଏହାକୁ ଏକ ରହସ୍ୟ ବୋଲି କହିଥିଲେ । ଏହି ବିଷୟ ନଜାଣି ବାସ୍ତବରେ ସେମାନେ ଦେଖାଉଥିବା ସାଧାରଣ ଦୃଶ୍ୟ ହିଁ ଏକ ରହସ୍ୟ ବୋଲି କହିବାରେ କୌଣସି ଅର୍ଥ ନଥାଏ । ଅସଲ ବିବରଣ ନଜାଣି ଏହା ରହସ୍ୟ କଥା, କାହାକୁ କହିବ ନାହିଁ କହିବାରେ କୌଣସି ଅର୍ଥ ନଥାଏ । ମୃତ୍ୟୁରେ ଚାଲିଯାଉଥିବା ଶରୀର ସେହି କ୍ଷଣରେ ଆଉଏକ ନୂଆ ଶରୀର ହୋଇ ଜୀବକୁ ମିଳିଥାଏ । ତେଣୁ ସଦାବାହାର ଆକାଶ ସହିତ ତୁଳନା କରିଥିବା ପରମାତ୍ମାଙ୍କ ପାଖରେ ପହଞ୍ଚିବା ପାଇଁ ବସ୍ତ୍ର ଭଳି ଥିବା ଶରୀର ଅବରୋଧ ହୋଇ ରହିଥାଏ, ଏହାକୁ ଜଣାଇବା ପାଇଁ ଶ୍ରୀରଙ୍ଗନାଥ ମନ୍ଦିରରେ ଥିବା ଚିଦମ୍ବର ରହସ୍ୟ ରହିଥାଏ ବୋଲି ଜାଣିବା ଉଚିତ୍ । ବସ୍ତ୍ର ଅବରୋଧ ହୋଇ ଥିବା ପର୍ଯ୍ୟନ୍ତ ବସ୍ତ୍ର ପଛରେ ସେପଟେ କ'ଣ ଅଛି

ତାହା ଜଣାପଡି ନଥାଏ । ତୁମମାନଙ୍କ ପାଇଁ ଶରୀର ବସ୍ତ୍ର ଭଳି ରହିଛି, ପରମାତ୍ମାଙ୍କୁ ଜାଣି ନାହଁ, ବର୍ହିପ୍ରଦେଶ ଭଳି ବା ଆକାଶ ଭଳି ରହିଥିବା ପରମାତ୍ମାଙ୍କୁ ଜାଣିବା ଉଚିତ୍ । ଏହି ରହସ୍ୟକୁ ଜଣାଇବା ପାଇଁ ଏହି ବିଷୟ ଏଠାରେ ରଖାଯାଇଛି ।

ବସ୍ତ୍ର ବାହାର କରିଦେଲେ ଦେଖାଯାଏ ଆକାଶ ବା ବର୍ହିପ୍ରଦେଶ । ବସ୍ତ୍ର ଥିବା ପର୍ଯ୍ୟନ୍ତ ତାହା ଦେଖାଯାଏ ନାହିଁ । ସେହିଭଳି ଶରୀର ଚାଲିଯିବା ପରେ ମୋକ୍ଷ ହୋଇଥାଏ ବୋଲି ଜଣାଇ, ବସ୍ତ୍ର ନଥିବା ସ୍ଥିତି ଆକାଶକୁ ଅନ୍ୟ ଏକ ଶବ୍ଦ ହୋଇଥିବା ଅଚେଳ କହି ଦେଖାଉଥିଲେ । ‘ଚେଳ’ କହିଲେ ବସ୍ତ୍ର, ଅଚେଳ କହିଲେ ଶରୀର ହୋଇନଥିବା ମୋକ୍ଷ । ଅଜ୍ଞାନରେ ରହି ଶରୀରରେ ବାରମ୍ବାର ଜନ୍ମ ନେଉଥିବା ଲୋକମାନଙ୍କୁ ଚେଳ, ଜ୍ଞାନ ଜାଣି ଜନ୍ମ ନଥିବା ସ୍ଥିତିକୁ ଇଚ୍ଛା କରୁଥିବା ଲୋକମାନଙ୍କୁ ଅଚେଳ ନାମରେ କହୁଥିଲେ । ମୋକ୍ଷକୁ ଅଚେଳ, ଅଜ୍ଞାନକୁ ଚେଳ କହୁଥିଲେ, କିନ୍ତୁ ତାହା ଆଜି ବଦଳି ଅଚଳ, ଚଳ ହୋଇଯାଇଛି । ଆଜି ମଧ୍ୟ ଜ୍ଞାନମାର୍ଗକୁ ଆପଣାର କରିଥିବା ଲୋକମାନେ ଅଛନ୍ତି, କିନ୍ତୁ ସେମାନେ ନିଜକୁ ଅଚଳ କହିବା ଅର୍ଥହୀନ କଥା । ଅଚେଳ କହିବା ବଦଳରେ ସେମାନେ ଆଜି ଅଚଳ କହୁଛନ୍ତି । ଉପଯୁକ୍ତ ଅର୍ଥ ଅନୁସାରେ ଏହି ଚିଦମ୍ବରକୁ ଚେଳ ଅଚେଳ କହିବା ଉଚିତ୍ । ଏବେ ଆପଣ ଚେଳ ପାର୍ଟି କି ଅଚେଳ ପାର୍ଟି ବା ଚିଦଦଳ କି ଅମ୍ବରଦଳ ଜାଣନ୍ତୁ । ଚେଳ ପାର୍ଟିରୁ ଆସି ଅଚେଳ ପାର୍ଟିରେ ରହନ୍ତୁ । ଏହି ଚିଦମ୍ବର ରହସ୍ୟକୁ ଭେଦକରି, ବସ୍ତ୍ର ଛାଡି ବାହାରକୁ ଆସନ୍ତୁ ।

*****

# ୩୬. ଦେବଦାସୀ

ଏପର୍ଯ୍ୟନ୍ତ ଦେବାଳୟ ନିର୍ମାଣ, ଦେବାଳୟର ପୂଜା ବିଧାନ ଏବଂ ଆଉ କିଛି ନୂଆ ତଥ୍ୟ ବାବଦରେ ଜାଣିଲେ । ସେହିଭଳି ଆଉ କିଛି କଥା ବାକି ରହିଛି । ତାହା ଜାଣିବାକୁ ହେବ । ତାହା ହେଉଛି ! ମାନବ ଭିତରେ ସ୍ତ୍ରୀ, ପୁରୁଷ ନାମକ ଦୁଇଟି ଜାତି ରହିଥା'ନ୍ତି । ସେହିଭଳି ଆଉ ଏକ ଜାତି ଥାଆନ୍ତି ଯେଉଁମାନେ ସ୍ତ୍ରୀମାନଙ୍କ ଅପେକ୍ଷା ଭିନ୍ନ ଏବଂ ପୁରୁଷଜାତିଠାରୁ  ମଧ୍ୟ ଅଲଗା । ସ୍ତ୍ରୀ ଜାତିର ହୋଇଥିଲେ ମଧ୍ୟ ସ୍ତ୍ରୀ ଜାତିର ରହିବାଯୋଗ୍ୟ ମନୋଭାବ, ଶରୀରାନୁକୁଳ ବା ଶୃଙ୍ଗାର କହିଲେ କ'ଣ ଜାଣି ନଥିବା, ଜାଣିଥିଲେ ବି ସେଥିରେ କୌଣସି ଆଶକ୍ତି ନଥିବା ଏକ ଜାତି ରହିଥା'ନ୍ତି,ସେମାନଙ୍କୁ ଏକ ସ୍ୱତନ୍ତ୍ର ନାମରେ (କିନ୍ନରୀ) କୁହାଯାଇଥାଏ । ଶୃଙ୍ଗାର ମନୋଭାବ ଏମାନଙ୍କର ନଥିବା ଭଳି ମାସକୁ ମାସ ରତୁସ୍ରାବ ମଧ୍ୟ ହୋଇନଥାଏ । ବୟସ ଯେତେ ବଢିଲେ ମଧ୍ୟ ପିଲାବେଳେ ରହିଥିବା ଭଳି ରହିଥା'ନ୍ତି । ରତୁସ୍ରାବ ହେଲା ପରେ ଜଣେ ବାଳିକାକୁ ବଡଝିଅ ହୋଇଗଲା କହୁଛେ, କିନ୍ତୁ ଏମାନଙ୍କୁ ବଡଝିଅ ବୋଲି କହିପାରିବା ନାହିଁ । ବାଲ୍ୟରେ ଶୃଙ୍ଗାର ମନୋଭାବ ଯେଉଁଭଳି ଥାଏ ବୟସ ବଢିବାପରେ ମଧ୍ୟ ସେମାନଙ୍କ ମନୋଭାବରେ କୌଣସି ପରିବର୍ତ୍ତନ ଆସିନଥାଏ, ଶୃଙ୍ଗାର ଆଶକ୍ତି  ଆସେ ନାହିଁ । ଏମାନେ ଯେହେତୁ ଘର ଯୋଗ୍ୟ ହୋଇନଥା'ନ୍ତି ଏମାନଙ୍କୁ କେହି ବିବାହ କରିନଥା'ନ୍ତି ।  ଘରସଂସାର ପାଇଁ ଅନୁପଯୋଗୀ ହୋଇଥିବା ଏହିମାନେ ମାନବ ସମାଜଠାରୁ ଦୂରରେ ରହିବାକୁ ଇଚ୍ଛା କରିଥା'ନ୍ତି । କେତେକ ଇଚ୍ଛା ବିରୁଦ୍ଧରେ ସାଧାରଣତଃ ଆମମାନଙ୍କ ସହିତ ସମାଜରେ ରହିଲେ ମଧ୍ୟ ଭିତରେ ସଂସାର ଜୀବନ ଯୁକ୍ତ ଜୀବନ ନ ବିତାଇ ଏକ ଭିନ୍ନ ଜୀବନ ବିତାଇବାକୁ ଇଚ୍ଛା କରିଥା'ନ୍ତି । ତେଣୁ ସେମାନେ ସାଧାରଣ ମଣିଷ ସହିତ ଘରେ ନରହି ଆତ୍ମଜ୍ଞାନର ନିଳୟ ହୋଇଥିବା ଦେବାଳୟରେ ରହିଥା'ନ୍ତି ।

ଘରସଂସାର ପାଇଁ ଉପଯୁକ୍ତ ହୋଇନଥିବା ଲୋକମାନେ ଦେବାଳୟରେ ନିବାସ କରି କୌଣସି ପ୍ରକାରରେ ଦୈବସେବା କରି ଜୀବନ ବିତାଇଥା'ନ୍ତି । ଦେବାଳୟରେ ଝାଡୁଲଗାଇବାଠାରୁ ଆରମ୍ଭ କରି ପୂଜା ପର୍ଯ୍ୟନ୍ତ ହେଉଥିବା ସମସ୍ତ କାର୍ଯ୍ୟରେ ସହଯୋଗ କରିଥାନ୍ତି । ଆଉକେତେକ ନାଚ ଶିଖି ଦେବାଳୟରେ ଥିବା ନାଟମନ୍ଦିରରେ ନାଚ କରି, ଦେବାଳୟକୁ ଆସୁଥିବା ଭକ୍ତମାନଙ୍କୁ ଆକର୍ଷିତ କରି, ସେମାନଙ୍କ ସଂଖ୍ୟା ବଢାଇବାକୁ ଚେଷ୍ଟା କରିଥା'ନ୍ତି । ଆଉକେତେକ ସଂଗୀତ ଶିଖି ସକାଳେ ସଂଧ୍ୟାରେ ଦୈବ ସମ୍ବନ୍ଧୀୟ ଗୀତଗାନ କରି ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କୁ ଆକୃଷ୍ଟ କରି, ସେମାନଙ୍କ ସଂଖ୍ୟା ବଢାଇବାକୁ ଚେଷ୍ଟା କରିଥା'ନ୍ତି । ଏହିଭଳି ସଂସାରଜୀବନପାଇଁ ଅନୁପଯୋଗୀ ହୋଇଥିବା କିନ୍ନରୀମାନେ ଦେବାଳୟରେ (ମନ୍ଦିରରେ) ନିବାସକରି କୌଣସି ପ୍ରକାରରେ ଦୈବସେବା କରି ଜୀବନ ବଞ୍ଚିବା ପୂର୍ବର ଏକ ଆଚରଣ ଥିଲା ସେମାନଙ୍କୁ ଦେବଦାସୀ କହୁଥିଲେ ।

କାଳକ୍ରମେ ଦେବଦାସୀମାନଙ୍କୁ ବେଶ୍ୟା କହିବା ସମୟ ଆସିଯାଇଛି । ଆଜି ଦେବାଳୟରେ ଦେବଦାସୀମାନେ ନାହାନ୍ତି, ସେମାନଙ୍କ ସ୍ଥାନରେ ସାଧରଣ ସ୍ତ୍ରୀମାନେ ରହିଲେଣି । ଆଜିର ଦେବ-ଦାସୀମାନେ ମଧ୍ୟ ମନ୍ଦିରରେ ନରହି ଘରେରହି ବେଶ୍ୟାବୃତ୍ତି କଲେଣି । ଗ୍ରାମଦେବତୀକୁ ବୋଦା (ଅଣ୍ଡିର ଛେଳି ବା ମେଣ୍ଢା) ଯାଚଞ୍ଚା କରି ବଳି ନପକାଇ ଛାଡିଦେଲେ, ସେ ବୋଦା ଗାଆଁର କୌଣସି ଛେଳି ଦଳରେ ଚରୁ କିଛି ଅସୁବିଧା ନରହିବା ଭଳି କୌଣସି ଦେବତା ନାଆଁରେ ଜଣେ ସ୍ତ୍ରୀକୁ ବିବାହ ନକରାଇ ଛାଡିଦେଲେ ସେ ମଧ୍ୟ ଦେବଦାସୀ ହୋଇଯାଉଛି । ଏଭଳି ସ୍ତ୍ରୀ ପାଖକୁ କୌଣସି ପୁରୁଷ ମଧ୍ୟ ଯାଇପାରେ । ଆଜି ଏହି ପଦ୍ଧତି କେତେକ ଅଜଣା ପଲ୍ଲୀରେ ନିଶ୍ଚୟ ରହିଛି । ଦେବଦାସୀ ହେଉଥିବା

ସ୍ତ୍ରୀର ଇଚ୍ଛା ଥାଉ କି ନଥାଉ ବଡମାନେ ଯାହା କହିବେ ସେ ସେମାନଙ୍କ କଥା ଅନୁସାରେ ଶୁଣି ଜୀବନ ବଞ୍ଚିବା ପରିସ୍ଥିତି ଆସିଯାଇଛି ।

ପୂର୍ବର ଦେବଦାସୀମାନେ ହିଁ ଗୃହଯୋଗ୍ୟା ହୋଇପାରୁ ନଥିବା ସ୍ତ୍ରୀମାନେ ଥିଲେ, କିନ୍ତୁ ଆଜି ଗୃହଯୋଗ୍ୟା ସ୍ତ୍ରୀମାନେ ମଧ୍ୟ ଦେବଦାସୀ ହେଉଛନ୍ତି । ପୂର୍ବର ଦେବଦାସୀ ନିସ୍ୱାର୍ଥରେ ଦୈବସେବା କରି ଦାସୀ ଭାବେ ନାମିତା ହୋଇଥିବା ବେଳେ, ଆଜିର ଦେବଦାସୀମାନେ ସ୍ୱାର୍ଥପାଇଁ ବେଶ୍ୟାବୃତ୍ତି କରୁଛନ୍ତି । ପୂର୍ବକାଳର ଦେବଦାସୀମାନେ ପବିତ୍ରଭାବରେ ରହିବା ସହିତ ସମସ୍ତେ ସେମାନଙ୍କୁ ପବିତ୍ର ଚକ୍ଷୁରେ ଦେଖୁଥିଲେ, ସମ୍ମାନ ଦେଉଥିଲେ । ପୂର୍ବର ଦେବଦାସୀମାନଙ୍କଠାରେ ଯେତିକି ଭକ୍ତି ଥିଲା ସେତିକି ଆତ୍ମଜ୍ଞାନ ଥିଲା । ଆଜିର କାଳରେ ଭକ୍ତି, ଜ୍ଞାନ ନଥିବା ଦେବଦାସୀମାନେ ରହିଛନ୍ତି । ଆଜିର ଏହି ଦେବଦାସୀ ପରମ୍ପରାରେ ଅନେକ ପରିବର୍ତ୍ତନ ଆସି ଅସଲି ଦେବଦାସୀ ବଦଳରେ ନକଲି ଦେବଦାସୀ ରହିଲେଣି । ଏହି ପରମ୍ପରା ବଡ ବଡ ମନ୍ଦିରରେ ଆଜି ମଧ୍ୟ ରହିଛି ।

*****

## ୩୭. ଦେବଦାସ

ସ୍ତ୍ରୀ ଜାତିରେ ନାରୀତ୍ୱ ନଥିବା ସ୍ତ୍ରୀ ବା କିନ୍ନରୀମାନେ ରହିବା ଭଳି ପୁରୁଷ ଜାତିରେ ମଧ୍ୟ ପୁରୁଷତ୍ୱ ନଥିବା ନପୁଂସକମାନେ ବା କିନ୍ନରମାନେ ରହିଥା'ନ୍ତି, ସେମାନେ ମଧ୍ୟ ସ୍ତ୍ରୀତ୍ୱ ନଥିବା ଦେବଦାସୀ ଭଳି ସଂସାର ଜୀବନକୁ ଅନୁଭବ କରିପାରୁନଥିବା ଅଣପୁରୁଷ ଶରୀର ନେଇ ରହିଥା'ନ୍ତି, ଏମାନେ ମଧ୍ୟ ପୂର୍ବେ ଦେବାଳୟରେ ସ୍ଥାନ ସଂରକ୍ଷଣ କରି, ଦୈବସେବା କରୁଥିଲେ । ଏଭଳି ଦେବଦାସ ହୋଇଥିବା ନପୁଂସକମାନେ ନାଟ୍ୟବୃତ୍ତି କରିବା, ସଂଗୀତ ଗାଇବା ବୃତ୍ତିରେ ରହିବା ଭଳି କାର୍ଯ୍ୟରେ ପ୍ରବୀଣ ହୋଇ

ଦେବାଳୟର ଶୋଭା ବଢାଉଥିଲେ । ନିସ୍ୱାର୍ଥ ଭାବରେ ଦୈବସେବା କରୁଥିବା ନପୁଂସକମାନଙ୍କୁ ସେତେବେଳେ ଦେବଦାସ କହୁଥିଲେ । ଆଜିର ଦେବାଳୟଗୁଡିକରେ ସେତେବେଳ ଭଳି ଦେବଦାସୀ ଦେଖାଯାଆନ୍ତି ନାହିଁ କି ଦେବଦାସମାନେ ଦେଖାଯାଉ ନାହାନ୍ତି । ଆଜିର ନପୁଂସକମାନେ ଆଜିର ଦେବଦାସୀମାନଙ୍କ ଭଳି ମଧ୍ୟ ମାଗିବା ବୃତ୍ତି କରି ଜୀବନ ବିତାଉଛନ୍ତି । ଏହିଭଳି ନପୁଂସକମାନେ ଆଜି କର୍ଣ୍ଣାଟକରେ ପୂରୁଣା ପରମ୍ପରା ଅନୁସାରେ ବର୍ଷକୁ ଥରେ ନହେଲା କାହିଁକି ସ୍ତ୍ରୀ ଦେବତା ଥିବା ମନ୍ଦିରରେ ନାଚିବା, ଗୀତଗାଇବା କାର୍ଯ୍ୟ କରୁଥିବା ଜଣାଯାଏ ।

ଧ୍ୟାନଦେବା ବିଷୟ ହେଉଛି ଯେ, ଦେବଦାସୀମାନେ ପୁରୁଷ ଦେବତା ଥିବା ଆଳୟରେ ରହୁଥିଲେ, ଦେବଦାସମାନେ ସ୍ତ୍ରୀ ଦେବତା ଆଳୟରେ ରହୁଥିଲେ । ସେଥିଲାଗି ଆଜି ମଧ୍ୟ କେଉଁଠି କ୍ୱଚିତ୍ ଥିବା ସ୍ତ୍ରୀ ଦେବାଳୟରେ ନପୁଂସକମାନେ ନାଚିବାଗାଇବା କାର୍ଯ୍ୟ କରୁଛନ୍ତି । ସେହିଭଳି ଆଜି ବେଶ୍ୟାବୃତ୍ତି କରୁଥିବା ସ୍ତ୍ରୀମାନେ ପୁରୁଷ ଦେବାଳୟରେ ନୃତ୍ୟଗୀତ କରୁଛନ୍ତି । ସ୍ତ୍ରୀ ଦେବାଳୟରେ ନପୁଂସକମାନେ ପରମ୍ପରାସିଦ୍ଧ ଭାବରେ ଟଙ୍କା ନନେଇ ସେମାନଙ୍କ ପୂଜାକାର୍ଯ୍ୟ କରି ନାଚ କରି, ଗୀତଗାଇ ଫେରିଥାନ୍ତି ବୋଲି କର୍ଣ୍ଣାଟକ ରାଷ୍ଟ୍ର ଭଳି କେତେକାଞ୍ଚଳରୁ ଆଜି ମଧ୍ୟ ଦେଖିବାକୁ ମିଳିଥାଏ । ବେଶ୍ୟାବୃତ୍ତି କରୁଥିବା ସ୍ତ୍ରୀମାନେ ଆଜିର କାଳରେ ମଧ୍ୟ ଦେବାଳୟର ଉତ୍ସବ ସମୟରେ ଟଙ୍କା ନନେଇ ନାଟ୍ୟ କରୁଥିବା ଜଣାଯାଏ । ଏହିଭଳି ପୂର୍ବର ଦେବଦାସ, ଦେବଦାସୀମାନେ ଜୀବନ ବଞ୍ଚୁଥିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଆତ୍ମଜ୍ଞାନ ଜଣାଇବା ନିଜର କର୍ତ୍ତବ୍ୟ ଭାବି ରହିବା ସହିତ ଉଚ୍ଚତମ ଜୀବନ ବଂଚୁଥିବା ବେଳେ, ଆଜି ସେହି ପ୍ରଥା ଯଦିଓ କେଉଁଠି କେଉଁଠି ବଞ୍ଚିରହିଛି ତେବେ ତାହା କିଭଳି ରହିଛି ଉପରୋକ୍ତ ଦୁଇ ବିଷୟରୁ ଜାଣିପାରିଥିବେ ।

*****

# ୩୮. ନକ୍ଷତ୍ର

ବ୍ରହ୍ମବିଦ୍ୟା ଅନୁସାରେ ଦେଖାଯାଉଥିବା ପ୍ରପଞ୍ଚ କିଛିକାଳ ଦେଖାଯାଇ ଆଉ କିଛିକାଳ ଦେଖାଯାଇ ନଥାଏ । ପ୍ରପଞ୍ଚ ଥିବା ପର୍ଯ୍ୟନ୍ତ ଜୀବରାଶି ମୃତ୍ୟୁବରଣ କରୁଥାଇ, ବାରମ୍ବାର ଜନ୍ମହୋଇ ଦୁଃଖ ସୁଖକୁ ଅନୁଭବ କରିଥାନ୍ତି । ପ୍ରପଞ୍ଚ ନଥିବାବେଳେ କୌଣସି ଜୀବରାଶି ରହିବେ ନାହିଁ । କିଛି ଜଣାନଥିବା ସ୍ଥିତି, ପଞ୍ଚଭୂତ ନଥିବା ଅଗମ୍ୟ ଅଗୋଚର ସ୍ଥିତି ହିଁ ପ୍ରପଞ୍ଚ ନଥିବା ସ୍ଥିତି । ସାରା ଜଗତ ବିନାଶ ହୋଇ ଆଉ କିଛି ନଥିବ, କିନ୍ତୁ ରହିଥିବେ ପରମାତ୍ମା । ତାଙ୍କଠାରେ ଐକ୍ୟ ହୋଇ ରହିଥିବା ଜୀବମାନେ ମଧ୍ୟ ପରମାତ୍ମା ଭାବରେ ବଦଳି ଅବିନାଶୀ ହୋଇ ରହିଥିବେ । ପ୍ରପଞ୍ଚ ଥିବାବେଳେ ଏବଂ ନଥିବା ବେଳେ ଚିରସ୍ଥାୟୀ ଭାବରେ ଯଦି କେହି ଜଣେ ରହିବ ଏବଂ ରହିଛି ସେ ହେଉଛନ୍ତି ପରମାତ୍ମା । ଆମ ପାଇଁ ୧୨ଘଣ୍ଟା କାଳ ଦିନ, ୧୨ଘଣ୍ଟା କାଳ ରାତି ହେଉଥିବା ଭଳି ପରମାତ୍ମାଙ୍କ ପାଇଁ ଏକହଜାର ଯୁଗ ଦିନ, ଏକହଜାର ଯୁଗ ରାତି ହୋଇ ରହିଥାଏ । ପରମାତ୍ମାଙ୍କ ଦିନ ହୋଇଥିବା ଏକହଜାର ଯୁଗ କାଳରେ ଜୀବରାଶି ରହିଥିବେ । ସେହିଭଳି ପରମାତ୍ମାଙ୍କ ରାତିକାଳ ହୋଇଥିବା ଏକହଜାର ଯୁଗ ଜୀବରାଶି ନଥିବେ କି ଏହି ଦେଖାଯାଉଥିବା ପ୍ରପଞ୍ଚ ନଥିବ । ପ୍ରପଞ୍ଚ ଥାଉ ବା ନଥାଉ ପରମାତ୍ମା ସର୍ବଦା ରହିଥିବେ ।


ନକ୍ଷତ୍ର ରାତିରେ ଦେଖାଯାଏ । ଦିନବେଳେ ଦେଖାଯାଏ ନାହିଁ । ନକ୍ଷତ୍ର ଦିନରେ ଦେଖାନଗଲେ ମଧ୍ୟ ରହିଥାଏ । ଶାଶ୍ୱତ ଭାବରେ ଥିବା ନକ୍ଷତ୍ର ଦିନରେ ଦେଖାଯାଇ ରାତିରେ ଦେଖାଯାଇ ନଥାଏ । ପ୍ରପଞ୍ଚ ଥିବାବେଳେ, ନଥିବା ବେଳେ ମଧ୍ୟ ଶାଶ୍ୱତ ଭାବରେ ରହିଥିବା ପରମାତ୍ମାଙ୍କୁ ଦିନ କିମ୍ବା ରାତିରେ ମଧ୍ୟ ସ୍ଥିର ସ୍ଥିତିରେ ଥିବା ନକ୍ଷତ୍ର ସହିତ ତୁଳନା କରିଥିଲେ ପୂର୍ବ ଜ୍ଞାନୀମାନେ । ନକ୍ଷତ୍ରକୁ ମୋକ୍ଷର ସଂକେତ ଭାବରେ ନେଇଥିଲେ । ତେଣୁ ପରମାତ୍ମାଙ୍କଠାରେ ଐକ୍ୟ ହେବା ଉଚିତ୍, ପରମାତ୍ମା ଏହିଭଳି ପାତ୍ର ବୋଲି

ନକ୍ଷତ୍ରକୁ ଦେଖାଇବା ଇନ୍ଦୂମାନଙ୍କର ଏକ ଆଚରଣ ରହିଥିଲା । କାଳକ୍ରମେ ଏକଥାକୁ ସମସ୍ତେ ଭୂଲିଗଲେଣି । ଖ୍ରୀଷ୍ଟଧର୍ମରେ, ମହମ୍ମଦୀୟ ଧର୍ମରେ ମଧ୍ୟ ନକ୍ଷତ୍ରର ମୂଲ୍ୟକୁ ସମସ୍ତେ ଜାଣିଥା'ନ୍ତି । ନକ୍ଷତ୍ରକୁ ସେମାନେ ସମ୍ମାନ ଦିଅନ୍ତି । ନକ୍ଷତ୍ର ପରମାତ୍ମାଙ୍କ ଚିହ୍ନ ହୋଇଥିବା ବେଳେ, ସେହି ପରମାତ୍ମାରେ କିପରି ପହଞ୍ଚିବାକୁ ହେବ ପ୍ରଶ୍ନ ଆସିଥାଏ । ଏହି ପ୍ରଶ୍ନକୁ ସାଧାରଣ ପ୍ରଶ୍ନ ନଭାବି ଗଭୀର ଭାବରେ ଆଲୋଚନା କରି ଦେଖିଲେ ପରମାତ୍ମାରେ ଐକ୍ୟ ହେବାପାଇଁ ଆତ୍ମଜ୍ଞାନ ଆବଶ୍ୟକ ହୋଇଥାଏ ଏବଂ ଆତ୍ମଜ୍ଞାନ ଜାଣିବା ପରେ ପରମାତ୍ମା ଜଣାପଡଥା'ନ୍ତି ।

*****

## ୩୯. ଚନ୍ଦ୍ର

ବ୍ରହ୍ମବିଦ୍ୟାରେ ଜ୍ଞାନଚିହ୍ନଭାବରେ ଚନ୍ଦ୍ରକୁ ତୁଳିତ କରାଥାଏ । "ଚନ୍ଦ୍ରମାସଂ ଜ୍ୟୋର୍ତିଯୋଗୀ ପ୍ରାପ୍ୟ ନିବର୍ତତେ" ବୋଲି ଭଗବଦ୍ଗୀତାରେ ଭଗବାନ କର୍ମ ବିନାଶ ନହୋଇ ପୁଣି ଜନ୍ମ ହେଉଥିବା ଯୋଗୀ ଚନ୍ଦ୍ର ତେଜରେ ତେଜିଆନ ହୋଇ ଜନ୍ମ ହୋଇଥାଏ ବୋଲି କହିଛନ୍ତି । ଏଠାରେ ଚନ୍ଦ୍ରତେଜ କହିଲେ ଜ୍ଞାନଶକ୍ତି । ସେଥିଲାଗି ଜ୍ଞାନଶକ୍ତି ବଦଳରେ ଚନ୍ଦ୍ରକୁ ଦେଖାଇଥାନ୍ତି । ପରମାତ୍ମାରେ ଐକ୍ୟହେବାକୁ ଜ୍ଞାନଶକ୍ତି ଆବଶ୍ୟକ, ଏହି ଜ୍ଞାନ ଜଣାଇବାପାଇଁ ନକ୍ଷତ୍ର ରଖି ତଳେ ଅର୍ଦ୍ଧଚନ୍ଦ୍ର ସୂଚିତ କରାଯାଇଥାଏ ।



**ନକ୍ଷତ୍ର, ଚନ୍ଦ୍ର**

ପୂର୍ଣ୍ଣଚନ୍ଦ୍ରକୁ ସୂଚିତ ନକରି କ୍ରମେ ଛୋଟରୁ ବଡ ହେଉଥିବା ଅର୍ଦ୍ଧଚନ୍ଦ୍ରକୁ ରଖିଛନ୍ତି । ଏହାର ଅର୍ଥ ହେଉଛି ଜ୍ଞାନଶକ୍ତି ବଢିଲେ ଶେଷରେ ଦିନେ ମୋକ୍ଷ ହୋଇଥାଏ । ମୋକ୍ଷ ସମ୍ବନ୍ଧୀୟ ନକ୍ଷତ୍ର ଏବଂ ଜ୍ଞାନ ସଂବନ୍ଧୀୟ ଚନ୍ଦ୍ରକୁ ପୂର୍ବେ ଅମିତ ସମ୍ମାନ ପ୍ରଦର୍ଶନ କରୁଥିଲେ । ଆଜି ଏହି ଚିହ୍ନ କେବଳ ମହମ୍ମଦୀୟମାନଙ୍କ ପାଇଁ ପରିମିତ ହୋଇଯାଇଛି । ନକ୍ଷତ୍ରର ଅନ୍ତରାର୍ଥ ସେମାନଙ୍କୁ ଯେତିକି ଜଣାଥାଏ ତାହା ଆମକୁ ଜଣାନଥାଏ ।

*****

## ୪୦. ପକ୍ଷୀରାଜ ଘୋଡା

ମୋକ୍ଷ କ'ଣ ଜାଣିବା ପାଇଁ ଜ୍ଞାନଶକ୍ତି ଆବଶ୍ୟକ । ଜ୍ଞାନଶକ୍ତି ପାଇବାକୁ ହେଲେ ଯୋଗ ଆଚରଣ କରିବାକୁ ପଡିବ । ଯୋଗ ହେଉଛି ! ମନକୁ ବିଚଳିତ ନକରି ସ୍ଥିର ରହିବା । ମନ ଅତି ଚଞ୍ଚଳ, ଅତି ବେଗରେ ଧାବିତ ହୋଇଥାଏ । ବାୟୁର ବେଗ ଭଳି ଅତି ଚଞ୍ଚଳ ହୋଇଥିବା ମନକୁ ସ୍ଥିର କରିବା ପାଇଁ ସାଧନା ଆବଶ୍ୟକ । ଏହିଭଳି ମନକୁ ସ୍ଥିର କଲେ ଦିନେ ମୋକ୍ଷ ମିଳିପାରିବ ବୋଲି ଦିନେ ନକ୍ଷତ୍ର ଏବଂ ଅର୍ଦ୍ଧଚନ୍ଦ୍ରକୁ ଦେଖାଇଥିବା ଜ୍ଞାନୀମାନେ ପକ୍ଷୀରାଜଘୋଡାକୁ ମଧ୍ୟ ଆମେ ଜ୍ଞାନ ଜାଣି ପାରିବା ଭଳି ଦେଖାଇଥିଲେ । ଏହାର ଅର୍ଥ ହେଉଛି ! ଘୋଡା ଦୌଡିଥାଏ । ସେହିଭଳି ପକ୍ଷୀରାଜ ଘୋଡା ବାୟୁବେଗ ଅପେକ୍ଷା ଆହୁରି ବେଗଗାମୀ । ତୋର ମନ ଏହିଭଳି ବୋଲି ଜଣାଇବା ନିମନ୍ତେ ପକ୍ଷୀରାଜ ଘୋଡାକୁ ଦେଖାଇଥିଲେ । ସାଂଖ୍ୟସୂତ୍ର ଅନୁସାରେ ଆକାଶର ପ୍ରଥମ ଭାଗ ଏବଂ ବାୟୁର ପ୍ରଥମ ଭାଗ ମିଶିଯିବା ବେଳେ ତିଆରି ହୋଇଥିଲା ମନ । ତେଣୁ ଆକଶର ବାୟୁରେ ଉଡୁଥିବା ପକ୍ଷୀରାଜଘୋଡାକୁ ଦ୍ରୁତଗାମୀ ମନସହିତ ତୁଳନା କରିଥିଲେ । ମନକୁ ସ୍ଥିର କରିବାକୁ ହେଲେ ଶରୀରରେ ଥିବା ପାଞ୍ଚ ଜ୍ଞାନେନ୍ଦ୍ରିୟର

ବିଷୟଗୁଡିକୁ ମନେ ନ ପକାଇ ଅଟକାଇ ଦେବାକୁ ହେବ । ଜ୍ଞାନେନ୍ଦ୍ରିୟର ବିଷୟଗୁଡିକ ଉପରେ ମନ ସର୍ବଦା ବିଚରଣ କରିଥାଏ । ତେଣୁ ଚଞ୍ଚଳ ମନ ସ୍ଥିର ରହିବାକୁ ହେଲେ ପ୍ରଥମେ ଜ୍ଞାନେନ୍ଦିୟର ଧ୍ୟାନ ଛାଡିବାକୁ ହେବ, ତେଣୁ ମନକୁ ପକ୍ଷୀରାଜ ଘୋଡାଭାବରେ ଦର୍ଶାଇ, ଘୋଡାକୁ ଅଟକାଇବାକୁ ହେଲେ ପାଞ୍ଚ ଜ୍ଞାନେନ୍ଦ୍ରିୟ ପ୍ରଥମେ ଅଟକିଗଲେ ହେବ ବୋଲି ପାଞ୍ଚଗୋଟି ଅଙ୍ଗୁଳି ଥିବା ହସ୍ତକୁ ଘୋଡାର ପିଠିଉପରେ ସୂଚିତ କରିଥିଲେ ।



**ପକ୍ଷୀରାଜ ଘୋଡା**

ପାଞ୍ଚଗୋଟି ଅଙ୍ଗୁଳି ଥିବା ହସ୍ତ ରହିଯାଆ ବୋଲି ସଂକେତ ଦେଇଥାଏ । ହସ୍ତରେ ଦର୍ଶାଉଥିବା ପାଞ୍ଚ ଜ୍ଞାନେନ୍ଦ୍ରିୟର ଧ୍ୟାନ ଅଟକିଗଲେ ଚଳଚଞ୍ଚଳ ହେଉଥିବା ମନଘୋଡା ଅଟକିଯାଇଥାଏ । ପକ୍ଷୀରାଜ ଘୋଡା ହୋଇଥିବା ମନ ଅଟକିଯିବା ଦ୍ୱାରା ଜ୍ଞାନଶକ୍ତି ବଢିଥାଏ ବୋଲି ଉପରେ ଅର୍ଦ୍ଧଚନ୍ଦ୍ରକୁ ମଧ୍ୟ ରଖିଥିଲେ । ଜ୍ଞାନଶକ୍ତି ବଢିଲେ ମୋକ୍ଷ ମିଳିଥାଏ, ତେଣୁ

ନକ୍ଷତ୍ରକୁ ମଧ୍ୟ ଏଥିରେ ଚିତ୍ରିତ କରିଥିଲେ । ନକ୍ଷତ୍ର, ଅର୍ଦ୍ଧଚନ୍ଦ୍ର, ହସ୍ତ, ପକ୍ଷୀରାଜ ଘୋଡା ଇତ୍ୟାଦି ସଂକେତଗୁଡିଏ ମିଶି ରହିଥିବା ଚିତ୍ରକୁ ଗୋଟିଏ ଚିତ୍ର ଭାବରେ ଦେଖିପାରିବେ । କେତେକ ସ୍ଥାନରେ ପକ୍ଷୀରାଜ ଘୋଡା, ହସ୍ତ ମିଶି ଗୋଟିଏ ଚିତ୍ର ଭାବରେ, ନକ୍ଷତ୍ର ଏବଂ ଅର୍ଦ୍ଧଚନ୍ଦ୍ର ମିଶି ଅନ୍ୟ ଏକ ଚିତ୍ରଭାବରେ ରହିଥିବା ଜଣାଯାଏ । ଏହି ଚିତ୍ରରେ ଅନେକ ଜ୍ଞାନ ମିଶି ରହିଥିଲେ ମଧ୍ୟ ଏହି ବିଷୟ ଅନେକଙ୍କୁ ଜଣା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆତ୍ମଜ୍ଞାନର ଚିହ୍ନ ହୋଇଥିବା ଏହି ଚିତ୍ରକୁ ସମସ୍ତେ ସମ୍ମାନ ଦେବା ଉଚିତ ।

*****

# ୪୧. ପୀର

ଇନ୍ଦୁମାନଙ୍କ ପର୍ବପର୍ବାଣିରେ ଏହି ପୀରପର୍ବ ମଧ୍ୟ ଗୋଟିଏ । ଇନ୍ଦୁଦେଶ ହିନ୍ଦୁଦେଶ କୁହାଯାଉଥିବା ଭଳି ଇନ୍ଦୁମାନଙ୍କ ଆରାଧନା ମଧ୍ୟ ଅନ୍ୟଧର୍ମରେ ପ୍ରବେଶ କରିଯାଇଛି । ଦିନେ ଇତର ଧର୍ମ (ମତ) ନଥିବା ଇନ୍ଦୁଦେଶରେ କେବଳ ପରମାତ୍ମାଙ୍କ ଆରାଧନା ହେଉଥିଲା । ଇନ୍ଦୁର ଅନେକ ଉତ୍ସବ କାଳଗର୍ଭରେ ମିଶିଯାଇଥିଲେହେଁ କିଛି ଆଜି ବଳକା ରହିଯାଇଛି । ସେଗୁଡିକ ଭିତରୁ ମଧ୍ୟ ଅନେକ ଅର୍ଥହୀନ ଆଚରଣ ହୋଇ ରହିଥିବା ବେଳେ କିଛି ଉତ୍ସବ ଅନ୍ୟ ଧର୍ମରେ ମଧ୍ୟ ମିଶିଯାଇଛି । ପକ୍ଷୀରାଜ ଘୋଡା, ନକ୍ଷତ୍ର, ଚନ୍ଦ୍ର, ପୀର ଇତ୍ୟାଦି ବାବଦରେ ଆଜି ହିନ୍ଦୁମାନଙ୍କୁ ହିଁ ଜଣା ନାହିଁ । ଏଭଳି କେତୋଟି ଦୈବସଂକେତକୁ ବାଦଦେଲେ ପୀରପର୍ବ ଆଜି ହିନ୍ଦୁମାନଙ୍କର କି ମୁସ୍ଲମାନମାନଙ୍କର ନହୋଇ ଉଭୟଙ୍କ ମଝିରେ ରହିବା ଭଳି ରହିଛି । ଅତିମୁଖ୍ୟ ହୋଇଥିବା ନକ୍ଷତ୍ର ଚନ୍ଦ୍ର, ପକ୍ଷୀରାଜ ଘୋଡା ପ୍ରଥମରୁ ହିନ୍ଦୁମାନଙ୍କର ଥିଲା ବୋଲି ଆଧାରଭାବରେ ଉପରକୁ


ଦେଖାଯାଉ ନଥିଲେ ମଧ୍ୟ ପୀର ପର୍ବ ଆଜି ମଧ୍ୟ ହିନ୍ଦୁମାନଙ୍କ ସହ ସମ୍ବନ୍ଧୀତ ହୋଇ ଅଧିକାଂଶ ହିନ୍ଦୁମାନେ ପାଳନ କରୁଥିବା ଜଣାଯାଏ । କାହାକୁ ଜଣା ଅଛି କି ନାହିଁ, କିଏ ଜାଣୁ ବା ନଜାଣୁ ନକ୍ଷତ୍ର, ଚନ୍ଦ୍ର ବାବଦରେ, ପକ୍ଷୀରାଜ ଘୋଡା ବାବଦରେ ଆମେ ଜାଣିସାରିଛେ । ଏବେ ପୀରପର୍ବ ବାବଦରେ ଜାଣିବା ।

ଇନ୍ଦୁମତରେ ଶାସ୍ତ୍ର ବ୍ୟତୀତ ପୁରାଣଗୁଡିଏ ଥିବା ଭଳି ମୁସ୍ଲିମ୍ ମତରେ ନକ୍ଷତ୍ର ବାବଦରେ, ଚନ୍ଦ୍ର ବାବଦରେ, ପକ୍ଷୀରାଜ ଘୋଡା ବାବଦରେ କିଛି କାହାଣୀ ଥାଇପାରେ; ତଥାପି ଆତ୍ମଜ୍ଞାନ ସମ୍ବନ୍ଧୀତ କରି ଆମେ ସେଗୁଡିକର ଅର୍ଥ କହିଲେ ଭୂଲ୍ ହେବ ନାହିଁ । ଟିଣରେ ତିଆରି କରାଯାଇଥିବା ଗୋଲାକାର ଜିନିଷଟିଏ ପୀର ଭାବରେ କୁହାଯାଏ । ତା'ର ଉପର ଭାଗରେ ତିନିଗୋଟି ସିଙ୍ଗ ଭଳି ଆକାର ଟିଣ ଚଦରରେ କରାଯାଇଥାଏ । ନାକ ମୁଖାଦି ନଥିବା, ଗୋଲାକାର ହୋଇଥିବା ଏହି ଆକାରକୁ ମୁଖ୍ୟ ଅଳଂକାର ଭାବେ ତିନିରେଖା ବିଶିଷ୍ଟ ତିଳକ ଭଳି ତିଆରି କରାଯାଇଥାଏ । ଯେଉଁଥିରେ ନାକ ମୁଖାଦି ଆକାର ନଥାଏ ତାହାକୁ ଆତ୍ମା ସ୍ୱରୂପ ବୁଝନ୍ତୁ । ଏହି ଆକାରର ଅର୍ଥକୁ ଆକାର ନଥିବା ଈଶ୍ୱର ବା କୌଣସି ଆକାର ନଥିବା ପରମାତ୍ମା ଭାବରେ ଦର୍ଶାଇବା ବଡମାନଙ୍କର ଉଦ୍ଦେଶ୍ୟ । ଆକାର ନଥିବା ପରମାତ୍ମା ତିନି ଭାଗରେ ଅର୍ଥାତ୍ ଜୀବାତ୍ମା, ଆତ୍ମା,ପରମାତ୍ମା ହୋଇ ରହିଥା'ନ୍ତି ବୋଲି ଏହି ଧାତୁ ନିର୍ମିତ ଚିତ୍ରରେ ଥିବା ତିନି ରେଖା ସୂଚିତ କରିଥାଏ । ଉପରେ ଥିବା ତିନି ରେଖା ମଧ୍ୟରୁ ଦୁଇ କଡରେ ଥିବା ଦୁଇ ରେଖା ଅପେକ୍ଷା ମଝିରେ ଥିବା ରେଖାଟି ଉଚ୍ଚ ହୋଇଥାଏ । ଅନ୍ୟ ଦୁଇ ରେଖା ଦୁଇ କଡକୁ ବଙ୍କା ହୋଇ ରହିଥିବା ସ୍ଥଳେ ମଧ୍ୟରେଖା ସିଧା ଆକାଶମୁଖି ହୋଇ ରହିଥାଏ । ପୀରପୀଠ ଯେଉଁଠି ଥାଉନା କାହିଁକି ସବୁଠାରେ ଏହିଭଳି ହିଁ ରହିଥାଏ । ତାହା ଦେଖିବା ବେଳେ ଦକ୍ଷିଣପାର୍ଶ୍ୱରେ ଦେଖାଯାଉଥିବା ରେଖାକୁ ଜୀବାତ୍ମା ରେଖା, ବାମ ପାର୍ଶ୍ୱରେ

ଥିବା ରେଖାକୁ ଆତ୍ମାରେଖା ଭାବରେ ଚିହ୍ନନ୍ତୁ । ଭୂପୃଷ୍ଠରେ ପରମାତ୍ମା କ୍ଷରାକ୍ଷର ପୁରୁଷୋତ୍ତମ ହୋଇ ରହିଥା'ନ୍ତି । ସର୍ବସ୍ୱର ଆଦିକର୍ତ୍ତା ଇନ୍ଦୁମାନଙ୍କ ଦ୍ୱାରା ପରମାତ୍ମା, ଖ୍ରୀଷ୍ଟିଆନମାନଙ୍କର ଯହୋବା, ମୁସ୍ଲିମ୍‌ମାନଙ୍କର ଅଲ୍ଲାଃ କୁହାଯାଉଥିବା ପାତ୍ର ଗୋଟିଏ ଦିଗରେ ଜୀବାତ୍ମାଭାବରେ ଆଉଗୋଟିଏ ଦିଗରେ ଆତ୍ମାଭାବରେ ରହି ସର୍ବ ଜୀବକୋଟିଙ୍କୁ ସୃଷ୍ଟି କରିଥା'ନ୍ତି ବୋଲି ଏହି ପୀର ଆକାର ସୂଚିତ କରିଥାଏ ।

ପରମାତ୍ମା ବା ଈଶ୍ୱର ଏହିଭଳି ବୋଲି ଜାଣିଥିବା ଜ୍ଞାନୀମାନେ ପ୍ରଜାମାନଙ୍କୁ ଜଣାଇବା ପାଇଁ ନାନା ପ୍ରକାରର ଉଦ୍ୟମ କରିଛନ୍ତି । ସେମାନଙ୍କର ନାନା ଉଦ୍ଦେଶ୍ୟରୁ ଏହି ପୀର ମଧ୍ୟ ଏକ ମହାନ ଉଦ୍ଦେଶ୍ୟ । ବର୍ଷକୁ ଥରେ ଏହି ପୀରପର୍ବ ପାଳିତ ହୋଇଥାଏ । ଆଜି କେତେକାଞ୍ଚଳରେ ଏହି ପର୍ବ ପାଳିତ ହେଉଥିଲେ ମଧ୍ୟ ପୂର୍ବର ଭାବ ଏଥିରେ ବୋଧହୁଏ ନାହିଁ । ଆଜି ଏହି ପର୍ବ ହିନ୍ଦୁ ଏବଂ ମୁସ୍ଲିମ୍ ସମାଜର ଲୋକେ ମିଶି ପାଳନ କରିଥା'ନ୍ତି ବୋଲି କେତେକାଞ୍ଚଳରୁ ଜଣାଯାଏ । ପୂର୍ବର ଭାବ ଆଜି ନଥାଇ ଏହି ପୀରଙ୍କ ପାଖରେ ନାନା କାମନା ରଖିବା ଲୋକମାନେ ତିଆରି ହେଲେଣି । ପୀର ପାଖରେ ମାତ୍ର କିଛି ଲୋକଙ୍କର ଭକ୍ତି ଭାବ ଥିବା ସ୍ଥଳେ, କେତେକ ଅଞ୍ଚଳରେ ଏହି ପୀର ପର୍ବରେ ଅଧିକ ଲୋକ ମାଦକ ଦ୍ରବ୍ୟ ସେବନ କରି ଉନ୍ମାଦ ହୋଇଥା'ନ୍ତି । ପୀରକୁ ଦୈବ ଭାବରେ ନେଇ ତା ନିକଟରେ ଆମ କର୍ମ ଦହନ କରିଦିଅ ବୋଲି ପୂର୍ବର ଲୋକମାନେ ଅଗ୍ନିକୁଣ୍ଡରେ ଅଗ୍ନି ଜଳାଇ ସେଥିରେ କାଠ ପୋଡି ଭାବ ଦର୍ଶାଉଥିଲେ । ଶରୀର ନାମକ କୁଣ୍ଡରେ ଜ୍ଞାନ ନାମକ ଅଗ୍ନି ଦ୍ୱାରା କର୍ମ ନାମକ କାଠକୁ ଜଳାଇ ତୋଠାରେ ଆମକୁ ଐକ୍ୟ କରିଦେ ବୋଲି ବଡମାନେ କରିଥିବା କ୍ରିୟା ଆଜି ଥିଲେ ମଧ୍ୟ ଏହି ଭାବ ପ୍ରଦର୍ଶନ କରିବା ଆଉ ଦେଖିବାକୁ ମିଳୁ ନାହିଁ । ପୀର ପର୍ବରେ ମାଦକ ଦ୍ରବ୍ୟ ପିଇ ମାଂସାହାର କରି ଆଜି

ନାନା ହଙ୍ଗାମା କରୁଛନ୍ତି । ଏଭଳି ନକରି ବଡମାନଙ୍କ ଉଦ୍ଦେଶ୍ୟ ମୁତାବକ ପୀରପର୍ବ ପାଳନ କଲେ ତାହା ହରାଇଥିବା ପବିତ୍ରତା ଫେରି ପାଆନ୍ତା ।



**ପୀର**

ଅଜ୍ଞାନରେ ଥିବା ଲୋକମାନଙ୍କୁ ଆତ୍ମଜ୍ଞାନ ଜଣାଇବା ପାଇଁ ପୂର୍ବର ବଡମାନେ ନାନା କୃଷି କରିଥିଲେ, କିନ୍ତୁ ସେମାନଙ୍କ କୃଷି ଆଜି ମୂଲ୍ୟହୀନ ହୋଇଯାଇଛି । ମାନବର ଜାତିମତ ବ୍ୟବସ୍ଥା ଆଜି ଆତ୍ମଜ୍ଞାନକୁ ହରାଇଛି । ଅଜ୍ଞାନ ପ୍ରଜାମାନଙ୍କ ଭିତରେ ଜାତିମତ ସୃଷ୍ଟି ହୋଇ ଜଣେ ଜଣକର ସତ୍ରୁ ଭଳି ରହି ନାନା ଉପଦ୍ରବ ସୃଷ୍ଟିକରି ସମାଜକୁ ନୀଚସ୍ଥିତିକୁ ନେଇଯାଇଛନ୍ତି । ସର୍ବମାନବଜାତିର ଈଶ୍ୱର ଜଣେ ବୋଲି ସମସ୍ତେ ସଂପୂର୍ଣ୍ଣ ଭୂଲିଗଲେଣି । ଏହିଭଳି ସ୍ଥିତିରେ ଥିବା ଆଜିର ସମାଜର ଲୋକମାନଙ୍କୁ ଜାଗ୍ରତ କରିବା ପାଇଁ ଯେଉଁ ଚେଷ୍ଟା କରୁଛୁ ତା'ର ଏକ ଭାଗ ହେଉଛି ଏହି ଛୋଟ ଗ୍ରନ୍ଥର ଚେଷ୍ଟା । ମାନବଜାତିର ମତ ବିଭେଦତା ନରହୁ, ସମସ୍ତେ ସମାନହୋଇ

ଆମେ ସମସ୍ତେ ଗୋଟିଏ ଈଶ୍ୱରଙ୍କ ସନ୍ତାନ ହୋଇ ରହିବା ଉଚିତ୍ । ପ୍ରତ୍ୟେକ ମତାବଲମ୍ବୀ ପାଇଁ ଜଣେ ଆରାଧ୍ୟ ରହିଛନ୍ତି, ରୂପ ନାମ ନଥିବା ଈଶ୍ୱର ସେ, ତାଙ୍କରି ବିଷୟରେ କିଛି ଜଣାଇବା ମୋର ଉଦ୍ଦେଶ୍ୟ । ମୋତେ କିଛି ଜଣା ନଥିଲେ ମଧ୍ୟ ମୋ ବିଚାରରେ ଆଣି ମୋ ଶରୀର ଦ୍ୱାରା ଲେଖାଇଥିବା ଦେବାଧିଦୈବ ପରମାତ୍ମାଙ୍କୁ ଏହି ଗ୍ରନ୍ଥର କୀର୍ତ୍ତି, ଅପକୀର୍ତ୍ତି ପ୍ରାପ୍ତହେଉ ବୋଲି ଜଣାଉଛି ।

*****

# ଦେବାଳୟ ଉପରେ ସ୍ୱାମିଜୀମାନଙ୍କ ମତାମତ

ଦେବାଳୟଗୁଡିକ ମାନବଙ୍କୁ ଦୈବତ୍ୱ ବାବଦରେ ସମାଚାର ଦେଇ ପାରୁଥିବା ଜ୍ଞାନସୌଧ ହୋଇ ରହିବା ସହିତ ସେଗୁଡିକରେ ହେଉଥିବା ପୂଜା ମାନବତ୍ୱ ଏବଂ ବିଶ୍ୱାସ ବାବଦରେ ସମାଚାର ଦେଇଥାଏ ବୋଲି ଜାଣିଲେ । ଦେବାଳୟ ବ୍ରହ୍ମବିଦ୍ୟାଶାସ୍ତ୍ର ବା ଭଗବଦ୍ଗୀତାକୁ ଅତିକ୍ରମ ନ କରି ଏକ ସୀମା ଭିତରେ ନିର୍ମିତ ହୋଇଛି । ସେଥିରେ ପରମାତ୍ମା ସୂର୍ଯ୍ୟଙ୍କୁ କହିଥିବା ଜ୍ଞାନ ଅନୁସାରେ କୃତଯୁଗରେ ହିଁ ନିର୍ମିତ ହୋଇଥିଲା । ସେତେବେଳେ କୌଣସି ଅଗମଶାସ୍ତ୍ର ନଥିଲା । ୧) ଗଣିତ ଶାସ୍ତ୍ର, ୨) ଜ୍ୟୋତିଷ୍ୟ ଶାସ୍ତ୍ର, ୩) ଖଗୋଳ ଶାସ୍ତ୍ର, ୪) ଭୌତିକ ଶାସ୍ତ୍ର ଏବଂ ୫) ରସାୟନ ଶାସ୍ତ୍ରଗୁଡିକ ପ୍ରପଞ୍ଚ ସମ୍ବନ୍ଧୀୟ ହୋଇଥିବା ବେଳେ, ଷଷ୍ଠତମ ଶାସ୍ତ୍ର ଯୋଗଶାସ୍ତ୍ର ବା ବ୍ରହ୍ମବିଦ୍ୟାଶାସ୍ତ୍ର କେବଳ ଦୈବସମ୍ବନ୍ଧୀୟ ହୋଇ ରହିଥିଲା ଏବଂ ରହିଛି । ବେଦଗୁଡିକ ମଧ୍ୟ ଶାସ୍ତ୍ର ନୁହେଁ । ଦୈବ ବା ଈଶ୍ୱର ଏବଂ ଦେବାଳୟ ବାସ୍ତବରେ ବେଦର ଅତୀତ । ସେହି ଦେବାଳୟଗୁଡିକୁ ଅଧର୍ମବଦ୍ଧ କରି ନିର୍ମାଣ କରିବା, ଅଧର୍ମ ରୀତିରେ ଆରାଧନା କରିବା ଉଚିତ୍ ନୁହେଁ । ଦେବାଳୟ କେବେ ମଧ୍ୟ ନିର୍ମାଣ ହେଉ ତାହା ଧର୍ମବଦ୍ଧ

ଭାବରେ, ପୂର୍ବ ପରମ୍ପରା ଅନୁସାରେ ନିର୍ମାଣ କରିବା ଉଚିତ୍ ହୋଇଥାଏ । ଏଇ ମଧ୍ୟକାଳୀନ ସମୟରେ ଉଦ୍ଭବ ହୋଇଥିବା ସ୍ୱାମିଜୀମାନେ ଦେବାଳୟ ଉପରେ ସେମାନଙ୍କର ଆଧିପତ୍ୟ ବିସ୍ତାର କରିବା ପୂର୍ବକ ଏହା ବୈଷ୍ଣବ ଦେବାଳୟ, ତାହା ଶୈବମାନଙ୍କର ଦେବାଳୟ କହି ଦେବାଳୟଗୁଡିକୁ ଦୁଇଭାଗ କରି ଦେଇଛନ୍ତି । କେତେକ ଗୃହନିର୍ମାଣ ପାଇଁ ବାସ୍ତୁଶାସ୍ତ୍ର ତିଆରି କରିଥିବା ଭଳି, ଦେବାଳୟପାଇଁ କେତେକ ଅଗମଶାସ୍ତ୍ର ତିଆରି କରି, ଈଶ୍ୱରଙ୍କୁ ମଧ୍ୟ ମଣିଷ ଭଳି ହିସାବ କରି, ତାଙ୍କପାଇଁ ନାନା ସେବା ସୃଷ୍ଟିକରି ଏହା ସବୁ ଆରାଧନା ବୋଲି କହୁଛନ୍ତି । ଏହିଭଳି ଦେବାଳୟରେ ଅନେକ ପ୍ରକାରର ନିୟମ ରଖି ଅନ୍ୟ ମତାବଲମ୍ବୀମାନଙ୍କ ଆଗରେ ଈଶ୍ୱରଙ୍କୁ ନିନ୍ଦାକରିବା ଭଳି କରିଛନ୍ତି ।

ଏହି ସନ୍ଦର୍ଭରେ ଜଣେ ବୈଷ୍ଣବ ହୋଇଥିବା ଚିନାଜିଅର୍ ସ୍ୱାମୀ ତିରୁପତିରେ ହେଲିକାପ୍ଟର ଉଡିବା ଉଚିତ୍ ନୁହେଁ, ଗ୍ୟାସ୍ ଚୂଲାରେ ଲଡ୍ଡୁ ତିଆରି କରିବା ଉଚିତ ନୁହେଁ, ପାଇପ୍ ପାଣି ବ୍ୟବହାର କରିବା ଉଚିତ୍ ନୁହେଁ, ନୂଆ ପ୍ରାଙ୍ଗଣ ନିର୍ମାଣ କରିବା ମଧ୍ୟ ପରମ୍ପରା ବିରୁଦ୍ଧ ବୋଲି କହି ଧର୍ମ ପ୍ରଚରପାଇଁ ଏହି ଦେବାଳୟ ନିମନ୍ତେ ସରକାରଙ୍କଠାରୁ ଟଙ୍କା ମଧ୍ୟ ଆଶା କରିଛନ୍ତି । ଏହି ବିଷୟରେ ଜଣେ ଶୈବ ହୋଇଥିବା ଜୟେନ୍ଦ୍ର ସରସ୍ୱତୀ (ସ୍ୱାମିଜୀ) ସ୍ପନ୍ଦିତ ହୋଇ ତାଙ୍କୁ ତୀବ୍ର ନିନ୍ଦା ମଧ୍ୟ କରିଛନ୍ତି । ଜୟେନ୍ଦ୍ର ସରସ୍ୱତୀଙ୍କ ବ୍ୟାଖ୍ୟାରେ ଚିନାଜିୟର ସ୍ୱାମୀ କ୍ରୋଧିତ ହୋଇ ଯେଉଁମାନଙ୍କୁ ଅଗମଶାସ୍ତ୍ର ଜଣା ନାହିଁ ସେମାନେ କଥାବାର୍ତ୍ତା କରିବା ଉଚିତ୍ ନୁହେଁ କହି, ମୁଁ ଜଣେ ସର୍ବଜ୍ଞ, ଆଳୟ ପରମ୍ପରା ବାବଦରେ ନଜାଣି କେହି କୌଣସି ଉପଦେଶ ଦେବା ଦରକାର ନାହିଁ ବୋଲି କହିଛନ୍ତି । ତା'ଛଡା ଯେଉଁମାନେ ଆଜି ପୀଠ ନିର୍ମାଣ କରି ବସିଛନ୍ତି କ'ଣ ସେମାନେ ସମସ୍ତେ ପୀଠାଧିପତି ବୋଲି ପୀଠାଧିପତିମାନଙ୍କ ବିରୁଦ୍ଧରେ ଅବହେଳିତ କଥାବାର୍ତ୍ତା କରିଛନ୍ତି ।

ଏହି ବିଷୟ ଶୁଣିବା ପରେ ଧର୍ମ ବିବରଣୀ ପାଇଁ ଆମକୁ ମୁହଁ ଖୋଲିବାକୁ ପଡିଛି । ଦେବାଳୟରେ ପୂର୍ବରୁ ଥିବା ପ୍ରଥାର ପରମ୍ପରା ନ ରହିବା ସହିତ ଭକ୍ତମାନଙ୍କର ଆରାଧନା ବିଧାନ ବଦଳିଯିବାରେ ଏହିଭଳି ସ୍ୱାମିଜୀମାନେ ହିଁ କାରଣ କହିଲେ ଭୂଲ୍ ହୁଏ ନାହିଁ । ଧର୍ମ କ'ଣ ନଜାଣି ଆମେ ସର୍ବଜ୍ଞ ଭାବି ଆଳୟ ପରମ୍ପରାକୁ ନିଆଁ ଲଗାଇ, ଈଶ୍ୱରଙ୍କୁ ମଧ୍ୟ ସଂକୁଚିତ କରି, ଆମ ଭଳି ତାଙ୍କର ମଧ୍ୟ ନିଦ୍ରା ଜାଗ୍ରତାବସ୍ଥା ଥାଏ କହିବା, ଅଗମଶାସ୍ତ୍ର ଅଛି କହିବା କ'ଣ ଠିକ୍ ବୋଲି ପ୍ରଶ୍ନ କରୁଛୁ ।

ଆଳୟଗୁଡିକରେ ଅନେକ ଅର୍ଥ ପୂର୍ଣ୍ଣ ହୋଇ ରହିଥିବା ବେଳେ, ତନ୍ମଧ୍ୟରୁ କୌଣସି ଗୋଟିକର ବିବରଣୀ ଜଣାଇ ନପାରି ଆମେ ଧର୍ମ ପ୍ରଚାର କରୁଛୁ କହିଲେ କ'ଣ ହେବ ? ଭଗବାନଙ୍କ ତିଳକ ହେଉ, ତାଙ୍କ ହସ୍ତ ହେଉ, ଷଠ୍ଗୋପ୍ୟ ହେଉ ଏଭଳି ଅନ୍ୟାନ୍ୟ ଦେବାଳୟ ସମ୍ବନ୍ଧୀୟ ବିଷୟ ହେଉ ସେ ବାବଦରେ ପ୍ରସ୍ତାବିତ ନକରି, ଦୈବ ସମ୍ବନ୍ଧୀୟ ହୋଇନଥିବା ବିଷୟର ପ୍ରସ୍ତାବନା ଆଣିଲେ କ'ଣ ତାହା ପରମ୍ପରା ହେବ ? ଦେବାଳୟ ରହସ୍ୟ ଜାଣିନଥିବା ଲୋକମାନେ ଦେବାଳୟର ରୀତିନୀତି ବାବଦରେ କଥାବାର୍ତ୍ତା କରିବା କ'ଣ ଶୋଚନୀୟ ନୁହେଁ ! ନିଜର ଲେଖାକୁ ଶାସ୍ତ୍ର କହି ଆଳୟରେ ଧୈବଧର୍ମ ସମ୍ବନ୍ଧୀୟ ନିର୍ମାଣ କରିପାରିବା ? ଧର୍ମ, ଧର୍ମ ସମ୍ବନ୍ଧୀୟ ରୀତିନୀତି ଏସବୁ ଗୋଟିଏ ଦିଗରେ ପ୍ରଜାମାନଙ୍କୁ, ଅନ୍ୟ ଦିଗରେ ସରକାରଙ୍କୁ ମଧ୍ୟ ଜଣାନଥାଏ । ତେଣୁ ଯଦି କେହି ସଂସ୍କୃତ ପଣ୍ଡିତ ଦେଖାଯାଉଛନ୍ତି ସେ କହୁଥିବା ବିଷୟ ହିଁ ଆମ ରୀତି ବା ପ୍ରଥା ବୋଲି ଭାବି ବସୁଛନ୍ତି । ଶୁଣୁଥିବା ବିଷୟର ଶାସ୍ତ୍ରବଦ୍ଧତା ଅଛି କି ନାହିଁ ମଧ୍ୟ ବିଚାର କରୁନାହାନ୍ତି । ନାନା ପ୍ରକାରର କଳ୍ପିତ ପୁରାଣକୁ ଅମୃତ ଭଳି ପାନ କରୁଛନ୍ତି, ଏଭଳି ସେମାନଙ୍କ ବାବଦରେ ଯେତେ କହିଲେ ମଧ୍ୟ କମ୍, ତେଣୁ ଶାସ୍ତ୍ରୀୟତା ନଥିବା ଅନେକ ବିଷୟକୁ ସେମାନେ କିପରି କହିଥା'ନ୍ତି ତାହା ପତ୍ରିକାଗୁଡିକରେ କେଉଁଭଳି ପ୍ରଚାରିତ ହୋଇଛି ଦେଖନ୍ତୁ ।

ଏହି ପତ୍ରିକା ସମାଚରଗୁଡିକ ତେଲୁଗୁଭାଷାରେ ରହିଥିବାରୁ ତାହା ନଲେଖି କେବଳ ମୁଖ୍ୟ ବିଷୟକୁ ଲେଖୁଛୁ । ଯଦିକେହି ଏ ବାବଦରେ ଥିବା ସତ୍ୟକୁ ଜାଣିବାକୁ ଇଚ୍ଛା କରନ୍ତି ତେବେ ତାରିଖ ଏବଂ ବର୍ଷ ଅନୁସାରେ ଅନ୍ୱେଷଣ କରିପାରିବେ ।

**୧. ଇନାଡୁ ହାଇଦ୍ରାବାଦ୍ (୦୪-୦୨-୨୦୦୪) ରେ**

"ଶିବାରାଧକୁଲପୈ ଚିନଜିୟର ସ୍ୱାମୀ ବ୍ୟାଖ୍ୟାଲୁ ଅନୁଚିତମ୍ ।"

(ଶିବ ପୂଜକମାନଙ୍କ ଉପରେ ଚିନାଜିୟରସ୍ୱାମୀଙ୍କ ବ୍ୟାଖ୍ୟା ଅନୁଚିତ)

**୨. ନ୍ୟୁଜ୍ ଟୁଡେ ତିରୁପତି (ଇନାଡୁ, ୨୦-୦୨-୨୦୦୪)ରେ**

"ତିତିଦେ(ତିରୁପତି ତିରୁମଲା ଦେବସ୍ଥାନମ୍)ନୁ କଲପରୁସ୍ତୁନା ପ୍ରଭୂତ୍ୱ ଜିଓ"

(ତିରୁପତି ତିରୁମଲା ଦେବସ୍ଥାନକୁ ସ୍ପନ୍ଦିତ କରୁଥିବା ସରକାରୀ ଜିଓ)

**୩. ପ୍ରଭାତବାର୍ତ୍ତା ସିଟି ନ୍ୟୁଜ୍, ହାଇଦ୍ରାବାଦ୍ (୨୭-୦୨-୨୦୦୪) ରେ**

"ଜିୟର ବ୍ୟବହାର ଶୈଲୀ ବଲ୍ଲା ପ୍ରମାଦମ୍"

(ଜୀୟରଙ୍କ ବ୍ୟବହାର ଶୈଳୀ କାରଣରୁ ବିପଦ)

**୪. ଇନାଡୁ, ୨୪-୦୨-୨୦୦୪ରେ**

"ତିତିଦେ ଅଗମ ସଲାହ ମଣ୍ଡଲି ରଦ୍ଦୁ!''

(ତିରୁପତି ତିରୁମଲା ଦେବସ୍ଥାନରେ ଅଗମ ସୂଚନା ରଦ୍!)

**୫. ଇନାଡୁ ହାଇଦ୍ରାବାଦ୍, ୨୭-୦୨-୨୦୦୪ରେ**

"ଶାନ୍ତି, ସୌଭାଗ୍ୟଲ ସ୍ଥାପନାକୁ ଆଲୟାଲୋ ଅଗମ ସଂସ୍କୃତି"

(ଶାନ୍ତି,ସୌଭାଗ୍ୟ ସ୍ଥାପନାର୍ଥେ ଆଳୟରେ ଅଗମ ସଂସ୍କୃତି )

**୬. ବାର୍ତ୍ତା, ୦୧-୦୩-୨୦୦୪ ରେ**

"ଓଟ୍ଲ କୋସମେ ଚିନଜିୟର ସ୍ୱମିକି ନିଧୁଲ କେଟାୟିମ୍ପୁ"

(ଭୋଟ୍ ପାଇଁ ଚିନାଜିଅର ସ୍ୱାମୀଙ୍କୁ ଟଙ୍କା ଦିଆଯାଇଛି)

**୭. ୦୩-୦୪-୨୦୦୪ ବାର୍ତ୍ତାରେ**

"ଚିନାଜିଅର୍ ସ୍ୱମୀକି ନିଧୁଲ ଚେଲିମ୍ପୁ ଅପଣ୍ଡି"

(ଚିନାଜିଅର୍ ସ୍ୱାମୀକୁ ଟଙ୍କାଦେବା ବନ୍ଦକରନ୍ତୁ)

**୮. ସୋମବାର,ମାର୍ଚ୍ଚ ୧, ୨୦୦୪, ଇନାଡୁରେ**

"ଦେଉଡିପୈ ରାଜକୀୟଲୋଦ୍ଦୁ"

(ଈଶ୍ୱରଙ୍କ ଉପରେ ରାଜନୀତି କରନାହିଁ)

**୯. ୦୮-୦୩-୨୦୦୪, ବାର୍ତ୍ତାରେ**

"ଗୀତାଜ୍ୟୋତିନି ବକ୍ରିକରିଞ୍ଚୋଦ୍ଦୁ"

(ଗୀତାଜ୍ୟୋତିକୁ ବକ୍ରୀକରଣ କରନ୍ତୁ ନାହିଁ)

**୧୦. ବାର୍ତ୍ତା, ୦୧-୦୩-୦୪ରେ**

"ତୋଲଗିଂଚିନା ଚୋଟେ ବେଇକାଲ୍ଲୁ ମଣ୍ଡପମ୍"

(କାଢିଦିଆ ଯାଇଥିବା ସ୍ଥାନରେ ହଜାରସ୍ତମ୍ଭର ମଣ୍ଡପ)

**୧୧. ଆନ୍ଧ୍ରଭୂମି , ୧୫-୦୩-୨୦୦୪ରେ**

"ଟି.ଟି.ଡି.ଲୋ ଆଦିଶଙ୍କରାଚାର୍ୟୁଡୁ ସୁଚିଂଚିନଟ୍ଲୁଗାନେ ନୈବେଦ୍ୟାଲୁ"

(ଟି.ଟି.ଡି.ରେ ଆଦିଶଙ୍କରାଚାର୍ଯ୍ୟ ସୂଚିତ କରିଥିବା ଭଳି ନୈବେଦ୍ୟ)

ଏହିଭଳି ପତ୍ରିକାଗୁଡିକରେ ଦିଆଯାଇଥିବା ବିଷୟ ଉପରେ ଆଚାର୍ଯ୍ୟ ଶ୍ରୀ ପ୍ରବୋଧାନନ୍ଦ ଯୋଗୀଶ୍ୱର ଦେଇଥିବା ସୂଚନା ନିମ୍ନମତେ ରହିଛି ।

**୧. ଧର୍ମବରମ୍ ଟାଉନ୍, ମାର୍ଚ୍ଚ ୬, ପ୍ରଭାତ ବାର୍ତ୍ତାରେ**

"ଅଗମଶାସ୍ତ୍ରମାଂଟେ ଏମିଟୋ ପିଠାଧିପତିଲୁ ତେଲପାଲି"

( ଅଗମ ଶାସ୍ତ୍ର କହିଲେ କ'ଣ ପିଠାଧିପତିମାନେ ହିଁ କହନ୍ତୁ)

**୨. Prabodhanamda too points finger at TTD**

**୩. ମାର୍ଚ୍ଚ ୧୪ ଅନନ୍ତପୁରମ୍, ଅନ୍ଧ୍ରଭୂମିରେ**

"ଦେବାଲୟାଲୁ ସଂଦେଶ ବାରଧିଲାଂଟିବି"

(ଦେବାଳୟଗୁଡିକ ସଂଦେଶ ବାରିଧି ଭଳି)

**୪. ଆନ୍ଧ୍ରଭୂମି,କାଚିଗୁଡା ୧୨-୩-୨୦୦୪ରେ**

"ଲୋକ୍ସତ୍ତା ଅଧିର୍ୟଂଲୋ ପିଠାଧିପତିଲୋନୁ ଓକ ବେଦିକାପୈ ତେବାଲି"

(ଲୋକସତ୍ତା ଅଧକ୍ଷତାରେ ପିଠାଧିପତିମାନଙ୍କୁ ଏକ ବେଦୀକା ଉପରକୁ ଆଣିବା ଉଚିତ୍)

**୫. ବାର୍ତ୍ତା, ୧୨-୦୩-୨୦୦୪ରେ**

"ତିରୁମଲେଶୁନି ପୂଜାଲପୈ ନ୍ୟାୟନିପୁଣୁଲୁ କମିଟି ବେୟାଲି"

(ତିରୁମଲେଶଙ୍କ ପୂଜା ବାବଦରେ ନ୍ୟାୟନୀପୁଣମାନେ କମିଟି ଗଠନ କରିବା ଉଚିତ୍ )

**୬. ଆନ୍ଧ୍ରଭୂମି ୧୨-୦୩-୨୦୦୪ରେ**

"ଶାସ୍ତ୍ରୀୟଙ୍ଗା ସମସ୍ୟାନୁ ପରିଷ୍କାରିଂଚଲି"

(ଶାସ୍ତ୍ରୀୟତାର ସହିତ ସମସ୍ୟାର ସମାଧାନ କରିବା ଉଚିତ୍)

**୭-୧୫-୦୩-୨୦୦୪,ବାର୍ତ୍ତାରେ**

"ତିରୁମଲାଲୋ ସାଂପ୍ରଦାୟାଲୁନାୟା ?"

(ତିରୁମଲାରେ ପରମ୍ପରା ଅଛି ?)

ଏହିଭଳି ଖବରକାଗଜଗୁଡିକରେ ଅନ୍ୟାନ୍ୟ ସ୍ୱାମିଜୀମାନେ ଦେଇଥିବା ବ୍ୟାଖ୍ୟା ଏବଂ ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ଦେଇଥିବା ବ୍ୟାଖ୍ୟାକୁ ସୂଚନା ପ୍ରାୟ ଦିଆଯାଇଛି ।

*****

# ଶେଷକଥା

ମତ (ଧର୍ମ) ମଣିଷର ଥାଏ ସିନା ଈଶ୍ୱରଙ୍କର ନଥାଏ । ଦେଶରେ ରାଜନୈତିକ ପାର୍ଟି ପ୍ରଜାମାନଙ୍କର ସିନା ଦେଶର ନୁହେଁ । ପଦବୀ ଗୋଟିଏ ଥିଲେ ମଧ୍ୟ ପାର୍ଟିମାନେ ଅନେକ ଥାଆନ୍ତି କହିବା ଭଳି ଈଶ୍ୱର ଜଣେ ହୋଇଥିବା ବେଳେ ମତ (ଧର୍ମ) ଅନେକ ଥାଇପାରେ । ସମସ୍ତେ ପଦବୀ ଆଶା କରୁଥିବା ଭଳି ସମସ୍ତେ ମୋକ୍ଷ ଆଶା କରିପାରିବେ । ପଦବୀ ଆଶା କରୁଥିବା ଲୋକମାନେ ପଦବୀ ବାବଦରେ ଆଗରୁ ଜାଣିପାରିବା ଭଳି ଈଶ୍ୱରଙ୍କୁ ପାଇବାକୁ ଚାହୁଁଥିବା ଲୋକମାନେ ଐଶ୍ୱରୀୟଜ୍ଞାନ ଜାଣିବା ଦରକାର । ପ୍ରତ୍ୟେକ ମତର ଲୋକମାନେ ଦୈବସନ୍ନିଧି ଇଚ୍ଛାକରନ୍ତି ତେଣୁ ନିଜ ନିଜର ଆରାଧ୍ୟ ବାବଦରେ ସେମାନେ କହିଥା'ନ୍ତି । ଇନ୍ଦୁମତରେ ଈଶ୍ୱରଙ୍କୁ ଜାଣିବା ପାଇଁ ଇନ୍ଦୁମାନେ ଦେବାଳୟ ନିର୍ମାଣ କରିଛନ୍ତି । ଅନ୍ୟ ମତାବଲମ୍ବୀମାନେ ଏଭଳି ଦେବାଳୟ ନିର୍ମାଣ ନକରି ନିଜ ନିଜର ମତଗ୍ରନ୍ଥ ଉପରେ ଆଧାରିତ ହୋଇ ରହିଥା'ନ୍ତି । ଇନ୍ଦୁମତରେ ପୂର୍ବେ କୌଣସି ନିର୍ଦ୍ଦିଷ୍ଟ ଗ୍ରନ୍ଥ ନଥିବା ବେଳେ ପ୍ରତ୍ୟକ୍ଷ ପ୍ରମାଣଭାବରେ ଦେବାଳୟ ନିର୍ମାଣ କରାଯାଇଥିଲା । ଦେବାଳୟଗୁଡିକ ସୃଷ୍ଟି କରିଥିବା ମହାମହିମମାନଙ୍କର ଉଦ୍ଦେଶ୍ୟ ମହାନ, ଦେବାଳୟରେ ଥିବା ଅର୍ଥ ମଧ୍ୟ ମହାନ । ଦେବାଳୟ ଦୈବିବିଷୟ ଜଣାଉଥିବା ପ୍ରମାଣ ସ୍ୱରୂପ ଥିଲେ ମଧ୍ୟ କାଳକ୍ରମେ ତାହା ହଜିଯାଇଛି । ଈଶ୍ୱର ଆଉ ଆମ ଭିତରେ ଦେବାଳୟ ବେପାର ସ୍ଥଳ

ହୋଇଯାଇ ଥିବାରୁ ମଣିଷର କାମନା ବଢି ଆଜି ଦେବାଳୟର ଦାନହୁଣ୍ଡି ଅଧିକ ହୋଇଯାଇଛି । ଏଭଳି ସଂସ୍କୃତି ଠିକ୍ ନୁହେଁ ବୋଲି ଆମେ ଜଣାଇ ଏହି ଦେବାଳୟ ରହସ୍ୟରେ ଯାହା ଲେଖିଛୁ ଆପଣ ପଢିସାରିଛନ୍ତି । ଦେବାଳୟରେ ଦୈବସମ୍ବନ୍ଧୀୟ ବିବରଣୀ ବ୍ୟତୀତ ଆଉ କିଛି ରହିବା ଉଚିତ୍ ନୁହେଁ ବୋଲି ଆମେ ଯୁକ୍ତିବାଢୁଛୁ । ତେଣୁ ଦେବାଳୟରେ ଈଶ୍ୱର ସମ୍ବନ୍ଧୀୟ ବିବରଣୀ ହିଁ ଏହି ପୁସ୍ତକରେ ସ୍ଥାନ ଦେଇଛୁ । ଦେବାଳୟରେ ଥିବା ଅଶ୍ଳୀଳ ଚିତ୍ର ବାବଦରେ ତାପିଧର୍ମରାଓ ଲେଖିଥିବା ପୁସ୍ତକକୁ ମଧ୍ୟ ଆମେ ପଢିଛୁ । ଯାହାଲୋକ ଯାହାର କହିବା ଭଳି ତାଙ୍କୁ ସେସବୁରେ ଶୃଙ୍ଗାରଜ୍ଞାନ ଦର୍ଶନ ହୋଇଛି, ହେଲେ ଆମକୁ ସେସବୁରେ ଦୈବଧର୍ମ ଥିବା ବୋଧ ହୋଇଛି । ଏହି ପୁସ୍ତକ ପାଠକରିବା ପରେ ଆପଣଙ୍କୁ ଏଥିରୁ ଜ୍ଞାନଗୋଚର ହେଉ ବୋଲି ଆଶାକରୁଛୁ । ତା'ପରେ ଆପଣଙ୍କ ବୁଦ୍ଧିରେ ଯାହା ଆସୁଛି ତାହାକୁ ସତର୍କତାର ସହିତ ଲକ୍ଷ୍ୟ କରନ୍ତୁ ।

ଇତି

ଇନ୍ଦୁ ଧର୍ମପ୍ରଦାତା, ଋଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀ ଶ୍ରୀ ଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

*****

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

---

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

---

**ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।**

୧) ସିଦ୍ଧାନ୍ତ – ଅଦ୍ୱୈତ

ଆଦିକର୍ତ୍ତା – ଶ୍ରୀ ଶଙ୍କରାଚାର୍ଯ୍ୟ

ଜନ୍ମସ୍ଥଳ – କେରଳ

ପ୍ରତିପାଦନ – ପରମାତ୍ମା (ଜଣେ)

୨) ସିଦ୍ଧାନ୍ତ – ଦ୍ୱୈତ

ଆଦିକର୍ତ୍ତା – ଶ୍ରୀ ମଧ୍ୱାଚାର୍ଯ୍ୟ

ଜନ୍ମସ୍ଥଳ – ତାମିଲନାଡୁ

ପ୍ରତିପାଦନ – ଜୀବାତ୍ମା,ପରମାତ୍ମା (ଦୁଇଜଣ)

୩) ସିଦ୍ଧାନ୍ତ – ତ୍ରୈତ

ଆଦିକର୍ତ୍ତା – ଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଜନ୍ମସ୍ଥଳ – ଆନ୍ଧ୍ରପ୍ରଦେଶ

ପ୍ରତିପାଦନ – ଜୀବାତ୍ମା,ଆତ୍ମା,ପରମାତ୍ମା (ତିନିଜଣ)



## ଶୈବମାନେ

| | | |
|---|---|---|
| ଆଚରଣ କରନ୍ତି | – | ଅଦ୍ୱୈତ |
| ଧାରଣ କରନ୍ତି | – | ତିନି ବିଭୂତିରେଖା |
| ଆରାଧ୍ୟ | – | ଶଙ୍କର |
| ଆରାଧନା | – | ପଞ୍ଚାକ୍ଷରୀ ମନ୍ତ୍ର<br>ଓଁ ନମଃ ଶିବାୟ |

## ବୈଷ୍ଣବମାନେ

| | | |
|---|---|---|
| ଆଚରଣ କରନ୍ତି | – | ବିଶିଷ୍ଟାଦ୍ୱୈତ |
| ଧାରଣ କରନ୍ତି | – | ତିଳକ |
| ଆରାଧ୍ୟ | – | ବିଷ୍ଣୁ |
| ଆରାଧନା | – | ଅଷ୍ଟାକ୍ଷରୀ ମନ୍ତ୍ର<br>ଓଁ ନମୋ ନାରାୟଣାୟ |

## ଦ୍ୱୈତମାନେ

| | | |
|---|---|---|
| ଆଚରଣକରନ୍ତି | – | ଦ୍ୱୈତ |
| ଧାରଣ କରନ୍ତି | – | କାଳକର୍ମଚକ୍ର |
| ଆରାଧ୍ୟ | – | ପରମାତ୍ମା |
| ଆରାଧନା | – | ଦ୍ୱୈତାରାଧନା |